Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା ।

## THE UTKAL DIPIKA.

୧୯ } CUTTACK, SATURDAY THE 2nd January 1904. { ଖଣ୍ଡ ୧
ସଂଖ୍ୟା } ୧୯ ଶେ ପୌଷ ସନ ୧୩୧୧ ସାଲ ଶନିବାର { ସଂଖ୍ୟା ୧



## ବିଜ୍ଞାପନ ।

... ପଞ୍ଚାଂ ... ଉତ୍କଳ

### ... ପତ୍ରିକା

... ୫୮୨୭ ସନ ୧୩୧୧ ଓ ୧୩୧୨ ସାଲ ... ସନ ୧୯୦୩।୧୯୦୪ ... ... ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ... ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ... ପ୍ରାଚୀନ, ... ... ... ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଦିରେ ଅଟେ । ... ପୁରୀମଣ୍ଡପର ପୂଜନୀୟ ପଣ୍ଡିତମଣ୍ଡଳୀ ... ପଞ୍ଜିକାର ଅଧିକତରେ ଆଦର ଏବଂ ପୂଜା ... ଏହାର ଅଧିକ ଗ୍ରାହକ ଏବଂ ଏହା ... ନାଥ ଦେବଙ୍କ ପାଞ୍ଜି ବୋଲି ବିଖ୍ୟାତ । ... ସମ୍ବନ୍ଧେ ଅଧିକ ବୋଲିବା ବାହୁଲ୍ୟ ... ।

| | |
|---|---|
| ବଡ଼ ପଞ୍ଜିକା | ଟଙ୍କା |
| ଛୋଟ ପଞ୍ଜିକା | ୦।୦୨ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ... ନେବେ ସେମାନେ ଯଥେଷ୍ଟ କମିସନ ... ।

ଶ୍ରୀ ଗୌରିଶଙ୍କର ରାୟ
ସେକ୍ରେଟେରୀ

Wanted an English and Uriya knowing Peskar for the Bamanghatti Sub-Divisional office on a pay of Rs. 20 a month rising to Rs. 25. Application to reach the undersigned on or before the 7th January 1904.

Sd. Rajkishore Tripathy
Sub-Divisional officer
Bamanghatti Mourbhanj State.

### WANTED. (1)

A B. A. or an F. A. as Head Master and a matriculate as first Assistant having competency in Uriya language for the Jubilee Middle English School Sonepur on Rs. 50 and Rs. 20 per mensem respectively.

Applicants should send in time their applications stating therein their caste and age, with copies of certificates of University examinations they have passed and of their past services, if any, so as to reach the following address before the 15th January 1904.

Rejected applications will not be replied to.

The 25th Decer 1903 } Raja Birmitrodaya Sing Deo Feudatory chief Sonepur Feudatory State C. P. S.

### NOTICE. (2)

Wanted a Nazir for the Revenue Court of Mourbhanj on a salary of Rs. 30 rising to Rs. 40 with a hope of being made permanent in place of the permanent incumbent having transferred. No one need apply who has not passed the Entrance Examination and has no sufficient Experience in the works of a Collectorate Nezarat. The preference will be given to Orissa people. The selected candidate will have to furnish security of Rs. 500 (five hundred) in cash or promissory notes. Application with testimonials in original (which will be returned if postage is supplied) will be received up to 10th January 1904 by the state Dewan Mourbhanj.

Baripada The 27th Decer } Govinda Ch. Mahapatra Senior Assistant Dewan Incharge Mourbhanj.

### ADVERTISEMENT

Wanted smart and energetic chief and Local mofussil agents in every District to introduce and sell our Electric, acetylene lights and Novelties and Graphophones and Phanographs &c. Cash security from Rs. 100 to 1000 required as deposit for our goods. Monthly salary ranging from Rs. 10 to Rs. 100 or ten percent of the amount deposited besides 12½ percent commission on goods sold will be given goods worth more than the amount of security supplied apply to.

EDWARD ELECTRIC WORKS & NOVELTIES
and
acetylene goods supply Co,
64 College street, Calcutta.


କଟକ ମିଉନିସିପାଲଟୀ ମଧ୍ୟରେ ଥିବା ଠେଲସ୍ଥା ବଗୀ ଗାଡ଼ିର ମାଲିକମାନଙ୍କୁ ଜ୍ଞାତ କରାଯାଉଅଛି ଯେ ସେମାନଙ୍କ ସବ୍ କମିଟୀ ମେମ୍ବରମାନଙ୍କ ତ୍ରୈମାସିକ ଭଦାରଖ୍ ଜମସରୁ ଆସନ୍ତା ଜାନୁଯାରିମାସ ତା ୬ ରଖ ଦିନର ସାଢ଼େ ସାତ ଘଣ୍ଟା ସମୟରେ ମିଉନିସିପାଲିଟୀ ଅଫିସ ଦ୍ୱାରେ ଅପଣା ଅପଣା ଗାଡ଼ି ଓ ଘୋଡ଼ା ହାଜର କରିବେ । ଯେଉଁମାନେ ଉକ୍ତ ସମୟରେ ହାଜର କରିବାକୁ ତ୍ରୁଟି କରିବେ ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ ।

କଟକ ମିଉନିସିପାଲ ଅଫିସ ୨୧।୧୨।୦୩ } By order Priyanath Sen *Head Clerk & Accountant*

Digitized by srujanika@gmail.com

## ଉତ୍କଳ ଦୀପିକା ।

କାଳର ଅନନ୍ତ ଗର୍ଭରେ ଗତ ବର୍ଷ-ଠାରୁ ସନ ୧୯୦୪ ସାଲ ପ୍ରବେଶ ହେଲା । ଅଦ୍ୟ ନୂତନବର୍ଷର ପ୍ରଥମ ସାକ୍ଷାତ ହେଉଁ ପରମେଶ୍ୱରଙ୍କୁ ଧନ୍ୟବାଦ ପ୍ରଦାନ କରି ପାଠକ, ଗ୍ରାହକ ଓ ଅନୁଗ୍ରାହକମାନଙ୍କୁ ମଙ୍ଗଳବାଦ ପ୍ରଦାନ କରୁଅଛୁଁ ଏବଂ ନବବର୍ଷରେ ସେମାନଙ୍କ ମଙ୍ଗଳର କାମନା କରୁଅଛୁଁ । ପରମେଶ୍ୱରଙ୍କ କୃପା ଏବଂ ପାଠକ ବର୍ଗଙ୍କର ସାହାଯ୍ୟ ଓ ଉତ୍ସାହରେ ଉତ୍କଳଦୀପିକା ୩୮ ବର୍ଷ [illegible] ଉତ୍କଳସେବାରେ କଟାଇ ଅଛି । ଆଶାକରୁଁ ଜନସାଧାରଣ ସେହି ପ୍ରୀତିଚକ୍ଷୁରେ ଏ ଦୀପିକାକୁ ଦେଖି ଆସୁଅଛନ୍ତି ତାହା ସ୍ଥିର ରଖିବେ ଏବଂ ସାମାନ୍ୟ ସେବାକୁ ଦୟାଗୁଣରେ ଗ୍ରହଣ କରି କୃତାର୍ଥ କରିବେ ।

---

ସନ ୧୯୦୩ ସାଲ ଗତ ଶୁକ୍ରବାର ବିଦାୟ ହୋଇ ଗଲା ଓ ଗତ କାଲିଠାରୁ ନୂତନ ବର୍ଷର ଆରମ୍ଭ ହେଲା । ନୂତନବର୍ଷ କିପରି ହେବ କହିବାକୁ [illegible] । ମାତ୍ର ଗତବର୍ଷ କେଡ଼େ ସୁଖରେ କଟିଗଲା । ସମସ୍ତ ଭାରତରେ ମୁକୁଟୋତ୍ସବ-ଯଜ୍ଞ ହେଉ ଏହା ଅଳପ ହୋଇଥିଲା ପ୍ରାଲବ୍ଧ-ବାସ ଦୁର୍ଭିକ୍ଷର ଚିହ୍ନ ରହିଥିଲା ନାହିଁ ଏବଂ ଶେଷ ଭାଗରେ ଉତ୍କଳ ସମ୍ମିଳନୀର ଅଧିବେଶନ ହେବାର ଏମନ୍ତ ଗୋଟିଏ କାର୍ଯ୍ୟ ହୋଇଗଲା ଯେ ସେହି ସମ୍ମିଳନୀର ସଦୁଦ୍ଦେଶ୍ୟ ସଫଳ ହେଲେ ଉତ୍କଳ ଇତିହାସରେ ତାହାର ଅକ୍ଷୟ କୀର୍ତ୍ତି ରହିଥିବ । ବାସ୍ତବରେ ସନ ୧୯୦୩ ସାଲ ଉତ୍କଳରେ ନବଯୁଗର ସୃଷ୍ଟି କରି ଆମ୍ଭମାନଙ୍କ ଉପରେ ତାହାର ରକ୍ଷାର ଭାର ଦେଇ ବିଦାୟ ହୋଇଅଛି, କିନ୍ତୁ ସୁଫଳ [illegible] ନ ପାଇଲେ କେବଳ ଆମ୍ଭମାନଙ୍କର ଅଯଶ ଘୋଷିତ ହେବ ।

---

ଅତ୍ୟନ୍ତ ଆନନ୍ଦସହିତ ଅବଗତ କରୁଁ ଯେ ନବବର୍ଷର ପ୍ରଥମଦିନର ଉପାଧି ବିତରଣ ତାଲିକାରେ ଉତ୍କଳ [illegible] ମଧୁସୂଦନ ଦାସ ସି, ଆଇ, ଇ, ଉପାଧିଦ୍ୱାରା ଭୂଷିତ ହେବାର ଘୋଷଣା ପ୍ରକାଶ ହୋଇଅଛି ଏବଂ [illegible] ମାନଙ୍କର [illegible] ଏବଂ [illegible] ବାହାଦୁରମାନେ [illegible] ତାହାଙ୍କୁ ମଙ୍ଗଳବାଦ ପ୍ରଦାନ କରୁଅଛନ୍ତି । ଉତ୍କଳୀୟଙ୍କ ପକ୍ଷରୁ ଏ ଶୁଭସଂବାଦରେ ଆମ୍ଭେମାନେ ତାହାଙ୍କୁ ମଙ୍ଗଳବାଦ ପ୍ରଦାନ କରି ତାହାଙ୍କର ଦୀର୍ଘାୟୁ ଏବଂ ଅଧିକତର ସମ୍ମାନ କାମନା କରୁଅଛୁଁ ।

—o※o—

ମହାମାନ୍ୟ ଲର୍ଡ କର୍ଜନ ବାହାଦୁର [illegible] ଗତ [illegible] ଉପଲକ୍ଷରେ [illegible] ଭାରତୀୟ ଚିକିତ୍ସାଳୟମାନଙ୍କରେ ରହିଥିବା ଦେଶୀୟ ଏବଂ ୟୁରୋପୀୟ ସମସ୍ତ ରୋଗୀଙ୍କୁ ଦ୍ରବ୍ୟ ଦାନ କରିଥିଲେ । ସେମାନଙ୍କ ସଂଖ୍ୟା ୫୪୭ ଣ । ତହିଁମଧ୍ୟରେ ୟୁରୋପୀୟ ପୁରୁଷମାନଙ୍କୁ ପିକା ଓ ତମାଖୁ, ସ୍ତ୍ରୀମାନଙ୍କୁ ସାଲ, ପୁସ୍ତକ ଓ ଅନ୍ୟାନ୍ୟ ବସ୍ତୁ ଏବଂ ପିଲାମାନଙ୍କୁ ଖେଳନା ଓ ଦେଶୀୟ ପୁରୁଷମାନଙ୍କୁ କୋଟ ବା ଅଙ୍ଗରଖା, ସ୍ତ୍ରୀମାନଙ୍କୁ ଶାଢ଼ୀ ଏବଂ ପିଲାମାନଙ୍କୁ ଖେଳନା ଦିଆଯାଇଥିଲା । ପୀଡ଼ିତମାନଙ୍କ ପ୍ରତି ଏପରି ସହାନୁଭୂତି ତାଙ୍କ ଉଦାରତାର ଅଙ୍ଗ ।

---

ଗତ ମଙ୍ଗଳବାର ସନ୍ଧ୍ୟାବେଳେ ଏ ନଗରର ଭିକ୍ଟୋରିଆ ସ୍କୁଲ ଗୃହରେ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଅଧିବେଶନ ହୋଇଥିଲା । ଉତ୍କଳ ସମ୍ମିଳନୀ ଉପଲକ୍ଷରେ ଏଠାରୁ ଅନେକ ଅନେକ ସମ୍ଭ୍ରାନ୍ତ ବ୍ୟକ୍ତି ଶୁଭାଗମନ କରି ସଭାର ଗୌରବ ବଢ଼ାଇଥିଲେ । କିନ୍ତୁ [illegible] ବାବୁ [illegible] ସଭାପତିର ଆସନ ଗ୍ରହଣ କରିଥିଲେ । ବାର୍ଷିକ ରିପୋର୍ଟ ପଠିତ ଏବଂ ଗୃହୀତ ହେଲା ଉତ୍ତାରୁ ବାବୁ [illegible] ଓ ବର୍ତ୍ତମାନ ଉତ୍କଳ ସାହିତ୍ୟସମ୍ବନ୍ଧରେ ଗୋଟିଏ [illegible] ଶୀଳ ବକ୍ତୃତା ପାଠ କରିଥିଲେ ଏବଂ ସେ ସମ୍ବନ୍ଧରେ ବାବୁ [illegible] ଙ୍କର ପ୍ରସ୍ତାବ ହେଲେ ତଥା ତହିଁଉତ୍ତାରୁ ସଭାପତିଙ୍କର ବକ୍ତୃତା ହୋଇ ସଭାର କାର୍ଯ୍ୟ ଶେଷ ହେଲା । [illegible] ଏହିଠାରେ କହିବାର ଅବଶ୍ୟକ ଯେ ତାହା ଦିନ ମଧ୍ୟ [illegible] ସଂଯୁକ୍ତ ହୋଇଥିଲା । [illegible] ଉଭୟ ବାବୁ [illegible] ବାହାଦୁରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ପରିଶେଷରେ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା ।

---

### ଉତ୍କଳ ସମ୍ମିଳନୀ ସଭା ।

ଏହି ସଭାର ଅଧିବେଶନ ଗତ ରବିବାର ଓ ସୋମବାର ହୋଇଥିଲା । ଓଡ଼ିଶାରେ ଏହା ପ୍ରଥମ ଗୋଟିଏ [illegible] । ପାଠକମାନଙ୍କର ସ୍ମରଣ ଥିବ ଯେ ହେବାର [illegible] ପୂର୍ବେ ବା ଗତ ଅକ୍ଟୋବର ମାସ ତା ୨୫ ଦିନରେ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କ ଅଧିନାୟକତ୍ୱରେ [illegible] ଗୋଟିଏ ସଭା ହୋଇ ସେହି ସଭାରେ ଏହି [illegible] ସଭାର ତଥା [illegible] ସମ୍ମିଳନୀ [illegible] ଗୋଟିଏ କମିଟି ଗଠିତ ହୋଇଥିଲା । ଏତେ ଅଳ୍ପକାଳରେ କମିଟିର ସମସ୍ତ ଅଭ୍ୟୋଦ୍ଧୃତିକ ଏମନ୍ତ ସୁନ୍ଦର ସବୁଟି [illegible] ହେବେ ପ୍ରାୟ କେହି ଏହା ଭାବ ନ ଥିଲେ । କମିଟିର ପ୍ରଧାନ ସେକ୍ରେଟେରି ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କର ଅଦମ୍ୟ ଉତ୍ସାହ ଓ ଗାଢ଼ ପରିଶ୍ରମ ଏବଂ କତେକ ଦିନରେ ଏବଂ କାର୍ଯ୍ୟକର୍ତ୍ତାଙ୍କ କମିଟିର ଅଶ୍ରାନ୍ତ ପରିଶ୍ରମ ଓ ଯତ୍ନରେ ଏହି ସଭା ପୂର୍ଣ୍ଣ ସଫଳତା ଲାଭ କରିବାର [illegible] ଆମ୍ଭେମାନେ ଅନୁର୍ଦ୍ଧ୍ୟ ଅଧାରିତ ଅଜନ୍ମ ଲାଭ କରିଅଛୁ ଓ କଟକବାସୀମାନେ ସମସ୍ତେ ମୁକ୍ତକଣ୍ଠରେ ଏହାର ପ୍ରଶଂସା କରୁଅଛନ୍ତି । ବର୍ଷକାଳ ଆଗ୍ରହରୁ ସଭା ଏବଂ ଅନ୍ୟପ୍ରଦେଶରୁ ଏହାର [illegible] ର କାର୍ଯ୍ୟ ଦେଖି ଅସାଧ ସାଧନ ହୋଇପାରେ ଏ [illegible] ର ସଫଳତା ଆମ୍ଭମାନଙ୍କୁ ଏହି ଶିକ୍ଷା ଦେଉଅଛି । କଟକ [illegible] ଥିଲା ସେ ଓଡ଼ିଶାରୁ ବଙ୍ଗଳାରୁ ଉତ୍ତର [illegible] କାଶୀ ଗଞ୍ଜାମ ଓ ସମ୍ବଲପୁରର ଉତ୍କଳଗୋଷ୍ଠୀମାନେ ଆଗମନ ପାଇବା ସାଙ୍ଗେ ପ୍ରସ୍ତୁତ [illegible] ମଙ୍ଗଳ ସହାୟେ ଏ ନଗରରେ ଅନେକମାନେ ଏକତ୍ରିତ ହେବେ ? ଏହି ଶୁଭ ମିଳନରୁ ଯଥେଷ୍ଟ ଲାଭ ଯାଉଅଛି କି ମିଳନର ଆଶା ପୂର୍ବରୁ ଏମାନେ ଉଲ୍ଲସିତ ହୋଇଥିଲେ ଏବଂ ଦିନେ ସଭାକୁ [illegible] ଦେଇଥିଲେ । ଏଥିରୁ ଅଶା କେବଳ [illegible] ଏହି [illegible] ଏତେ ଅନେକ ଓ ଉତ୍ସାହ [illegible] ନାହିଁ । ସଭାର କାର୍ଯ୍ୟ ବିବରଣୀ ସ୍ଥାନାନ୍ତରରେ ପ୍ରକାଶିତ ହେଲା । ତହିଁରୁ ପାଠକମାନେ ଦେଖିବେ ଯେ ଉତ୍କଳୀୟମାନଙ୍କର ପରସ୍ପର ମଧ୍ୟରେ ଅଦ୍ୟ ଯୋଗିମାନଙ୍କର ସଂଖ୍ୟାରେ ଅଧି [illegible] ସେମାନଙ୍କ ସଙ୍ଗରେ ଏକତ୍ରିତ ହେବା [illegible] ସର୍ବଦେଶୀୟ [illegible] ଯୋଗରେ ଏହା [illegible] ଉଦ୍ଦେଶ୍ୟ ଏହି [illegible] ଏବଂ ସକଳେ ସର୍ବଦା ଏକ ଉଦ୍ଦେଶ୍ୟ [illegible] ଯତ୍ନବାନ୍ ନ ହେଲେ [illegible] ଗୌରବ ହେବ ନାହିଁ ବା [illegible] ସ୍ଥାନ ପାଇବ ନାହିଁ । ଏ ଉଦ୍ଦେଶ୍ୟରେ ତାହା [illegible] ଯୋଗ୍ୟ ହେବ ଅର୍ଥାତ୍ ଆମ୍ଭମାନଙ୍କର [illegible] [illegible] ଅନେକ [illegible] ଏବଂ [illegible] ଓ [illegible] ଦାସ [illegible] ହୋଇଅଛନ୍ତି । ସେ [illegible] ଏବଂ [illegible] ଲୋକ [illegible] ଶକ୍ତି ସହିତ [illegible] ପ୍ରଭୃତି [illegible] ଛାତ୍ର [illegible] ହେବ ଅନ୍ୟ ମଧ୍ୟରେ [illegible] କରିବ ପ୍ରସ୍ତୁତ [illegible] ଅନେକ ପାଇବ ଏହାକୁ ଆଶା କରୁଁ ବି [illegible]

Digitized by srujanika@gmail.com

Split by PDF Splitter



ଅମୂଲ୍ୟ ଉପଦେଶକୁ ହୃଦୟରେ ଧାରଣ କରିବା ଏବଂ ତଦନୁସାରେ କାର୍ଯ୍ୟ କରିବାକୁ ଉତ୍କଳବାସୀମାନେ ସତତ ଚେଷ୍ଟା ଓ ଯତ୍ନ କରିବେ ଏବଂ ଯେ ପରିମାଣରେ ଏ କାର୍ଯ୍ୟରେ ସଫଳତା ଲାଭ କରିବେ ସେ ପରିମାଣରେ ଉତ୍କଳର ଦୁର୍ଦ୍ଦଶା ଘୁଞ୍ଚିବ । କେବଳ ସଭା ଦେଖି କେତେଗୁଡ଼ିଏ ଭଲକଥା ଶୁଣି ଘରକୁ ଫେରିଯାଇ ନିଶ୍ଚିନ୍ତ ବସିଲେ କିଛି ହେବ ନାହିଁ । ଆଗାମୀ ସଭାରେ ଏବର୍ଷର ଫଳ ଯେବେ କିଛି ଦେଖାଇ ପାରିବେ ତେବେ ଆନନ୍ଦର ବିଷୟ ହେବ । ନତୁବା ଅରଣ୍ୟରେ ରୋଦନ ପ୍ରାୟ ସମସ୍ତ ବ୍ୟର୍ଥ ହେବ ।

---

# ସାପ୍ତାହିକ ସଂବାଦ ।

ମାନ୍ଦ୍ରାଜର ଶିଳ୍ପ ପ୍ରଦର୍ଶନୀ ଗତମାସ ତା ୨୭ ରିଖରେ ଫିଟିବାର କଥା ଥିଲା ମାତ୍ର ତାହା ନ ହୋଇ ତା ୨୭ ରିଖରେ ମହୀଶୂର ମହାରାଜା ପ୍ରଦର୍ଶନୀ ଖୋଲିଥିଲେ ।

କଂଗ୍ରେସମିଟିର ଅଧିବେଶନ ସମୟରେ ସେହି ସାମାଜିକ କମିଟିର ବୈଠକ ହୁଏ ସେଥିର ସଭାପତି କମରେ ଶ୍ରୀଯୁକ୍ତ ଡା, ଡି, ଗୋଖେଲଙ୍କ ଅନୁରୋଧ କରାହୋଇଥିଲା ମାତ୍ର ସେ ଅସୁସ୍ଥ ହେବାରୁ କେଲଙ୍ଗର ଶ୍ରୀଯୁକ୍ତ ହେମନ୍ତକୁମାର ସଭାପତି ହେବାକୁ ସ୍ୱୀକୃତ ହୋଇଅଛନ୍ତି ।

ଇଙ୍ଗ୍ଲଣ୍ଡରେ ଭାରତବର୍ଷର ମନ୍ତ୍ରୀମାନଙ୍କର [illegible] ଓ ସ୍ୱଦେଶୀୟ ଅଦାଲତ ସମ୍ବନ୍ଧରେ ଏକମତାବଲମ୍ବିତ ହେବାର ସ୍ଥିରକୃତ ହୋଇଅଛି । ଏବେ ଏହି [illegible] ମହାସମିତି [illegible] କହିବେ ।

ଜାପାନ ଓ ରୁଷିଆର ଯୁଦ୍ଧ ହେବାର ସମ୍ଭାବନା ଦୂରହେଲା ହେଉ ଗଲଅଛି । ଶେଷ ମୀମାଂସା ଏପର୍ଯ୍ୟନ୍ତ ହୋଇ ନାହିଁ ମାତ୍ର ମଧ୍ୟରେ ଯୁଦ୍ଧ ହେଲା ନାହିଁ ବୋଲି ଏକ ଜନରବ ଉଠିଅଛି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ସ୍ଥିର ନାହିଁ ।

ଚଳିତ ଜାନୁଆରୀମାସରେ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ବିଲାତରୁ ଭାରତବର୍ଷକୁ ପ୍ରତ୍ୟାଗମନ କରିବେ ।

ଆଗାମୀ ଓକାଲତି ପରୀକ୍ଷା ଆଗାମୀ ଫିବ୍ରୁୟାରି ମାସ ୧।୧୦ ଓ ୧୧ ତାରିଖରେ କଲିକତା ସିନେଟ ଗୃହରେ ଗୃହୀତ ହେବ । ପରୀକ୍ଷାର୍ଥୀମାନଙ୍କ ମୌଖିକ ପରୀକ୍ଷା ତା ୯ ରିଖ ଠାରୁ ତା ୧୦ ରିଖ ସମୟରେ ଅନୁଷ୍ଠିତ ହେବ ଓ ଲିଖିତ ପରୀକ୍ଷା ଅନ୍ୟ ଦଳବଦଳରେ ଗୃହୀତ ହେବ ।

ଆଗାମୀ ମୋକ୍ତାରି ପରୀକ୍ଷା ଆଗାମୀ ଫିବ୍ରୁୟାରି ମାସ ତା ୯ ଓ ୧୦ ରିଖରେ କଲିକତା ସେନେଟ ଓ ଜିଲ୍ଲାରେ ଗୃହୀତ ହେବ । ପରୀକ୍ଷା ପ୍ରାର୍ଥୀମାନଙ୍କ ଲିଖିତ ପରୀକ୍ଷା ତା ୯ ରିଖରେ ଓ ମୌଖିକ ପରୀକ୍ଷା ତା ୧୦ ରିଖରେ ଗୃହୀତ ହେବ ।

## ଯାଜପୁର-ସମ୍ବାଦ ।

ନେପାଳର କମାଣ୍ଡର ଇନଚିଫ ଶ୍ରୀ [illegible] ଶମସେର ଅଧିକାରୀ ପ୍ରଥମରେ ସେ ଏଠା ବୈତରଣୀ ଗଙ୍ଗାରେ ତର୍ପଣ ନେଷ ଘାଟରେ ଦାନ ଓ ନାରାୟଣଙ୍କୁ ପିଣ୍ଡ ପ୍ରଦାନ କରି ଗଙ୍ଗାର ସୁଖ ପିଣ୍ଡା କାରଣ ଯାଜପୁର ରେଲ ଷ୍ଟେସନଠାରୁ ପଞ୍ଚଶ ସବାରୀ ଓ କେତେକ ଲୋକ ପଠାଇବା ନିମନ୍ତେ ପୂର୍ବରୁ ତାଙ୍କର ବୈତରଣୀ ପଣ୍ଡାଙ୍କଠାରୁ ଟେଲିଗ୍ରାମ କରିଥିଲେ ମାତ୍ର ହତଭାଗା ପଣ୍ଡା କେବଳମାତ୍ର ଦୁଇ ଖଣ୍ଡ ସବାରୀ ଟେଲିଗ୍ରାଫଠାରୁ ପଠାଇ ଦେଇଥିବାରୁ ସେନାପତି ମହୋଦୟ ପଣ୍ଡା ଉପରେ ବିରକ୍ତ ହୋଇ ଅନ୍ୟ ଷ୍ଟେସନରେ ନ ଓହ୍ଲାଇ ପୂଜା ସମାପନ କଲେ ଏବଂ ପୂର୍ବରୁ ତାଙ୍କର ଯେଉଁ ସମସ୍ତ ଲୋକ ଯାଜପୁରରେ ଆସି ପହଞ୍ଚିଥିଲେ ସେମାନେ ସେନାପତି ମହାଶୟ ନ ଆସିବାର ଶୁଣି ବାଧ୍ୟ ହୋଇ ଫେରିଗଲେ ।

ସ୍ଥାନୀୟ ଏକସପ୍ତାହର ଊର୍ଦ୍ଧ୍ୱ ହେବ ଶୀତର ପ୍ରକୋପ ଅତ୍ୟନ୍ତ ବୃଦ୍ଧି ହୋଇଅଛି । ଗତ କାର୍ତ୍ତିକମାସର ଜଳବର୍ଷା ଏ ଶୀତର ପ୍ରଧାନ କାରଣ ବୋଲି ଅନୁମିତ ହୁଏ ।

ଶାଣ୍ଟନ ଡେପୁଟୀ କମିଶନର ମହୋଦୟ ଏଠାକୁ ଆସି ଏଠାର ମିଉନିସିପାଲିଟୀ ଇତ୍ୟାଦି ଦେଖିଅଛନ୍ତି ଓ ଥାନା ଏବଂ ମଫସଲର କେତେକ ସ୍ଥାନର ସରକାରୀ ଟିକାଦିଆ କାର୍ଯ୍ୟ ପରିଦର୍ଶନ କରି ପ୍ରସ୍ଥାନ କରିଅଛନ୍ତି ।

କେତେକ କାବୁଲି ଶୀତଲୁଗାଅଣି ଏଠାରେ ପହଞ୍ଚି କେବଳମାତ୍ର ଲୋକମାନଙ୍କର ନାମ ଧାମ ଲେଖିନେଇ ସାଧାରଣ ମୂଲ୍ୟଠାରୁ ଦେଢ଼ଗୁଣ ଓ ଦୁଇଗୁଣ ମୂଲ୍ୟରେ ଶୀତବସ୍ତ୍ର ଦେଇ ଆସନ୍ତା ଫାଲ୍ଗୁନ ମାସରେ ମୂଲ୍ୟ ନେବାର କଥା କହୁଥିବାରୁ ଅଜ୍ଞ ଓ ଅସାବଧାନ ଲୋକମାନେ ଆପଣା ଆପଣା କ୍ଷମତାର ଅତିରିକ୍ତ ଶୀତଲୁଗା ଧାର ନେଇ ଯାଉଅଛନ୍ତି । ଏହିପୂର୍ବେ କେତେକ ବର୍ଷ ହେଲା ଏହିପରି ହୋଇଥିଲା ଏବଂ ଲୋକମାନେ ଅନେକ ଅତ୍ୟାଚାର ସହିଥିଲେ । ଫାଲ୍ଗୁନ ମାସରେ କାବୁଲିମାନେ ଯେତେବେଳେ ଲମ୍ବଗଣ୍ଠି ବାଡ଼ିରେ ପହଞ୍ଚ ମୂଲ୍ୟ ଆଦାୟ କାରଣ ଲୋକମାନଙ୍କ ଦ୍ୱାରସ୍ଥ ହେବେ ସେ ସମୟରେ ପୂର୍ବକଥା ମନରେ ପଡ଼ିବ ।

ଗତ ଡିସେମ୍ବର ମାସ ତା ୨୧ ରିଖ ସୋମବାରଠାରୁ ଏଠା ହାଇ ଇଂରେଜୀ ସ୍କୁଲଗୃହରେ ଟେଷ୍ଟ ପ୍ରାଇମେରୀ ପରୀକ୍ଷା ଗୃହୀତ ହେଉଥିଲା । ସର୍ବସୁଦ୍ଧା [illegible] ଜଣ ପରୀକ୍ଷାର୍ଥୀ ହୋଇଅଛନ୍ତି ।

ଧର୍ମଶାଳା ଥାନା ଉତ୍କଳ ପୁରୁଷ ଗ୍ରାମର ବେଣୀ [illegible] ନାମକ ଏକଲୋକ ଓ ତାହାର ସ୍ତ୍ରୀ ରାଧମଣିର ଏକ କନ୍ୟା ସମ୍ପ୍ରତି ପୂର୍ବରୁ ଚଲିଥିଲା । ଏକ ଦିନ [illegible] ତାହାର ଦୁର୍ଭୋଗ ମନ୍ଦାରୁ ତାହା ଦେଖାଇଲେ ଶାଶୁ କହିବାର ଦେଖି ସ୍ୱାମୀ ବିରକ୍ତ ହୋଇ ଶାଶୁ କଥାରୁ ସାମାନ୍ୟ ଏକଖଣ୍ଡ ମାଟିଗୁଲା ନେଇ ସ୍ତ୍ରୀ ପ୍ରତି ପ୍ରହାର କଲା ଓ ତାହା ସ୍ତ୍ରୀର ପେଟରେ ବାଜିଲା ଅଧିକ ହେଲା । ପ୍ରାୟ [illegible] ଘଣ୍ଟା ପରେ ସେ ପଞ୍ଚତ୍ୱ ପ୍ରାପ୍ତ ହେଲା । ଏ ବିଷୟ ଗ୍ରାମ ଚୌକିଦାରଠାରୁ ସୁଶ୍ରା ସମ୍ବାଦ ପାଇ ଦେବଗାଁର ଗ୍ରହଣ ହେଲା । ମାତ୍ର [illegible] ଶ୍ରୀଯୁକ୍ତ ସବ୍ ଡିଭିଜନାଲ ମେଜିଷ୍ଟ୍ରେଟ ଅଦାଲତରେ [illegible] ଧାରା ଅନୁସାରେ ଦୁଇ ସପ୍ତାହ କଠିନ ପରିଶ୍ରମରେ କଏଦ ଦଣ୍ଡ ଭୋଗ କରୁଅଛନ୍ତି ।

## ବଲରାମପୁର ସମ୍ବାଦ ।

ତାଳଚେର ଷ୍ଟେସନ ମଧ୍ୟବର୍ତ୍ତୀସ୍କୁଲର ଶାଖା ନାମକ ଜଣେ ଚିକିତ୍ସାଳୟ ଅଧ୍ୟକ୍ଷ ବହୁଦିନ ରହି ଏଠାରେ ଉପଦେଶ ଦାନ କରନ୍ତି ଜଣେ ବ୍ରାହ୍ମଣ ଏଠାରେ ଉପସ୍ଥିତ ଥିଲେ । ଏହିଜନ ଉପଦେଶରେ ଅନେକ ବ୍ରାହ୍ମଣୀ ଉତ୍ତମ ପ୍ରସାଦ ସେବନ କରନ୍ତି ଓ ଶାନ୍ତ ହେଲା । ତହିଁ ବିଷୟ ବ୍ରିଟିଷ ସ୍ୱକାର ଅନୁମାନ କରି ତାହାର କାର୍ଯ୍ୟ କରୁଥିବା ଏକ ଉତ୍ତର୍ଣ୍ଣି ସେ କଥା କହୁଥିବା ଶାନ୍ତି ମୁଁ ହେବାକେ ଉତ୍ତ୍ୱଅଣି ସେ ସ୍ଥାନ ଛାଡ଼ି ନଇ ଏବଂ ସୁରକ୍ଷ ସମ୍ପତ୍ତି ଦାନ ନଇଲା ହିତୋପଦେଶ ଦ୍ୱାରା ପୁଣ ଏକ ଜଣେ ବ୍ରାହ୍ମଣୀର ଗ୍ରହଣ ଦେଇଅଛନ୍ତି । ମୋଟରେ, ଯାଜପୁର ସବଡିଭିଜନ ତାହାଙ୍କ ଶାସନାଧୀନରେ ଅଛି ।

ବଲରାମପୁର ଓ ମଠପୁର ଗ୍ରାମ ଦଣ୍ଡ ଅନ୍ତର୍ଗତ ଜଙ୍ଗଲରେ ଦୁଇଟା ବାଘ ମାତ କେତେ ମନୁଷ୍ୟ ଓ ଗୋମେଷାଦି ପଶୁ ନଷ୍ଟ କରୁଥିଲା । ମଧୁପୁର ରାଜାଙ୍କର ଯୁବରାଜଙ୍କ ଦ୍ୱାରା ଗୋଟିଏ ବାଘ ମରା ପଡ଼ିଅଛି ଓ ଅନ୍ୟଗୋଟିଏ ଉପଦ୍ରବ କରୁଅଛି । ଗତ ତା ୨୧ ରିଖରେ ବଲରାମପୁରର ଜଣେ ଶବର କାଠ ହାଣୁଥିବାବେଳେ ତାହାକୁ ମାରି ନେଇ ଗଲା । ବଲରାମପୁର ରାଜା ଏହି ବାଘ ମାରିବାର ବନ୍ଦୋବସ୍ତ କଲେ ରକ୍ଷା ହେବ ।

ଗଡ଼ଜାତମହାଲରେ ଲେଖାଅଛି କି ଅନୁକୂଳ ଦାଗ ସେଠାରେ ପ୍ରାୟ ଗୃହଶୋଷା ଦାଗ ପଡ଼ିଅଛନ୍ତି ଏବଂ ସେମାନଙ୍କ ଧର ଅସୁର କରିବାର ଉପାୟ ହେଉଅଛି ।

ହିତବାଦୀଙ୍କୁ ଅବଗତ ହେଲୁଁ କି ପାର୍ଲାଖେମଣ୍ଡିର ରାଜକୁମାର ଶ୍ରୀ ପଦ୍ମନାଭ ନାରାୟଣଦେବ ଅତ୍ୟନ୍ତ ପୀଡ଼ିତ ଥିବାରୁ ତାହାଙ୍କ ଚିକିତ୍ସା କାରଣ ମାନ୍ଦ୍ରାଜରୁ ଶ୍ରୀଯୁକ୍ତ କପେର ନାଇଡୁ ନାମକ ପ୍ରସିଦ୍ଧ ଡାକ୍ତରଙ୍କୁ ଦୈନିକ ୫ ଶହ ଟଙ୍କା ଫିସରେ ଆଣା ଯାଇଅଛି ଏବଂ ସୁଖର ବିଷୟ ଏମ ଏସ ମଧ୍ୟରେ ପକ୍ଷାଘାତ ରୋଗ ଅଧିକାଂଶରେ ଅପେକ୍ଷାକୃତ କମି ଅଛନ୍ତି । ଶ୍ରୀଯୁକ୍ତ ପଦ୍ମନାଭ ମହୋଦୟ ସ୍ୱଦେଶବତ୍ସଳ ପରୋପକାରୀ ଓ ଉତ୍ସାହୀ ଯୁବକ ବୋଲି ଯାହା ସହଯୋଗୀ ଲେଖିଅଛନ୍ତି ତହିଁରେ ଦ୍ୱିମତ ନାହିଁ ଏବଂ ସହଯୋଗୀଙ୍କ ସହିତ ଆମ୍ଭେମାନେ ତାହାଙ୍କର ଶୀଘ୍ର ଆରୋଗ୍ୟ କାମନା କରୁଅଛୁଁ ।

ଗଞ୍ଜାମ ବ୍ରହ୍ମପୁରରୁ ମାନ୍ଦ୍ରାଜ କଂଗ୍ରେସ ନିମନ୍ତେ ନ ୮ ଜଣ ପ୍ରତିନିଧି ମନୋନୀତ ହୋଇ ନ ୬ ଜଣ ଯାଇଅଛନ୍ତି । ଅନ୍ୟ ବ୍ୟକ୍ତି ଶ୍ରୀ ଗୁରୁସ୍ୱାମୀ ଏକଜଣ ସମ୍ମିଳନୀକୁ ଆସିବା କାରଣ ସେଠାକୁ ଯାଇ ପାରିଲେ ନାହିଁ ।

ବାଲେଶ୍ୱର ମିଉନିସିପାଲିଟୀର ଭା, ଚେୟାରମ୍ୟାନ କମିଶନରଙ୍କ ମଉଳର ଅସୁସ୍ଥ ଅବକାଶ ମାଗିବା ଲକ୍ଷ୍ୟ ଦେବାରୁ ତାହାଙ୍କ ସ୍ଥାନରେ ବାବୁ ଗଣନାଥ ଘୋଷ କମିଶନର ନିଯୁକ୍ତ ହୋଇଅଛନ୍ତି ।

---

## ଉତ୍କଳ ସମ୍ମିଳନୀର କାର୍ଯ୍ୟ ବିବରଣ ।

ଶୁଭକ୍ଷଣରେ ଗତ ତା ୩୦ ରିଖ ବୁଧବାର ପ୍ରଭାତ ହୋଇଥିଲା । ସେ ଦିନ ଘ ୧୧ ଟା ବେଳେ ଉତ୍କଳ ସମ୍ମିଳନୀ ସଭାର ପ୍ରଥମ ଅଧିବେଶନ ହେଲା । ସଭାମଣ୍ଡପଟି ଅତ୍ୟନ୍ତ ମନୋହରରୂପେ ସୁସଜ୍ଜିତ ହୋଇଥିଲା ଏବଂ ଏତେ ବୃହତ୍ ଥିଲା ଯେ ପ୍ରାୟ ଦୁଇ ସହସ୍ର ଲୋକ ଅକ୍ଳେଶରେ ତହିଁ ମଧ୍ୟରେ ସ୍ଥାନ ପାଇଥିଲେ । ଆସନର ବନ୍ଦୋବସ୍ତ ଉତ୍ତମ ଥିଲା ଏବଂ ଶାନ୍ତିରକ୍ଷାର କାର୍ଯ୍ୟ ସ୍କୁଲଛାତ୍ରମାନେ ସଜ୍ଜିତ ସୈନ୍ୟଦଳରୂପେ ଅତି ସାବଧାନ ଓ ମନୋଯୋଗ ସହିତ ନିର୍ବାହ କରିଥିଲେ । ସଭାରେ ଯୋଗଦାନ କାରଣ ଓଡ଼ିଶା ଗଞ୍ଜାମ ସମ୍ବଲପୁର ଓ ମେଦିନୀପୁର ଗଡ଼ଜାତ ସହିତ ବହୁ ଲୋକ ସମାଗତ ହୋଇଥିଲେ । ମେଦିନୀପୁରରୁ ନ ୧୦ ଜଣ ସମ୍ବଲପୁରରୁ ନ ୨୫ ଜଣ ଏବଂ ଗଞ୍ଜାମରୁ ଗଡ଼ଜାତ ସହିତ ନ ୩୦୦ ଜଣ ହେବେ । ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରେ ମୟୂରଭଞ୍ଜ ଓ କେନ୍ଦୁଝରର ମହାରାଜାମାନେ ତାଳଚେର ଢେଙ୍କାନାଳ ଆଠଗଡ଼ ମଧୁପୁର ଖଡ଼ିକୋଟ ଓ କନିକାର ରାଜାମାନେ, ରାଜା ବୈକୁଣ୍ଠନାଥ ଦେ ବାହାଦୁର, ଜୟପୁରର ଶ୍ରୀ ବିକ୍ରମଦେବ ବର୍ମ୍ମା, ମଞ୍ଜୁଷା ରାଜକୁମାର

Digitized by srujanika@gmail.com

Split by PDF Splitter



ଓ ପୁରସ୍କାର ସହଭ୍ରାତା, କଲିକତା ଅମୃତବଜାର ପତ୍ରିକାର ସମ୍ପାଦକ ବାବୁ ମତିଲାଲ ଘୋଷ, ଉଡ଼ିଶାର କମିଶନର ଶ୍ରୀଯୁକ୍ତ କେ, ଜି. ଗୁପ୍ତ, ପାଦ୍ରି ଯଙ୍ଗ ଓ ପାଦ୍ରି ହବେଲ ପ୍ରଭୃତି ଉପସ୍ଥିତ ଥିଲେ । ଅଠଗଡ଼ ରାଜା ଗୋଟିଏ ସଂସ୍କୃତ ସ୍ତୁବ ପାଠ ପୂର୍ବକ ସଭାର କାର୍ଯ୍ୟାରମ୍ଭ କଲେ ।

କାର୍ଯ୍ୟନିର୍ବାହକ କମିଟିର ସଭାପତି କନିକା ରାଜା ସଭାରେ ସମୁପସ୍ଥିତ ସଭ୍ୟମାନଙ୍କୁ ସମ୍ବୋଧନ କରି କହିଲେ ଆପଣମାନେ ଯେ କଷ୍ଟ ସ୍ୱୀକାର କରି ନାନା ସ୍ଥାନରୁ ଶୁଭାଗମନ କରିଅଛନ୍ତି ଓ ଉତ୍କଳ ଭାଇମାନଙ୍କୁ ଏକାଠି ଦେଖି ମୁଁ ଯେ ପର୍ଯ୍ୟନ୍ତ ଆନନ୍ଦିତ ହୋଇଅଛି ପ୍ରକାଶ କରି ପାରୁ ନାହିଁ । ଆପଣମାନଙ୍କର ସୁଯୋଗ୍ୟ ଅଭ୍ୟର୍ଥନା କରିବା ପୁଣି ସମୁଚିତ ଚର୍ଚ୍ଚା କରିବ, ମୋହର ସାଧ୍ୟ ନୁହେଁ । ସେଥିର ସମସ୍ତ ତ୍ରୁଟି ଆପଣମାନେ ଉଦାରତା ସହିତ କ୍ଷମା କରିବେ ଏବଂ ମୋହର ହୃଦୟର ଉପକାର ଗ୍ରହଣରେ ସନ୍ତୁଷ୍ଟ ହେବେ । ଉତ୍କଳର ଉଜ୍ଜ୍ୱଳତମ ନକ୍ଷତ୍ର ସ୍ୱର୍ଗୀୟ ମୁକୁନ୍ଦଦେବଙ୍କୁ ଏ ସଭାରେ ଦେଖିବାର ବଡ଼ ଆଶା ଥିଲା ମାତ୍ର ଈଶ୍ୱରଙ୍କର ଇଚ୍ଛାର ଅନ୍ୟ ପ୍ରକାର ହେଲା ଆପତ୍ତି କାହାର ଅଛି ?

ବାବୁ ମଧୁସୂଦନ ଦାସ ଟେଲିଗ୍ରାଫ ଦ୍ୱାରା ସମ୍ବାଦ ଦେଖାଇ କହିଲେ ଯେ ବଡ଼ଲାଟ ସଭାର ସଦସ୍ୟ ଡାକ୍ତର ଆଶୁତୋଷ ମୁଖର୍ଜ୍ଜୀ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀଯୁକ୍ତ କାଳୀଚରଣ ବାନୁର୍ଯ୍ୟା, ହିନ୍ଦୋଳ, ବୌଦ, ଖଣ୍ଡପଡ଼ା ଓ ସୋନପୁରର ରାଜାମାନେ ଅନ୍ୟ କାର୍ଯ୍ୟ ହେତୁରେ ଉପସ୍ଥିତ ହୋଇ ନ ପାରି ଦୁଃଖ ଏବଂ ସହାନୁଭୂତି ସୂଚକ ସମ୍ବାଦ ପଠାଇଅଛନ୍ତି । ଏପରି କଲିକତାସ୍ଥ କେତେଜଣ ଉତ୍କଳୀୟ ଭ୍ରାତା ସଭାକୁ ଆସି ନ ପାରିବା ହେତୁ ଦୁଃଖିତ ହୋଇଅଛନ୍ତି ।

ତଦନନ୍ତର ମହାରାଜା କେନ୍ଦୁଝରପତି ପ୍ରସ୍ତାବ କଲେ ଯେ ସର୍ବଗୁଣାଳଙ୍କୃତ ମୟୂରଭଞ୍ଜାଧିପତି ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ଏହି ଶୁଭାନୁଷ୍ଠାନରେ ସଭାପତି ପଦରେ ବସନ୍ତୁ ଓ ଏହି ପ୍ରସ୍ତାବ ଢେଙ୍କାନାଳର ରାଜା ଅନୁମୋଦନ କଲେ ଏବଂ ସର୍ବସମ୍ମତିକ୍ରମେ ତାହା ଧାର୍ଯ୍ୟ ହୁଅନ୍ତେ ସଭାପତି ଆସନ ଗ୍ରହଣ କଲେ ଏହି ଶୁଭଘଟଣା ଉପଲକ୍ଷରେ ରଚିତ ଓଡ଼ିଆ, ବଙ୍ଗଳା, ଉର୍ଦ୍ଦୁ ଓ ସଂସ୍କୃତ ସଙ୍ଗୀତମାନ ଯଥାକ୍ରମେ ହାରମୋନିୟମ ସହିତ ଗାୟନ ହେଲା ଏବଂ ସଭାପତି ମହାଶୟ ଦଣ୍ଡାୟମାନ ହୋଇ ଏହି ମର୍ମରେ ବକ୍ତୃତା ପାଠ କଲେ ଯଥା;—

ମହୋଦୟମାନେ !

ଅଦ୍ୟତନ ବକ୍ତୃତା ଆରମ୍ଭ କରିବା ପୂର୍ବରୁ ମୋର ନିଜ ସମ୍ବନ୍ଧରେ କେତେକ ବକ୍ତବ୍ୟ ଅଛି, ତାହା ସଂକ୍ଷେପରେ କହୁଅଛି ।

ଏହି ସାମ୍ବତ୍ସରିକ ସଭାପତିର ଆସନ ଗ୍ରହଣ କରିବା ନିମିତ୍ତ କାର୍ଯ୍ୟ ନିର୍ବାହକ-ସମିତିର ଆମନ୍ତ୍ରଣ ଯେତେବେଳେ ମୋଠାରେ ଉପଗତ ହେଲା ସେତେବେଳେ ଉକ୍ତ ଆମନ୍ତ୍ରଣକୁ ମୁଁ ଗ୍ରହଣ କରିବି କି ନା ଏହି ବିଷୟରେ ମୋ ମନରେ ସଂଶୟ ହେଲା । ମୁଁ ବୁଝିଲି ଯେ ଏପରି ସଭା ଉତ୍କଳ ଦେଶର ଇତିହାସରେ ଅଭିନବ କାର୍ଯ୍ୟ ଅଟେ । ଏହି ପ୍ରଦେଶର ସର୍ବ ସ୍ଥାନରୁ ଗୁଣବିଶାରଦ ପ୍ରତିନିଧିମାନେ ଶୁଭାଗମନ କରିବେ ଓ ସେମାନେ ଯେଉଁ ସବୁ ବିଷୟ ବିଚାର କରିବେ ତାହା ଗରିଷ୍ଠ ଓ ତହିଁ ପ୍ରତି ଉତ୍କଳ ଦେଶର ଭବିଷ୍ୟତ ଉନ୍ନତି ନିର୍ଭର କରେ । ସୁତରାଂ ସଭାପତିଙ୍କର ଦାୟିତ୍ୱ ମଧ୍ୟ ଉଣା ନୁହେଁ । ଏପରି କାର୍ଯ୍ୟରେ ମୋର ଅଭ୍ୟାସ ନାହିଁ, ଅଥଚ ମୁଁ ଜାଣେ ଯେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ମୋ ଅପେକ୍ଷା ଅଧିକ ଦକ୍ଷତାର ସହିତ ଏ କାର୍ଯ୍ୟ ନିର୍ବାହ କରି ପାରିବେ, କେବଳ ଆପଣମାନଙ୍କ ଅନୁରୋଧ ସ୍ୱୀକାର ନ କଲେ ମୋର କର୍ତ୍ତବ୍ୟ କର୍ମର ଶିଥିଳତା ହେବ, ଏହି କାରଣରୁ ମୁଁ ଆପଣମାନଙ୍କ ଆବାହନରେ ଆପଣାକୁ ସମ୍ମାନିତ ବୋଧ କରି ଆପଣମାନଙ୍କ ସମୀପରେ ଉପସ୍ଥିତ ହୋଇଅଛି ଯେବେ ମୋ କାର୍ଯ୍ୟରେ କୌଣସି ଅଂଶରେ ତ୍ରୁଟି ହେବ ତେବେ ଆପଣମାନେ କ୍ଷମା କରିବା ହେବେ ।

ବାମଣ୍ଡାଧିପତି ସର୍ ସୁଚଳ ଦେବ କେ, ସି, ଆଇଙ୍କ ସ୍ୱର୍ଗାରୋହଣ ବାର୍ତ୍ତାରେ ଏହି ଦେଶବାସୀ ସମସ୍ତେ ବିଷଣ୍ଣ ହୋଇଅଛନ୍ତି । ସେ ଜଣେ ପ୍ରଶସ୍ତମନା ଶିକ୍ଷିତ ନୃପତି ନାନାସଦ୍‌ଗୁଣମାନଙ୍କରେ ଭୂଷିତ ହୋଇ ସର୍ବସାଧାରଣଙ୍କର ମାନ୍ୟାର୍ହ ହୋଇଥିଲେ ଓ ନିଜ ପ୍ରଜାଙ୍କର ଉନ୍ନତି ସାଧନରେ ସର୍ବଦା ନିଯୁକ୍ତ ଥିଲେ । ଏପରି ବ୍ୟକ୍ତିଙ୍କ ଅଭାବରେ ବର୍ତ୍ତମାନ ଏହି ଦେଶ ଦରିଦ୍ରତର ହୋଇଅଛି । ଆମ୍ଭେମାନେ ଆଶା କରୁଁ ଯେ ତଦୀୟ ପୁତ୍ର ଓ ଉତ୍ତରାଧିକାରୀ ନୃପ ପିତାଙ୍କ ସଦୃଶ ବରଂ ଅଧିକ ଯୋଗ୍ୟ ହୋଇ ନିଜର ଯୋଗ୍ୟ ପିତାଙ୍କର ପୌରୁଷକୁ ବଳ ଖ୍ୟାତ ଲାଭ କରାଇବେ ।

ସଭ୍ୟ ମହୋଦୟ ! ଯେଉଁ ସ୍ଥାନରେ ଏହି ଉତ୍କଳ ସଭା କଥିତ ହେଉଅଛି, ତହିଁରେ ଯେତେ ଭିନ୍ନ ଭିନ୍ନ ଜାତି ବାସ କରୁଅଛନ୍ତି ସେମାନଙ୍କ ମଧ୍ୟରେ ପରସ୍ପର ବନ୍ଧୁତ୍ୱ ସଂସ୍ଥାପନ କରିବା ଏହି କମିଟିର ଗୋଟିଏ ଉଦ୍ଦେଶ୍ୟ, ଶିଳ୍ପ ଉତ୍ପାଦର ଉନ୍ନତ କରିବାଦ୍ୱାରା ଦେଶର ଧନ ବୃଦ୍ଧି କରିବା ଦ୍ୱିତୀୟ ଉଦ୍ଦେଶ୍ୟ, ସାଧାରଣ ଜନମାନଙ୍କ ମଧ୍ୟରେ ଶିକ୍ଷା ପ୍ରଚାର କରିବା ତୃତୀୟ ଉଦ୍ଦେଶ୍ୟ ।

ମୋ ବିବେଚନାରେ ରାଜନୀତି ଓ ଧର୍ମ ସମ୍ବନ୍ଧୀୟ ତର୍କକୁ ବର୍ଜିତ କରିବାଦ୍ୱାରା ଏହି ସଭା ପ୍ରଶଂସାର ପାତ୍ରୀୟ ହୋଇଅଛି ।

ପରମେଶ୍ୱରଙ୍କ କୃପାରୁ ସମୁଦ୍ରର ପରପାରସ୍ଥ ସମାଗତ ଗୋଟିଏ ପ୍ରବଳ ପରାକ୍ରମଶାଳୀ ଜାତିଙ୍କ ହସ୍ତରେ ଆମ୍ଭମାନଙ୍କର ଅଦୃଷ୍ଟ ଅର୍ପିତ ହୋଇ ଅଛି । ବ୍ରିଟିଶ ଶାସନାଧୀନରେ ସର୍ବାଙ୍ଗ ଶାନ୍ତି ବିରାଜମାନ ହୋଇଅଛି । ଦେଶ ମଧ୍ୟର ସମସ୍ତ ବିବାଦ ତିରୋହିତ ହୋଇଅଛି । ଦେଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ଶାନ୍ତି ବିରାଜୁଅଛି ଏପରି ଶାନ୍ତି ଏ ଦେଶର ଭାଗ୍ୟରେ ବହୁକାଳରୁ ଘଟି ନ ଥିଲା ।

ସାଧାରଣ ଲୋକମାନଙ୍କ ମଧ୍ୟରେ ଏପରି ପ୍ରବାଦ ଅଛି ଯେ "ବାଘ ଓ ମୃଗ ଏକଘାଟରେ ପାଣି ପିଉଅଛନ୍ତି" ଏହାକୁ ଭଲ ଅନୁ [illegible] ଦୃଷ୍ଟାନ୍ତର କଥା ବର୍ତ୍ତମାନ ସୁଶାସନ ସମୟରେ ବୋଲି ଯାଇ ପାରେ ?

ଏବେ ଦେଖିବା ହେଉନ୍ତୁ ଶ୍ରମଜୀବନ ଓ ଶାସ୍ତ୍ରାଲୋଚନାର ମୂଳାଧାର ଶାନ୍ତି ଓ ସୁଶୃଙ୍ଖଳା ଦେଶର ସର୍ବଏବ ବିରାଜିତ ହୋଇଅଛି । ବହୁକାଳରୁ ଅରାଜକତା ହେତୁରୁ ଆମ୍ଭମାନଙ୍କ ଦେଶର ଯେ କ୍ଷତି ହୋଇଅଛି ତାକୁ ପୂର୍ଣ୍ଣ କରିବାର ଏହି ସମୟ । ଏହି ସମୟରେ ଆମ୍ଭମାନଙ୍କର ଉଦ୍ୟମୀ ହେବା କର୍ତ୍ତବ୍ୟ । ଅନେକ ବିଷୟ ନିର୍ଭର କରେ ଆମ୍ଭମାନଙ୍କର କର୍ତ୍ତବ୍ୟ । ସର୍ବସାଧାରଣରେ ଶିକ୍ଷା ପ୍ରଚାର କାର୍ଯ୍ୟରେ ଗଭର୍ଣ୍ଣମେଣ୍ଟଙ୍କର ସହାୟ ହେବା, ଯେଉଁ ଯୁବକମାନେ ଉଚ୍ଚଶିକ୍ଷା ଅଥବା ବିଶେଷ ଶିକ୍ଷା ଲଭିବାକୁ ଅଭିଳାଷୀ ସେମାନଙ୍କୁ ସାହାଯ୍ୟ ଦେଇ ଉତ୍ସାହିତ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଏହି ଦେଶ ଯେ ଅନ୍ୟଦେଶ ଅପେକ୍ଷା କେତେ ଦରିଦ୍ର ତାହା ଆପଣମାନଙ୍କୁ ବିଦିତ ଅଛି । ଏହି ଦେଶରେ ଅଧିକାଂଶ ପ୍ରଜା ଯାହା ଉପାର୍ଜନ କରନ୍ତି ତାହା ସେମାନଙ୍କର ଗ୍ରାସାଚ୍ଛାଦନକୁ ନିଅଣ୍ଟ । କେତେକ ଲୋକେ ଦିନ ମଧ୍ୟରେ ଥରେ ମାତ୍ର ଆହାର କରି ଜୀବନ କ୍ଷେପଣ କରନ୍ତି । ସେମାନଙ୍କ ଦରିଦ୍ରତା ଦୂର ହେବା ନିମିତ୍ତ ଶ୍ରମଜୀବିକାମାନ ଅନୁଷ୍ଠିତ ହେଉ ।

କାଳକ୍ରମରେ ଆମ୍ଭମାନଙ୍କ ସମାଜରେ ଅନେକ ଅଶୁଭ ବ୍ୟବହାର ଚଳି ଆସୁଅଛି ଯେହେତୁରୁ ଆମ୍ଭେମାନେ ଉନ୍ନତି ପଥରେ ଅଗ୍ରସର ହୋଇ ପାରୁ ନାହୁଁ ସେହିସବୁ ଥିବାରୁ ଶ୍ରମଜୀବିକାର ଉନ୍ନତି ଓ ଜାତୀୟ ଏକତାଙ୍କ

Digitized by srujanika@gmail.com

Split by PDF Splitter



ଉଦ୍ଧତି ହୋଇ ପାରୁ ନାହିଁ । ଅତଏବ ଅବଶ୍ୟକ ପ୍ରମାଣେ ସମାଜର ଉନ୍ନତି କରାଯାଉ । ଅନେକ ଗୁରୁତର ବିଷୟର ସମାଧାନ ଆମ୍ଭମାନଙ୍କ ପ୍ରତି ନିର୍ଭର କରେ । ଅତଏବ ରାଜନୈତିକ ବିଷୟ ବିଚାର ନ କରି ସେହି ସବୁ ବିଷୟର ବିଚାର କରିବା ଉଚିତ ।

ମୋଟଉପରି ଗରିଷ୍ଠ ରାଜନୈତିକ ବିଷୟମାନ ଅଛି, ମନୁଷ୍ୟ ବିଦେଶୀୟ ରାଜା ସଙ୍ଗେ ସନ୍ଧି ବିଗ୍ରହ ପ୍ରଭୃତି ବିବେଚନା ହୁଏ କିମ୍ବା ଅପର ଯେଉଁ ଗରିଷ୍ଠ ରାଜନୈତିକ ବିଷୟ ନିମିତ୍ତ ଅମ୍ଭ ଦେଶର ସାଧାରଣ ଲୋକେ ଅଧିକାରୀ ହୋଇ ନାହାନ୍ତି ସେ ସବୁ ବିଷୟ ଆଲୋଚନା କରିବାର ପ୍ରୟୋଜନ କଣ ? ଉକ୍ତ ପ୍ରକାର ବଡ଼ ବଡ଼ ତର୍କରେ ଦୋଷ ଅଛି ଓ କିଛି ଫଳ ନାହିଁ । ଆତ୍ମର ସେ ବିଷୟସବୁ ଛାଡ଼ି ତର୍କ ବିତର୍କ କଲେ ଅଳ୍ପ ପ୍ରୟୋଜନୀୟ ବିଷୟମାନଙ୍କୁ ଅବହେଳା କରିବାକୁ ହେବ ।

ଧର୍ମ ସମ୍ବନ୍ଧୀୟ ବିଷୟ ମୋର ଏଠାରେ ତର୍କ କରିବି ନାହିଁ । ଏକଥା କହିବାରେ ମୋର ଏପରି ଉଦ୍ଦେଶ୍ୟ ନୁହେ ଯେ ଧର୍ମ ସମ୍ବନ୍ଧୀୟ ଉପଦେଶ ପ୍ରତି ଆମ୍ଭେମାନେ ଉଦାସୀନ ହେବୁଁ, ବାସ୍ତବରେ ଧର୍ମ ବିନା ମନୁଷ୍ୟ ସମାଜ ସ୍ଥାୟୀ ହୋଇନ ପାରେ ବିପଦ ଓ ପ୍ରଲୋଭନ ସମୟରେ ମନୁଷ୍ୟକୁ କିଏ ମନ୍ତ୍ର ସାହସ ଓ ବଳ ପ୍ରଦାନ କରେ ? ଧର୍ମ ତାହା ସମ୍ପନ୍ନ କରେ । ଦୁଃଖିତ ଅଥବା ହତାଶ ହେବା ବେଳେ, ଯେତେବେଳେ ମନୁଷ୍ୟ ଆପଣାର ଚତୁଃପାର୍ଶ୍ୱରେ ଅନ୍ଧକାରମୟ ଦେଖେ, ଯେତେବେଳେ ସଂସାର ତାହାକୁ ଦୁର୍ଭେଦ୍ୟ ବୋଧ ହୁଏ ଧର୍ମ ସେତେ ତାହାକୁ ଆଶ୍ୱାସ ପ୍ରଦାନ କରେ, ତାପିତ ଅନ୍ତଃକରଣରେ ଶାନ୍ତି ସୁଧା ଓ ସନ୍ତୁଷ୍ଟତା ପ୍ରଦାନ କରେ । ଧର୍ମ ସୁନୀତିର ମୂଳ ଅଟେ । ଧର୍ମ ହୀନ ହେଲେ ସୁନୀତି ସଞ୍ଚାର ହୋଇ ମନୁଷ୍ୟ ସମାଜକୁ ଚଳାଇ ନ ପାରେ । ମନୁଷ୍ୟ ସମାଜରୁ ଧର୍ମ କହୁନ କରି ରକ୍ଷିଅଛନ୍ତି ଶତ ଶତ ଲୋକେ ଏହି ଧର୍ମ ନିମନ୍ତ ନିଜ ଜୀବନକୁ ସ୍ଥିର ଭାବରେ ଓ ହୃଷ୍ଟାନ୍ତଃକରଣରେ ବିସର୍ଜନ କରିଅଛନ୍ତି । ଶତ ଶତ ଲୋକ ନିଜର ସୁଖ, ଦାର, ସୁତ, ସ୍ୱଜନ ପ୍ରଭୃତି ପ୍ରିୟ ଦ୍ରବ୍ୟମାନଙ୍କୁ ଧର୍ମ ସ୍ଥାପନ ନିମିତ୍ତ ତ୍ୟାଗ କରିଅଛନ୍ତି, ଅଥବା ସେମାନଙ୍କ ସହିତ ସମ୍ପର୍କ ରହିତ ହୋଇ ବନବାସୀ ହୋଇଅଛନ୍ତି । ଯୋଗୀ ଓ ଋଷିଙ୍କର ବାସଭୂମି ଏହି ଭାରତରେ ତଦ୍ରୂପ ଉଦାହରଣର ଅଭାବ ନାହିଁ । ଧର୍ମ ମହାନ ଉଦ୍ଦେଶ୍ୟ ସମ୍ପାଦନ କରେ । କିନ୍ତୁ ଧର୍ମର ନାମରେ ପୂର୍ବକାଳରେ ଲୋକେ ଅନେକ ଅତ୍ୟାଚାର କରିଅଛନ୍ତି, ଦୁଷ୍କର୍ମ ଓ ରକ୍ତପାତ କରିଅଛନ୍ତି । ସେ ସବୁ ବିଷୟ ଚିନ୍ତା କଲେ ମନୁଷ୍ୟର ମନ ଦୁଃଖରେ ଅଭିଭୂତ ହୁଏ । ଇତିହାସରୁ ପ୍ରମାଣ ମିଳେ ଯେ ଧର୍ମର ନାମ ଘେନି ବୃହତ ଯୁଦ୍ଧମାନ ଘଟିଅଛି । ରାଜାମାନେ କିମ୍ବା ଧର୍ମପ୍ରଚାରକମାନେ ଏକତ୍ର ହୋଇ ଅପରର ମତକୁ ଖଣ୍ଡନ କରି ଆପଣାର ମତକୁ ସଂସ୍ଥାପନ କରିବାପାଇଁ ବହୁ ଅତ୍ୟାଚାର କରନ୍ତି । ଏପରି କାର୍ଯ୍ୟଦ୍ୱାରା ଧର୍ମର ଅସଦ୍ବ୍ୟବହାର ହୋଇଅଛି । ତଦ୍ରୂପ କାର୍ଯ୍ୟଦ୍ୱାରା ସ୍ୱାର୍ଥପର ଲୋକେ ଧର୍ମ ଦ୍ୱାରରେ ଦାୟୀ ଅଟନ୍ତି । ଧର୍ମ ଆମ୍ଭମାନଙ୍କୁ ଏହି ଶିକ୍ଷା ଦିଏ ଯେ ପରମେଶ୍ୱର ସମସ୍ତଙ୍କର ପିତା ଓ ଆମ୍ଭେ ମନୁଷ୍ୟମାନେ ସମସ୍ତେ ଯେଉଁ ଜାତିରେ ଥାଉଁ ପରସ୍ପର ଭ୍ରାତା ଅଟୁଁ । ଏହା ନ ବୁଝି ଯେଉଁମାନେ ଧର୍ମର ନାମ ଧରି ବିବାଦ ଓ ବିଚ୍ଛେଦ ମଚାଇଅଛନ୍ତି ସେମାନେ ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ଓ ନିଜ ସ୍ୱଭାବ ଦୋଷରୁ ଏପରି କରନ୍ତି । ହିନ୍ଦୁ ଶାସ୍ତ୍ରରେ ଗୋଟିଏ ଉପଦେଶ ଅଛି "ଯେଉଁ ଧର୍ମ ଅପର ଧର୍ମକୁ ନିନ୍ଦା କରେ ସେ ଧର୍ମ ନୁହେ" । ଏହା ଅତି ସତ୍ୟ ଓ ସାରଗର୍ଭ କଥା, ଧର୍ମକୁ ନେଇ ଲୋକମାନଙ୍କ ମଧ୍ୟରେ କୌଣସି ଅସଦ୍ଭାବ ନାହିଁ ।

ବର୍ତ୍ତମାନ ବଡ଼ ସୁଖର ବିଷୟ ଯେ ଏସମୟରେ ବ୍ରିଟିଶ ଶାସନାଧୀନରେ ପୃଥକ୍ ପୃଥକ୍ ଧର୍ମାବଲମ୍ବୀମାନେ ଏକତ୍ର ନିର୍ବିରୋଧରେ ବାସ କରୁଅଛନ୍ତି । ମନୁଷ୍ୟର ବିବେକବୃତ୍ତି ସମ୍ପୂର୍ଣ୍ଣ ସ୍ୱାଧୀନତା ଭୋଗ କରୁଅଛି । ଯେ ଯାହା ଯୁକ୍ତି ସଙ୍ଗତ ମନେ କରେ ସେ ତାହା ବିଶ୍ୱାସ କରିବାରେ ସମ୍ପୂର୍ଣ୍ଣ ଅଧିକାରୀ ଅଟେ । ଏଠାରେ କେହି କହି ନ ପାରେ ଯେ ସେ ଯାହା ବିଶ୍ୱାସ କରେ ତାହା ସତ୍ୟ ଓ ସମସ୍ତଙ୍କୁ ସେହି ମତ ବିଶ୍ୱାସ କରିବାକୁ ହେବ ।

ଧର୍ମର ପ୍ରକୃତ ଲକ୍ଷଣ ସତ୍ୟ କଥନ, ଦୟା ସରଳତା ଇତ୍ୟାଦି; ଅପର ଧର୍ମମାନଙ୍କୁ ନିନ୍ଦା କରିବା ଧର୍ମର ଲକ୍ଷଣ ନୁହେ । ପରମେଶ୍ୱର ଆମ୍ଭମାନଙ୍କୁ ଯେଉଁ ବୁଦ୍ଧି ଦେଇଅଛନ୍ତି ତଦ୍ୱାରା ଆମ୍ଭେମାନେ ଜାଣୁଅଛୁଁ ଯେ ପ୍ରଚଳିତ ସମସ୍ତ ଧର୍ମମାନଙ୍କ ମଧ୍ୟରେ ସତ୍ୟ ନିହିତ ହୋଇଅଛି । ଅତଏବ ଆମ୍ଭ ଧର୍ମ ଶ୍ରେଷ୍ଠ ଓ ଅପର ଧର୍ମ ମିଥ୍ୟା କିମ୍ବା ମନ୍ଦ ଏପରି ଗର୍ବ କରିବା ଅନୁଚିତ ।

ସବୁ ଧର୍ମ ଏକ ପରମେଶ୍ୱରଙ୍କୁ ସ୍ରଷ୍ଟା, ପାତା କଲ୍ୟାଣ ସ୍ୱରୂପରେ ପ୍ରତିପାଦନ କରେ ଅତଏବ ଆମ୍ଭେମାନେ ହିନ୍ଦୁ ହେଉଁ ଅଥବା ମୁସଲମାନ ବା ଖ୍ରୀଷ୍ଟିୟାନ, ବା ବୌଦ୍ଧ ଅଥବା ଅପରଧର୍ମାବଲମ୍ବୀ ହେଉଁ ସମସ୍ତେ ବିଶ୍ୱାସ କରୁଁ ଯେ ଆମ୍ଭେମାନେ ସମସ୍ତେ ଏକ ପରମେଶ୍ୱରଙ୍କ ପୁତ୍ର ଅଟୁଁ ଓ ଆମ୍ଭେମାନେ ସମସ୍ତେ ପରସ୍ପର ଭ୍ରାତା ସଦୃଶ । ଅତଏବ ସହୋଦର ପ୍ରାୟ ହୋଇ ଆମ୍ଭେମାନେ କି କାରଣରୁ ଏକତ୍ର ବାସ ନ କରିବା ? ଏକ ପରମେଶ୍ୱରଙ୍କର ସନ୍ତାନ ଓ ପରସ୍ପର ଭ୍ରାତା ଏହି ଧାରଣା ଆମ୍ଭମାନଙ୍କ ମନରେ ସର୍ବଦା ଜାଗ୍ରତ ଥାଉ । ଏହି ବିଶ୍ୱାସରେ ଆମ୍ଭମାନଙ୍କର ମିଳି ହେବା ଉଚିତ । ଧର୍ମ ସମ୍ବନ୍ଧରେ ଆମ୍ଭେ ଏହି ଅବଧି କହିଲୁଁ ।

ସଦସ୍ୟବୃନ୍ଦ ! ଏବେ ଶିକ୍ଷା ଶ୍ରମ ଜୀବିକା ଓ ସମାଜ ବିଷୟରେ ମୁଁ କିଛି କହିବି । ଯାହାର ଉନ୍ନତ ହେବାର ବାଞ୍ଛା ଥିବ ସେ ଏହି ତିନି ପଦାର୍ଥରୁ କାହାକୁ ତ୍ୟାଗ କରି ପାରିବ ନାହିଁ । ଏ ତିନିଙ୍କ ମଧ୍ୟରୁ ଗୋଟିଏ ଆଉ ଗୋଟିକ ପ୍ରତି ନିର୍ଭର କରେ । ସୁସ୍ଥ ଶରୀରରେ ଯେପରି ହସ୍ତ ପଦାଦି ଭଲ ଅବସ୍ଥାରେ ଥିଲେ ମନୁଷ୍ୟ କାର୍ଯ୍ୟକ୍ଷମ ହୁଏ ଓ ସେମାନେ ରୁଗ୍ଣ ବା ଅକ୍ଷମ ଥିଲେ ମନୁଷ୍ୟ କିଛି କରି ନ ପାରେ; ସେହିପରି ମନୁଷ୍ୟ ସମାଜ ଭଲ ହେଲେ କୃଷି ବାଣିଜ୍ୟ ଶିଳ୍ପ ଏ ସବୁ ଭଲ ହେବାର ଆବଶ୍ୟକ । ଏମାନେ ଭଲ ନ ହେଲେ ସମାଜ ଭଲ ହୋଇ ନ ପାରିବ । ଶରୀରର ଯେପରି ହସ୍ତ ପଦାଦି, ସମାଜର ସେହିରୂପ ବାଣିଜ୍ୟ ଓ ଶିଳ୍ପ ହସ୍ତ ପଦ ସ୍ୱରୂପ । ବ୍ୟାୟାମ କଲେ ଯେପରି ହସ୍ତ, ପଦ, ବକ୍ଷଃସ୍ଥଳ ସୁନ୍ଦର ଓ ସବଳ ହୁଏ, ତଦ୍ରୂପ ଅବିଶ୍ରାନ୍ତ ଶ୍ରମ ଓ ସାହସଦ୍ୱାରା କୃଷି, ବାଣିଜ୍ୟ ଓ ଶିଳ୍ପର ଉନ୍ନତି ହୁଏ । ଆପଣମାନେ ଜାଣିବା ହୁଅନ୍ତି ଯେ ମନୁଷ୍ୟ ଶରୀରରେ ମସ୍ତିଷ୍କ କିପରି କାମ କରେ । ମସ୍ତିଷ୍କ ଭଲ ନ ଥିଲେ ମନୁଷ୍ୟ କୌଣସି କାର୍ଯ୍ୟ କରିପାରେ ନାହିଁ । ମନୁଷ୍ୟ ସମାଜ ମଧ୍ୟରେ ଶିକ୍ଷା ଓ ଶାସ୍ତ୍ରାଲୋଚନା ମସ୍ତିଷ୍କର କାର୍ଯ୍ୟ କରେ । ଯେବେ ବୁଦ୍ଧି ନ ଥାଏ ତେବେ ଶରୀରରେ କି ପ୍ରୟୋଜନ ? ମନୁଷ୍ୟ ସମାଜରେ ସେହିପରି ଯେବେ ଲୋକେ ଶିକ୍ଷିତ ନ ହୁଅନ୍ତି ତେବେ କିପରି ସେମାନେ ଏକତ୍ର ହୋଇ କାର୍ଯ୍ୟ କରି ପାରିବେ ? କିପରି ଅବା ବାଣିଜ୍ୟ କରିବେ ? ଓ କିପରି ଅବା ସେମାନେ ସମାଜର ଦୋଷାଦୋଷ ବିଚାର କରି ପାରିବେ ?

ଉପର୍ଯ୍ୟୁକ୍ତ ବିଷୟର ଉନ୍ନତି କରିବା ନିମିତ୍ତ ଆମ୍ଭମାନଙ୍କର କି କି ଉପାୟ ଅବଲମ୍ବନ କରିବା ବିଧେୟ ? ଆପଣମାନେ ଏ ପ୍ରଶ୍ନର ଉତ୍ତର ଦେବେ ଯେ ଆମ୍ଭେମାନେ ଉଦାସୀନ ନ ହୋଇ କି ହେଳା ନ କରି ଅନ୍ତଃକରଣ ସହିତ କାର୍ଯ୍ୟରେ ପ୍ରବୃତ୍ତ ହେବା । ଆମ୍ଭମାନଙ୍କ ଦେଶର ଲୋକଙ୍କର ଗୋଟିଏ ସ୍ୱଭାବ ଅଛି ଯେ ତହିଁ ପ୍ରତି ଆମ୍ଭମାନଙ୍କର ସତର୍କ ହେବା କର୍ତ୍ତବ୍ୟ । ଆମ୍ଭମାନଙ୍କ ଦେଶୀୟଲୋକେ କୌଣସି କାର୍ଯ୍ୟ କଲେ ତହିଁରେ ବିଶେଷ ପରିଶ୍ରମ ନ କରି ଦୈବପ୍ରତି ନିର୍ଭର କରନ୍ତି । ଏହାଦ୍ୱାରା କେତେକ ଉପକାର ଅଛି ସତ୍ୟ, କିନ୍ତୁ ବହୁପରିମାଣରେ ଦୈବପ୍ରତି ନିର୍ଭର କଲେ କୌଣସି କାର୍ଯ୍ୟ ସୁସମ୍ପନ୍ନ ହୁଏ

Digitized by srujanika@gmail.com

Split by PDF Splitter



ନାହିଁ ବରଂ ଅପକାର ହୁଏ। ପ୍ରଥମେ ଉପକାର ଏହି ଯେ ଦୈବପ୍ରତି ନିର୍ଭର କଲେ ଲୋକେ ଧୀର ଭାବରେ କାର୍ଯ୍ୟ କରନ୍ତି । ପୃଥିବୀ ମଧ୍ୟରେ ଅନ୍ୟ କୌଣସି ଜାତି ଅଛନ୍ତି କି ନା ସନ୍ଦେହ, ଯେଉଁମାନେ କି ଏହି ଗୁଣରେ ଅମ୍ଭମାନଙ୍କଠାରୁ ଅଧିକ । ଅନେକ ଉଚ୍ଚପଦସ୍ଥ ସରକାରୀ କର୍ମଚାରିମାନେ କହିଅଛନ୍ତି ଯେ ଭାରତବାସିଙ୍କର ସହିଷ୍ଣୁତାଗୁଣ ଅନ୍ୟ ଜାତିରେ ନାହିଁ । ଦୃଷ୍ଟାନ୍ତସ୍ୱରୂପ ସେମାନେ କହନ୍ତି ଯେ ଯେତେବେଳେ ଦୁର୍ଭିକ୍ଷ ଉପସ୍ଥିତ ହୁଏ ଓ ଦେଶରେ ସହସ୍ର ୨ ଲୋକେ ଅନାହାରରେ ମୃତ୍ୟୁମୁଖରେ ପତିତ ହୁଅନ୍ତି ସେତେବେଳେ ସେମାନେ ଅସାଧାରଣ ଧୈର୍ଯ୍ୟ ପ୍ରକାଶ କରନ୍ତି । ବିଲାତରେ ଯେଉଁଠାରେ ଲୋକେ ଅମ୍ଭମାନଙ୍କ ଅପେକ୍ଷା ଧନୀ ଓ ସ୍ୱଚ୍ଛନ୍ଦରେ ବାସ କରନ୍ତି, ସେଠାରେ ଅମ୍ଭେମାନେ ଶୁଣୁ ଯେ ଶ୍ରମଜୀବୀମାନେ ସମୟ ୨ ରେ ଏକତ୍ରିତ ହୋଇ ବ୍ୟବସାୟିଙ୍କର କାର୍ଯ୍ୟ ବନ୍ଦ କରନ୍ତି ଓ ସେମାନଙ୍କପ୍ରତି ଆକ୍ରମଣ କରନ୍ତି । କିନ୍ତୁ ଅମ୍ଭ ଦେଶରେ ଯେଉଁଠାରେ କୋଟି ୨ ଲୋକେ ଦରିଦ୍ରାବସ୍ଥାରେ ଅଛନ୍ତି ସେମାନେ କଦାପି ଏପରି ଅନିଷ୍ଟ କରନ୍ତି ନାହିଁ କି କାହାରି ପ୍ରତି ଅତ୍ୟାଚାର କରିବାର ଚେଷ୍ଟା ମଧ୍ୟ କରନ୍ତି ନାହିଁ । ଭାରତବାସିଙ୍କର ଏହି ପ୍ରକୃତି ଅଧିକପରିମାଣରେ ହିନ୍ଦୁଧର୍ମ ଶିକ୍ଷାର ଫଳ ଓ ସ୍ୱଳ୍ପ ପରିମାଣରେ ପୂର୍ବକାଳର ଅଶାନ୍ତି ଓ ଉପଦ୍ରବର ଫଳ ।

ଧୈର୍ଯ୍ୟ ଓ ସହିଷ୍ଣୁତାଦ୍ୱାରା ଏପ୍ରକାର ଉପକାର ହୁଏ । ମାତ୍ର ଦୈବପ୍ରତି ନିର୍ଭର ଅତିଶୟ ହେଲେ ଲୋକେ ଅଦୃଷ୍ଟବାଦୀ ହୋଇ ସବୁ କର୍ମରୁ ବିରତ ହୁଅନ୍ତି । ହିନ୍ଦୁଶାସ୍ତ୍ର ଅନୁସାରେ ମନୁଷ୍ୟ ଜୀବନକୁ ଦୈବ ଓ ପୁରୁଷକାର ଏ ଦୁହେଁ ପରିଚାଳନ କରନ୍ତି । ଯେ ଦୈବପ୍ରତି ନିର୍ଭର କରି ପୁରୁଷକାରକୁ ଆଦୌ ସ୍ଥାନ ନ ଦିଏ ସେ ଅଳସୁଆ ଓ ଅକର୍ମଣ୍ୟ । କିନ୍ତୁ ଯେ ଆପଣାର କାର୍ଯ୍ୟକୁ ଦୃଢ଼ରୂପେ ମନ ଦେଇ କରେ ଅଦୃଷ୍ଟ ତାହାକୁ କୃତକାର୍ଯ୍ୟ କରି ଉତ୍ତମ ଫଳ ଦିଏ, ଲକ୍ଷ୍ମୀଦେବୀ ତାହାର ଆୟତ୍ତ ହୁଅନ୍ତି । କିନ୍ତୁ ଯେ କର୍ତ୍ତବ୍ୟକର୍ମ କରେ ତାହାରି ଲକ୍ଷ୍ମୀସିଦ୍ଧି ହୋଇପାରେ ଓ ଯେ କର୍ତ୍ତବ୍ୟକର୍ମ ନ କରେ ତାହାର ଲକ୍ଷ୍ମୀସିଦ୍ଧି କଦାପି ହୋଇ ନ ପାରେ । ଅତଏବ ସାଧ୍ୟାନୁସାରେ ଅମ୍ଭମାନଙ୍କର କର୍ତ୍ତବ୍ୟକର୍ମ କରିବା ବିଧେୟ । କୁରୁକ୍ଷେତ୍ରଯୁଦ୍ଧରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଅଛନ୍ତି—

"ନହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍"

କ୍ଷଣେମାତ୍ର କୌଣସି ବ୍ୟକ୍ତି କର୍ମ ନ କରି ରହି ନ ପାରେ ।

"ନିୟତଂ କୁରୁ କର୍ମ ତ୍ୱଂ କର୍ମଜ୍ୟାୟୋ ହ୍ୟକର୍ମଣଃ
ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ"॥

ସର୍ବଦା କର୍ମ କର । ଆଳସ୍ୟ ଅପେକ୍ଷା କର୍ମ କରିବା ଶ୍ରେୟସ୍କର । କର୍ମ ନ କଲେ ତୁମ୍ଭର ଶରୀର ରକ୍ଷା ମଧ୍ୟ ହୋଇ ପାରିବ ନାହିଁ । ଏହି ଉପଦେଶ ହିନ୍ଦୁ ଧର୍ମରେ ଗୋଟିଏ ପ୍ରଧାନ ଉପଦେଶ ଅଟେ । ଏହାକୁ ସ୍ମରଣ ରଖି ଅମ୍ଭେମାନେ ଯେବେ ଏତଦନୁରୂପ କର୍ମ କରିବା ତେବେ ଅମ୍ଭମାନଙ୍କର ମଙ୍ଗଳ ସ୍ୱୟଂ ଆସି ଉପସ୍ଥିତ ହେବ

ପୁନଶ୍ଚ କଥିତ ଅଛି ଯେ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ, ଜନନୀ ଓ ଜନ୍ମଭୂମି ଏ ଦୁହେଁ ସ୍ୱର୍ଗ ଅପେକ୍ଷା ଗରିଷ୍ଠ ଅଟନ୍ତି । ଏହି ବାକ୍ୟର ସତ୍ୟତା ପ୍ରତ୍ୟେକ ସହୃଦୟ ବ୍ୟକ୍ତି ଅନୁଭବ କରନ୍ତି ଏହା ପ୍ରମାଣ କରିବାର ଆବଶ୍ୟକ ନାହିଁ । କୌଣସି ବ୍ୟକ୍ତିର ଜନନୀ ଯେବେ ଦୁଃଖରେ ପତିତ ହୋଇଥାଏ ତେବେ ତାହାକୁ ଉଦ୍ଧାର ନ କରିବା ପର୍ଯ୍ୟନ୍ତ ସେ କି ଅନ୍ୟ କୌଣସି କାର୍ଯ୍ୟ କରିପାରେ ? "କଦାପି ନୁହେ" ତଦ୍ରୂପ ଅମ୍ଭମାନଙ୍କର ମାତୃଭୂମି ଉତ୍କଳଦେଶ କିପରି ଅଭାବ ମୋଚନାର୍ଥ ଅମ୍ଭମାନଙ୍କ ସମୀପରେ ଉପସ୍ଥିତ ହୋଇଅଛି । ସଭ୍ୟବୃନ୍ଦ ! ତାହାଙ୍କର ଡାକ ନ ଶୁଣି ଅମ୍ଭେମାନେ କି ନିଶ୍ଚିନ୍ତ ହୋଇ ରହି ପାରୁଁ ? ଅମ୍ଭମାନଙ୍କର ଜନ୍ମଭୂମି ଉତ୍କଳଦେଶର ଅଭାବ ମୋଚନ ନ କରି କି ଅମ୍ଭେମାନେ ତାହାର ଯୋଗ୍ୟ ସନ୍ତାନ ବୋଲି ଆପଣାକୁ ଆପେ ମନ ମଧ୍ୟରେ ବୋଧ କରିପାରୁଁ ?

ଆପଣମାନଙ୍କୁ ବିଦିତ ଅଛି ଯେ ଏହି ଉତ୍କଳଦେଶରେ ବହୁ ଶତବର୍ଷ ବ୍ୟାପୀ ଉତ୍ପୀଡ଼ନ ଦ୍ୱାରା ଲୋକମାନେ ହତୋତ୍ସାହ ଓ ହତୋଦ୍ୟମ ହୋଇଅଛନ୍ତି । ସେମାନଙ୍କର ପୂର୍ବପୁରୁଷମାନଙ୍କର ତେଜ ଓ ବଳ ବର୍ତ୍ତମାନ ଏମାନଙ୍କଠାରେ ନାହିଁ । କିନ୍ତୁ ଅମ୍ଭେମାନେ ଇଦାନୀଂ ଗ୍ରେଟ୍‌ବ୍ରିଟେନର ଶାସନାଧୀନ ହୋଇଅଛୁଁ । ପୁନରୁତ୍ଥାନର ସମୟ ଉପସ୍ଥିତ ହୋଇଅଛି । ସଭ୍ୟବୃନ୍ଦ ! ଭୁବନେଶ୍ୱରର କାରିଗରର ଭଗ୍ନାବଶେଷ ଆପଣମାନେ ସମସ୍ତେ ଦେଖିବା ହୋଇଥିବେ କେଶରୀ ବଂଶୀୟ ନରପତି ଲଲାଟେନ୍ଦୁ କେଶରୀଙ୍କ କୀର୍ତ୍ତି ସେଠାରେ ଦେଦୀପ୍ୟମାନ ହୋଇ ରହିଅଛି । ମହାଦେବଙ୍କ ଉଦ୍ଦେଶ୍ୟରେ ସେଠାରେ କେତେ କେତେ ଦେବାଳୟ ନିର୍ମିତ ହୋଇ ନ ଥିଲା ? ସେମାନଙ୍କର ଗଠନ ସୌଷ୍ଠବ ଓ ଶିଳ୍ପମାନ ଦେଖି କାହାର ହୃଦୟ ବିସ୍ମୟାଭିଭୂତ ନ ହେବ ? ସେହି କୀର୍ତ୍ତି ସବୁ ଦେଖିଲେ ପ୍ରାଚୀନକାଳରେ ଉତ୍କଳଦେଶ କେତେ ସମୃଦ୍ଧିଶାଳୀ ହୋଇଥିଲା ତାହା କେତେକ ପରିମାଣରେ ଉପଲବ୍ଧି ହୁଏ । ଖଣ୍ଡଗିରିର ପର୍ବତ ଦେହରେ ଯେଉଁସବୁ ଗୁମ୍ଫା ତୋଳା ହୋଇଅଛି ଓ ଯହିଁରେ ପୂର୍ବକାଳରେ ବୌଦ୍ଧ ଯୋଗିମାନେ ବାସକରି ଯୋଗାଭ୍ୟାସ କରୁଥିଲେ ତାହା ଆପଣମାନେ ଦେଖିବା ହୋଇଥିବେ, ତତ୍ପରେ କୋଣାର୍କର ଭଗ୍ନ ମନ୍ଦିରର ପ୍ରସ୍ତରଖଣ୍ଡ ଦେଖିବା ହୋଇଥିବେ, ତାହା ଦେଖି ମନରେ ବିସ୍ମୟ ଜାତ ହୁଏ ଓ ପ୍ରଶ୍ନ ଉପସ୍ଥିତ ହୁଏ ଯେ ଏହା ଦେବନିର୍ମିତ ଅଥବା ମନୁଷ୍ୟନିର୍ମିତ । ଆପଣମାନେ ଶ୍ରୀକ୍ଷେତ୍ର ଓ ତନ୍ମଧ୍ୟସ୍ଥ ଶ୍ରୀଜଗନ୍ନାଥଙ୍କର ଓ ଅନ୍ୟାନ୍ୟ ଦେବାୟତନମାନଙ୍କୁ ଦେଖିଥିବା ହୋଇଥିବେ । ଯେଉଁଠାରେ ମନୁଷ୍ୟ ସମାଜରେ ପରସ୍ପର ବନ୍ଧୁତା ଓ ଅଭେଦ ଭାବର ପ୍ରକୃଷ୍ଟ ଭାବରେ ଶ୍ରୀ ମହାପ୍ରସାଦଦ୍ୱାରା ପ୍ରଚାରିତ ହୋଇଅଛି । ଭାରତବର୍ଷର ନାନାସ୍ଥାନରୁ ସହସ୍ର ସହସ୍ର ଲୋକେ ସେବାର୍ଥ ସବୁ କରି ଓ ପଥରେ ଅସହ୍ୟ ଯାତନା ଭୋଗକରି ସେଠାରେ ଦେବଦର୍ଶନାର୍ଥ ଏକତ୍ରିତ ହୁଅନ୍ତି ।

ଅମ୍ଭମାନଙ୍କ ପୂର୍ବପୁରୁଷଙ୍କର ତାଦୃଶ ସଭ୍ୟତାର କଥା ମନରେ କରି ଅମ୍ଭମାନଙ୍କ ମନରେ ଅହଂକାର ହୁଏ ନାହିଁ କି ? ସେମାନଙ୍କର ଦେହରେ ଯେଉଁ ରକ୍ତ ସଂଚଳନ କରୁଥିଲା, ଅମ୍ଭମାନଙ୍କ ଦେହରେ ସେ ରକ୍ତ ପ୍ରବାହିତ ହେଉଅଛି ଅମ୍ଭମାନଙ୍କର ପୂଜ୍ୟ ପୂର୍ବପୁରୁଷମାନଙ୍କର ଦୃଷ୍ଟାନ୍ତ ଅନୁସାରେ ଅମ୍ଭେମାନେ ଯେବେ କାର୍ଯ୍ୟକରିବା, ସମସ୍ତେ ମିଶି ଏକତ୍ର ହୋଇ ଉଦ୍ୟମ କରିବା ତେବେ ସେମାନେ ଯେପରି ଉନ୍ନତ ହୋଇଥିଲେ ଅମ୍ଭେମାନେ କି ସେହିପରି ଅଥବା ଅଧିକ ଉନ୍ନତ ନ ହେବା ? ଦେଖିବା ହେଉନ୍ତୁ ବର୍ତ୍ତମାନ କାଳ ଉନ୍ନତିର ସମ୍ପୂର୍ଣ୍ଣ ଅନୁକୂଳ ହୋଇଅଛି । ଲୌହପଥ ସର୍ବତ୍ର ଖୋଲା ହୋଇଅଛି ଓ ଅନେକ ନୂତନ ନୂତନ ରେଲମାନ ବସୁଅଛି । ତାରମାନ ବିଜୁଳି ବେଗରେ ବାର୍ତ୍ତା ବହନ କରୁଅଛି, ପୃଥିବୀର ସର୍ବଦେଶର ଲୋକେ ଏକତ୍ର ହୋଇ ବ୍ୟବସାୟ ବାଣିଜ୍ୟ କରୁଅଛନ୍ତି, ଏ ସମୟରେ ଯେବେ ଅମ୍ଭେମାନେ ଉଦାସୀନ ହୋଇ ରହିବା ତେବେ ଆଉ କାର୍ଯ୍ୟ କରିବା କେବେ ?

ଶିକ୍ଷା ସମ୍ବନ୍ଧରେ ବର୍ତ୍ତମାନ କିଛି କହିବ ଶିକ୍ଷାଦ୍ୱାରା ଅମ୍ଭେମାନେ କଣ ବୁଝୁଅଛୁଁ ? ଅନେକ ଲୋକେ ଅନେକ ପ୍ରକାର ଏହି ପ୍ରଶ୍ନର ଉତ୍ତର ଦେଇପାରନ୍ତି, କେହି କହିବେ ଯେ ଅମ୍ଭର ଯୁବକମାନଙ୍କୁ ସାହିତ୍ୟ ଗଣିତ ଓ ଅପରାପର ବିଷୟମାନ ଶିକ୍ଷାଦେବା ଯେପରି କି ସେମାନେ ବଢ଼ିଲେ ସେମାନଙ୍କର ପ୍ରୟୋଜନକୁ ଆସିବ । ଆଉ କେହି କହିପାରନ୍ତି ଯେ ସେମାନଙ୍କୁ ଏପରି ପଢ଼ାଇବ ଯହିଁରେ ସେମାନେ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଗଭର୍ଣ୍ଣମେଣ୍ଟ ଅଧୀନରେ ଅଥବା ଅନ୍ୟତ୍ର ବଡ଼ ବଡ଼ ଚାକିରି କରି ପାରିବେ ।

Digitized by srujanika@gmail.com

Split by PDF Splitter



ଏଥିରୁ ଉତ୍ତମ ଜନ୍ତୁ ଶିକ୍ଷାର ପ୍ରଶସ୍ତ ଫଳ ଅଙ୍କୁର ଅଛି । ପିତା ମାତାଙ୍କ ପ୍ରତି, ପୁତ୍ର କନ୍ୟାଙ୍କ ପ୍ରତି, ସ୍ତ୍ରୀ ପ୍ରତି, ପ୍ରତିବାସୀଙ୍କ ପ୍ରତି ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ପ୍ରତି, ସମାଜ ପ୍ରତି ତାହାଙ୍କର ଯାହା କର୍ତ୍ତବ୍ୟ ତାହା ତାଙ୍କୁ ଜାଣିବାକୁ ହେବ । ଶିକ୍ଷାଦ୍ୱାରା ମନୁଷ୍ୟର ଗୁଣମାନେ ବିକଶିତ ହୁଅନ୍ତି । ଶିକ୍ଷା ଅନ୍ତର ବୃତ୍ତିକୁ ଉତ୍ତେଜିତ କରେ, ତତ୍ପରେ ସବୁ ବିଷୟରେ ଅନୁସନ୍ଧାନ କରିବାର ଇଚ୍ଛାକୁ ଜାତ କରେ, ଆଚରଣକୁ ଗଠନ କରେ, ମନୁଷ୍ୟପଣ ଯାହାକୁ କହନ୍ତି ତାହା କରାଏ । କି ବଡ଼ କି ସାନ ସମସ୍ତେ ଶିକ୍ଷାଦ୍ୱାରା ଉପକୃତ ହୁଅନ୍ତି । ଅଧିକ କହିବା ନିଷ୍ପ୍ରୟୋଜନ କେବଳ ଏହିମାତ୍ର କହୁଅଛି ଯେ ଶିକ୍ଷା ଆପଣାର ଜାତୀୟ ଏକତାକୁ ସ୍ଥାପନ କରେ ଓ ଉନ୍ନତିର ଇଚ୍ଛା ଜାତ କରେ, ସମାଜସ୍ଥିତ ଲୋକଙ୍କଠାରେ ସହାନୁଭୂତି ଜାତ କରାଏ । ସାଧାରଣର ଉପକାର କାର୍ଯ୍ୟରେ ପ୍ରବୃତ୍ତି ଜନ୍ମାଏ । ଆମ୍ଭେମାନେ ଯେଉଁ ଇଂରାଜୀ ଶିକ୍ଷା ଲାଭ କରିଅଛୁଁ ତଦ୍ୱାରା ଉକ୍ତ ପ୍ରକାର ଫଳ ହେଉଅଛି । ଅତଏବ ଯେଉଁ ଯୁବକମାନେ ଉଚ୍ଚଶିକ୍ଷା କରୁଅଛନ୍ତି ଅଥବା କରିବାର ଅଭିଳାଷୀ ଅଛନ୍ତି ସେମାନଙ୍କୁ ଯଥାଯୋଗ୍ୟ ସାହାଯ୍ୟ ଦେବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

ବର୍ତ୍ତମାନ ଶିକ୍ଷା ପ୍ରଣାଳୀରେ କେତେକ ଦୋଷ ଥିଲେହେଁ ସେ ଶିକ୍ଷା ଆମ୍ଭମାନଙ୍କ ସମାଜରେ ଅନେକ ପରିବର୍ତ୍ତନ ଘଟାଇଅଛି ଓ ଅନେକ ନୂତନ ପ୍ରକାର କର୍ତ୍ତବ୍ୟକର୍ମ ଅଛି ବୋଲି ଆମ୍ଭମାନଙ୍କର ଚକ୍ଷୁ ଉନ୍ମୀଳନ କରିଅଛି । ଇଂରାଜୀ ଶିକ୍ଷାଦ୍ୱାରା ଆମ୍ଭମାନଙ୍କ ମଧ୍ୟରେ ପାଶ୍ଚାତ୍ୟ ସଭ୍ୟତା ଓ ବିଦ୍ୟା ପ୍ରବେଶ କରିଅଛି ଏମନ୍ତ କି ଭାଷା ପୋଷାକ ଓ ଆସ୍ଥିର ବ୍ୟବହାର ସୁଦ୍ଧା କେତେକ ପରିମାଣରେ ପରିବର୍ତ୍ତିତ ହୋଇଅଛି । ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ଆମ୍ଭମାନଙ୍କର ଏହି ଭାରତ ଭୂମିରେ କେତେ କେତେ ରାଜନୀତିଜ୍ଞ ସୁବକ୍ତା, ଗ୍ରନ୍ଥକର୍ତ୍ତା, ଧର୍ମ ଏବଂ ସମାଜ ସଂସ୍କାରକ ଜାତ ହୋଇଅଛନ୍ତି ? ତାହାଙ୍କର ଗୁଣ ଓ ପ୍ରତିଭା ଦେଖି ଆମ୍ଭମାନଙ୍କ ହୃଦୟରେ ଅହଂକାର ଜାତ ହେଉଅଛି ଯେ ଆମ୍ଭ ଦେଶରେ ଏପରି କ୍ଷମତାଶାଳୀ ଲୋକେ ଜନ୍ମଗ୍ରହଣ କଲେ, ମୋର ଦେଶ ତନ୍ନିମିତ୍ତ ଧନ୍ୟ ! ଇଂରାଜୀ ଶିକ୍ଷା ଗୁଣରୁ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଓ ଅନ୍ୟାନ୍ୟ କେତେ୨ ବଡ଼ ଓ ମହାନ୍ ବ୍ୟକ୍ତିମାନେ କର୍ମ କରୁଅଛନ୍ତି । ଅଳ୍ପଦିନ ହେଲା ଭାରତବର୍ଷରୁ ତିନିଜଣ ଲୋକ ଜାପାନକୁ ଯାଇ ସେଠାରୁ ଶିକ୍ଷା କରି ଫେରି ଆସିଅଛନ୍ତି । ରାଜନୀତି, କି ସମାଜର ଉନ୍ନତି, କି ଧର୍ମନୀତି ଯାହା ଆଜି କାଲି ଉନ୍ନତ ହେଉଅଛି ସେ ସବୁ ଇଂରାଜୀ ଶିକ୍ଷା ପ୍ରଭାବରୁ ହେଉଅଛି । ଏହି ସଭା ଯେ ଅଦ୍ୟ ସ୍ଥାପନ ହୋଇଅଛି ଓ ଯହିଁରେ ଆମ୍ଭେମାନେ ଇଷ୍ଟସିଦ୍ଧି ନିମିତ୍ତ ସମବେତ ହୋଇଅଛୁଁ ସେ ମଧ୍ୟ ଇଂରାଜୀ ଶିକ୍ଷା ପ୍ରଭାବରୁ ହୋଇଅଛି ଓ ତାହାର ସ୍ଥାୟିତ୍ୱ ମଧ୍ୟ ସେହି ଶିକ୍ଷା ପ୍ରତି ନିର୍ଭର କରେ । କେହି କହିବେ ଯେ ଗବର୍ଣ୍ଣମେଣ୍ଟ ସ୍କୁଲ କଲେଜ ସ୍ଥାପନ କରିଅଛନ୍ତି ସେଠାରେ ଆମ୍ଭର ଯୁବକମାନେ ଅଧ୍ୟୟନ କରୁଅଛନ୍ତି ଆଉ ଅମ୍ଭେ ଅଧିକ କି କରିବା ? ଏହାର ଉତ୍ତରରେ ମୁଁ କହୁଅଛି ଯେ ଆମ୍ଭେମାନେ ନିଜେ୨ ଯେବେ ତହିଁରେ ଯୋଗ ଦେବା ତେବେ ଗବର୍ଣ୍ଣମେଣ୍ଟଙ୍କର ଉଦ୍ୟମମାନ ବିଶେଷ ସଫଳ ହେବ । ଗବର୍ଣ୍ଣମେଣ୍ଟ ବହୁ ସଂଖ୍ୟକ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି ସତ୍ୟ, କିନ୍ତୁ ଆହୁରି ଅନେକ ସ୍ଥାପିତ ହେବାର ଆବଶ୍ୟକତା ନାହିଁ କି ? ଆମ୍ଭ ଦେଶର ଧନୀ ଓ ବୁଦ୍ଧିମାନ୍ ଲୋକେ ଏକତ୍ର ହେଲେ ଆମ୍ଭ ଦେଶର ଦରିଦ୍ର ଲୋକେ ସୁଦ୍ଧା ଶିକ୍ଷିତ ହୋଇ ପାରିବେ ଓ ଗ୍ରାମ୍ୟ ପାଠଶାଳାମାନ ଅଧିକ ଉନ୍ନତ ହୋଇ ପାରିବ ।

ସ୍ତ୍ରୀଶିକ୍ଷା ଆଉ ଗୋଟିଏ ବକ୍ତବ୍ୟ ବିଷୟ । ଯଦି ଆମ୍ଭମାନଙ୍କର ଜନନୀମାନେ, ସ୍ତ୍ରୀମାନେ, ଦୁହିତାମାନେ ସୁଶିକ୍ଷିତା ହୁଅନ୍ତି ତେବେ ଆମ୍ଭମାନଙ୍କର ସାଂସାରିକ କାର୍ଯ୍ୟ ବହୁ ପରିମାଣରେ ଲଘୁ ହୋଇପାରିବ । ଜନନୀର ଶିକ୍ଷାଦ୍ୱାରା ସନ୍ତାନର ବହୁ ଉପକାର ହୁଏ, ସହଜରେ ସେ ଅନେକ ବିଷୟ ଶିକ୍ଷା କରି ପାରେ ଓ ତାହାର କୋମଳ ହୃଦୟରେ ସେ ଯେଉଁ ଉପଦେଶ ପାଏ ତାହା ଦୃଢ଼ରୂପେ ମନ ମଧ୍ୟରେ ଅଙ୍କିତ ହୋଇ ରହେ । ବର୍ତ୍ତମାନ ପୁରୁଷରେ ସୁଶିକ୍ଷିତା ଜନନୀମାନେ ଯେବେ ନିଜ୨ ସନ୍ତାନମାନଙ୍କ ବିଧିପୂର୍ବକ ଶିକ୍ଷା ପ୍ରଦାନ କରନ୍ତି ତେବେ ଭବିଷ୍ୟତ ପୁରୁଷରେ ତାହାର ଫଳ ଫଳିବ । ଆମ୍ଭମାନଙ୍କ ଦେଶରେ ଶିକ୍ଷାର ପ୍ରଚାର ନିମିତ୍ତ ଯଦି ନିୟମାବଳୀ ନିର୍ମାଣ ହୁଏ ତେବେ ତନ୍ମଧ୍ୟରେ ସ୍ତ୍ରୀଶିକ୍ଷା ଅତି ଉଚ୍ଚସ୍ଥାନ ଅଧିକାର କରିବ । ଉତ୍କଳ ଦେଶରେ ସ୍ତ୍ରୀଶିକ୍ଷା ଅଗ୍ରସର ହୋଇ ନାହିଁ । ଅତଏବ ଯହିଁରେ ତାହାର ଉନ୍ନତି ହୁଏ ତାହା ଆମ୍ଭେମାନେ ସମସ୍ତେ ଏକତ୍ର ହୋଇ ସମ୍ପନ୍ନ କରିବା ନାହିଁ କି ?

ପରନ୍ତୁ ବର୍ତ୍ତମାନ ପ୍ରତିଯୋଗିତାର ସମୟ, ଯେ ପାରିଲା, ଯାହାର ଗୁଣ ଅଧିକ ସେ ବଡ଼ ହେଲା, ଏଣୁ କରି ବିଦ୍ୟାର୍ଥୀମାନଙ୍କୁ ଦେଶାନ୍ତରକୁ ପ୍ରେରଣ କରିବା କର୍ତ୍ତବ୍ୟ ସେମାନେ ବିଦେଶକୁ ଯାଇ ଯେଉଁଠାରେ ଶିଳ୍ପ ଓ ଶ୍ରମଜୀବିକା ବିଶେଷରୂପେ ଉନ୍ନତ ହୁଏ ସେଠାରୁ ଶିକ୍ଷାଲାଭ କରି ଆମ୍ଭ ଦେଶକୁ ପ୍ରତ୍ୟାଗମନ କରିବେ । ଭାରତବର୍ଷର ଅପର ପ୍ରଦେଶରୁ ଅନେକ ଯୁବକମାନେ ଦେଶାନ୍ତର ଗମନ କରି ସେଠାରେ ଯୋଗ୍ୟତାଲାଭ କରୁଅଛନ୍ତି ଓ ଅନେକ ଯୋଗ୍ୟତା ଲାଭ କରି ଏଠାକୁ ପ୍ରତ୍ୟାଗମନ କରିଅଛନ୍ତି । କିନ୍ତୁ ଉତ୍କଳ ପ୍ରଦେଶରୁ ତଦ୍ରୂପ ଯାଇଥିବାର କି ଯାଉଥିବାର ଜଣା ଯାଉ ନାହିଁ । ଅତଏବ ଆମ୍ଭମାନଙ୍କର ଏ ଦେଶରୁ ବିଦ୍ୟାର୍ଥୀ ପ୍ରେରଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେଁକି ?

ରାଜା ଓ ଜମିଦାରମାନଙ୍କର ଶିକ୍ଷା ଭାରତବର୍ଷରେ ଆଉ ଗୋଟିଏ ଗୁରୁତର ବିଷୟ । ସ୍ୱଭାବତଃ ସେମାନେ ସମାଜର ନେତା ଅଟନ୍ତି, ସେମାନଙ୍କ ସ୍କନ୍ଧରେ ବିଶେଷ ଦାୟିତ୍ୱ ଅଛି, ଅତଏବ ସେମାନଙ୍କୁ ଏପରି ଶିକ୍ଷା ଦେବା ବିଧେୟ କି ଯହିଁରେ ସେମାନେ ନିଜ ନିଜ ରାଜ୍ୟର ଓ ନିଜ ନିଜ ପ୍ରଜାବର୍ଗର ମଙ୍ଗଳ ସାଧନ କରି ପାରିବେ ଓ ଆପଣା ଉପରେ ଯେଉଁ ସବୁ ବିଷୟର ଦାୟିତ୍ୱ ଅଛି ତାହା ଉତ୍ତମରୂପେ ସମାଧାନ କରିପାରିବେ । ଏହି ବିଷୟରେ ମୋର ନିଜର କେତେକ ଅନୁଭବ ଅଛି । ମୋ ଅଭିମତ ଏହି ଯେ ଭାରତବର୍ଷର ଅନ୍ୟ ସ୍ଥାନମାନଙ୍କରେ ଯେପରି ଅଛି ସେହିପରି ଉତ୍କଳଦେଶରେ ରାଜା ଓ ଜମିଦାରଙ୍କ ସନ୍ତାନମାନେ ସୁଶିକ୍ଷିତ ହେବା ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ଶିକ୍ଷାଗାର ସ୍ଥାପିତ ହେବା ଉଚିତ । କେହି କେହି ଏପରି କହନ୍ତି ଯେ ରାଜକୁମାର ଓ ଜମିଦାରମାନଙ୍କ ସନ୍ତାନଙ୍କ ନିମନ୍ତେ ସ୍ୱତନ୍ତ୍ର ଶିକ୍ଷାଗାର ହେଲେ ସେମାନଙ୍କର ସାଧାରଣ ପିଲାଙ୍କ ସହିତ ସମ୍ବନ୍ଧ ରହିବ ନାହିଁ ଓ ସେମାନେ ନିଜ ନିଜ ବଡ଼ପଣ ନିମିତ୍ତ ଅହଂକାରୀ ହେବେ, ଓ ଦରିଦ୍ରମାନଙ୍କର ଅବସ୍ଥା ଅବଗତ ହୋଇ ପାରିବେ ନାହିଁ । ମୋ ମତରେ ଶିକ୍ଷକମାନେ ସତର୍କ ହେଲେ ସେପରି ଦୋଷ ଘଟିବାର ସମ୍ଭାବନା ନାହିଁ । ଯେଉଁ ସବୁ ସ୍କୁଲ ଓ କଲେଜ ଆମ୍ଭମାନଙ୍କ ଦେଶରେ ସ୍ଥାପିତ ହୋଇଅଛି ସେ ସର୍ବସାଧାରଣଙ୍କ ସନ୍ତାନମାନଙ୍କ ନିମନ୍ତେ ସେମାନେ ସାଧାରଣରୂପେ ସେଠାରେ ଶିକ୍ଷା ଲାଭ କରିପାରିବେ । କୌଣସି ବିଶେଷ ଶ୍ରେଣୀର ଲୋକଙ୍କୁ ବିଶେଷ ଶିକ୍ଷାଦେବା ନିମନ୍ତେ ସେମାନ ସ୍ଥାପିତ ହୋଇ ନାହିଁ । ଅତଏବ ମୁଁ ବୋଲୁଅଛି ରାଜା ଓ ଜମିଦାରମାନଙ୍କର ସନ୍ତାନମାନେ ଯାହାଙ୍କର କେତେକ ବିଷୟରେ ବିଶେଷ ଯୋଗ୍ୟତାର ଆବଶ୍ୟକ ସେମାନେ କିପରି ସାଧାରଣଜନଙ୍କ ନିମିତ୍ତ ସ୍ଥାପିତ ବିଦ୍ୟାଳୟରେ ଅଧ୍ୟୟନ କରି କୃତକାର୍ଯ୍ୟ ହେବେ ? କିଛି ନ ପଢିବା ଅପେକ୍ଷା ସାଧାରଣ ବିଦ୍ୟାଳୟରେ ପଢ଼ିବା ଶ୍ରେୟସ୍କର । କିନ୍ତୁ ଯେଉଁ ରାଜା ଓ ଜମିଦାରଙ୍କ ସନ୍ତାନମାନେ

Digitized by srujanika@gmail.com

Split by PDF Splitter



ସେମାନଙ୍କ ପ୍ରୟୋଜନାନୁରୂପ ବିଶେଷ ବିଦ୍ୟାଳୟରେ ଅଧ୍ୟୟନ କରିଥିବେ ସେମାନଙ୍କ ଅପେକ୍ଷା ସାଧାରଣ ବିଦ୍ୟାଳୟର ଛାତ୍ରମାନେ କଦାପି ଭଲ ହେବେ ନାହିଁ । ଅଧିକନ୍ତୁ, ରାଜକୁମାର ଓ ବଡ଼ ବଡ଼ ଜମିଦାରମାନଙ୍କ ସନ୍ତାନମାନେ ଏକତ୍ର ଅଧ୍ୟୟନ କଲେ ସେମାନଙ୍କ ମଧ୍ୟରେ ଅନ୍ୟୋନ୍ୟଭାବରେ ମିତ୍ରତା ସ୍ଥାପିତ ହେବ । ବଡ଼ ହେଲେ ସେମାନେ ଏକତ୍ର ହୋଇ କୌଣସି ଦେଶର ଉପକାରୀ ବୃହତ କାର୍ଯ୍ୟର ଅନୁଷ୍ଠାନ କରି ପାରିବେ, ଅନୁଭବ ମନେକରିବା ହେଉନ୍ତୁ ଯେ ବାଲ୍ୟକାଳରୁ ସେମାନେ ଯେବେ ଏକତ୍ର ବଢ଼ିବେ ଓ ପଢ଼ିବେ ତେବେ ସେମାନଙ୍କ ମଧ୍ୟରେ ସଦ୍ଭାବ ଓ ଏକତା ହେବାର ଖୁବ ସମ୍ଭବ । ସେପରି ସଦ୍ଭାବ ଓ ଏକତା ଅନ୍ୟ କୌଣସି ପ୍ରକାରେ ଘଟିବାର ଜଣା ପଡ଼ୁ ନାହିଁ । ମୁଁ ଆଶାକରେ ଯେ ଏହି ଉତ୍କଳଦେଶରେ ଭବିଷ୍ୟତରେ ରାଜା ଓ ଜମିଦାରମାନଙ୍କ ପୁତ୍ରଙ୍କ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପିତ ହେବ ।

ଏପର୍ଯ୍ୟନ୍ତେ ମୁଁ ବର୍ତ୍ତମାନ ଶିକ୍ଷାର ଉପକାରିତା ବିଷୟ କହୁଥିଲି, ଏବେ ସେ ଶିକ୍ଷାରେ ଯେଉଁ ଅଭାବ ଅଛି ତାହା କହିବି । ବୁଦ୍ଧିକୁ ସତେଜ ଓ ତୀକ୍ଷ୍ଣ କରିବା ଶିକ୍ଷାର ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟ । ବର୍ତ୍ତମାନ ଶିକ୍ଷା ତାହା ସମ୍ପନ୍ନ କରୁଅଛି । କିନ୍ତୁ ଧର୍ମ-ନୀତିଶିକ୍ଷା ପ୍ରଦାନରେ ବର୍ତ୍ତମାନର ଶିକ୍ଷା ସମ୍ପୂର୍ଣ୍ଣ ସମର୍ଥ ନୁହେଁ । ଆମ୍ଭମାନଙ୍କର ଛାତ୍ରମାନେ ବର୍ତ୍ତମାନ ଯେଉଁ ଶିକ୍ଷା ଲାଭ କରୁଅଛନ୍ତି ତାହା କେବଳ ବିଦ୍ୟାଗ୍ରନ୍ଥ ଉପାର୍ଜିତ । ସେଠାରୁ ଆସିଲେ ସେମାନଙ୍କ ପ୍ରତି କୌଣସି ଆକଟ ନ ଥାଏ ସେମାନଙ୍କ ଚରିତ୍ର ଗଠନ ସମ୍ବନ୍ଧରେ ବିଶେଷ ଯତ୍ନ ନାହିଁ । ବର୍ତ୍ତମାନ ଶିକ୍ଷା ପ୍ରଣାଳୀରେ ଏହି ପ୍ରଧାନ ଦୋଷ ।

ପୂର୍ବକାଳରେ ଭାରତ ବର୍ଷରେ ବ୍ରାହ୍ମଣର କ୍ଷତ୍ରିୟ ବୈଶ୍ୟମାନଙ୍କର ସନ୍ତାନମାନେ ଉପନୀତ ହେଲା ପରେ ଗୁରୁଙ୍କ ଗୃହକୁ ପ୍ରେରିତ ହୁଅନ୍ତି ନିଜ ଗୃହ ତ୍ୟାଗ ଛାତ୍ରମାନେ ସେଠାରେ ଅନ୍ୟୂନ ୧୨ ବର୍ଷ, କେହି କେହି ୨୪ ବର୍ଷ ଅଥବା ୩୬ ବର୍ଷ, ଲଗି ସର୍ବଦା ଗୁରୁଙ୍କର ଆଜ୍ଞାକାରୀ ହୋଇଥାନ୍ତି । ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ଗୁରୁଙ୍କ ଗୃହରେ ଥାଇ ଅରଣ୍ୟରୁ କାଷ୍ଠ ଆଣିବା ନିମନ୍ତେ ଆଉ ଗୋଟିଏ ଶିଷ୍ୟ ସଙ୍ଗେ ଗମନ କରିଥିଲେ । ବର୍ତ୍ତମାନ ଗୋଟିଏ ବଡ଼ଲୋକର ସନ୍ତାନ କାଷ୍ଠ କାଟିବା ତେଣିକି ଥାଉ ହସ୍ତରେ କୁରାଢ଼ୀ ଧରିବାକୁ ଲଜ୍ଜିତ ହେବେ । ଗୁରୁଙ୍କ ଗୃହରେ ଯେତେକାଳ ରହନ୍ତି ତାହାକୁ ବ୍ରହ୍ମଚର୍ଯ୍ୟ ସମୟ କୁହାଯାଏ । ଶିଷ୍ୟମାନେ ଏହି ସମୟରେ କଠିନ ଶାସନର ଅଧୀନ ହୋଇଥାନ୍ତି । ଏହି ସମୟରେ ଶିଷ୍ୟମାନେ କି କି କାର୍ଯ୍ୟ କରିବେ ଓ କିପ୍ରକାରେ ଜୀବନ ଯାତ୍ରା ନିର୍ବାହ କରିବେ ତାହା ସମୁଦାୟ ମନୁଙ୍କ କୃତ ଧର୍ମଶାସ୍ତ୍ରରେ ବିବୃତ ହୋଇ ଲେଖାଅଛି । ଗୁରୁ କୁଳରେ ଯେଉଁ ଶିକ୍ଷାଲାଭ କରନ୍ତି ତାହାର ପ୍ରଧାନ ଉଦ୍ଦେଶ୍ୟ ଯେ ଶିଷ୍ୟମାନେ ଆତ୍ମଜୟ କରିବେ ।

"ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଦୋଷମୃଚ୍ଛତ୍ୟସଂଶୟମ୍ । ସନ୍ନିୟମ୍ୟତୁ ତାନେବ ତତଃ ସିଦ୍ଧିଂ ନିୟଚ୍ଛତି ।" ଅର୍ଥ । ଯେଉଁ ବ୍ୟକ୍ତି ଇନ୍ଦ୍ରିୟମାନଙ୍କ ହେତୁରୁ ଅପଥରେ ଗମନ କରେ ସେ ଅବଶ୍ୟ ପାପକର୍ମ କରେ । ଇନ୍ଦ୍ରିୟମାନଙ୍କୁ ଦମନ କଲେ ଅବଶ୍ୟ ତାହାର ଇଷ୍ଟସିଦ୍ଧି ହେବ । ପ୍ରାଚୀନ ଧର୍ମଶାସ୍ତ୍ରରୁ ଆମ୍ଭେମାନେ ଦେଖୁଅଛୁଁ ଯେ ଧର୍ମ ନୀତିର ଶିକ୍ଷା ଆତ୍ମଜୟର ଅନ୍ତର୍ଭୁକ୍ତ । ମୋ ବିଚାରରେ ସେ କଥା ସତ୍ୟ । ଆତ୍ମ ଦମନ ସବୁ ଧର୍ମନୀତି ଶିକ୍ଷାର ମୂଳ ଅଟେ । ବ୍ରହ୍ମଚର୍ଯ୍ୟ ପ୍ରଥା ଯେତେକାଳ ପର୍ଯ୍ୟନ୍ତ ଭାରତବର୍ଷରେ ପ୍ରଚଳିତ ଥିଲା, ତହିଁରେ ସଭ୍ୟତା ସେତେକାଳ ପର୍ଯ୍ୟନ୍ତ ଜୀବନ୍ତ ଥିଲା, ଯେଉଁ କାଳରୁ ବ୍ରହ୍ମଚର୍ଯ୍ୟ କ୍ରମରେ ରହିତ ହେଲା ସେହି ସମୟରୁ ଭାରତୀୟମାନେ କ୍ରମଶଃ ପୈତୃକ ଗୁଣ ତ୍ୟାଗ କରି ଅପଗତି ଲଭିଲେ ।

ପ୍ରାଚୀନ ବ୍ରହ୍ମଚର୍ଯ୍ୟ ଯେପରି ଥିଲା ଅବିକଳ ସେହିପରି ବ୍ୟବହାରକୁ ପୁନରୁତ୍ଥାପନ କରିବା ବର୍ତ୍ତମାନ ସମୟରେ ଅସମ୍ଭବ କିନ୍ତୁ ଧର୍ମନୀତି-ଶିକ୍ଷା ଦେବାପାଇଁ ଆମ୍ଭେମାନେ ଯେତେପ୍ରକାର ନିୟମାବଳୀ ପ୍ରସ୍ତୁତ କରୁଁ ଫଳରେ ଓ ତାତ୍ପର୍ଯ୍ୟରେ ସେହି ବ୍ରହ୍ମଚର୍ଯ୍ୟର ବ୍ୟବହାରମାନଙ୍କୁ ଆଶ୍ରୟ କରିବାର ହେବ, ଭାରତବର୍ଷରେ ସର୍ବତ୍ର ଅଧୁନା ଧର୍ମନୀତିଶିକ୍ଷା ଦେବା ନିମନ୍ତେ ଉଦ୍ୟୋଗ ହୋଇଅଛନ୍ତି । ହରିଦ୍ୱାରଠାରେ ଗୋଟିଏ ଗୁରୁକୁଳ ସ୍ଥାପିତ ହୋଇଅଛି । ସେଠାରେ ଶିଷ୍ୟମାନେ ପୂର୍ବ ଆର୍ଯ୍ୟ ପ୍ରଥାଅନୁସାରେ ଶିକ୍ଷିତ ହେଉଅଛନ୍ତି । କାଶୀଠାରେ ଗୋଟିଏ ହିନ୍ଦୁ କଲେଜ ସ୍ଥାପିତ ହୋଇଅଛି; ସେଠାରେ ମିସେସ୍ ବସନ୍ତଙ୍କ ଯତ୍ନରେ ହିନ୍ଦୁପ୍ରଥା ଅନୁସାରେ ଧର୍ମ ଓ ନୀତିଶିକ୍ଷା ପ୍ରଦତ୍ତ ହେଉଅଛି । ରବୀନ୍ଦ୍ରନାଥ ଠାକୁରଙ୍କ ଯତ୍ନରେ ବଙ୍ଗ ପ୍ରଦେଶରେ ବୋଲପୁରଠାରେ ଗୋଟିଏ ବ୍ରହ୍ମଚର୍ଯ୍ୟାଶ୍ରମ ସ୍ଥାପିତ ହୋଇଅଛି । ଧର୍ମନୀତି ଓ ଧର୍ମଶିକ୍ଷା ଦେବାନିମନ୍ତେ ଉକ୍ତ ଆଶ୍ରମମାନ ସ୍ଥାପିତ ହୋଇଅଛି ଯେ ସେଠାରେ ଉଦ୍ଦେଶ୍ୟ ସଫଳ ହେଲେ ଆମ୍ଭେମାନେ ଆଉ ସେହିପରି ଆଶ୍ରମମାନ ଅନ୍ୟତ୍ର ସ୍ଥାପନ କରିପାରିବା ଅତଏବ ଆମ୍ଭମାନଙ୍କର କର୍ତ୍ତବ୍ୟ ଯେ ସେହି ବିଦ୍ୟାଳୟମାନଙ୍କୁ ଉତ୍ସାହିତ କରିବା । ଆମ୍ଭେମାନେ ଆଶାକରୁଁ ଯେ ସେହି ବିଦ୍ୟାଳୟମାନ କୃତକାର୍ଯ୍ୟ ହେଲେ ଆମ୍ଭର ଏହି ଉତ୍କଳ ଦେଶରେ କୌଣସି ସ୍ଥାନରେ ତଦ୍ରୂପ ଗୋଟିଏ ଶିକ୍ଷାଶ୍ରମ ସ୍ଥାପିତ ହେବ । ଏହା ପରେ ସମାଜ ସଂସ୍କାର କଥା କହିବାକୁ ଉଦ୍ୟତ ହେଲି ।

ଦେଶ ଭେଦରେ ଆଚାର ଓ ବ୍ୟବହାରର ମଧ୍ୟ ଅନେକ ଭେଦ ହୁଏ । ଏକ ଦେଶରେ ଯେତେ ଲୋକ ବାସ କରନ୍ତି ସେମାନଙ୍କର ପ୍ରାଚୀନ ଇତିହାସ ପାଠ କଲେ ଜଣାଯାଏ ଯେ କାଳକ୍ରମରେ ଭାଷା ପରିଚ୍ଛଦ ଓ ଧର୍ମସମ୍ବନ୍ଧୀୟ ମତାମତ ପରିବର୍ତ୍ତିତ ହୁଏ । ବାସ୍ତବରେ ଜଗତକୁ ଆମ୍ଭେମାନେ ଜାଣୁଅଛୁଁ ଏହି ସଂସାରରେ କୌଣସି ଦ୍ରବ୍ୟ ଏକସ୍ଥାନରେ ହୋଇ ରହେ ନାହିଁ । ଅବଶ୍ୟ ତାହାର ପରିବର୍ତ୍ତନ ହୁଏ । ଜଗତରେ ଯେପରି ପରିବର୍ତ୍ତନ ହୁଏ, ସମାଜର ନିୟମମାନଙ୍କର ମଧ୍ୟ ସେହିପରି ପରିବର୍ତ୍ତନ ହୁଏ । ଅତି ପ୍ରାଚୀନକାଳରୁ ଅଦ୍ୟାବଧି ଭାରତବର୍ଷରେ ସାମାଜିକ ପରିବର୍ତ୍ତନ ଅନେକ ହୋଇଅଛି ତନ୍ମଧ୍ୟରୁ ମୁଁ କେତେ ଗୁଡ଼ିଏ ଏଠାରେ ଉଲ୍ଲେଖ କରିବି । ଅନେକ ପଣ୍ଡିତମାନଙ୍କ ଗବେଷଣାଦ୍ୱାରା ଏହା ସ୍ଥିର ହୋଇଅଛି ଯେ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଉତ୍ତରଦିଗରୁ ଆସି ଏହି ଦେଶର ଆଦିମ ନିବାସୀଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କରିଦେଇ ଏଠାରେ ବାସ କଲେ । ଆର୍ଯ୍ୟମାନେ ଏହି ଦେଶବାସୀଙ୍କୁ ଦସ୍ୟୁ ବୋଲି ବୋଲୁଥିଲେ । ଆଦିମ ନିବାସୀ ଦସ୍ୟୁମାନଙ୍କ ସହିତ ଆର୍ଯ୍ୟମାନଙ୍କର ନିରନ୍ତର ଯୁଦ୍ଧ ହେଉଥିଲା । କିନ୍ତୁ ଦସ୍ୟୁମାନେ ଆର୍ଯ୍ୟମାନଙ୍କ ସହିତ ଯୁଦ୍ଧରେ ସମକକ୍ଷ ହୋଇ ରହିପାରୁ ନ ଥିଲେ । ଏହି ପ୍ରକାରେ ଆର୍ଯ୍ୟମାନେ ଜୟଲାଭ କଲେ ଓ ଦସ୍ୟୁମାନେ ପରାସ୍ତ ହୋଇ ଆର୍ଯ୍ୟମାନଙ୍କ ଅଧୀନରେ ରହିଲେ । କେହି୨ କହନ୍ତି ଯେ ସେହି ଦସ୍ୟୁମାନେ ବର୍ତ୍ତମାନ କାଳରେ ଶୂଦ୍ର ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଅଛନ୍ତି ।

ବେଦରେ ଯେଉଁ ସଂସ୍କୃତ ଭାଷା ଅଛି ସେହି ପରି ଭାଷାକୁ ତତ୍କାଳର ଆର୍ଯ୍ୟମାନେ କଥୋପକଥନ କରୁଥିଲେ । ସମାଜ ଅତି ଆଦିମ ଅବସ୍ଥାରେ ଥିଲା । ଗୋଟିଏ ବଂଶ ମଧ୍ୟରେ ଯେଉଁ ଜଣେ ବିଜ୍ଞ ଓ ବୃଦ୍ଧ ଥାଇ ଅନ୍ୟମାନଙ୍କୁ ଶାସନ କରେ ସେହିପରି ଶାସନ ପ୍ରଣାଳୀ ସେ ସମୟରେ ପ୍ରଚଳିତ ଥିଲା । ବେଦଭାଷା ଯେଉଁ ସମୟରେ କଥିତ ହେଉଥିଲା । ସେ ସମୟରେ ଜାତିବିଭାଗ ଏତେ ଅଧିକ ପ୍ରକାର ନ ଥିଲା ଓ ଯାହା ଥିଲା ତାହା ପ୍ରଥମ ଆରମ୍ଭ ଅବସ୍ଥାରେ ଥିଲା ।

ତତ୍ପରେ ଆମ୍ଭେମାନେ ଦେଖୁ ଯେ ଅତି ଅବସ୍ଥା ପରେ ଅତି ଉଚ୍ଚ ସଭ୍ୟତା ଲାଭ କରିଥିଲେ

Digitized by srujanika@gmail.com

Split by PDF Splitter



ବଡ଼୨ ନଗରମାନେ ନିର୍ମିତ ହେଲେ । ଭାରତବର୍ଷର ଦକ୍ଷିଣଭାଗ ଅର୍ଥାତ୍ ଦାକ୍ଷିଣାତ୍ୟ ଆର୍ଯ୍ୟଙ୍କର ବଶୀଭୂତ ହେଲା । ଶିଳ୍ପ ଓ ଶ୍ରମଜୀବିକାର ଯଥେଷ୍ଟ ଉନ୍ନତି ସାଧିତ ହେଲା । ବୈଦିକ ସ୍ତୁତି ଯାଗ ତାହା ସ୍ଥାନରେ ଗୋଟିଏ ସୁନ୍ଦର ଓ ବିଶୁଦ୍ଧ ସଂସ୍କୃତଭାଷା ଜାତ ହେଲା । ଯହିଁରେ ଅନେକାନେକ ନୂତନ ଶବ୍ଦ ସଂଯୁକ୍ତ ହେଲା ଓ ଏହିରେ ଧର୍ମଶାସ୍ତ୍ର ଅର୍ଥାତ୍ ଆଇନମାନେ ଲିଖିତ ହେଲେ । ଦର୍ଶନଶାସ୍ତ୍ରର ବିଶେଷ ଚର୍ଚ୍ଚା ହେଲା ଓ ତାହାର ଅସାଧାରଣ ଉନ୍ନତି ହେଲା । ଜ୍ୟୋତିଷ ଓ ବୈଦ୍ୟ ଶାସ୍ତ୍ରମାନଙ୍କର ଯଥେଷ୍ଟୋନ୍ନତି ସାଧିତ ହେଲା । ସଂକ୍ଷେପରେ କହିବାକୁ ଗଲେ ସର୍ବାଙ୍ଗୀଣ ସଭ୍ୟତା ସର୍ବୋଚ୍ଚସ୍ଥାନ ପ୍ରାପ୍ତ ହେଲା । ରାଜନୀତିରେ, ସମାଜରେ, ସାହିତ୍ୟରେ, ଶ୍ରମଜୀବିକାରେ ଓ ଧର୍ମରେ ଯେଉଁ ସବୁ ପରିବର୍ତ୍ତନ ହେଲା ସେ ଏକଦିନକେ ହୋଇ ନ ଥିଲା କିନ୍ତୁ ସହସ୍ର୨ ବର୍ଷରେ ସେହି ଉନ୍ନତି ଓ ପରିବର୍ତ୍ତନ ସଂଘଟିତ ହେଲା । ଏହି ସମୟରେ ଭଗବାନ୍ ବୁଦ୍ଧଦେବଙ୍କର ଜନ୍ମ ଓ ଆପଣମାନେ ଜାଣିବ ହୋଇଥିବେ ଯେ ବୌଦ୍ଧଧର୍ମ କିପରି ଭାରତବର୍ଷରେ ପ୍ରଚାରିତ ହେଲା । ବୈଦିକଧର୍ମ ଯାହା ସର୍ବସାଧାରଣରେ ପ୍ରଚଳିତ ଥିଲା ତାହା ସ୍ଥାନରେ ବୌଦ୍ଧଧର୍ମ ପ୍ରଚଳିତ ହେଲା । ଏହି ଧର୍ମ ଜାତ ହୋଇ ୧୬।୧୭ ଶତ ବର୍ଷପରେ ଭାରତବର୍ଷରୁ ଲୁପ୍ତ ହେଲା । ବୁଦ୍ଧଦେବଙ୍କର ଉଦ୍ଦେଶ୍ୟ ନ ଥିଲା ଯେ ସେ ଗୋଟିଏ ନୂତନଧର୍ମ ସ୍ଥାପନ କରିବେ, କିନ୍ତୁ ଯେଉଁ ଧର୍ମ ପ୍ରଚଳିତ ଥିଲା ତାହାର ସଂସ୍କାର ସାଧନ କରିବେ । ଭାରତୀୟ ସମାଜରେ ତାହାଙ୍କ ପ୍ରବର୍ତ୍ତିତ ଧର୍ମ ପ୍ରଭାବରୁ ଅନେକ ପରିବର୍ତ୍ତନ ଘଟିଥିଲା । ଅନେକ ଶାସ୍ତ୍ରଜ୍ଞ ପଣ୍ଡିତମାନେ କହନ୍ତି ଯେ ବୌଦ୍ଧଧର୍ମ ଅନ୍ତରିତ ହେଲେହେଁ ବର୍ତ୍ତମାନ କାଳର ହିନ୍ଦୁଧର୍ମରେ ସମାଜ ମଧ୍ୟରେ ଓ ସାହିତ୍ୟରେ ବୌଦ୍ଧଧର୍ମର ଅନେକ ଚିହ୍ନ ରହିଅଛି ଯାହାକି କେବେ ଲୋପ ହେବାର ନୁହେ ।

ଏହି ବୌଦ୍ଧଧର୍ମ ପ୍ରଚାର ସମୟରେ ସୀଥିୟ, ହୁଣ ଓ ଶକମାନଙ୍କର ଦଳ ଭାରତବର୍ଷରେ ପ୍ରବେଶ କରି ରାଜ୍ୟମାନ ସ୍ଥାପନ କଲେ । ସେମାନେ ବର୍ତ୍ତମାନ କେଉଁଠାରେ ଅଛନ୍ତି ? ଏ ପ୍ରଶ୍ନର ଉତ୍ତରରେ ଇତିହାସ କର୍ତ୍ତାମାନେ କହନ୍ତି ଯେ ସେମାନେ ଭାରତବାସିଙ୍କ ସହିତ ମିଶ୍ରିତ ହୋଇ ଯାଇଅଛନ୍ତି । ସେମାନଙ୍କର ବିଦେଶରୁ ଆସିଥିବାର କୌଣସି ଚିହ୍ନ ମାତ୍ର ନାହିଁ । ଏହି ଘଟଣା ବର୍ତ୍ତମାନ ଆମ୍ଭମାନଙ୍କର ସମାଜ ସହିତ ତୁଳନା କରିବାକୁ ଗଲେ ବିସ୍ମୟାବିଷ୍ଟ ହେବାକୁ ହୁଏ । ଖ୍ରୀଷ୍ଟାବ୍ଦର ପ୍ରଥମ ଶତାବ୍ଦୀଠାରୁ ୧୨।୧୩ ଶତବର୍ଷ ପର୍ଯ୍ୟନ୍ତ ଭାରତବର୍ଷର କୌଣସି ଇତିହାସ ତମୋମୟ । ଏହି ସମୟରେ ବୌଦ୍ଧଧର୍ମ କ୍ରମରେ ଲୋପ ହେଲା ଓ ତାହା ପରବର୍ତ୍ତିରେ ବର୍ତ୍ତମାନ ହିନ୍ଦୁଧର୍ମ ପୁନରୁତ୍ଥାପିତ ହେଲା । ଅନେକାନେକ ଧର୍ମ ସଂପ୍ରଦାୟ ନିଜ ମତ ବିସ୍ତାର ଅଭିପ୍ରାୟରେ ପରସ୍ପର ବିବାଦ କଲେ । ତାନ୍ତ୍ରିକମାନେ ଏହି ସମୟରେ ଦେଖା ଦେଲେ । ଏହି ସମୟର ଇତିହାସ ଓ ମନୁଷ୍ୟମାନଙ୍କର ଆଚାର ବ୍ୟବହାର ସମ୍ବନ୍ଧରେ କେତେକ ବିଷୟ ଧର୍ମଶାସ୍ତ୍ରରୁ ଓ ପୁରାଣରୁ ଓ ନାଟକାଦିରୁ ସଂଗ୍ରହ କରାଯାଇ ପାରେ । ଏହି ସବୁ ଗ୍ରନ୍ଥକୁ ପୁଂଖାନୁପୁଂଖରୂପେ ଆଲୋଚନା କଲେ ପ୍ରକାଶ ପାଇବ ଯେ ସେହି ସବୁ ଗ୍ରନ୍ଥମାନେ ଯେଉଁ ସମୟରେ ଲେଖା ହୋଇଥିଲେ ସେହି ସମୟରେ ଲୋକମାନଙ୍କର କିପରି ଆଚାର ବ୍ୟବହାର ଥିଲା । ମନୁ ଯେଉଁ ସବୁ ବ୍ୟବସ୍ଥା କରିଯାଇଥିଲେ ସେ ସବୁ ଯାଜ୍ଞବଲ୍କ୍ୟଙ୍କ ମତରୁ ପୃଥକ୍, ତତ୍ପରେ ଯାଜ୍ଞବଲ୍କ୍ୟଙ୍କ ବିଧି ସମୂହରୁ ପରାଶରଙ୍କ ବିଧିମାନେ ଅନେକ ଅଂଶରେ ଭିନ୍ନ । ପୁନଶ୍ଚ ପରାଶର ଯାହା ଲେଖିଅଛନ୍ତି ଅପର କେତେକ ଧର୍ମଶାସ୍ତ୍ର ଲେଖକଙ୍କଠାରୁ ସେ ପୃଥକ, ଉପର୍ଯ୍ୟୁକ୍ତ ଧର୍ମଶାସ୍ତ୍ର ଲେଖକମାନେ ଯେଉଁ୨ ସମୟରେ ବର୍ତ୍ତମାନ ଥିଲେ ସେମାନେ ସେହି୨ ସମୟର ଆଚାର ବ୍ୟବହାର କଥା ଲେଖି ଯାଇଅଛନ୍ତି । ଏଥିରୁ ଜଣା ଯାଉଅଛି ଯେ ସାମାଜିକ ନିୟମସବୁ ଚିରକାଳ ସମାନ ନ ଥାଏ କିନ୍ତୁ ଅବସ୍ଥାନୁସାରେ ସ୍ଥାନ ଓ ସମୟ ଭେଦରେ ପରିବର୍ତ୍ତିତ ହୁଏ । କେବଳ ଭାରତବର୍ଷରେ ଯେ ଏପରି ଘଟଣା ହୋଇଅଛି ତାହା ନୁହେ । ପୃଥିବୀର ଅପରାପର ଦେଶମାନଙ୍କରେ ମଧ୍ୟ ଏହି ନିୟମରେ ସାମାଜିକ ପରିବର୍ତ୍ତନ ହୋଇଥାଏ । ପ୍ରାଚୀନ ଶାସ୍ତ୍ରକର୍ତ୍ତାମାନେ ଉତ୍ତମରୂପେ ଅବଗତ ହୋଇଥିଲେ ଯେ ସାମାଜିକ ନିୟମମାନେ କାଳକ୍ରମେ ପରିବର୍ତ୍ତିତ ହୁଅନ୍ତି । ମନୁଷ୍ୟ ସମାଜରେ ଯେଉଁ ଯୁଗରେ ଯେପରି ବ୍ୟବହାର ଘଟିଥିଲା ତଦନୁସାରେ ସେମାନେ ସତ୍ୟ, ତ୍ରେତା, ଦ୍ୱାପର ଓ କଳିଯୁଗମାନଙ୍କଦ୍ୱାରା ସମୟକୁ ବିଭକ୍ତ କରିଥିଲେ ।

ଭାରତ ସମାଜରେ ମୁଶଲମାନମାନଙ୍କର ଶାସନର କେତେକ ଚିହ୍ନ ରହିଯାଇଅଛି । ଆର୍ଯ୍ୟାବର୍ତ୍ତରେ ଅର୍ଥାତ୍ ଭାରତବର୍ଷର ଉତ୍ତରଭାଗରେ, ଯେଉଁଠାରେ ମୁସଲମାନମାନଙ୍କର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା, ସେଠାରେ ଭାଷାରେ ପୋଷାକରେ ଓ ଆଚାରରେ ଅନେକ ଚିହ୍ନ ରହିଅଛି । କିନ୍ତୁ ଦାକ୍ଷିଣାତ୍ୟରେ ଅର୍ଥାତ୍ ଭାରତବର୍ଷର ଦକ୍ଷିଣଭାଗରେ ମୁସଲମାନମାନଙ୍କର ପ୍ରାଦୁର୍ଭାବ ସେତେ ଅଧିକ ନ ଥିବାରୁ ସେ ପ୍ରଦେଶରେ ତାହାଙ୍କର ରାଜ୍ୟ କରିଥିବାର ଚିହ୍ନ ସେତେ ଜଣା ପଡ଼େ ନାହିଁ ।

ତତ୍ପରେ ଶ୍ରୀ ଚୈତନ୍ୟ ଦେବ ରାମାନୁଜ ଓ ନାନକ ପ୍ରଭୃତି ଧର୍ମ ଓ ସମାଜ ସଂସ୍କାରକମାନେ ଆବିର୍ଭୂତ ହୋଇଥିଲେ, ଚୈତନ୍ୟମହାପ୍ରଭୁ ବଙ୍ଗ, ପୂର୍ବବଙ୍ଗ ଓ ଉତ୍କଳ ଓ ଦକ୍ଷିଣରେ ସୁଦ୍ଧା ନିଜ ଉପଦେଶର ଚିହ୍ନମାନ ରଖିଯାଇ ଅଛନ୍ତି । ଏପରେ ନାନକ ପଞ୍ଜାବରେ ଓ ରାମାନୁଜ ଦକ୍ଷିଣରେ ଆପଣା ଆପଣା ମତର ଚିହ୍ନ ରଖି ଯାଇଅଛନ୍ତି । ଆଉ ଯେଉଁ ସଂସ୍କାରକମାନେ ଜାତ ହୋଇଥିଲେ ଓ ସମାଜର ନିୟମମାନଙ୍କୁ ପରିବର୍ତ୍ତନ କରିଥିଲେ ତାହା ଏଠାରେ ଉଲ୍ଲେଖ କରିବା ଅନାବଶ୍ୟକ ।

ଏବେ ଆମ୍ଭେମାନେ ଏକଶତବର୍ଷରୁ ଅଧିକ ହେଲା ଇଂରାଜ ଜାତିଙ୍କ ସହିତ ବ୍ୟବହାର କରୁଅଛୁଁ । ଇଂରାଜୀ ଶିକ୍ଷା ଓ ସଭ୍ୟତା କେତେକ ପରିମାଣରେ ଆମ୍ଭମାନଙ୍କର ସମାଜକୁ ଅଭିଭୂତ କରିଅଛି । ପଞ୍ଚାଶବର୍ଷ ପୂର୍ବେ ଆମ୍ଭମାନଙ୍କ ସମାଜ ଯେପରି ଥିଲା ବର୍ତ୍ତମାନ୍ ସେପରି ନାହିଁ । ଯେଉଁମାନେ ଇଂରାଜୀ ଶିକ୍ଷା ଲାଭ କରିଅଛନ୍ତି ଓ ଇଂରାଜୀ ସଭ୍ୟତାରେ ଚଳ ବିଚଳ ହେଉଅଛନ୍ତି ସେମାନଙ୍କ ମଧ୍ୟରେ ସାମାଜିକ ପରିବର୍ତ୍ତନ ଯେ ପରିମାଣରେ ଦୃଶ୍ୟ ହୁଏ ଅନ୍ୟାନ୍ୟ ଲୋକଙ୍କ ମଧ୍ୟରେ ସେ ପରିମାଣରେ ଦୃଶ୍ୟ ହୁଏ ନାହିଁ । ଇଂରାଜୀ ଶିକ୍ଷା ଆହୁରି ଯେତେ ବୃଦ୍ଧି ହେଉଥିବ ସମାଜ ମଧ୍ୟରେ ପରିବର୍ତ୍ତନ ମଧ୍ୟ ସେହିପରି ବୃଦ୍ଧି ହେଉଥିବ ।

ଏବେ ପ୍ରଶ୍ନ ହେଉଅଛି ଯେ ଏପରି ପରିବର୍ତ୍ତନ ହେଉଥିବାର ଦେଖି ଆମ୍ଭମାନଙ୍କର କି କର୍ତ୍ତବ୍ୟ ।

ଯେଉଁମାନେ କହନ୍ତି ଯେ ସମାଜ ସଂସ୍କାର ଆଦୌ କରିବାର ନୁହେ ସେମାନଙ୍କ ପ୍ରତି ଆମ୍ଭେ କହୁଁ ଯେ ପରିବର୍ତ୍ତନ ଅନିବାର୍ଯ୍ୟ କେହି ତାହାକୁ ଅଟକ କରି ରଖି ପାରିବ ନାହିଁ । ଅତଏବ ଯେଉଁସବୁ ସମାଜ ନିୟମରେ ଦୋଷ ଅଛି ସେ ସବୁ ପରିବର୍ତ୍ତନ କରିବା ନିମିତ୍ତ ଆମ୍ଭମାନଙ୍କର ଯତ୍ନ କରିବା ଉଚିତ । କେତେକ ଦୋଷ ଅଛି ଯାହାର ସଂଶୋଧନ ଶୀଘ୍ର ଆବଶ୍ୟକ ସେହି ଦୋଷସବୁ ଆମ୍ଭ ସମାଜର ବିଶେଷ କ୍ଷତି କରୁଅଛନ୍ତି ଆମ୍ଭମାନଙ୍କର ଶିକ୍ଷା ସମ୍ବନ୍ଧୀୟ ଓ ଶ୍ରମଜୀବିକା ସମ୍ବନ୍ଧୀୟ ଉନ୍ନତିର ସେମାନେ ସମ୍ପୂର୍ଣ୍ଣ ବିରୋଧୀ, ଆମ୍ଭମାନଙ୍କର ଜାତୀୟ ସଦ୍ଭାବ, ଜାତୀୟ ଏକତା ଓ ଉନ୍ନତିର ବିରୋଧୀ ହୋଇଅଛନ୍ତି । ସେହି ନିୟମ ମଧ୍ୟରୁ କେତେଗୁଡ଼ିଏ ଆମ୍ଭ ସମାଜର ଜୀବନୀ ଶକ୍ତିକୁ ଭକ୍ଷଣ କରୁଅଛନ୍ତି । ଯେଉଁମାନେ ଏ ଦେଶର ହିତ କରିବାକୁ ଇଚ୍ଛା କରନ୍ତି ସେମାନେ ଏପରି କାର୍ଯ୍ୟ କରନ୍ତୁ ଯହିଁରେ ସମାଜର ଅବଶିଷ୍ଟ ଜୀବନୀ ଶକ୍ତି ନଷ୍ଟ ନ ହୁଏ ।

Digitized by srujanika@gmail.com

Split by PDF Splitter



ଯେଉଁମାନେ ଏକାବେଳକେ ସବୁ ସଂସ୍କାର ଯୋଗାଇବାର ଇଚ୍ଛା କରନ୍ତି ଓ ଯେଉଁଠାରେ ସଂସ୍କାର ଅନାବଶ୍ୟକ ସେଠାରେ ସୁଦ୍ଧା ନୂତନ ସଂସ୍କାର ପ୍ରବେଶର ଇଚ୍ଛା କରନ୍ତି ସେମାନଙ୍କ ପ୍ରତି ଆମ୍ଭର ବକ୍ତବ୍ୟ ଏହି ଯେ ସେମାନେ ଯାହା ପ୍ରସ୍ତାବ କରନ୍ତି ସେ ଅନ୍ୟ ଦେଶ ହିତୈଷିତା ନୁହେ ଓ ତଦ୍ଦ୍ୱାରା ଦେଶର ଉପକାର ହୋଇ ନ ପାରେ । ତାହାର ହେତୁ ଏହି ଯେ ସେମାନେ ଯେବେ ମନ୍ଦ ସହିତ ଭଲକୁ ସୁଦ୍ଧା ବାହାର କରି ଦବାର ଇଚ୍ଛା କରନ୍ତି ତେବେ ସେମାନଙ୍କ ଆଚରଣରୁ ପ୍ରକାଶ ପାଏ ଯେ ସେମାନଙ୍କର ଆପଣାର ସମାଜ ପ୍ରତି, ଆପଣାର ଦେଶ ପ୍ରତି, ଆପଣା ଦେଶର ଲୋକଙ୍କ ପ୍ରତି କିମ୍ବା ଆପଣା ଦେଶର ପରମ୍ପରାଗତ ପ୍ରାଚୀନ ଜନଶ୍ରୁତି ପ୍ରତି କୌଣସି ଗୌରବ ନାହିଁ । ଦ୍ୱିତୀୟରେ ସେପରି ସଂସ୍କାର ଅସମ୍ଭବ । କାଂସକେହରେ ସମସ୍ତ ଲୋକେ ବାଧା ଦେବେ; ମଧ୍ୟ ସେମାନଙ୍କର ତଦ୍ରୂପ ବାଧା ଦେବା କର୍ତ୍ତବ୍ୟ । ଅତି ଅଳ୍ପ ଲୋକ ହୁଏତ ତାହାଙ୍କର ଅନୁକାଂକ୍ଷୀ ହୋଇ ପାରନ୍ତି କିନ୍ତୁ ସମାଜର ଅଧିକାଂଶ ଲୋକଙ୍କଠାରୁ ତାହାଙ୍କୁ ପୃଥକ୍ ହୋଇ ରହିବାକୁ ହେବ । ଏହିପ୍ରକାରେ ସେମାନଙ୍କର ସଂସ୍କାର କରିବାର ଇଚ୍ଛା ଏକତା ଉତ୍ପାଦନ ନ କରି ବିବାଦ ଓ କଳହର ବୀଜ ରୋପଣ କରେ । ଅତଏବ ଆମ୍ଭମାନଙ୍କର କର୍ତ୍ତବ୍ୟ ଯେ ଆମ୍ଭେମାନେ ଦୁଇପ୍ରାନ୍ତକୁ ତ୍ୟାଗ କରି ମଧ୍ୟପଥ ଅବଲମ୍ବନ କରିବା, ସମାଜ ମଧ୍ୟରେ ପରିବର୍ତ୍ତନ ଅଜ୍ଞାତଭାବରେ ପ୍ରବେଶ କରୁଅଛି ଓ ପ୍ରବେଶ କରୁଥିବ ତାହା କେହି ଅଟକ କରି ରଖିପାରିବ ନାହିଁ । ସମାଜରେ ନୂତନ ଦୋଷ ସବୁ ଯାହା ପୂର୍ବେ ନ ଥିଲା ସେ ସବୁ କ୍ରମଶଃ ପ୍ରବେଶ କରୁଅଛି । ଅତଏବ ଯେଉଁମାନେ ନେତା ଯେଉଁମାନେ ବୁଦ୍ଧିମାନ୍ ଓ କ୍ଷମତାଶାଳୀ, ଯେଉଁମାନେ ବର୍ତ୍ତମାନ-ସମାଜର ବିକାଶ ହେତୁ ଅବସ୍ଥା ଦେଖୁଅଛନ୍ତି ସେମାନଙ୍କର ଉଦାସୀନ ହୋଇ ରହିବା କର୍ତ୍ତବ୍ୟ ନୁହେ, ସେମାନଙ୍କର କର୍ତ୍ତବ୍ୟ ଯେ ସେମାନେ ଏସି ସଂସ୍କାରର ସହାୟ କରନ୍ତୁ । ଆମ୍ଭମାନଙ୍କ ସମାଜ ମଧ୍ୟରେ ଯେଉଁ ସବୁ ଉତ୍ତମ ନିୟମ ଅଛି ସେ ସବୁ ବଜାୟ ରଖିବା ଓ ଯାହା କ ଦୋଷଜନକ ସେମାନଙ୍କୁ ବାହାର କରିଦେବା, ସମାଜ ସଂସ୍କାର କରିବା, ବେଳେ ଯଦି ଆମ୍ଭେମାନେ ଯୁକ୍ତିସଙ୍ଗତ କାର୍ଯ୍ୟ କରୁଁ ଓ ମଧ୍ୟମ କ୍ରମକୁ ଅବଲମ୍ବନ କରୁଁ ଯଦି ଆମ୍ଭେମାନେ ସମସ୍ତେ ଏକମନା ହୋଇ ସେହି କାର୍ଯ୍ୟ କରୁଁ ତେବେ ଆମ୍ଭେ ନିଶ୍ଚୟ ଜାଣୁଅଛୁଁ ଯେ ଆମ୍ଭମାନଙ୍କର ଇଷ୍ଟସିଦ୍ଧି ଲାଭ ହେବ ।

ସମାଜ ଓ ଶିକ୍ଷା ବିଷୟରେ ଖବର କାଗଜମାନଙ୍କର ଅତ୍ୟନ୍ତ ଦାୟିତ୍ୱ ଅଛି । ସର୍ବସାଧାରଣର ଅଭିମତ ପ୍ରକାଶ କରିବା ଏହାର ଏକ ପ୍ରଧାନ ଉଦ୍ଦେଶ୍ୟ ମଧ୍ୟ ଖବରକାଗଜମାନଙ୍କଦ୍ୱାରା ସାଧାରଣ ଲୋକଙ୍କର ମହତି ଶିକ୍ଷା ହୁଏ । ଆମ୍ଭମାନଙ୍କର ଉତ୍କଳ ଦେଶର ଖବରକାଗଜମାନଙ୍କ ପ୍ରତି ଆମ୍ଭମାନଙ୍କର କୃତଜ୍ଞ ହେବା କର୍ତ୍ତବ୍ୟ । ସେହି କାଗଜର ସମ୍ପାଦକମାନେ ସାଧାରଣର ବିଶେଷ ଉପକାର କରୁଅଛନ୍ତି । ସାଧାରଣର ଉପକାର କିମ୍ବା ଅପକାର ଘଟିତ କୌଣସି ଗୁରୁତର ବିଷୟ ପଡିଲେ ସର୍ବଦା ମଧ୍ୟମକ୍ରମ ଅବଲମ୍ବନ କରି ବିଚାର କରିବାରେ ପ୍ରବୃତ୍ତ ହୁଅନ୍ତି । ଖବରକାଗଜଦ୍ୱାରା ଓ ସାହିତ୍ୟ ପ୍ରବନ୍ଧମୟ ପତ୍ରିକାଦ୍ୱାରା ସର୍ବସାଧାରଣରେ ସାହିତ୍ୟ ପ୍ରତି ରୁଚି ଜାତ କରାଏ । ସ୍ୱଦେଶ ପ୍ରତି ଯେପରି ସ୍ନେହ ସେପରି ମାତୃ ଭ୍ରାତୃ ପ୍ରତି ସ୍ନେହ କରିବା କର୍ତ୍ତବ୍ୟ, ଅଦ୍ୟ ସର୍ବ୍ବରୁ ପ୍ରକାଶ ପାଉଅଛି ଯେ ଆମ୍ଭମାନଙ୍କର ଦେଶୀୟ ଲୋକେ ଏ ବିଷୟ ଉତ୍ତମରୂପେ ବୁଝିଅଛନ୍ତି । ଉତ୍କଳ ଭାଷାର ଯେତେଦୂର ଉନ୍ନତି ହେବାର ଉଚିତ ଯଦିଓ ସେତେଦୂର ଉନ୍ନତି ହୋଇ ନାହିଁ ଓ ଯଦିଚ ତାହାର ଭଗ୍ନୀ ବଙ୍ଗଭାଷା ସମାନ ତାହାର ଉନ୍ନତି ହୋଇ ନାହିଁ ତଥାପି ଉତ୍କଳ ସାହିତ୍ୟର ଆକାଶରେ ଉଜ୍ଜ୍ୱଳ ତାରାର ଅଭାବ ନାହିଁ । କବିବର ରାଧାନାଥ ରାୟ ଓ କବି ମଧୁସୂଦନ ରାଓଙ୍କ ଲେଖିବା ପଦ୍ଧତିକୁ ଅନେକ ଶିକ୍ଷିତ ଓ ଉପଯୁକ୍ତ ଲୋକେ ଅନୁକରଣ କରୁଅଛନ୍ତି । ଅତଏବ ଉତ୍କଳ ସାହିତ୍ୟର ଅନେକ ବିଷୟରେ ଉନ୍ନତି ଆଶା କରାଯାଏ ।

ତତ୍ପରେ ମୁଁ ଦେଶର ଆର୍ଥିକ ଉନ୍ନତି ବିଷୟ କହିବାକୁ ଇଚ୍ଛା କରୁଅଛି । ଭାରତବର୍ଷରେ ଅପରାପର ସ୍ଥାନରେ ଯେପରି ଉତ୍କଳ ଦେଶରେ ମଧ୍ୟ ସେହିପରି ଅଧିକାଂଶ ଲୋକ କୃଷି କାର୍ଯ୍ୟଦ୍ୱାରା ଜୀବନଯାତ୍ରା ନିର୍ବାହ କରନ୍ତି । ବଡ ଦୁଃଖର ବିଷୟ କୃଷିର ଉନ୍ନତି ବିଷୟରେ ଆମ୍ଭମାନଙ୍କର ପ୍ରବୃତ୍ତି ଦେଖେ ନାହିଁ । ବର୍ତ୍ତମାନ କୃଷି ଗୋଟିଏ ବିଜ୍ଞାନ ରୂପରେ ପରିଗଣିତ ହେଉଅଛି ସେ ବିଜ୍ଞାନକୁ ଅଧ୍ୟୟନ କରିବାକୁ ହେବ ଓ କାର୍ଯ୍ୟରେ ଦେଖିବାକୁ ହେବ ଯେ କେଉଁ୨ ବିଷୟରେ କୃଷିର ଉନ୍ନତି ଏ ଦେଶରେ କରାଯାଇ ପାରିବ । ଏତେଁ ନିପୁଣ କୃଷିକାରଙ୍କର ଅଭାବ ବହିଁରେ ପୁଣି ଆମ୍ଭମାନଙ୍କର ପ୍ରଜାମାନେ ବିଶେଷରେ ଗଡଜାତରେ ଯେଉଁମାନେ ବାସ କରନ୍ତି ସେମାନେ ଏତେ ଅଜ୍ଞ ଓ ପ୍ରାଚୀନ ରୀତିର ରକ୍ଷଣଶୀଳ ଯେ ସେମାନେ ଆପଣାର ବଳକୁ ସ୍ୱଚ୍ଛରୂପେ ବୁଝି ସୁଦ୍ଧା କୌଣସି ନୂତନ ଉପାୟ ଗ୍ରହଣ କରନ୍ତି ନାହିଁ । ଏହି ସବୁ ଅଭାବ ହେତୁରୁ ଆମ୍ଭେମାନେ କୃଷିକାର୍ଯ୍ୟ ଭଲ କରି କରିପାରୁ ନାହୁଁ । ଶିବପୁର ଇଞ୍ଜିନିୟରିଂ କଲେଜରେ ଗୋଟିଏ କୃଷିବିଭାଗ ସ୍ଥାପିତ ହୋଇଅଛି । ଉତ୍କଳ ଦେଶରୁ କତିପୟ ଛାତ୍ର ସେଠାକୁ ପଠାଇବା ଆମ୍ଭମାନଙ୍କର ଉଚିତ ଓ ଆବଶ୍ୟକ । ସେମାନେ ଶିକ୍ଷା ଲାଭ କରି ଫେରି ଆସିଲେ ଉତ୍କଳଦେଶର ରାଜାମାନେ ଓ ଜମିଦାରମାନେ ଯଦି ସେମାନଙ୍କୁ ନିଜ ନିଜ ରାଜ୍ୟରେ ଓ ଜମିଦାରୀରେ ନିଯୁକ୍ତ କରି ରଖନ୍ତି ତେବେ ବିଶେଷ ଉପକାର ହେବ । ଯେ କୃଷିକାର୍ଯ୍ୟ ଶିକ୍ଷା କରିଥିବ ସେହି ବ୍ୟକ୍ତି ଯେବେ ତସର ଉତ୍ପାଦନ କରିବାର ଶିକ୍ଷା ପାଇଥିବ ତେବେ ଯେଉଁ କାରଣରୁ ତସର କୀଟ ନଷ୍ଟ ହେଉଅଛନ୍ତି ଅଥବା ଲାଖାକୀଟ ଜନ୍ମରେ ଦୋଷ ଘଟୁଅଛି ତାହା ସେ ସଂଶୋଧନ କରିପାରିବ । ରେଶମ ଉତ୍ପନ୍ନ କରିବା ମଧ୍ୟ ଗୋଟିଏ ଉତ୍ତମ ବ୍ୟବସାୟ । ଉତ୍କଳ ଦେଶରେ ଯତ୍ନ କଲେ ତୁତଗଛ ଉତ୍ତମରୂପେ ବଢେ । ରେଶମ ଉତ୍ପାଦନ କରିବାର ଉପାୟ କୃଷକମାନଙ୍କୁ ଶିକ୍ଷା ଦେଲେ ଥରେ ଯେବେ ସେମାନେ ସେ କାର୍ଯ୍ୟ କରନ୍ତି ତଦ୍ଦ୍ୱାରା ଗୋଟିଏ ସୁନ୍ଦର ବ୍ୟବସାୟ ସ୍ଥାପିତ ହେବ । ଲାଭ ପାଇଲେ ପ୍ରଜାମାନେ କଦାପି ସେଥିରୁ ବିରତ ହେବେ ନାହିଁ ।

ଗୋ ମହିଷୀମାନଙ୍କର ସଂଖ୍ୟା ଓ ଯୋନି ଉନ୍ନତି ରୀତି ଗୋଟିଏ ପ୍ରଧାନ ବିଷୟ । ମୁଁ ଜାଣେ ବର୍ତ୍ତମାନ୍ ବସନ୍ତ ରୋଗରେ ଓ ଅନ୍ୟାନ୍ୟ ରୋଗରେ ଅନେକାନେକ ଗୋରୁ ମହିଷୀ ସମୟ ସମୟରେ ବିନଷ୍ଟ ହୁଅନ୍ତି, ତଦ୍ଦ୍ୱାରା ଆମ୍ଭମାନଙ୍କର ପ୍ରଜାମାନେ ଦରିଦ୍ର ହୋଇଯାନ୍ତି । ଏ ବିଷୟ ନିବାରଣ ନିମିତ୍ତ ଗୋଚିକିତ୍ସକ ଆବଶ୍ୟକ । ଯେ କୃଷିକାର୍ଯ୍ୟ ଶିକ୍ଷା କରିଥିବ ସେ ମଧ୍ୟ ପଶୁଚିକିତ୍ସା ଶିକ୍ଷା କରିଥାନ୍ତି ବା କରିବେ । ମୁଁ ଅନୁମାନ କରେଁ ଯେ କୃଷି, ବିଜ୍ଞାନ ଓ ଶିଳ୍ପ ଜାଣିବା ଲୋକଙ୍କର ଅଭାବ ଅଛି । ଯଦି ଆମ୍ଭମାନଙ୍କର ଶିକ୍ଷିତ ଯୁବକମାନେ ଏହି ସବୁ ବିଷୟ ଶିକ୍ଷା କରନ୍ତି ତେବେ ସେମାନେ ସମ୍ମାନ ସହ ଆପଣାର ଜୀବିକା ନିର୍ବାହ ଓ ତହିଁ ସଙ୍ଗେ ଦେଶର ଉପକାର ମଧ୍ୟ କରିପାରିବେ ।

ପ୍ରଜାମାନଙ୍କର ରକ୍ଷଣଶୀଳତା ଅର୍ଥାତ୍ ପୁରୁଣା କଥା ନ ଛାଡିବା ଗୁଣଟି ଇଂରାଜୀ ଶିକ୍ଷା ବିସ୍ତାର ଦ୍ୱାରା କ୍ରମଶଃ ହ୍ରାସ ହେଉଅଛି । ମଧ୍ୟ ବିଦେଶୀୟ ଲୋକଙ୍କ ସହିତ ସମାଗମଦ୍ୱାରା ଦିନକୁଦିନ ନୂତନ କଥା ଶିଖୁଅଛନ୍ତି । ଦିନକୁ ଦିନ ଉପାର୍ଜନ କଠିନ ହେଉଅଛି । ଏହି କାରଣରୁ ସେମାନେ ଉପାର୍ଜନର ନୂତନ ଉପାୟ ଅନ୍ୱେଷଣ କରୁଅଛନ୍ତି ଓ ଅଧିକ ଲାଭ କରିବା ଆଶାରେ

Digitized by srujanika@gmail.com

Split by PDF Splitter



ପ୍ରାଚୀନ କାଳର କାର୍ଯ୍ୟ ପ୍ରଣାଳୀକୁ କ୍ରମଶଃ ତ୍ୟାଗ କରୁଅଛନ୍ତି । ଏଥିଉତ୍ତାରେ ଗ୍ରାମ୍ୟ ପାଠଶାଳାରେ କୃଷିର ଶିକ୍ଷା ଦିଆଗଲେ ଅନେକ ଉପକାର ହେବ ।

ଭାରତବର୍ଷ କୃଷିର ଦେଶ ସ୍ୱଭାବରେ ତାହାର ଭୂମି ଏପରି ଉର୍ବରା ଯେ କୌଣସି ମନୁଷ୍ୟ ଅଧିକ ଯତ୍ନ ନ କରି ସୁଦ୍ଧା ଆପଣାର ଜୀବନରକ୍ଷା କରିପାରେ । କିନ୍ତୁ ଏକପ୍ରକାର କୃଷିପ୍ରତି ନିର୍ଭର କଲେ ଆପଦର ସମ୍ଭାବନା । ଭାରତବର୍ଷରେ ସମୟ ସମୟରେ ଦୁର୍ଭିକ୍ଷ ହୁଏ । ମଧ୍ୟ ପ୍ରତିବର୍ଷ ଶୁଣାଯାଏ ଯେ ତାହାର କୌଣସି ଅଂଶରେ ହେଲେ, ଦୁର୍ଭିକ୍ଷ ପଡିଅଛି ।

ବାଣିଜ୍ୟ ଓ ଶ୍ରମଜୀବିକାର ବିଶେଷ ଉନ୍ନତି ହେଲେ ପ୍ରଜାମାନେ ଭୂମିର ଉତ୍ପନ୍ନ ଦ୍ରବ୍ୟ ପ୍ରତି ବିଶେଷ ନିର୍ଭର କରିବେ ନାହିଁ । ଯଦି କୃଷି ହାନି ହୁଏ ତେବେ ଲୋକେ ଅନ୍ୟ ଉପାୟଦ୍ୱାରା ଜୀବନ ରକ୍ଷା କରିବାକୁ ସମର୍ଥ ହେବେ ଭାରତ ବର୍ଷର କେତେକ ସ୍ଥାନରେ ବାଣିଜ୍ୟ ଓ ଶିଳ୍ପର ଉନ୍ନତି କରାଯାଉଅଛି ଯେ ପ୍ରଜାମାନେ ତଦ୍ୱାରା ଜୀବନ ଯାତ୍ରା ନିର୍ବାହ କରି ପାରିବେ । ଆମ୍ଭମାନଙ୍କର ଏହି ଉତ୍କଳ ଦେଶରେ ଅନେକ ନୈସର୍ଗିକ ବୈଭବ ଅଛି ଯାହାର ଉନ୍ନତି ହୋଇ ପାରେ । ଗଡ଼ଜାତରେ ଅରଣ୍ୟ ସବୁ ଏବେ ପ୍ରାଧାନ୍ୟ ଲାଭ କରୁଅଛି । କଡ଼କାଠ, ଜାଳିବା କାଠ ଓ ଜଙ୍ଗଲ ଉତ୍ପନ୍ନ ଦ୍ରବ୍ୟମାନ ବାଣିଜ୍ୟରେ ଲାଗୁଅଛି । ତଦ୍ୱାରା ରାଜାମାନଙ୍କର ସୁନ୍ଦର ଆୟ ହେଉଅଛି । ଦୁର୍ଭିକ୍ଷ ସମୟରେ ଗଡ଼ଜାତର ପ୍ରଜାମାନେ ଅରଣ୍ୟ ଉତ୍ପନ୍ନ ଦ୍ରବ୍ୟ ଖାଇବାର କରି ଜୀବନରକ୍ଷା କରିପାରନ୍ତି । ଅରଣ୍ୟ ଅଧିକ ହେଲେ ବୃଷ୍ଟି ଭଲ ହୁଏ, ଏହା ବିଜ୍ଞାନ ବିଷୟ । ଅତଏବ ଅରଣ୍ୟ ପ୍ରକାରାନ୍ତରରେ କୃଷିର ଉପକାର କରେ । ଅରଣ୍ୟର ହ୍ରାସ ହେଲେ କୃଷିର ହାନି ମଧ୍ୟ ହୋଇ ପାରେ । ଅତଏବ ଅରଣ୍ୟମାନଙ୍କୁ ରକ୍ଷା କରିବା ସର୍ବତୋଭାବେ ବିଧେୟ । ଅରଣ୍ୟଦ୍ୱାରା ଦେଶର ସ୍ଥାୟୀ ଉନ୍ନତି ହୋଇ ପାରେ ।

ଉତ୍କଳଦେଶରେ ବହୁମୂଲ୍ୟ ଦ୍ରବ୍ୟର ଖଣିମାନ ଥିବାର ସମ୍ଭବ । ତନ୍ନିମନ୍ତେ ଜଣେ ଭୂତତ୍ତ୍ୱବେତ୍ତାଙ୍କର ଆବଶ୍ୟକ । ସେ ନିଯୁକ୍ତ ହୋଇ ଦେଶର ସର୍ବସ୍ଥାନ ଭ୍ରମଣ କରି ପରୀକ୍ଷା କଲେ ତଦ୍ୱାରା ବିଶେଷ ଉପକାର ହୋଇ ପାରେ ।

ତତ୍ପରେ ସ୍ୱଦେଶୀୟ ଶିଳ୍ପକାରଙ୍କର କୃତ ଦ୍ରବ୍ୟମାନ ଅଛି । ସେ ସବୁ ଦେଖି ତହିଁର ଉନ୍ନତି କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଏହି କଟକ ନଗର ରୂପାର ତାରକର୍ମ ନିମନ୍ତେ ବିଖ୍ୟାତ । ସେ କାର୍ଯ୍ୟ ବର୍ତ୍ତମାନ ମଧ୍ୟମରୂପେ ଚଳୁଅଛି । ଶ୍ରୀଯୁକ୍ତ ମଧୁସୂଦନ ଦାସ ମହାଶୟ ସେ କାର୍ଯ୍ୟର ଉନ୍ନତି ନିମନ୍ତେ ବିଶେଷ ଉଦ୍ୟୋଗୀ ହୋଇଥିବାରୁ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ତାର ବ୍ୟବସାୟ କମି ଯାଉଥିଲା କିନ୍ତୁ ତାଙ୍କର ଯତ୍ନରୁ ତାହାର ପୁନରୁଦ୍ଧାର ହୋଇଅଛି । ଅସୀମ ଉତ୍ସାହ ଓ ଅଧ୍ୟବସାୟଦ୍ୱାରା ମନୁଷ୍ୟ କେତେଦୂର କୃତକାର୍ଯ୍ୟ ହୋଇପାରେ ଉକ୍ତ ମହାଶୟ ତହିଁର ଜୀବନ୍ତ ଦୃଷ୍ଟାନ୍ତ ଅଟନ୍ତି । ତାହାଙ୍କ ସଦୃଶ ଆମ୍ଭେମାନେ ସମସ୍ତେ ଯେବେ ଉତ୍ସାହ ଯୁକ୍ତ ହେଉଁ ତେବେ ଆମ୍ଭେମାନେ ବର୍ତ୍ତମାନ ଯେଉଁସବୁ ବିଷୟ ଦେଶର ଉପକାର ନିମନ୍ତେ ବିଚାର କରୁଅଛୁଁ ସେ ସମସ୍ତ ବିଷୟ ଅନାୟାସରେ ସୁସମ୍ପନ୍ନ ହୋଇ ପାରିବ ଓ ଉତ୍କଳର ମୁଖ ଉଜ୍ଜ୍ୱଳ ହେବ ।

କଳ କାରଖାନା ଆଉ ଗୋଟିଏ ବିଷୟ । ଯଥା;—ଲୁଗାକଳ, ସୂତାକଳ ପ୍ରଭୃତି ଏ ଦେଶର ଉତ୍ପନ୍ନଦ୍ରବ୍ୟ ଦେଶାନ୍ତରକୁ ଯାଇ ସେଠାରେ ଆମ୍ଭମାନଙ୍କର ବ୍ୟବହାର ଯୋଗ୍ୟ ଦ୍ରବ୍ୟମାନ ପ୍ରସ୍ତୁତ ହୋଇ ଆମ୍ଭମାନଙ୍କ ନିକଟକୁ ଆସୁଅଛି । ତାହା ନ ହୋଇ ଏହି ଦେଶରେ ଯେବେ ସେହି ଦ୍ରବ୍ୟ ପ୍ରସ୍ତୁତ ହୁଅନ୍ତା ତେବେ ଏ ଦେଶର ଧନ ଏହି ଦେଶରେ ରହନ୍ତା ଓ ଲୋକେ ଅନେକ ଶସ୍ତା ଦରରେ ସେହି ଦ୍ରବ୍ୟମାନ ପାଇପାରନ୍ତେ । କିନ୍ତୁ ସେପରି କାରଖାନା ଏ ଦେଶରେ ସ୍ଥାପନ କରିବାର ସମୟ ହୋଇଅଛି କି ନା ମୁଁ କହି ନ ପାରେ । କିନ୍ତୁ ଏ କାର୍ଯ୍ୟ ଅସମ୍ଭବ ନୁହେ । ସମ୍ପ୍ରତି ମଧ୍ୟରେ ଭାରତ ବର୍ଷରେ କେତେକ ସ୍ଥାନରେ ସେପରି କାରଖାନାମାନ ଫିଟିଅଛି । ଉତ୍କଳ ଦେଶରେ କି କାରଣ ନୋହିପାରିବ ? ଆଜି ନ ହେଲେ କିଛିକାଳ ପରେ ହେବ ।

ସ୍ଥାୟୀ ଉନ୍ନତି କରିବାନିମନ୍ତେ ମୂଳଧନ ଆବଶ୍ୟକ । ମୂଳଧନ ନ ହେଲେ କୌଣସି କାର୍ଯ୍ୟ ସିଦ୍ଧ ହୋଇ ନ ପାରେ । ମୂଳଧନ ଖଟାଇଲେ ବାଣିଜ୍ୟର ଓ ଶ୍ରମଜୀବିକାର ବୃଦ୍ଧି ହୁଏ । ପୁନଶ୍ଚ ବାଣିଜ୍ୟବୃଦ୍ଧି ଓ ଶିଳ୍ପବୃଦ୍ଧିଦ୍ୱାରା ଧନ ବୃଦ୍ଧି ହୁଏ । ଅତଏବ ମୂଳଧନ ବାଣିଜ୍ୟ ଓ ଶିଳ୍ପ ପରସ୍ପର ପରସ୍ପର ପ୍ରତି ନିର୍ଭର କରନ୍ତି । ଇଂଲଣ୍ଡ ଓ ଆମେରିକା ଏଥିର ଦୃଷ୍ଟାନ୍ତ । ଅତଏବ ଭାରତବର୍ଷର ଧନୀଲୋକଙ୍କ ପ୍ରତି ବଡ଼ ଦାୟିତ୍ୱ ଅଛି । ସେମାନେ ଯଦି ନିଜ୨ ଧନର ସଦ୍ବ୍ୟବହାର କରନ୍ତି ତେବେ ସେମାନଙ୍କର ନିଜର ଓ ସେମାନଙ୍କର ଦେଶର ଉନ୍ନତି ହେବ । ଯେଉଁ କାର୍ଯ୍ୟରେ ଲାଭ ନାହିଁ ସେ କାର୍ଯ୍ୟରେ ଧନ ଖଟାଇଲେ କୌଣସି ଲାଭ ହୁଏ ନାହିଁ । ଟଙ୍କାକୁ କେବଳ ଜମାକରି ରଖିବା ମଧ୍ୟ ଉଚିତ ନୁହେ । ଯେତେବେଳେ ଅରାଜକ ହୋଇଥିଲା ତେତେ ବେଳେ ସଞ୍ଚୟ କରି ରଖିବାର ଆବଶ୍ୟକ ଥିଲା କିନ୍ତୁ ଇଂରାଜ ଶାସନାଧୀନରେ ସେପରି କରିବାର ବାଞ୍ଛନୀୟ ନୁହେ । ଟଙ୍କାକୁ ଚଳପ୍ରଚଳ କରୁଥିଲେ ନିଜର ଲାଭ ଓ ଦେଶର ଉପକାର ହୁଏ କୌଣସି ସମୟରେ ଏପରି ହୁଏ ଯେ ମୂଳଧନ ଲୋକସାନ ହୋଇଯାଏ । କିନ୍ତୁ ସେ ଲୋକସାନରେ ଆମ୍ଭେମାନେ ହତୋଦ୍ୟମ ନ ହୋଇ ଅଧିକ ଉଦ୍ୟମ ସହିତ କାର୍ଯ୍ୟ କରିବା ଉଚିତ । ଏ ବିଷୟ ଆମ୍ଭମାନଙ୍କର ସ୍ମରଣ ରଖିବା ଉଚିତ ଯେ ପରାଜୟ ନ ଥାଇ କୌଣସି କାର୍ଯ୍ୟ ନାହିଁ । ବାସ୍ତବରେ ପରାଜିତ ହେଲେ ଭବିଷ୍ୟତରେ ଲୋକ ସାବଧାନ ହୁଅନ୍ତି । ସାବଧାନ ହେବାର ଶିକ୍ଷା ଲାଭ ହୁଏ ।

ସଭ୍ୟବୃନ୍ଦ ! ଆପଣମାନଙ୍କ ସମକ୍ଷରେ ଶିକ୍ଷା ସମାଜ ଓ ଶିଳ୍ପ ସମ୍ବନ୍ଧୀୟ ଉନ୍ନତି ବିଷୟରେ ମୋର ଯେଉଁ ଅଭିପ୍ରାୟ ଥିଲା ତାହା ବ୍ୟକ୍ତ କଲି । ଉନ୍ନତିକୁ ଅଗ୍ରସର କରିବା ନିମନ୍ତେ ଏକତାର ଆବଶ୍ୟକ । ତାହା ଦେଖାଇବାକୁ ମୁଁ ଚେଷ୍ଟା କରିଅଛି । ଏ ବିଷୟମାନ ଅତି ଗୁରୁତର ଏବଂ ଆପଣମାନେ ଏହାକୁ ଅବଶ୍ୟ ଅତି ମନୋଯୋଗର ସହିତ ଶୁଣିବେ ଓ ଚିନ୍ତା କରିବେ ।

କେହି୨ କହନ୍ତି ଯେ ବର୍ତ୍ତମାନ ଭାରତବର୍ଷରେ ସମସ୍ତେ ଏକତ୍ର ହୋଇ କାର୍ଯ୍ୟ ସାଧନ କରିବା ଦୁଷ୍କର କିନ୍ତୁ ମୋହ ବିବେଚନାରେ ଅନ୍ୟ ଦେଶରେ ଯାହା ହେଉ ଆମ୍ଭମାନଙ୍କର ଉତ୍କଳ ଦେଶରେ ସେପରି ହେବ ନାହିଁ । ଆପଣମାନେ ନିଜର ସମସ୍ତ କଷ୍ଟ କରି, ସୁଖଭଙ୍ଗ କରି, ଏତେ ଦୂର ପଥ ଆଗମନ କରିଅଛନ୍ତି । ଆପଣମାନଙ୍କ ଅନ୍ତଃକରଣରେ ଯେଉଁ ଉତ୍ସାହ ଜାତ ହୋଇ ଅଛି, ତହିଁରୁ ମୋର ବିଶ୍ୱାସ ହେଉଅଛି ଯେ ଆମ୍ଭମାନଙ୍କର ଉଦ୍ୟମ ସଫଳ ହେବ । ଉତ୍କଳ ଦେଶର ଇତିହାସରେ ଏପରି ଗୋଟିଏ ସଭା ଅଭିନବ ବ୍ୟାପାର । ଏ ସଭାରେ ଆପଣମାନଙ୍କୁ ସାକ୍ଷାତ କରି ମୋର ଅନିର୍ବଚନୀୟ ଆନନ୍ଦ ଜାତ ହୋଇଅଛି ଓ ଏହି ଦେଶହିତୈଷିତା କାର୍ଯ୍ୟରେ ଆପଣମାନଙ୍କ ସହିତ ଭାଗୀ ହୋଇଥିବାରୁ ମୁଁ ନିଜକୁ କୃତକୃତ୍ୟ ମନେ କରୁଅଛି ।

ସଭ୍ୟବୃନ୍ଦ ! ପରିଶେଷରେ କହୁଅଛି ଯେ ଆମ୍ଭମାନଙ୍କର କର୍ତ୍ତବ୍ୟ କର୍ମ ବଡ଼ କଠିନ । ଅତଏବ ମୁଁ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛି ଯେ ସେ କୃପାପୂର୍ବକ ଆମ୍ଭମାନଙ୍କର ଉଦ୍ୟମକୁ ସଫଳ କରନ୍ତୁ ଓ କର୍ତ୍ତବ୍ୟ କର୍ମକୁ ସୁସମ୍ପନ୍ନ କରିବା ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଇତି

Digitized by srujanika@gmail.com

Split by PDF Splitter



ସଭାପତିଙ୍କ ବକ୍ତୃତା ସମସ୍ତ ସଭ୍ୟବୃନ୍ଦ ଅତି ମନୋଯୋଗ ସହକାରେ ଓ ସନ୍ତୁଷ୍ଟ ହୃଦୟରେ ଶୁଣୁଥିବାର ଦେଖି ଆମ୍ଭେମାନେ ଅତୀବ ଆନନ୍ଦିତ ହେଲୁଁ ।

ମହାରାଜା କେନ୍ଦୁଝରଙ୍କ ପ୍ରସ୍ତାବ କଲେ ଯଥା—

୧ମ ପ୍ରସ୍ତାବ—ସମଗ୍ର ଉତ୍କଳଭାଷୀ ଅଞ୍ଚଳକୁ ଏକ ଶାସନାଧୀନରେ ସ୍ଥାପନ କରିବା ନିମନ୍ତେ ମାନ୍ୟବର ଭାରତର ବଡ଼ଲାଟ ବାହାଦୁର ଯେଉଁ କଲ୍ୟାଣକର ପ୍ରସ୍ତାବ କରିଅଛନ୍ତି ସେଥିନିମନ୍ତେ ଏହି ସମ୍ମିଳନୀ ମାନ୍ୟବର ବଡ଼ଲାଟ ମହୋଦୟଙ୍କୁ ହୃଦୟର ସହିତ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ବଡ଼ଲାଟ ମହୋଦୟଙ୍କ ଅବଗତି ନିମନ୍ତେ ଏ ନିର୍ଦ୍ଧାରଣ ପତ୍ରର ପ୍ରତିଲିପି ପ୍ରାଇଭେଟ୍ ସେକ୍ରେଟାରୀଙ୍କ ନିକଟକୁ ଏ ସଭା ପକ୍ଷରୁ ପ୍ରେରିତ ହେଉ ।

ଶ୍ରୀ ରାଜା ଖଲ୍ଲିକୋଟ ଓ ଅଷ୍ଟଦୁର୍ଗ ଅନୁମୋଦନ ଓ ବାବୁ ବୈଦ୍ୟନାଥ କର ଓ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଓ ସମ୍ବଲପୁରର ବାବୁ ବ୍ରଜମୋହନ ପଟ୍ଟନାୟକ ଏହି ପ୍ରସ୍ତାବକୁ ସମର୍ଥନ କଲେ, ଏକମତରେ ଧାର୍ଯ୍ୟ ହେଲା ।

୨ୟ ପ୍ରସ୍ତାବ—ମଧ୍ୟପ୍ରଦେଶର ଚିଫ କମିଶନର ପଦରେ ପ୍ରତିଷ୍ଠିତ ଥିବା ସମୟରେ ବଙ୍ଗଦେଶର ବର୍ତ୍ତମାନ ଛୋଟଲାଟ ମହୋଦୟ ସମ୍ବଲପୁରରେ ଓଡ଼ିଆ ଭାଷାକୁ ଅଦାଲତର ଭାଷାରୂପେ ପୁନଃପ୍ରତିଷ୍ଠିତ କରିଥିବା ଯୋଗୁଁ ଏ ସମ୍ମିଳନୀ ସଭାର ଆନ୍ତରିକ ଧନ୍ୟବାଦ ମହାମାନ୍ୟ ଛୋଟଲାଟଙ୍କ ଅବଗତି ନିମନ୍ତେ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ନିକଟକୁ ପ୍ରେରିତ ହେଉ ।

ଏ ପ୍ରସ୍ତାବ କଣିକାପତିଙ୍କର ଶ୍ରୀଯୁକ୍ତ [illegible] ଦେବ ବର୍ମା ଅଗତ ଓ ସମ୍ବଲପୁରର ବାବୁ ଚନ୍ଦ୍ରଶେଖର ବେହେରା ଅନୁମୋଦନ ଏବଂ ପୁରୀର ଶ୍ରୀ ରାମଚନ୍ଦ୍ର ଦାସ ଓ ବାଲେଶ୍ୱରର ବାବୁ ଗଗନଚନ୍ଦ୍ର ଚୌଧୁରୀ ବି ଏଲ ସମର୍ଥନ କଲେ ଓ ସର୍ବ ସମ୍ମତିକ୍ରମେ ଗୃହୀତ ହେଲା ।

୩ୟ ପ୍ରସ୍ତାବ—ଉତ୍କଳୀୟମାନେ ଅନ୍ୟ ଯେଉଁ ଜାତିମାନଙ୍କ ସଂସ୍ରବରେ ଆସିଅଛନ୍ତି ସେମାନଙ୍କ ସଙ୍ଗେ ଉତ୍କଳୀୟମାନଙ୍କର ସଖ୍ୟ ଓ ଭ୍ରାତୃଭାବର ସଂରକ୍ଷଣ ଓ ସମ୍ବର୍ଦ୍ଧନ ଏକାନ୍ତ ବାଞ୍ଛନୀୟ ବୋଲି ଏହି ଉତ୍କଳ-ସମ୍ମିଳନୀସଭା ସ୍ଥିର କରୁଅଛନ୍ତି ।

ରାଜା ବୈକୁଣ୍ଠନାଥ ଦେ ବାହାଦୁର ଏହି ପ୍ରସ୍ତାବ ଉପସ୍ଥିତ କରି କହିଲେ କି ଉତ୍କଳବାସୀ ଏବଂ ଉତ୍କଳରେ ବାସ କରୁଥିବା ଅନ୍ୟାନ୍ୟ ଜାତିମାନଙ୍କ ମଧ୍ୟରେ ଯେ ସଦ୍ଭାବ ଅଛି ତାହା ଅଧିକ ପରିମାଣରେ ଘନୀଭୂତ ହେବା ଆବଶ୍ୟକ, ମଞ୍ଜୁଷାର ରାଜଗୁରୁ ବାବୁ ଏମ ଆର ରାମ ରାଜଗୋପାଳ ଆୟଙ୍ଗାର ଏ ପ୍ରସ୍ତାବ ଅନୁମୋଦନ କଲେ ଓ ମେଦିନୀପୁରର ବାବୁ ରାଧାନାଥ ପତି ବି ଏଲ, ସମ୍ବଲପୁରର ବାବୁ ରାମନାରାୟଣ ମିଶ୍ର ଏମ୍ ଏ ବି ଏଲ ଏହି ପ୍ରସ୍ତାବକୁ ସମର୍ଥନ କଲେ । ରେଭରେଣ୍ଡ ଏ, ଏଚ୍ ୟଙ୍ଗ ଏ ସମ୍ବନ୍ଧରେ ଇଂରେଜୀରେ ଏକ ସୁଦୀର୍ଘ ଓ ସୁନୀତି ଶିକ୍ଷାପ୍ରଦ ବକ୍ତୃତା ପ୍ରଦାନ କଲା ଉତ୍ତାରୁ ଶ୍ରୀଯୁକ୍ତ ମଧୁସୂଦନ ଦାସ [illegible] ସରସ ଓ ଉତ୍ସାହପୂର୍ଣ୍ଣ ଓଡ଼ିଆ ଓ ଇଂରେଜୀ ଭାଷାରେ ବକ୍ତୃତା ପ୍ରଦାନ କରିଥିଲେ ତହିଁର ମର୍ମ ଏହି କି ସ୍ଥିର ସମୁଦ୍ରରେ ଚନ୍ଦ୍ରର ଗୋଟିଏ ପ୍ରତିବିମ୍ବ ଦେଖାଯାଏ ମାତ୍ର ତରଙ୍ଗ ଉଠିଲେ ଶତ ପ୍ରତିବିମ୍ବ ଦେଖାଯାଏ । ଆଜ ରାଜମାନଙ୍କୁ ଦେଖି ମୋହର ହୃଦୟରେ ପ୍ରେମତରଙ୍ଗ ଉଠିବାରୁ ମୁଁ ରାଜମାନଙ୍କୁ ସେହିପରି ଦେଖି ଆନନ୍ଦିତ ହେଉଅଛି । ଧାତୁ ଅଗ୍ନି ସାହାଯ୍ୟରେ ତରଳି ଯାଉଥାଏ ଏବଂ ଟଙ୍କଣର କ୍ଷାର ଯେ ଅଷ୍ଟଧାତୁ ଏକତ୍ରେ ମିଶି ଏମନ୍ତ ଏକ ଧାତୁମୟ ପଦାର୍ଥ ଉତ୍ପନ୍ନ ହୁଏ ଯାହା କି ଅନେକ ମହତ୍ କାର୍ଯ୍ୟ ସାଧନ କରିଥାଏ । ଅତଏବ ଏହି ଭ୍ରାତୃପ୍ରେମଦ୍ୱାରା ଆମ୍ଭେମାନେ ଏପରି ଭାବରେ ଦ୍ରବୀଭୂତ ହେବା ଯେ ଏହି ନବଗଠିତ ଉତ୍କଳଖଣ୍ଡ ଅନେକ ଶୁଭକାର୍ଯ୍ୟ ସମ୍ପାଦନ କରି ପାରିବ । ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ ନାନା ସ୍ଥାନର ଲୋକ ଇଂଲଣ୍ଡକୁ ଆସି ଏକତ୍ରେ ବାସ ଏବଂ ମିଶଣଦ୍ୱାରା ଇଂରାଜ ଜାତି ହୋଇଅଛି ଏବଂ ଜଗତରେ କିପରି ମହତ୍ କାର୍ଯ୍ୟମାନ ସାଧନ କରୁଅଛନ୍ତି ଏହା ବୋଲିବା ବାହୁଲ୍ୟ । ଆମ୍ଭମାନଙ୍କ ମାତୃଭୂମି ସକାଶେ ସେହିପରି ମିଶିବା ଆବଶ୍ୟକ । ରାଜମାନଙ୍କମଧ୍ୟରୁ ଯଦି କେହି ମାତୃବିୟୋଗ ଦୁଃଖ ଭୋଗ କରିଥାନ୍ତି, ତେବେ ମାତୃବିୟୋଗ ରୂପ ଦାରୁଣ କ୍ଲେଶ ସେ ଅବଶ୍ୟ ବୁଝି ପାରୁଥିବେ । ବର୍ତ୍ତମାନ ଉତ୍କଳ ଜନନୀର ଦୁଃଖ ଦେଖି ଆମ୍ଭମାନଙ୍କମଧ୍ୟରୁ ତାଏ ନିବୃତ୍ତ ହଉପାରେ । ଅତଏବ ଆମ୍ଭେମାନେ ସମସ୍ତେ ଏକତ୍ର ହୋଇ ଉତ୍କଳ ଜନନୀର ସେବା ଓ ଦୁଃଖ ମୋଚନ ନିମନ୍ତେ ପ୍ରସ୍ତୁତ ହେବା । ଏହି ମହା ସେବାରେ ନିଯୁକ୍ତ ହେବାବେଳେ ରାଜମାନେ ମନେ ରଖିବେ ମହାତ୍ମା ମହମ୍ମଦ ଏକ ସମୟରେ କହିଯାଇଅଛନ୍ତି ଭ୍ରାତୃପ୍ରେମ ବିସ୍ତାରନିମନ୍ତେ ହୃଦୟରୁ ଅପକୃଷ୍ଟ ଅଂଶକୁ ତ୍ୟାଗ କରି ପବିତ୍ର ରକ୍ତ ପ୍ରଦାନ କରାଯାଇପାରେ । ରାଜମାନେ ! ଯେଉଁମାନେ ଉତ୍କଳ ଜନନୀର ସେବାରେ ବ୍ରତୀ ହେବ ସେମାନେ ପ୍ରଥମେ ଅମୃତଙ୍କ, ସ୍ୱାର୍ଥପରତା ତ୍ୟାଗ କର । ମୁଁ ବା ତୁମ୍ଭେମାନେ ଆଜ କି କାଲି ଇହସଂସାରରୁ ଚାଲିଯିବ ମାତ୍ର ଜାତି ରହିଥିବ । ସ୍ୱାର୍ଥତ୍ୟାଗ ଉନ୍ନତିର ଏକମାତ୍ର ଉପାୟ । ଏ କଥା ସମସ୍ତେ ସ୍ୱୀକାର କରିବେ, ନଦୀ ଓ କ୍ଷୁଦ୍ର ନଳ ନାନାଦିଗରୁ ବହିଆସି ସମୁଦ୍ରରେ ପତିତ ହେଲାପରେ ଏକ ମୂର୍ତ୍ତି ଧାରଣ କରି ଓ ଏକ ରଙ୍ଗ ଧାରଣ କରି, ସମୁଦ୍ର ଜଳନାମରେ ଖ୍ୟାତ ହୋଇ ମହାସମୁଦ୍ର ନାମ ଧାରଣ କରେ ।

ଏହିଠାରେ ଏଦିନର କାର୍ଯ୍ୟ ଏତିକି ହୋଇ ସନ୍ଧ୍ୟା ବେଳେ ସଭା ଭାଙ୍ଗିଲା ।

ଦ୍ୱିତୀୟ ଦିନ ।

ନୃସିଂହ ମହାନ୍ତି ଅଲ ପ୍ରସ୍ତାବ କଲେ କି

୪ର୍ଥ ପ୍ରସ୍ତାବ—ଉତ୍କଳୀୟମାନଙ୍କ ମଧ୍ୟରେ କାଳୋଚିତ ସାମାଜିକ ସଂସ୍କାରମାନ ପ୍ରଚଳିତ କରିବା ନିମିତ୍ତ ବହୁତ ଉପାୟମାନ ଅବଧାରଣ କରି କାର୍ଯ୍ୟରେ ତାହା ପରିଣତ କରିବା ଉଦ୍ଦେଶ୍ୟରେ ଲୋକସାଧାରଣଙ୍କ ମତକୁ ଯଥାସମ୍ଭବ ସୁଶିକ୍ଷିତ କରାଇବା ପାଇଁ ଶିକ୍ଷିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ ଏବଂ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଓ ଗ୍ରାମସ୍ଥ ଶାଖା ସମିତିମାନ ଗଠନ କରିବାର କ୍ଷମତା ଉକ୍ତ ସାମାଜିକ କମିଟି ହସ୍ତରେ ନ୍ୟସ୍ତ ହେଉ । ଉକ୍ତ ସମିତି ସେମାନଙ୍କର ବାର୍ଷିକ କାର୍ଯ୍ୟର ବିବରଣ ସମ୍ମିଳନୀସଭାର ଆଗାମୀ ବାର୍ଷିକ ଅଧିବେଶନରେ ଉପସ୍ଥିତ କରିବାର ବିଧି ନିର୍ଦ୍ଧାରିତ ହେଉ ।

ଏହି ପ୍ରସ୍ତାବକୁ ନରସିଂହପୁରର ବାବୁ ଦାମୋଦର ମହାନ୍ତି ଅନୁମୋଦନ କଲା ପରେ ସର୍ବସମ୍ମତି କ୍ରମେ ଏହି ପ୍ରସ୍ତାବ ଧାର୍ଯ୍ୟ ହେଲା ।

ରାୟ ରାଧାନାଥ ରାୟ ବାହାଦୁର ସାହେବ ଲଳିତ ସୁମିଷ୍ଟ ଭାଷାରେ ପ୍ରସ୍ତାବ କଲେ କି

୫ମ ପ୍ରସ୍ତାବ—ଓଡ଼ିଆ ଭାଷାର ଏବଂ ସାହିତ୍ୟର ଉନ୍ନତିସାଧନାର୍ଥ ସମ୍ମିଳିତ ଓ ସୁବ୍ୟବସ୍ଥିତ ଚେଷ୍ଟାର ଆବଶ୍ୟକତା ଏହି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି । ସେହି ଉଦ୍ଦେଶ୍ୟ ସାଧନାର୍ଥ ଏକ

Digitized by srujanika@gmail.com

Split by PDF Splitter



ଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ। ଉକ୍ତ ସ୍ଥାୟୀ ସମିତି କଟକର "ଉତ୍କଳ-ସାହିତ୍ୟ-ସମାଜ" ସଙ୍ଗେ ଯୁକ୍ତ ହୋଇ ଉଦ୍ଦେଶ୍ୟସାଧନ ନିମନ୍ତେ ବିହିତ ଉପାୟର ବିଧାନ କରନ୍ତୁ; ଉକ୍ତ ସମିତି ସେମାନଙ୍କର ବାର୍ଷିକ କାର୍ଯ୍ୟବିବରଣ ସମ୍ମିଳନୀର ଅଧିବେଶନରେ ଉପସ୍ଥାପିତ କରିବାର ବିଧି ନିର୍ଦ୍ଧାରିତ ହେଉ।

ଏହି ପ୍ରସ୍ତାବ ବାବୁ ମଧୁସୂଦନ ରାଓ ଅନୁମୋଦନ ଓ ବାବୁ ଗୋପାଳବଲ୍ଲଭ ଦାସ ଓ ସମ୍ବଲପୁରର ବାବୁ ଲଙ୍କାମ୍ବର ମେହେର ସମର୍ଥନ କରନ୍ତେ ସର୍ବସମ୍ମତିରେ ଧାର୍ଯ୍ୟ ହେଲା।

କାଳଡ଼େରର ଶ୍ରୀମାନ୍ ରାଜା ମହୋଦୟ ପ୍ରସ୍ତାବ କଲେ କି

୬ଷ୍ଠ ପ୍ରସ୍ତାବ—ଉତ୍କଳୀୟମାନଙ୍କର ବୈଷୟିକ ଉନ୍ନତି ଏବଂ ଉତ୍କଳଭାଷା ଅଞ୍ଚଳର କୃଷି ଓ ଶିଳ୍ପାଦି ସମ୍ବନ୍ଧୀୟ ଉନ୍ନତି ସାଧନାର୍ଥ ନିମ୍ନଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ। ଉକ୍ତ ସମିତି ପ୍ରୟୋଜନାନୁସାରେ ଉତ୍କଳର ବିଭିନ୍ନ ଅଞ୍ଚଳରେ ଶାଖା ସମିତିମାନ ଗଠନ କରି ଓ ସଭ୍ୟସଂଖ୍ୟା ବୃଦ୍ଧି କରି ଉଦ୍ଦେଶ୍ୟ ସାଧନାର୍ଥ ଯଥାବିହିତ ଉପାୟ ଅବଲମ୍ବନ କରନ୍ତୁ। ପ୍ରତିବର୍ଷ ସମ୍ମିଳନୀର ଅଧିବେଶନ ସମୟରେ ଗୋଟିଏ ପ୍ରଦର୍ଶନୀ ବସାଇବାର ବ୍ୟବସ୍ଥା କରାଯାଉ ଏବଂ କଟକର "ଉତ୍କଳ ଶିଳ୍ପୋନ୍ନତି ସଭାକୁ" ଏହି ସମ୍ମିଳନୀର ଅଙ୍ଗୀଭୂତ କରିବାର ଚେଷ୍ଟା କରାଯାଉ। ସମିତିର ବାର୍ଷିକ କାର୍ଯ୍ୟ ବିବରଣ ସମ୍ମିଳନୀର ଆଗାମୀ ଅଧିବେଶନରେ ଉପସ୍ଥାପିତ ହେବାର ବିଧି ନିର୍ଦ୍ଧାରିତ ହେଉ।

ଏ ପ୍ରସ୍ତାବ ବାବୁ କୃଷ୍ଣଚନ୍ଦ୍ର ପାଲିତ ଅନୁମୋଦନ ଓ ବାବୁ ଶରତଚନ୍ଦ୍ର ମୁଖୋପାଧ୍ୟାୟ ଓ ବାବୁ ମଧୁସୂଦନ ଦାସ ସମର୍ଥନ କରନ୍ତେ ସର୍ବସମ୍ମତିରେ ଗୃହୀତ ହେଲା।

ବାବୁ ଗୋକୁଳାନନ୍ଦ ଚୌଧୁରୀ ପ୍ରସ୍ତାବ କଲେ କି

୭ମ ପ୍ରସ୍ତାବ—ଉପଯୁକ୍ତ ଦରିଦ୍ର ଛାତ୍ରମାନଙ୍କ ସାହାଯ୍ୟ କରିବା କାରଣ ଓ ଶିଳ୍ପାଦି ଶିକ୍ଷା ନିମନ୍ତେ ଉପଯୁକ୍ତ ଯୁବକମାନଙ୍କୁ ବିଦେଶକୁ ପଠାଇବାର ଉପାୟ ବିଧାନ କରିବା ନିମନ୍ତେ ନିମ୍ନଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ-ସମିତି ଗଠିତ ହେଉ। ପ୍ରୟୋଜନାନୁସାରେ ସଭ୍ୟସଂଖ୍ୟା ବୃଦ୍ଧି କରିବାର ଓ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଶାଖାସମିତିମାନ ଗଠନ କରିବାର ଭାର ଉକ୍ତ ସ୍ଥାୟୀ ସମିତିଉପରେ ନ୍ୟସ୍ତ ହେଉ। ଉକ୍ତ ସମିତି ସେମାନଙ୍କର ବାର୍ଷିକ ବିବରଣ ସମ୍ମିଳନୀର ଆଗାମୀ ଅଧିବେଶନରେ ଉପସ୍ଥାପିତ କରିବାର ବିଧି ନିର୍ଦ୍ଧାରିତ ହେଉ।

ଏହି ପ୍ରସ୍ତାବ ସମ୍ବଲପୁରର ଶ୍ରୀ ଶ୍ରୀପତି ମିଶ୍ର ଅନୁମୋଦନ ଓ ଅସିକାର ବାବୁ ହରିହର ପଣ୍ଡା ବି, ଏ, ଓ ବାବୁ ଗୌରିଶଙ୍କର ରାୟ ଓ ବାବୁ ମାୟାଧର ଦାସ ସମର୍ଥନ କରନ୍ତେ ସର୍ବ ସମ୍ମତିରେ ଗୃହୀତ ହେଲା।

ସଭାପତି ମହୋଦୟ ପ୍ରସ୍ତାବ କଲେ କି

୮ମ ପ୍ରସ୍ତାବ—ଯେଉଁ ସେବକ ଛାତ୍ରବୃନ୍ଦ ଏ ସଭାର କାର୍ଯ୍ୟ ସୁଶୃଙ୍ଖଳରୂପେ ସମାହିତ ହେବା ଉଦ୍ଦେଶ୍ୟରେ ସେମାନଙ୍କର ପବିତ୍ର ସେବାକାର୍ଯ୍ୟ ନିଃସ୍ୱାର୍ଥ ଓ ଅକ୍ଳାନ୍ତ ଉତ୍ସାହସହକାରେ ସମ୍ପାଦନ କରୁଅଛନ୍ତି ସେହି ଛାତ୍ରମାନଙ୍କୁ ଏ ସଭାର ଆନ୍ତରିକ ଧନ୍ୟବାଦ ଅର୍ପିତ ହେଉ।

ଏହି ପ୍ରସ୍ତାବ ବାବୁ ମଧୁସୂଦନ ରାଓ ଅନୁମୋଦନ କରନ୍ତେ ସର୍ବ ସମ୍ମତିରେ ଧାର୍ଯ୍ୟ ହେଲା।

ବାବୁ କମଳଲୋଚନ ମିଶ୍ର ପ୍ରସ୍ତାବ କଲେ କି

୯ମ ପ୍ରସ୍ତାବ—ବହୁକଷ୍ଟ ସ୍ୱୀକାରପୂର୍ବକ ଏହି ସଭାରେ ଉପସ୍ଥିତ ହୋଇ ସଭା କାର୍ଯ୍ୟରେ ସହୃଦୟ ଯୋଗ ପ୍ରଦାନ କରିଥିବା ଯୋଗୁଁ ଭଦ୍ରମଣ୍ଡଳୀ ଓ ଅତିଥିବର୍ଗଙ୍କୁ ଆନନ୍ଦସହକାରେ ସଭାର ଧନ୍ୟବାଦ ଅର୍ପିତ ହେଉ।

ବାବୁ ଗୋକୁଳାନନ୍ଦ ଚୌଧୁରୀ ଅନୁମୋଦନ କଲେ ଓ ଏକମତରେ ଧାର୍ଯ୍ୟ ହେଲା।

ଶ୍ରୀମାନ୍ କାଳଡ଼େରର ରାଜା ପ୍ରସ୍ତାବ କଲେ କି

୧୦ମ ପ୍ରସ୍ତାବ—ଏହି ସମ୍ମିଳନୀର ଆଗାମୀ ବାର୍ଷିକ ଅଧିବେଶନ ଏହି କଟକ ନଗରରେ ହେଉ ଏବଂ ସେହି ଅଧିବେଶନର ସମୟ ନିର୍ଦ୍ଧାରିତ ହୋଇ ଯଥା ସମୟରେ ପ୍ରଚାରିତ ହେଉ ଏବଂ ଏହି ସମ୍ମିଳନୀର ସମସ୍ତ ବିଭାଗର କାର୍ଯ୍ୟ ନିୟମିତରୂପେ ଚଳାଇବାପାଇଁ ବର୍ତ୍ତମାନ କାର୍ଯ୍ୟନିର୍ବାହକ ସମିତିର ସମସ୍ତ ସଭ୍ୟ ଓ ନିମ୍ନଲିଖିତ କର୍ମଚାରୀଙ୍କଦ୍ୱାରା ଗୋଟିଏ ସାଧାରଣ ସମିତି ଗଠିତ ହେଉ। ସଭ୍ୟସଂଖ୍ୟା ବୃଦ୍ଧି କରିବାର ଓ ସ୍ଥାନୀୟ କାର୍ଯ୍ୟନିର୍ବାହକ କମିଟିମାନ ଗଠନ କରିବାର କ୍ଷମତା ଉକ୍ତ ସମିତି ହସ୍ତରେ ନ୍ୟସ୍ତ ହେଉ।

କର୍ମଚାରୀ ବୃନ୍ଦ।

| | | |
|---|---|---|
| ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ | | ସମ୍ପାଦକ-ମାନେ |
| ,, ,, ଗୋକୁଳାନନ୍ଦ ଚୌଧୁରୀ | | |
| ,, ,, ରାଜକାରାୟଣ ପଣ୍ଡିତ | | |
| ,, ,, ସାମସନ ରାଉତ | | |
| ,, ,, ଜୟରାମ ଦାସ | | |
| ,, ,, ଅଭିରାମ ଭଞ୍ଜ | | |
| ,, ,, ମାୟାଧର ଦାସ | | |
| ,, ,, ଗୋପାଳ ଚନ୍ଦ୍ର ପ୍ରହରାଜ | | |
| ,, ,, ଗୌରିଶଙ୍କର ରାୟ | | |
| ,, ମୁନସି ମହେମୁଦ୍ ଅଲ୍ଲି | | |

ଏହି ପ୍ରସ୍ତାବ ବାବୁ ହରିଶ୍ଚନ୍ଦ୍ର ଘୋଷ ବି, ଏଲ, ଅନୁମୋଦନ କଲେ ଓ ଏକମତରେ ଧାର୍ଯ୍ୟ ହେଲା।

ଶ୍ରୀମାନ୍ କାଳଡ଼େରର ରାଜା ପ୍ରସ୍ତାବ କଲେ କି

୧୧ଶ ପ୍ରସ୍ତାବ—ମୟୂରଭଞ୍ଜର ଶ୍ରୀମାନ୍ ମହାରାଜା ମହୋଦୟ ଏହି ସଭାର ସଭାପତି ହୋଇ କାର୍ଯ୍ୟାବଳୀ ସୁପରିଚାଳିତ କରି ଏ ସଭାକୁ ସମ୍ମାନିତ କରିଥିବା ଯୋଗୁଁ ମହାରାଜା ମହୋଦୟଙ୍କୁ ଏ ସଭାର ଆନ୍ତରିକ ଧନ୍ୟବାଦ ଅର୍ପିତ ହେଉ।

ବାବୁ ଗୌରିଶଙ୍କର ରାୟ ଅନୁମୋଦନ ଓ ବାବୁ ଅଭିରାମ ଭଞ୍ଜ ସମର୍ଥନ କଲେ।

ସଭ୍ୟବୃନ୍ଦ କରତାଳି ପ୍ରଦାନଦ୍ୱାରା ଅତ୍ୟନ୍ତ ଆନନ୍ଦ ସହିତ ଏ ପ୍ରସ୍ତାବକୁ ଗ୍ରହଣ କଲେ।

ସର୍ବ ଶେଷରେ ସୁଯୋଗ୍ୟ ସଭାପତିଙ୍କ ଅନୁରୋଧମତେ ବଙ୍ଗେଶ୍ୱରଙ୍କୁ (Three Cheers) ତିନଥର ଆନନ୍ଦଧ୍ୱନି ଦେଇ ସଭାପତି ସଭା ଭଙ୍ଗ ନିମନ୍ତେ ଆଦେଶ ଦେଲେ।

ସଭାପତି ସେବକ ବୃନ୍ଦଙ୍କ ମଧ୍ୟରେ ବାଦ୍ୟକାରମାନଙ୍କ ଜୟଧ୍ୱନି ଶ୍ରବଣପୂର୍ବକ ସଭା ମଣ୍ଡପରୁ ବିଦେ କଲେ।

---

## ମାନ୍ଦ୍ରାଜ ପ୍ରଦର୍ଶନୀ।

ଗତ ତା ୨୨ ରଶରେ ମହୀଶୂରର ମହାରାଜା ମାନ୍ଦ୍ରାଜର ପ୍ରଦର୍ଶନୀ ଫିଟାଇଲେ। ସେହି ଉପଲକ୍ଷରେ ମାନ୍ଦ୍ରାଜ ଏବଂ ଅନ୍ୟାନ୍ୟ ସ୍ଥାନର ଅନେକ ଗଣ୍ୟମାନ୍ୟ ଦର୍ଶକ ଉପସ୍ଥିତ ହୋଇଥିଲେ। ମାନ୍ୟବର ଶ୍ରୀଯୁକ୍ତ ଶଙ୍କରନାୟର ପ୍ରଦର୍ଶନୀ ଫିଟାଇବା କାରଣ ମହାରାଜାଙ୍କୁ ଅନୁରୋଧ କରି କହିଲେ କି ଏହି ବ୍ୟାପାରଟି ଏକା ଦେଶୀୟ

Digitized by srujanika@gmail.com

ଲୋକଙ୍କଦ୍ୱାରା ଗଠିତ ଓ ପରିଚାଳିତ ହୋଇଅଛି ଏବଂ ସରକାରୀ ଓ ବେସରକାରୀ ବ୍ୟକ୍ତିମାନେ ଏହି ଚତ୍ୱରେ ବିଶେଷତଃ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ, ଲର୍ଡ ଆମ୍ପଥିଲ ଏବଂ କୋଚିନ, ମହୀଶୂର ଓ ତ୍ରିବାଙ୍କୁରର ମହାରାଜାମାନେ ଏହାର ସାହାଯ୍ୟ କରିଅଛନ୍ତି । ଗତ ବ ୨୦ ବର୍ଷରେ ଯେଉଁଠାରେ ଯେତେ ପ୍ରଦର୍ଶନୀ ହୋଇଅଛି ପ୍ରାୟ ସେ ସମସ୍ତରେ ଭାରତ ସ୍ଥାନ ପାଇଅଛି ମାତ୍ର ଆଶାନୁରୂପ ଉପକାର ଲଭିବା ସନ୍ଦେହଜନକ । ପକ୍ଷାନ୍ତରେ ବିଦେଶୀୟ ବଣିକମାନେ ଭାରତର ପ୍ରୟୋଜନ ବୁଝି ପାରି ଇଉରୋପୀୟ ଶସ୍ତା ଦ୍ରବ୍ୟ ଭାରତର ହାଟ ବଜାରରେ ଭରତି କରି ଦେଶୀୟ ଶିଳ୍ପାଦି ଦ୍ରବ୍ୟର ଅଂଶିକ ବା ସମ୍ପୂର୍ଣ୍ଣ ବିନାଶ ସାଧନ କରିଅଛନ୍ତି । ଏହି ବିନାଶ ଦମନ କରିବା ଅଭିପ୍ରାୟରେ ଭାରତୀୟ ଦ୍ରବ୍ୟ ସମସ୍ତ ବିଶେଷରୂପେ ଦେଖାଇବା କାରଣ ଏହି ପ୍ରଦର୍ଶନୀର ଅନୁଷ୍ଠାନ ହୋଇଅଛି ଯେ ଦେଶୀୟ ଶିକ୍ଷିତ ସମାଜ ମନୋଯୋଗୀ ହୋଇ ସେ ସବୁ ଦ୍ରବ୍ୟର ପ୍ରଚାର ଏବଂ ପୁଷ୍ଟି ସାଧନ କରିବେ । ତଦନନ୍ତର ମହୀଶୂରର ମହାରାଜା ଏକ ଦୀର୍ଘ ବକ୍ତୃତା ପ୍ରଦାନ କରି ପ୍ରଦର୍ଶନୀ ଫିଟାଇଲେ । ସେ କହିଲେ ଯେ ବର୍ତ୍ତମାନ ସମୟର ଘୋର ପ୍ରତିଯୋଗିତାରେ ବୃହତ୍ ବ୍ରିଟିଶ ସାମ୍ରାଜ୍ୟର ନାନା ସ୍ଥାନରେ ବ୍ରିଟିଶ ବାଣିଜ୍ୟ ଅସ୍ଥିର ହୋଇଥିବାର ଲୋକେ କହୁଅଛନ୍ତି ଏବଂ ଶିଳ୍ପ ଓ ବାଣିଜ୍ୟ ବିଷୟରେ ଅଧିକତର ମନୋଯୋଗ ପ୍ରଦାନ କରିବାର ଆବଶ୍ୟକତା ଅନୁଭବ କରୁଅଛନ୍ତି । ଭାରତ ସମ୍ବନ୍ଧରେ ଏ ପ୍ରଶ୍ନ ଆହୁରି ଗୁରୁତର । ପାରଲିଆମେଣ୍ଟର ସରକାରୀ ରିପୋର୍ଟମାନ ଭାରତର ବାଣିଜ୍ୟ ବୃଦ୍ଧି ଦେଖାଉଅଛି ଓ ତହିଁରୁ ଭାରତର ସୌଭାଗ୍ୟ ବଢ଼ିବାର ବୋଲି ଲୋକ କହୁଅଛନ୍ତି । ମାତ୍ର ଅନ୍ୟ ଦିଗରେ ଭାରତବାସୀମାନେ ଦେଖୁଅଛନ୍ତି ଯେ ଦେଶୀୟ ଶିଳ୍ପ ଦ୍ରବ୍ୟ କ୍ରମେ ଲୋପ ପାଉଅଛି ଯେଉଁ ବସ୍ତ୍ର ଜନ୍ମେ ଭାରତ ବିଖ୍ୟାତ ଥିଲା ତାହା ପାଶ୍ଚାତ୍ୟ ଯନ୍ତ୍ରଦ୍ୱାରା ଦୂର ହେଉଅଛି ଓ ଶିଳ୍ପୀମାନେ ପ୍ରତିଯୋଗିତାରେ ହାରିଯାଇ କୃଷିର ଆଶ୍ରୟ ନେଉଅଛନ୍ତି । କୃଷିର ଅଳ୍ପ ଲାଭ ହେଲୁ ତଥା ଅର୍ଦ୍ଧଭୋଜନରେ ରହିଅଛି, କୃଷକମାନେ ସରକାରୀ ଖଜଣା ଭୁକ୍ତାଲଗା ପ୍ରଭୃତିରେ କଷ୍ଟରେ ଦିନଯାତ କରୁଅଛନ୍ତି ଏବଂ ନଭାନ କମାର ପ୍ରଭୃତି ପୈତୃକ ବ୍ୟବସାୟ ଛାଡ଼ି ନ ପାରି କଷ୍ଟରେ ନିର୍ବାହ ହେଉଅଛନ୍ତି । ଅମ୍ଭ ବିବେଚନାରେ କୃଷିର ଉନ୍ନତି ବା ଅଳ୍ପ ସୁଦରେ ଋଣ ପାଇବା ଅଥବା ଟିକସ କମି ଭାର ଲାଘବଦ୍ୱାରା ଏ ଦୁରବସ୍ଥା ମୋଚନ ହେବାର ନୁହେ । କୃଷିର ସାମାନ୍ୟ ଓ ଅନିଶ୍ଚିତ ଲାଭରୁ ଅନେକ ଲୋକଙ୍କ ଉଦ୍ଧାର କରି ଆଣି ଅଧିକ ଲାଭବାନ୍ ଶିଳ୍ପାଦି ବ୍ୟବସାୟରେ ଲଗାଇବା ପ୍ରଶସ୍ତ ଉପାୟ ଅଟେ । ଶିଳ୍ପ ବ୍ୟବସାୟର ବିସ୍ତାର ଓ ଉନ୍ନତି ଉପରେ ଦେଶର ସୌଭାଗ୍ୟ ଏକାନ୍ତ ନିର୍ଭର କରେ । ଶିକ୍ଷିତ ସମାଜ ଏ କଥା କ୍ରମେ ହୃଦୟଙ୍ଗମ କରି ଜାଗ୍ରତ ହେଉଅଛନ୍ତି ଏବଂ ଏହି ପ୍ରଦର୍ଶନୀ ତହିଁର ପ୍ରତ୍ୟକ୍ଷ ପ୍ରମାଣ ଅଟେ । ଶିଳ୍ପ ଶିକ୍ଷା ପ୍ରତି ଲୋକଙ୍କର ମନ ଆକୃଷ୍ଟ ହୋଇଅଛି ଏବଂ ଯଦ୍ୟପି ଭ ଗବର୍ଣ୍ଣମେଣ୍ଟ ସେ ପକ୍ଷରେ ଉଦାସୀନ ନୁହନ୍ତି ମାତ୍ର ଦେଖାଯାଉଅଛି ଯେଏହା ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ସେ କାର୍ଯ୍ୟ ଉପଯୁକ୍ତମତେ ସାଧନ ହୋଇ ନ ପାରେ ସରକାରୀ କର୍ମଚାରୀମାନେ ନିଜ କାର୍ଯ୍ୟରେ ବ୍ୟସ୍ତ ଏବଂ ସେମାନଙ୍କର ମନର ଗତି ଏହା ଦିଗରେ ରହିଅଛି । ଏହା ଗବର୍ଣ୍ଣମେଣ୍ଟଙ୍କର ଅନୁକୂଲ୍ୟରେ ବୃହତ୍ ଶିଳ୍ପ ବ୍ୟବସାୟୀ ଜାତି ଗଠିତ ହୋଇ ନାହିଁ । ଲୋକଙ୍କର ଉଦ୍ଯୋଗ ଓ ପ୍ରଭାବ ଏଥିର ମୂଳ ମନ୍ତ୍ର ଅଟେ । ସମବେତ ଚେଷ୍ଟା ଓ ଅଧ୍ୟବସାୟ ନ ହେଲେ ଏ କାର୍ଯ୍ୟ ସାଧନ ହେବ ନାହିଁ ଅତଃପର ମହାରାଜା ମହୋଦୟ କହିଲେ କି ଭାରତର ଶିଳ୍ପ ବ୍ୟବସାୟର ବର୍ତ୍ତମାନ୍ ଅବସ୍ଥା ଓ କେଉଁ ଦିଗରେ କେଉଁ ଉନ୍ନତିର ବାଟ ରହିଅଛି ସେ ସମସ୍ତ ଦେଖାଇବା ଏହି ପ୍ରଦର୍ଶନୀର ଉଦ୍ଦେଶ୍ୟ ଅଟେ । ମାନ୍ଦ୍ରାଜ ଭାରତର ଅନ୍ୟାନ୍ୟ ପ୍ରଦେଶଠାରୁ ଶିଳ୍ପ ବିଷୟରେ ଉଚ୍ଚ ସ୍ଥାନ ଲଭିଅଛି ଏବଂ ଏଲୁମିନିୟମ ଧାତୁ ନିର୍ମିତ ବାସନ ଇତ୍ୟାଦିର ଉଦାହରଣ ଦେଖାଇ କହିଲେ କି ମାନ୍ଦ୍ରାଜ ଏ ବ୍ୟବସାୟରେ ଯେମନ୍ତ ଉନ୍ନତି କରିଅଛି ଅନ୍ୟାନ୍ୟ ବ୍ୟବସାୟରେ ଚେଷ୍ଟା କଲେ ସେହିପରି ସଫଳତା ଲାଭ କରିବ ଓ ଅନ୍ୟାନ୍ୟ ପ୍ରଦେଶର ଲୋକମାନେ ମଧ୍ୟ ସେହିପରି ଚେଷ୍ଟା କଲେ ଶିଳ୍ପାଦି ବ୍ୟବସାୟ ପ୍ରସାର କରି ପାରିବେ ।

---

## ବିଜ୍ଞାପନ ।

କଟକ ପ୍ୟାରେମୋହନ ମଧ୍ୟ ଇଂରାଜୀ ବାଳକ ବିଦ୍ୟାଳୟ ନିମିତ୍ତ ପାଞ୍ଚଜଣ ଶିକ୍ଷୟିତ୍ରୀ ଆବଶ୍ୟକ ବେତନ ଯଥାକ୍ରମେ ଟ ୨୫, ଟ ୧୫, ଟ ୧୦, ଟ ୧୦ ଓ ଟ ୮, ଙ୍କା ମାତ୍ର । ପ୍ରଧାନ ଶିକ୍ଷୟିତ୍ରୀଙ୍କର ଅନ୍ତତଃ ଏଣ୍ଟ୍ରେନ୍ସ ପାଶ ବା ତତ୍ତୁଲ୍ୟ ଶିକ୍ଷା ପ୍ରାପ୍ତ ହୋଇଥିବା ଆବଶ୍ୟକ । ଶେଷ ଚୁଇଜଣ, ଙ୍କର ଶିକ୍ଷାର କାର୍ଯ୍ୟରେ ପାରଦର୍ଶିତା ଥିବା ଏବଂ କିଣ୍ଡରଗାର୍ଟେନ ପ୍ରଣାଳୀରେ ଶିକ୍ଷିତା ହୋଇଥିବା ଅତ୍ୟନ୍ତ ପ୍ରୟୋଜନୀୟ । ବଙ୍ଗଳା ଲେଖି ପଢ଼ି ପାରୁଥିବା ଆବେଦନ କାରିଣୀର ଦରଖାସ୍ତ ସର୍ବାଗ୍ରେ ଗ୍ରାହ୍ୟ ହେବ । ଆବେଦନ କାରିଣୀମାନେ ଆଗାମୀ ଜାନୁଆରୀମାସ ତା ୧୫ ରିଖ ବା ତତ୍ପୂର୍ବରୁ ଆପଣା ୨ ବୟସ ଓ ପ୍ରଶଂସା ପତ୍ର ସହ ଆମ୍ଭନିକଟରେ ଦରଖାସ୍ତ କରିବେ ।

ସମ୍ପାଦକ

କଟକ ଶ୍ରୀ ଦ୍ୱିନେଶ ଚନ୍ଦ୍ର ବସୁ

୧୯।୧୨।୦୩ ପ୍ୟାରେମୋହନ ବାଳା ବିଦ୍ୟାଳୟ, କଟକ

---


ଆଉ ମୃତ୍ୟୁ ନାହିଁ ! ବିଚ୍ଛେଦ ନାହିଁ ! !

ଅଭୁତ ମଧ୍ୟରେ ଅଭୁତ ! ! !



PLANCHETTE ( ପ୍ଲାଞ୍ଚେଟ )

ଏହା ଭେଲକିବାଜି ନୁହେଁ । ଏହା ମନ୍ତ୍ର ନୁହେଁ । ।

ପ୍ରେତ ଜଗତରେ ଏହାର ଅଦ୍ଭୁତ ପ୍ରଭାବ ମୃତ ମନୁଷ୍ୟ ( ଯେତେ ଦିନରୁ ମରିଥିଲେ ହେଁ ) ପ୍ରଦର୍ଶନ ଏବଂ ... ଅନୁଭବ ହୋଇ ପାରିବ ଏବଂ ... ସଙ୍ଗେ ... ଅତଏବ ପାରିବେ ... ସମସ୍ତ ... ପ୍ରତ୍ୟେକ ... ସଙ୍ଗେ ... ( ... ) ଏବଂ ନୂତନ ... ( ... ) ... ପିତା, ମାତା, ପତ୍ନୀ, ଭ୍ରାତା, ଓ ପୁତ୍ର କନ୍ୟାମାନଙ୍କ ... ଏବଂ ସେମାନଙ୍କ ... ।

... । ... । । ... । । ।

...

ଉପହାର । ଉପହାର । । ଉପହାର । । ।

...

... ,, ,, ,, ... ,,

... ,, ,, ,, ... ,,

... ।

...

...

...

## NOTICE.

Is hereby given that a Chaukidar on monthly salary of Rs. 6 to be raised to Rs. 8 from 1st April next is required for the Tulsipur Circuit house in this town The man to be appointed should give security of Rs. 50 in cash or a bond to be executed by a substantial person.

None need apply who cannot read or write Uriya and be able to furnish the required security in cash or bond. Applications will be received by the undersigned up to the 20th Proximo.

BALMAKUND KANUNGO.
for Dt. *Magistrate*.

ଏଥିଦ୍ୱାରା ଘୋଷଣା ଦିଆ ଯାଉଅଛି ଯେ କଟକ ତୁଳସୀପୁର ସରକିଟ ହାଉସ ନିମନ୍ତେ ମାସିକ ଟ ୬ଙ୍କା ( ଛଅଟଙ୍କା ଅସନ୍ତା ଏପ୍ରେଲ ମାସଠାରୁ ଟ ୮ଙ୍କା ଆଠଟଙ୍କା ବେତନରେ ) ଏକଜଣ ଚଉକୀଦାର ଦରକାର; ଉକ୍ତ ଚୌକୀଦାରକୁ ନଗଦ ଟ ୫୦ ( ପଞ୍ଚାଶଟଙ୍କା ) ଜାମିନ ଦେବାକୁ ହେବ, କିମ୍ବା କୌଣସି ସଙ୍ଗତିପନ୍ନ ବ୍ୟକ୍ତି ତାହାପାଇଁ ଜାମିନନାମା ଲେଖି ଦେବେ, ଯେ ବ୍ୟକ୍ତି ଓଡ଼ିଆ ଲେଖା ପଢ଼ା ନ ଜାଣେ ସେ ଦରଖାସ୍ତ ଦେବେ ନାହିଁ; ଦରଖାସ୍ତ ଆସନ୍ତା ଜନୋୱାରୀ ମାସ ତା ୨୦ ରିଖ ପର୍ଯ୍ୟନ୍ତ ନିଆଯିବ ।

BALMAKUND KANUNGO.
for ମେଜଷ୍ଟର

# କୁଷ୍ଠ ରୋଗୀ !

## ହତାଶ ହୁଅ ନାହିଁ

ଆମ୍ଭେ ବହୁ ପରୀକ୍ଷାକରି ପ୍ରତିଜ୍ଞା ପୂର୍ବକ କହୁ ଅଛୁଁ ଯେ ଯେବେ ଏହି ଦୁରାରୋଗ୍ୟ କୁଷ୍ଠକବଳରୁ ମୁକ୍ତି ପାଇ ସୁସ୍ଥ ଶରୀରରେ ଦୀର୍ଘକାଳ ବଞ୍ଚିବାର ଆଶା ଥାଏ ଯେବେ ବହୁ ଚେଷ୍ଟା କରିଲେ ଓ ବହୁ ଔଷଧ ସେବନ କରି ମଧ୍ୟ ନିଷ୍ଫଳ ହୋଇ ଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରିତ୍ୟକ୍ତ ହୋଇଥାଅ, ଯେବେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବାର ଏକାନ୍ତ ବାସନା ଥାଏ ଯେବେ ଆମ୍ଭର ଏହି ବିଜ୍ଞାପନକୁ ଅତିରଞ୍ଜନ ବା ଆଡ଼ମ୍ବର ପୂର୍ଣ୍ଣ ମନେ ନ କର ତେବେ ଶୀଘ୍ର ଆମ୍ଭର ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଛିନ୍ନ, ନାସିକାବକ୍ର, କର୍ଣ୍ଣବିକୃତ ଓ ସର୍ବାଙ୍ଗ ବ୍ୟାପି ସ୍ପର୍ଶରହିତ ଘାଆମାନ ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ସନ୍ଦେହ ନାହିଁ ଆମ୍ଭର ଔଷଧର ଫଳାଫଳ ପରୀକ୍ଷାକରି ଦେଖିଲେ ଜାଣିପାରିବ । ନିମ୍ନ ଠିକଣାରୁ ଦୁଇପଇସିଆ ଟିକଟମୁଦ ପତ୍ର ଲେଖିଲେ ପ୍ରୟୋଜନୀୟ ବିଷୟମାନ ବୁଝିପାରିବ ।

ଲକ୍ଷ୍ମୀନପୁର } ଶ୍ରୀ ବାଳକୃଷ୍ଣଦାସ
କଟକ } କବିରାଜ

ଏତଦ୍ୱାରା ଜଣାଇଅଛୁଁ କି ଆମ୍ଭର ଜମିଦାରୀ । ପ୍ର । କଟକ ହବେଲି ପଟଣେ ବଡ଼ାକଣି ମୌଜାରେ ଥିବା ଆମ୍ଭର ବଗିଚାରୁ କେତେକ ଉତ୍କୃଷ୍ଟ ସୁନ୍ଦରବାଲି ବାଉଁଶ ବିକ୍ରି ହେବାର ଅବଶ୍ୟକ ଅଛି, ଯେଉଁମାନଙ୍କର କୋଠାର ଘର ବାନ୍ଧିବା ନିମନ୍ତେ ବଡ଼ ଘରର ଶ୍ରେଣୀ ଓ ଖୁଣ୍ଟ ଓ ଟାମଡ଼ା ରୁଣାଟ ଓ ଟୁଣା ବା ଛପରକିଆ ବା ନୌକାର କାଠ ନିମନ୍ତେ ଭଲ ପୋଷାଇ ଓ ସଦ୍ୟ କଟା ବାଉଁଶର ଦରକାର ହେବ ସେ ମାନେ ଆମ୍ଭ ନିକଟରେ ତଲାସ କଲେ ଶସ୍ତା ଦରରେ ଉକ୍ତ ବାଉଁଶ ପାଇ ପାରିବେ । ଇତି ।

୧୦।୧୨।୦୩
ଅଲମଗଞ୍ଜ ବଜାର } ଶ୍ରୀ କାଳୀକୃଷ୍ଣ ସରକାର
ସହର କଟକ

# J. KIPPAX & Co.'s
## PREPARATIONS.

## ଯେ, କିପାକ୍ସ ଏଣ୍ଡ କୋମ୍ପାନିର ଔଷଧ ।

୧ । ଦନ୍ତଶୋଧନ ଚୂର୍ଣ୍ଣ—(ଟୁଥ୍ ପାଉଡ଼ର, ଦନ୍ତରୋଗର ଅବ୍ୟର୍ଥ ମହୌଷଧି । ଦନ୍ତ ହଲିବା, ଦନ୍ତମୂଳରୁ ରକ୍ତ ପଡ଼ିବା ଓ ଦନ୍ତମୂଳ ଫୁଲି ପୂଯ ପଡ଼ିବା, ମାଢ଼ି ଯନ୍ତ୍ରା ଫିଟିଯିବା ଓ ମୁଖର ଦୁର୍ଗନ୍ଧ ଇତ୍ୟାଦି ସର୍ବପ୍ରକାର ଦନ୍ତରୋଗ ନିବାରଣ କରେ ।

ମୂଲ୍ୟ ପ୍ରତିଟିନ ଟ ୦ । ଚାରିଅଣା

୨ । କିପାକ୍ସ ଟନିକ—ସ୍ନାୟୁ ବିଶିଷ୍ଟ ଦୌର୍ବଲ୍ୟ ହୃଦ୍‌ଯନ୍ତ୍ରରେ ଧକ୍ ଧକ୍, ଯକୃତ, ଅଜୀର୍ଣ୍ଣ, ଅମ୍ଳ ଶୂଳ ଜ୍ୱାଳା, ପାକସ୍ଥଳୀରେ ଯନ୍ତ୍ରଣା, କୋଷ୍ଠବଦ୍ଧ, ଅକାଳେ ଜୀବନୀଶକ୍ତିର ହ୍ରାସ, ରକ୍ତର ସ୍ୱଳ୍ପତା ଶୁକ୍ରମେହ ମୂତ୍ରପ୍ରଭୃତି ଓ ସର୍ବପ୍ରକାର ଜ୍ୱରର ଅଦ୍ଭୁତ ଅବ୍ୟର୍ଥ ମହୌଷଧି । ସ୍ନାୟୁ ସମ୍ବନ୍ଧୀୟ ଦୌର୍ବଲ୍ୟର ଏହା ଅମୂଲ୍ୟ ଔଷଧି । ଉକ୍ତ ରୋଗରୁ ଆରୋଗ୍ୟ ଉତ୍ତାରେ ବଳ ଲାଭକରିବା ପକ୍ଷରେ ବିଶେଷ ଫଳଦାୟକ ।

ପ୍ରତି ଶିଶିର ମୂଲ୍ୟ ଟ ୨।

୩ । ପିଲ୍ସ୍ ଫର ଡାକେଡିୟା;—ବାଲ୍ୟକାଳର ଅବିବେଚନା ହେତୁ ଧାତୁଦୌର୍ବଲ୍ୟ ହାନି ଓ ଭଙ୍ଗ, ସଙ୍କ୍ରାନ୍ତ ଅନ୍ୟରୋଗ ଓ ଇନ୍ଦ୍ରିୟ ସାମର୍ଥ୍ୟବୃଦ୍ଧି ଇତ୍ୟାଦିର ପରମ ଉପକାରୀ ଔଷଧି ।

ମୂଲ୍ୟ ୪୦ ବଟିକା ପୂର୍ଣ୍ଣ ପ୍ରତିବାକ୍ସ ଟ ୪।


ଏକମାତ୍ର ଏଜେଣ୍ଟ
ଈଶ୍ୱରଚନ୍ଦ୍ର ଲୁଣ୍ଡ ଏଣ୍ଡ କୋଂ
ନ ୧୬୭ ଧର୍ମ୍ମତଲା ଷ୍ଟ୍ରୀଟ
ନ ୧ ନିଉ ମାର୍କେଟ ଓ ନ ୪୧ ଗ୍ରାଣ୍ଡହୋଟେଲ
କଲିକତା

## ନୂତନ ଲେଖିବାର କାଳି ।

ଲେଖିବା ସମୟରେ ନୀଳ ଶୁଖିଗଲେ କଳା ହୁଏ ଶେଷରେ ଦେଖାଯାଏ ଏକାବେଳକେ ମିଶିଯାଏ; ଦୁଆତରେ ଶିଟ ବସେ ନାହିଁ ବା ଛାଣିବାକୁ ହୁଏ ନାହିଁ ନମୁନା ବିନା ଖରଚରେ ପଠାଇ ଦିଆଯାଏ ।

ପ୍ରାପ୍ତିସ୍ଥାନ
ଏଇଚ, ଦେ, ବାଲେଶ୍ୱର

## ବିଜ୍ଞାପନ ।




## ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

### ଏ, ସଟନ ଏଣ୍ଡ କୋର ଆଶ୍ଚର୍ଯ୍ୟ ଔଷଧାବଳୀ ।

### ଭାରତବାସୀ ରୋଗୀଙ୍କର ଆଉ ଭୟର କାରଣ ନାହିଁ ।

ସାଲସା ପ୍ୟାରିଲା ଟନିକ—ଏହା ସର୍ବୋତ୍କୃଷ୍ଟ ରକ୍ତପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ ସାଲସା ଉପଦଂଶ ( ଗରମୀ ବେମାରୀ ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, ଖଣ୍ଡ, ବାତ; ଦେହ ହାତ ଓ ଗୋଡ଼ର ଚକା ଚକା ଦାଗ ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ କୃଶତା ଦୂର କରିବାରେ ଏହା ଅଦ୍ୱିତୀୟ ଅଟେ । ରୋଗାକ୍ରାନ୍ତ ଅରୋଗୀ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ଉନ୍ନତି ନିମନ୍ତେ ନିଶ୍ଚୟ ଖାଇବାର ଆବଶ୍ୟକ,

ମୂଲ୍ୟ ଟ ୧।  ମାଶୁଲାଦି ଟ ୦ ।

ଅଣ୍ଟି ଗନୋରିଆର ମିକ୍ଚର ।—ନୂତନ ଓ ପୁରାତନ ମେହ, ମୂତ୍ରନଳୀର ପ୍ରଦାହ ଟିକ୍ଚର, ପ୍ରସ୍ରାବକାଳୀନ ଜାଳା ଓ ରକ୍ତପାତ, ସମସ୍ତ ଧାତୁସ୍ରାବ, ମୂତ୍ରକୃଚ୍ଛ୍ର, ଫୋପାଫୋପା ଗୋନୋରିୟା ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଲିଙ୍ଗେ ଘର୍ଷଣ ଏବଂ ସର୍ବାପେକ୍ଷା ବିଷାକ୍ତ ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ । ଶରୀରକୁ କଷ୍ଟଶୂନ୍ୟ ଓ ନିର୍ଦ୍ଦୋଷ କରିବାକୁ ଏହା ତୁଲ୍ୟ ଆଉ ଔଷଧ ଆବିଷ୍କୃତ ହୋଇ ନାହିଁ । ଅତି ବିଷାକ୍ତ ଜ୍ୱାଳା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ଟ ୧।  ମାଶୁଲାଦି ଟ ୦ ।

ଲାଇଫ୍ ରେଷ୍ଟୋରର ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ପୁରୁଷତ୍ୱ ହାନି; ସ୍ମୃତିଶକ୍ତିର ଅଭାବ ପ୍ରଭାବ, କୋଷ୍ଠ କାଠିନ୍ୟ ପ୍ରଭୃତି ଯାବତୀୟ ଶୁକ୍ରଘଟିତ ରୋଗର ମହୌଷଧ । ଏହାକୁ ସେବନ କଲେ ମନଃସ୍ଫୂର୍ତ୍ତି ଓ ଶରୀର ନବ ବଳରେ ବଳୀୟାନ୍ ହୋଇ ସ୍ୱାଭାବିକ କାନ୍ତି ପ୍ରାପ୍ତ ହୁଏ । ଯଦ୍ୟପି ଏହା ସେବନଦ୍ୱାରା ଜନିତ ରୋଗ ଆରୋଗ୍ୟ ନ ହୁଏ ତାହାହେଲେ ଟଙ୍କା ଫେରାଇ ଦେବାରେ ଆଉ ଆପତ୍ତି ରହିବ ନାହିଁ ।

ମୂଲ୍ୟ ଟ ୧।  ମାଶୁଲାଦି ଟ ୦ ।

ରିଂଓ୍ୱାରମ ଲୋସନ ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଦାଉ, ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଦାଉ ଔଷଧ ଜଗତରେ ଆଉ ପ୍ରାପ୍ତ ହୁଏ ନାହିଁ । ଥରେ ବ୍ୟବହାର କଲେ ବୁଝିପାରିବେ ।

ମୂଲ୍ୟ ଟ ୦ ।  ଡାକମାଶୁଲ ଟ ୦ ।

ଠିକଣା—ଏ, ସଟନ ଏଣ୍ଡ କୋଂ

ନ ୨୬୭ ଅପର ଚିତପୁର ରୋଡ ହାଟଖୋଲା କଲିକତା କଟକ ନଗରରେ ଭିକ୍ଟୋରିଆ ମେଡ଼ିକାଲ ହଲ ନାମକ ଡାକ୍ତରଖାନାର ମାଲିକ ଡାକ୍ତର ଅକ୍ଷୟ କୁମାର ଘୋଷ ଆମ୍ଭମାନଙ୍କର ଏକମାତ୍ର ଏଜେଣ୍ଟ ଅଟନ୍ତି ।


Split by PDF Splitter
Digitized by srujanika@gmail.com

Split by PDF Splitter

# ବିଜ୍ଞାପନ ।



ଯାଦୁ ରୋଗର ଏହା ଦୈବଶକ୍ତି ସମ୍ପନ୍ନ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇଅଛି । ବାସ୍ତବରେ ଯେତେ ବଡ଼ ଦୁର୍ଦ୍ଦମ୍ୟ କଠିନ ଯାଦୁ ହୋଇନା କାହିଁକି ଏ ଔଷଧ ତହିଁରେ ଲଗିବା ମାତ୍ର ସଦ୍ୟ ସଦ୍ୟ ମନ୍ତ୍ରଶକ୍ତି ପ୍ରାୟ ରୋଗ ବିନା କଷ୍ଟରେ ଦୁଇଦିନ ମଧ୍ୟରେ ଦୂରଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି କି ନା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ଟ ୦ ୰ ଅଣାମାତ୍ର ।

ଯେତେଭଦ୍ରାଳର ଯେମନ୍ତ ଯାଦୁ ରୋଗ ହେଉ ପଛକେ ତନାଜ୍ୱାଳା ଯନ୍ତ୍ରଣାରେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ଯାଦୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି କିନ୍ତୁ ତୁଳନାରେ ଏପ୍ରକାର ଆଶ୍ଚର୍ଯ୍ୟଜନକ ମହୌଷଧ ଆଉ ଦ୍ୱିତୀୟ ବାହାର ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରଜା, ମହାରଜା, ଜମିଦାର, ହାକିମ ପଣ୍ଡିତଙ୍କଠାରୁ ନିରାନ୍ନ ଗରିବ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ-ଆରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହେଉଅଛନ୍ତି । ଶତ ଶତ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହୁଅଛନ୍ତି ଯେ ଯଥାର୍ଥରେ ଯାଦୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ଟ ୦ ।୵ ଅଣାମାତ୍ର ।

ଏକତ୍ରରେ ଡେଢ଼ ଛ ବା ବାର ଗୋଟି ଡବା କି ତହିଁରୁ ଅଧିକ ନେଲେ ବିଶେଷ ସୁବିଧା କରି ଦିଆଯାଏ । ସମସ୍ତେ ଆପଣା ନାମ, ଧାମ ଡାକଘର ଜିଲ୍ଲା ଉତ୍ତମରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୨୧୭।୦୩ ଶ୍ରୀ ରାମଚାରଣ ସେନ ।

ହେଡ଼ ଉତ୍କଳପ୍ରେସ, ବାଲେଶ୍ୱର ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it, which are equally usefull in Malarious Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.

## ଫଲେନ ପରିଚୀୟତେ

ଜବରଜ ଶ୍ରୀଛକଡ଼ି କର କବିରତ୍ନଙ୍କର

ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଉପାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଶତ୍ରୁଗୁଣାବଲୀକାରିତ ସ୍ୱର୍ଣ୍ଣଘଟିତ

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଅଶୁଦ୍ଧ ବାୟୁଜ୍ୱର, କାଶ, ଶ୍ୱାସ, କୃମି; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗସକଳ ସତ୍ୱର ଶୀଘ୍ର ନିବାରିତ ହୁଏ । ଅତିଶୟ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ସ୍ନାୟୁଦୁର୍ବଳତା, ସ୍ମରଣଶକ୍ତିର ଅଳ୍ପତା

ଉଦର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ବ ରୋଗ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୲ ।

୧୧।୨।୦୩

## ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ କାର୍ଯ୍ୟସ୍ତମ୍ଭାଧିକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ କାର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅତ୍ରମତର ଜଣ୍ଟୁପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

## କଳ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) ଘଟିତ, ପାରଦଦୋଷଜନିତ ଶରୀରରେ ଘାଆ ଓ ଚକା ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକେ ତିନିଶିଶି ନେଲେ ଟ ୪୲ ଦିଆ ଯାଏ

ଚୌଧୁରୀ ବଜାର କଟକ } ଶ୍ରୀ ଛକଡ଼ି କର କବିରତ୍ନ ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର୍ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୵

ଅଧସ୍ତମ୍ଭ ୨ ୧

ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଦର୍ ଟ ୦ ୲ ଠାରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର୍ ପ୍ରଥମ ଥରର ଅର୍ଦ୍ଧେକ ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ବଜାର ଉତ୍କଳଯନ୍ତ୍ରରେ ପ୍ରିଣ୍ଟର୍ କଳାନିଧି ଘୋଷଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

| ଭାଗ ୩୯ ଶ | CUTTACK, SATURDAY THE 9th January 1904. | ଅଗ୍ରିମ ଟ ୩ |
|---|---|---|
| ସଂ ୨ ଖ୍ୟା | ତା ୨୬ ର ପୌଷ ସନ ୧୩୧୧ ସାଲ ଶନିବାର | ପଶ୍ଚାଦେୟ ଟ ୩। |



## ବିଜ୍ଞାପନ ।

କଟକ ପ୍ରିଣ୍ଟିଂ କମ୍ପାନୀର

## ନୂତନ ପଞ୍ଜିକା

ଶ୍ରାବଣାଦି ୧୩୧୨ ସନ ୧୩୧୧ ଓ ୧୩୧୨ ସାଲ ଇଂରାଜୀ ସନ ୧୯୦୪।୧୯୦୫ ମସୀହାର ପଞ୍ଜିକା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ, ଉତ୍ତମ କାଗଜରେ ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଶ୍ରୀକ୍ଷେତ୍ରର ମୁକ୍ତିମଣ୍ଡପର ସୁଜ୍ଞାତ ପଣ୍ଡିତମଣ୍ଡଳୀ ଏହି ପଞ୍ଜିକାର ଅଧିକତର ଆଦର ଏବଂ ପୁରୀ କ୍ଷେତ୍ରରେ ଏହାର ଅଧିକ ଗ୍ରାହକ ଏବଂ ଏହା ଶ୍ରୀ ଜଗନ୍ନାଥ ଦେବଙ୍କ ପାଞ୍ଜି ବୋଲି ବିଖ୍ୟାତ ଏହାର ବିଶୁଦ୍ଧତା ସମ୍ବନ୍ଧେ ଅଧିକ ବୋଲିବା ବାହୁଲ୍ୟ ଅଟେ ।

| | |
|---|---|
| ବଡ଼ ପଞ୍ଜିକା | ଟ୦। |
| ଛୋଟ ପଞ୍ଜିକା | ଟ୦୧୬ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିସନ ପାଇବେ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

WANTED an under graduate with experience in the art of teaching for the sixth Mastership of the Cuttack Academy on a monthly salary of Rs. 15 Apply before the 15th Instt. to the Secretary, Piary Mohan Academy Cuttack.

## WANTED.

A B. A. or an F. A. as Head Master and a matriculate as first Assistant having competency in Uriya language for the Jubilee Middle English School Sonepur on Rs. 50 and Rs. 20 per mensem respectively.

Applicants should send in time their applications stating therein their caste and age, with copies of certificates of University examinations they have passed and of their past services, if any, so as to reach the following address before the 15th January 1904.

Rejected applications will not be replied to.

The 25th Decer 1903

Raja Birmitrodaya Sing Deo Feudatory chief
Sonepur Feudatory State
C. P. S.

## ADVERTISEMENT

Wanted smart and energetic chief and Local mofussil agents in every District to introduce and sell our Electric, acetylene lights and Novelties and Graphophones and Phanographs &c. Cash security from Rs. 100 to 1000 required as deposit for our goods. Monthly salary ranging from Rs. 10 to Rs. 100 or ten percent of the amount deposited besides $12\frac{1}{2}$ percent commission on goods sold will be given goods worth more than the amount of security supplied apply to.

EDWARD ELECTRIC WORKS & NOVELTIES
and
acetylene goods supply Co,
64 College street, Calcutta.

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ କି ଆମ୍ଭର ପିତା ପଣ୍ଡିତ ୰କପିଳେଶ୍ୱର ବିଦ୍ୟାଭୂଷଣଙ୍କ କୃତ ଓ ଅନୁବାଦିତ ଏବଂ ଆମ୍ଭ କୃତ ଓ ଅନୁବାଦିତ ସମସ୍ତ ପୁସ୍ତକମାନ ଆମ୍ଭର ବିନା ଅନୁମତିରେ କେହି କୌଣସି ଯନ୍ତ୍ରାଳୟରେ ଛାପା କରିଇ ପାରିବେ ନାହିଁ । ଯେବେ କେହି ଛାପା କରିବେ ତେବେ ଆମ୍ଭେ ବିଧିମତେ ତାହାଙ୍କଠାରୁ କ୍ଷତିପୂରଣ କେବାକୁ ଯତ୍ନ କରିବୁଁ । ଇତି ।

୪।୧।୧୯୦୪ ଶ୍ରୀ ସୁଦର୍ଶନ ରଥ ଶର୍ମା

## ବିଜ୍ଞାପନ ।

ଅତ୍ୟଳ୍ପ ବ୍ୟୟେ ଅତ୍ୟାଶ୍ଚର୍ଯ୍ୟ ଆରୋଗ୍ୟ ସମ୍ବାଦ ।

ଚିର ବିହୁତମ । ମୌ । କୃଷ୍ଣପୁର ପୋଃ ଅଃ ହରିପୋଖରି, ୰ ସଦାଶିବ ଦାସ ଶର୍ମା ଦୈବୀ ଧନ୍ୱନ୍ତରୀ ଗଜପଦଗଜ ମହାଶୟର ପୁତ୍ର ଶ୍ରୀଯୁକ୍ତ ଶ୍ରୀ କ୍ଷେତ୍ରମୋହନ ଦାସ ଶର୍ମା ଅସ୍ୱଚ୍ଛେନ୍ଦ ମୂଳସ୍ତମ୍ଭ ଗଳାଧାରୀ କବିରାଜ ମହୋଦୟ, ସାଧନ ସହସ୍ରାଧିକ ଓ ବହୁ ସ୍ଥାନ ଜଗି ନାନାବିଧ ରୋଗାକ୍ରାନ୍ତ ଅସହାୟ ବ୍ୟକ୍ତିମାନଙ୍କୁ ବିନାମୂଲ୍ୟ ଚିକିତ୍ସାଦ୍ୱାରା ଆରୋଗ୍ୟ କରୁଅଛନ୍ତି । ଏହି ମହାତ୍ମା ସର୍ବସାଧାରଣଙ୍କ ନିକଟରେ ଏକାନ୍ତ ଶ୍ରଦ୍ଧାର୍ହ ଧନ୍ୟବାଦ ପାତ୍ର ହୋଇଅଛନ୍ତି । ଏହାଙ୍କ ଚିକିତ୍ସାଦ୍ୱାରା ଅନେକ ଜଟପଟ ରୋଗର ଓ କଠିନ ରୋଗମାନଙ୍କର ଶତଶତ ରୋଗିମାନଙ୍କ ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେବାର ଦେଖା ଯାଉଅଛି । ଏହାଙ୍କର ନିକଟ ସର୍ବପ୍ରକାର ଅକୃତ୍ରିମ ଔଷଧ ସୁଲଭ ମୂଲ୍ୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଅତଏବ ଏ କବିରାଜଙ୍କ ପରିଚିତ ରୋଗାକ୍ରାନ୍ତ ବ୍ୟକ୍ତିମାନେ ଥରେ ମାତ୍ର ଏହି ମହାତ୍ମାଙ୍କ ସୁଲଭ ମୂଲ୍ୟର ଔଷଧ ବ୍ୟବହାର କରି ଦେଖନ୍ତୁ ।

Chaitan Prasad Mahant
Inspecting Pandit
Bamanghaty & Panchpir Sub-Division.
P. O. Rairangpur.
BALASORE

Digitized by srujanika@gmail.com

Split by PDF Splitter



## ଉତ୍କଳ ଦୀପିକା ।

ନବବର୍ଷର ପ୍ରଥମଦିନର ସରକାରୀ ଗେଜେଟରେ ଯେଉଁମାନେ ଉପାଧି ପାଇବାର ଘୋଷିତ ହୋଇଅଛି ସେମାନଙ୍କ ମଧ୍ୟରେ ଏ ନଗରର ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ, ଉପାଧି ପ୍ରାପ୍ତ ହୋଇଥିବାର ଗତ ସପ୍ତାହରେ ପ୍ରକାଶ କରିଅଛୁଁ । ତାହାଙ୍କ ଛଡ଼ା ମଧ୍ୟପ୍ରଦେଶ ସମ୍ବଲପୁର ଜିଲ୍ଲାସ୍ଥ ଖଡ଼ିଆଲର ଜମିଦାର ଶ୍ରୀଯୁକ୍ତ ବ୍ରଜରାଜ ସିଂହ ଦେବ ରାଜା ପଦ ପାଇଥିବାର ଏବଂ ଓଡ଼ିଶାସ୍ଥ ଅନୁଗୁଳର ଡେପୁଟି କଲେକ୍ଟର ଓ ତହସିଲଦାର ବାବୁ ନାରାୟଣଚନ୍ଦ୍ର ନାୟକ ରାୟ ବାହାଦୁର ପଦ ପାଇଥିବାର ଦେଖି ଆନନ୍ଦିତ ହେଲୁଁ ।

———

ବମ୍ବେଇଠାରେ ଏବର୍ଷ ଭାରତୀୟ ମୁସଲମାନମାନଙ୍କର ସମିତି ଗତ ମାସର ଶେଷ ଦ ୨ ଦ ବସିଥିଲା । ତାହା ପ୍ରସଙ୍ଗ ମଧ୍ୟରେ ଏହି ମର୍ମରେ ଗୋଟିଏ ନିର୍ଦ୍ଧାରଣ ହୋଇଅଛି କି ପ୍ରତ୍ୟେକ ଦେଶାନୁରାଗୀ ମୁସଲମାନ ନବାବାଦ ଉତ୍ସବ ସମୟରେ ମୁସଲମାନ ଶିକ୍ଷାର ଉତ୍ସାହ କାରଣ ଟ ୧୲ ଲେଖାଏଁ ଚାନ୍ଦା ପ୍ରାଦେଶିକ ସମିତି ନିକଟକୁ ପଠାଇବେ । ଇଉରୋପର ବିଶ୍ୱବିଦ୍ୟାଳୟମାନଙ୍କର ଅନୁକରଣରେ ଭାରତରେ ଗୋଟିଏ ମୁସଲମାନ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ । ସେହି ବିଶ୍ୱବିଦ୍ୟାଳୟ ଆଲିଗଡ଼ କଲେଜର ସମ୍ପ୍ରସାରଣଦ୍ୱାରା ହେଲେ ଭଲ ହେବ ବୋଲି ଶ୍ରୀଯୁକ୍ତ ଆରନଲ୍ଡ ସାହେବ ପ୍ରସ୍ତାବ କରିଅଛନ୍ତି ।

———

ପ୍ରଜାବନ୍ଧୁରୁ ଅବଗତ ହେଲୁଁ କି ବାମଣ୍ଡାର ସ୍ୱର୍ଗୀୟ ନରପତି ସର ସୁଢ଼ଳ ଦେବଙ୍କ ସ୍ମୃତି ସ୍ଥାପନାର୍ଥ ଧନ ସଂଗ୍ରହ ହେଉଅଛି ଏବଂ ଏଥିମଧ୍ୟରେ ୮ ହଜାର ଟଙ୍କା ଯାଏ ହୋଇଅଛି । ବାମଣ୍ଡାର ନୂତନ ରାଜା ଅଭିଷେକ ସମୟରେ ଯାହା ଭେଟି ପାଇଥିଲେ ତାହା ସମସ୍ତ ଆପଣା ପିତୃଦେବଙ୍କ ସ୍ମରଣାର୍ଥ ପ୍ରଦାନ କରିଅଛନ୍ତି ଏବଂ ସ୍ୱର୍ଗୀୟ ରାଜାଙ୍କର ଏକ ଜାମାତା ବଣେଇର ରାଜା ଏକସହସ୍ର ଟଙ୍କା ଚାନ୍ଦା ଦେଇଅଛନ୍ତି । ଅବଶିଷ୍ଟ ଟଙ୍କା ଅଭିଷେକ ସଭାରେ ଉପସ୍ଥିତ ଥିବା ଅନ୍ୟାନ୍ୟ ବ୍ୟକ୍ତିମାନେ ଚାନ୍ଦା ସ୍ୱାକ୍ଷର କରିଅଛନ୍ତି । ରାଜା ଓ ପ୍ରଜାଙ୍କର ବିଶ୍ୱାସ ମତେ ସ୍ମୃତିର ରୂପ କଳ୍ପିତ ହେବ । ଚାନ୍ଦା ଉପରେ ଅଧିକା ଟଙ୍କା କିଛି ଦରକାର ହେଲେ ନୂତନରାଜା ତାହା ଦେବାକୁ କହିଅଛନ୍ତି ।

———

ଗତ ଶୁକ୍ରବାର ଅଥବା ନବବର୍ଷର ପ୍ରଥମ ଦିନରେ କଲିକତା ଗବର୍ଣ୍ଣମେଣ୍ଟ ପ୍ରାସାଦରେ ଯେଉଁ ସରକାରୀ ଭୋଜ ହୋଇଥିଲା ତହିଁରେ ବଡ଼, ଛୋଟଲାଟ, ଚିଫକମିଶନର ଓ ଅନ୍ୟାନ୍ୟ ଉଚ୍ଚ ସରକାରୀ କର୍ମଚାରୀ ଏବଂ ବ୍ୟବସ୍ଥାପକ ସଭାର ସରକାରୀ ଓ ବେସରକାରୀ ସଭ୍ୟ ପ୍ରଭୃତି ଇଉରୋପୀୟଙ୍କ ସହିତ ଦେଶୀୟ ଲୋକଙ୍କ ମଧ୍ୟରୁ ଦ୍ୱାରଭଙ୍ଗପତି, ଅମିରଅଲି, ଶ୍ରୀ ଗୋପାଳ କୃଷ୍ଣଗୋଖେଲ, ମାନ୍ୟବର ଡାକ୍ତର ଆର, ଜି, ଭଣ୍ଡାରକର, ଶ୍ରୀ ଜି, ଏଲ୍, ଗୁପ୍ତ, ସି, ଏସ୍, ପି, ସିଂହ ମିରଜା ମହମ୍ମଦ ଖାନ୍ ମୁଫାକର ସୁଲତାନ ଯୋଗ ଦେଇଥିଲେ । ମାନ୍ୟବର ଜଷ୍ଟିସ ଗୁରୁଦାସ ବାନାର୍ଜ୍ଜୀ, ମାନ୍ୟବର ରାୟ ବାହାଦୁର ବି, କେ, ବୋଷ, ମାନ୍ୟବର ରାୟ ଶ୍ରୀରାମବାହାଦୁର ପ୍ରଭୃତି ଭୋଜନାର୍ଥେ ଉପସ୍ଥିତ ହୋଇଥିଲେ ।

———

ପ୍ରଜାବନ୍ଧୁରୁ ଅବଗତ ହେଲୁଁ ଯେ 'ଖଲିକୋଟ ଷ୍ଟେଟ ପ୍ରେସ'ର ନାମ ଏଣିକି 'ନନ୍ଦଗଜପ୍ରେସ' ହୋଇଅଛି ଏବଂ ସେହି ପ୍ରେସରେ 'ପ୍ରଜାବନ୍ଧୁ' ସହିତ ସମସ୍ତ କାଗଜପତ୍ର କମ ମୂଲ୍ୟରେ ଛପା ହେବାର ଖଲିକୋଟ—ଅଧିପତି ଶ୍ରୀଯୁକ୍ତ ରାଜା ମହୋଦୟ ଆଦେଶ ଦେଇଅଛନ୍ତି । ଗତ ବର୍ଷ ରାଜା ମହୋଦୟ ଟ ୨୦୦ ଙ୍କା ସାହାଯ୍ୟ କରି 'ପ୍ରଜାବନ୍ଧୁ'ର ଜୀବନ ରକ୍ଷା କରିଥିବାର ମଧ୍ୟ ସହଯୋଗୀ କୃତଜ୍ଞତା ସହିତ ସ୍ୱୀକାର କରିଅଛନ୍ତି । ଖଲ୍ଲିକୋଟ ରାଜାଙ୍କର ଏପ୍ରକାର ସାହାଯ୍ୟରେ ପ୍ରଜାବନ୍ଧୁର କାର୍ଯ୍ୟ ଚଳିବାର ଆଉ କିଛି ଅସୁବିଧା ହେବ ନାହିଁ ଏବଂ ତାହା ରାଜପ୍ରତିପାଳିତ ପତ୍ରିକା ବୋଲି ପ୍ରଥମରୁ ଯାହା କଳ୍ପନା କରାଯାଇଥିଲା ତାହା ବର୍ତ୍ତମାନ ସାର୍ଥକ ହେଲା ।

———

ପୁରୀ ଯାତ୍ରୀ ଟିକସ ବିରୁଦ୍ଧରେ ଏ ପତ୍ରିକାରେ ଯେ ଦୁଇ ତେଇଁ ପ୍ରେରିତ ପତ୍ର ପ୍ରକାଶ ହୋଇଥିଲା 'ପ୍ରଜାବନ୍ଧୁ' ତହିଁର ଯୁକ୍ତିମାନ ସମ୍ପୂର୍ଣ୍ଣ ରୂପେ ଅନୁମୋଦନ କରି କହିଅଛନ୍ତି କି ଏପରି ଅନ୍ୟାୟ ଟିକସ ବସିବା କୌଣସିମତେ ଉଚିତ ନୁହେ । ବାସ୍ତବରେ ପ୍ରେରିତପତ୍ର ଲିଖିତ ହେତୁମାନ ଅଖଣ୍ଡନୀୟ । ଆଶ୍ଚର୍ଯ୍ୟର ବିଷୟ ଯେ କେତେକ ସରକାରୀ ଓ ବେସରକାରୀ ହିନ୍ଦୁ ଏ ଟିକସ ପକ୍ଷରେ ମତ ଦେଇଥିବାର ଶୁଣାଯାଏ ଏମାନେ ଯାତ୍ରୀ ଶବ୍ଦର କି ଅର୍ଥ କରିଅଛନ୍ତି ଓ ରଥ ସମୟରେ ଠାକୁର ଦାଣ୍ଡରେ ଭିଡ଼ କରିଥିବା ଲୋକଙ୍କଠାରୁ ଟିକସ ଆଦାୟର କି ଉପାୟ ବାହାର କରିଅଛନ୍ତି ତାହା ଜାଣିବାକୁ ବଡ଼ ଇଚ୍ଛା ହେଉଅଛି । ସେ ସମୟରେ ମୁସଲମାନ ଓ ଖ୍ରୀଷ୍ଟିୟାନ ଛଡ଼ା ଆଉ କାହାର ପୁରୀ ସହର ମଧ୍ୟକୁ ଯିବାର ନିଷେଧ ହେବ ପରା ।

———

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଡମପଡ଼ାର ରାଜା ବ୍ରଜେନ୍ଦ୍ରମାନସିଂହ ଭ୍ରମରବର ରାୟ ଗତ ତା ୨୪ ରିଖ ଦିବା ଘ ୧୦ ଘା ବେଳେ କଲିକତାଠାରେ ଗଙ୍ଗା ପ୍ରାପ୍ତ ହୋଇଅଛନ୍ତି । ସେ ପ୍ରାୟ ବର୍ଷାଧିକ ହେଲା ଅଜୀର୍ଣ୍ଣ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ନିମନ୍ତେ ସପରିବାରରେ କଲିକତାକୁ ଯାଇଥିଲେ । ସେଠାରେ ନାନା ଚିକିତ୍ସାରେ ଶୁଦ୍ଧା ରୋଗ ଉପଶମ ନ ହୋଇ ବରଂ ବୃଦ୍ଧି ହେଲା ଏବଂ ପରିଶେଷରେ ପ୍ରାଣ ଗଲା । ମୃତ ରାଜା ବଡ଼ ଧୀର ଓ ଶାନ୍ତ ପ୍ରକୃତିର ଲୋକ ଥିଲେ ଏବଂ ତାହାଙ୍କର ବୟସ ବ ୩୮ ର୍ଷ ହୋଇଥିଲା । ଏମନ୍ତ ଭଲ ରାଜାର ଅଳ୍ପ ବୟସରେ ଦେହ ତ୍ୟାଗ ହେବାରୁ ତାହାଙ୍କର ପ୍ରଜାବର୍ଗ ଅଧିକ ଶୋକାକୁଳ ହୋଇଅଛନ୍ତି । ରାଜାଙ୍କର ଏକମାତ୍ର ଶିଶୁ ସନ୍ତାନ ବର୍ତ୍ତମାନ ଗାଦିରେ ବସିଅଛନ୍ତି । ମାନ୍ୟବର କଲେକ୍ଟରଙ୍କ ଆଦେଶରେ ରାଜସମ୍ପତ୍ତିର କଟକଣା ହୋଇଅଛି । ସମ୍ଭବତଃ ମାହାଲ କୋର୍ଟଅବ୍‌ୱାର୍ଡସର ଅଧୀନରେ ଆସିବ ଯେପରିକି ମୃତ ରାଜାଙ୍କର ନାବାଳଗିରେ ହୋଇଥିଲା ।

———

ପଶ୍ଚିମର କାୟସ୍ଥ ସମିତିର ଅନ୍ୟାନ୍ୟ କର୍ତ୍ତବ୍ୟ ମଧ୍ୟରେ ଯେ ବ୍ୟକ୍ତି ଶିକ୍ଷାଲାଭ ନିମନ୍ତେ ସାହସ କରି କଳାପାଣି ପାରହୋଇ ଦେଶାନ୍ତରକୁ ଯିବ ସେ ସମାଜରେ ନିନ୍ଦନୀୟ ହେବନ ନାହିଁ ଏହି ପ୍ରସଙ୍ଗ ପଡ଼ିଥିଲା । ଅନେକ ତର୍କ ବିତର୍କ ଉତ୍ତାରୁ ଉକ୍ତମତର ପକ୍ଷପାତୀ ଦଳର ମତ ପ୍ରବଳ ହେଲା ଏବଂ ତଦନୁସାରେ ଅମ୍ବିକାଚରଣ ନାମକ ଏକ ଯୁବାକୁ ଜାହାଜ ବାଟେ ଜାପାନକୁ ଶିଳ୍ପ ଶିକ୍ଷା କାରଣ ଯିବାର ଅନୁମତି ଦିଆଗଲା । ଏହି ସାମାଜିକ ନୀତିଟି ସକଳ ସମାଜରେ ସ୍ୱୀକୃତ ହେବା ଏକାନ୍ତ ବାଞ୍ଛନୀୟ । ହିନ୍ଦୁମାନଙ୍କ ପ୍ରତି ସମୁଦ୍ର ବାଟେ ବିଦେଶକୁ ଯିବାର ଜାତି ନାଶକ ଏକଘରିଆ ହେବାର ନିୟମ ଶିଥିଳ ନ ହେଲେ ଶିକ୍ଷା ବା ବାଣିଜ୍ୟର ଉନ୍ନତି ହେବ ନାହିଁ । ଜାହାଜରେ ଚଢ଼ି ଯାଇବାର ଅସୁବିଧା ନାହିଁ କେବଳ ତହିଁରେ କିଛି ଅଧିକ ବ୍ୟୟ ପଡ଼ିବ । ଏଣୁ ହିନ୍ଦୁମାନେ ଚେଷ୍ଟାକଲେ କେତେକ ଖଣ୍ଡ ନିଜର ଜାହାଜ ତିଆରି ପାରନ୍ତି । ତଦ୍ୱାରା ଦେଶୀୟ ବ୍ୟବସାୟର ଉନ୍ନତି ଏବଂ ବିଦେଶ ଭ୍ରମଣର ସୁବିଧା ହେବ । ଉପାୟ ନ କରି କେବଳ ଧର୍ମର ନାମରେ ଉନ୍ନତି ପଥରେ ବାଧା ଦେବ କୌଣସି ମତେ ଯୁକ୍ତି ସଙ୍ଗତ ବୋଲାଯାଇ ନ ପାରେ ।

———

ଅମୃତବଜାର ପତ୍ରିକା ଲେଖିଅଛନ୍ତି କି ବର୍ତ୍ତମାନ ଓଡ଼ିଶାରେ ନ * ଣ ଅନୁପମ ବ୍ୟକ୍ତି

Digitized by srujanika@gmail.com

ଅଛନ୍ତି ଅର୍ଥାତ୍ ପ୍ରତ୍ୟେକେ ଏକ ୨ ବିଷୟରେ ଅଦ୍ୱିତୀୟ ଯଥା— ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ, ମହାରାଜା ମୟୂରଭଞ୍ଜ ଏବଂ ବାବୁ ମଧୁସୂଦନ ଦାସ । ମହାମହୋପାଧ୍ୟାୟ ଜ୍ୟୋତିର୍ବିଦ୍ୟାରେ ଓଡ଼ିଶାରେ କାହିଁକି ସମସ୍ତ ଭାରତରେ ବିଖ୍ୟାତ । ବାବୁ ମଧୁସୂଦନ ଦାସଙ୍କର ଖ୍ୟାତି କାହାରିକୁ ଅଜଣା ନାହିଁ ଏବଂ ସମ୍ପ୍ରତି କଟକରେ ଯେଉଁ "ଉତ୍କଳସମ୍ମିଳନୀ ହେଉଅଛି ସେ ତହିଁର ଉଦ୍ୟୋଗକର୍ତ୍ତା ଓ ପ୍ରଧାନ ଚାଳକ ଅଟନ୍ତି । ମୟୂରଭଞ୍ଜର ମହାରାଜାଙ୍କର ରାଜ୍ୟଶାସନ ଉକ୍ତ ରାଜ୍ୟର ବାର୍ଷିକ ରିପୋର୍ଟରୁ ପ୍ରକାଶ । ତାହାଙ୍କଠାରେ ରାଜଭୋଗ ଲାଳସା ଆଡ଼ମ୍ବର ଇତ୍ୟାଦି କିଛି ନାହିଁ । ବୃହତ ରାଜ୍ୟର ଯଥେଷ୍ଟ ଆୟ ରାଜକାର୍ଯ୍ୟର ହିତାର୍ଥେ ରଖିଦେଇ ନିଜେ ସାଧାରଣ ଅବସ୍ଥାର ଲୋକପରି ବାସକରନ୍ତି ଏବଂ ରେଲ ଇତ୍ୟାଦିରେ ଭ୍ରମଣ କଲାବେଳେ ଗୃହଇର ଅପେକ୍ଷା ସୁଦ୍ଧା ରଖନ୍ତି ନାହିଁ । ସହଯୋଗୀ ଓଡ଼ିଶାର ଜ ୩ ଣ ଶ୍ରେଷ୍ଠ ବ୍ୟକ୍ତିର ଗୁଣମାନ ଯାହା ବାଛି ଲେଖିଅଛନ୍ତି ତହିଁରେ ଅତ୍ୟୁକ୍ତି ନାହିଁ । ସେମାନେ ଦୀର୍ଘଜୀବୀ ହୋଇ ଉତ୍କଳର ଗୌରବ ବିସ୍ତାର କରନ୍ତୁ ।

---

ବଙ୍ଗ ଶାସନର ବିଭାଗ ବିରୁଦ୍ଧରେ ଢାକା ମଇମନସିଂହ ଏବଂ ଚଟ୍ଟଗ୍ରାମ ଜିଲାର ନାନା ସ୍ଥାନରେ ସଭା ସମିତି ହେଉଥିବାର ପ୍ରକାଶ ପାଏ । ସେ ସମସ୍ତରୁ ପ୍ରକାଶ ଯେ ବଡ଼ଲୋକଠାରୁ ସାମାନ୍ୟ ଲୋକ ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବର ପ୍ରତିଦ୍ୱନ୍ଦ୍ୱୀ ହୋଇଅଛନ୍ତି ଏବଂ ବଙ୍ଗ ଶାସନରୁ ବାହାର ଯିବା କାହାର ଅଭିପ୍ରାୟ ନୁହେଁ । ଏଠାରୁ ବିଲାତ ପର୍ଯ୍ୟନ୍ତ ପ୍ରତିବାଦ କରିବାକାରଣ ସେମାନେ ପ୍ରସ୍ତୁତ ହୋଇଅଛନ୍ତି । ସେମାନଙ୍କର ପ୍ରଧାନ ଆପତ୍ତି ଏହିପରି ଜଣାଯାଏ ଯେ ଆସାମ ଅନୁନ୍ନତ ପ୍ରଦେଶ ଏବଂ ତାହା ପ୍ରତି ଉନ୍ନତ ଜିଲାମାନ ତହିଁ ସଙ୍ଗେ ମିଶିବାକୁ ଇଚ୍ଛା କରନ୍ତି ନାହିଁ । ଚଟ୍ଟଗାଁର ସାମୁଦ୍ରିକ ବ୍ୟବସାୟ ବୃଦ୍ଧି ଉପରେ ଅଛି । ତାହା ଆସାମର ଅନ୍ତର୍ଗତ ହେଲେ ଏବଂ ଆସାମର ରାଜଧାନୀ ଚଟ୍ଟଗାଁରେ ହେଲେ କଲିକତାର ସାମୁଦ୍ରିକ ବ୍ୟବସାୟର କ୍ଷତି ହେବ, ଏ ହେତୁ ମଧ୍ୟ ବଣିକ ସମ୍ପ୍ରଦାୟର ଆପତ୍ତି ହେଉଅଛି । କଲିକତାର ସମ୍ବାଦପତ୍ରମାନଙ୍କରେ ଏ ବିଷୟରେ ଘୋର ଆନ୍ଦୋଳନ ଚାଲିଅଛି ଏବଂ ବଙ୍ଗେଶ୍ୱର ବାହାଦୁର ପ୍ରଧାନ ଲୋକଙ୍କ ସହିତ ବିଚାରରେ ପ୍ରବୃତ୍ତ ହୋଇଅଛନ୍ତି । ଅନ୍ୟ ଦିଗରେ ଛୋଟନାଗପୁରର ଲୋକମାନେ ବଙ୍ଗଳା ଛାଡ଼ି ମଧ୍ୟପ୍ରଦେଶ ଭୁକ୍ତ ହେବାର ପ୍ରତିବାଦ କରୁଅଛନ୍ତି ଏବଂ କଲିକତାଠାରୁ ନାଗପୁର ସେମାନଙ୍କ ପକ୍ଷେ ଦୂର ଏବଂ ଦୁଃସାଧ୍ୟ ବାଟ ହେବାର ଯୁକ୍ତି ଦେଖାଉଅଛନ୍ତି । ଏ ସମସ୍ତରୁ ଦେଖା ଯାଉଅଛି ଯେ ପ୍ରତିବାଦଟା ସହଜରେ ଭାଙ୍ଗିବ ନାହିଁ ।

---

ପୁନାର ବିଖ୍ୟାତ ଶ୍ରୀଯୁକ୍ତ ବାଲଗଙ୍ଗାଧର ତିଲକଙ୍କର ଫଉଜଦାରୀ ଅପିଲ ମୋକଦ୍ଦମା ସେଠା ସେସନ ଜଜ ଅଦାଲତରେ ନିଷ୍ପତ୍ତି ହୋଇଅଛି । ମାଜିଷ୍ଟ୍ରେଟ ସାହେବ ତିଲକଙ୍କୁ ଦୁଇ ଅଭିଯୋଗରେ ଅର୍ଥାତ୍ ପୋଷ୍ୟପୁତ୍ର ସମ୍ବନ୍ଧରେ ମିଥ୍ୟା ବର୍ଣ୍ଣନା ଦାଖଲ କରିବା ଏବଂ ଅନ୍ୟାୟ ଅଟକ ରଖିବା ଅପରାଧରେ ଦୋଷୀ କରି ମା ୧୮ ସ କଏଦ ଏବଂ ପାଞ୍ଚ [illegible]ର ଟଙ୍କା ଅର୍ଥଦଣ୍ଡ ଦେଇଥିଲେ । ଜଜସାହେବ ୨ୟ ଅଭିଯୋଗରୁ ଖଲାସ ଦେଇ କେବଳ ମିଥ୍ୟା ବର୍ଣ୍ଣନା ଅପରାଧ ସ୍ଥିର ରଖି ଦଣ୍ଡ ଲାଘବପୂର୍ବକ ମା ୬ ସ କାରାବାସ ଓ ଏକ ହଜାର ଟଙ୍କା ଅର୍ଥଦଣ୍ଡ ବିଧାନ କରିଅଛନ୍ତି । ରାୟରେ ଲେଖାଅଛି କି ଆସାମୀ ତିଲକଙ୍କର ଅଭିପ୍ରାୟ ସରଳ ଥିଲା ଏବଂ ତାହାଙ୍କଠାରେ ନ୍ୟସ୍ତ ଥିବା ସମ୍ପତ୍ତିର ହିତାର୍ଥେ ସେ କାର୍ଯ୍ୟ କରିଥିଲେ ଅନ୍ୟାନ୍ୟ ଲାଘବରେ ଅବସ୍ଥା ଦୃଷ୍ଟିରେ ସେ ଅଳ୍ପ ଦଣ୍ଡ ଦେଇଅଛନ୍ତି । ଜଜ ସାହେବଙ୍କ ହୁକୁମ ଶୁଣିବା କାରଣ ଅଦାଲତରେ ଏତେ ଲୋକ ଜମା ହୋଇଥିଲେ ଯେ ସ୍ଥାନ ମିଳୁ ନ ଥିଲା ଏବଂ ତହିଁ ମଧ୍ୟରେ ଅନେକ ଭଦ୍ରଲୋକ ଥିଲେ । ହୁକୁମ ଶୁଣି ସମସ୍ତେ ବଜ୍ରାହତ ପରି ସ୍ତମ୍ଭିତ ହୋଇଥିଲେ । ତିଲକ ମହାଶୟ ପ୍ରଶଂସନୀୟ ଧୀର ଭାବରେ ଦଣ୍ଡଗ୍ରହଣ କରିଥିଲେ । ବମ୍ବେ ହାଇକୋର୍ଟରେ ପୁନର୍ବିଚାରର ଆବେଦନ ହୋଇଅଛି ଏବଂ ସର୍ବତ୍ର ଲୋକେ ତାହାଙ୍କ ଦୁଃଖରେ ଗଭୀର ସହାନୁଭୂତି ପ୍ରକାଶ କରୁଅଛନ୍ତି । ଜଜ ସାହେବ ଯାହାଙ୍କର ଅଭିପ୍ରାୟ ସରଳ ଥିବାର ବିଶ୍ୱାସ କଲେ ତାହାଙ୍କ ପ୍ରତି ଏଡ଼େ କଠୋର ଦଣ୍ଡ କିପରି ବିଧାନ କଲେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଅଛି ।

---

ଦେଶୀୟ ଦିଆଶଲାଇ ବିଷୟରେ ଗତ ତା୧୬-ରିଖର ଉତ୍କଳଦୀପିକାରେ ପ୍ରକାଶିତ ପ୍ରବନ୍ଧ ପଢ଼ି ପ୍ରଜାବନ୍ଧୁ ଅତ୍ୟନ୍ତ ଦୁଃଖିତ ଓ ବିସ୍ମିତ ହୋଇଅଛନ୍ତି । ଏତେ ଦୁଃଖ ଓ ବିସ୍ମୟର ହେତୁ ଏହି ଯେ ମା ୬ ସ ପୂର୍ବେ ଗତ ଜୁନ ମାସରେ ସହଯୋଗୀ ଏହି ଦିଆଶଲାଇ ପ୍ରଚାର କରିବାକୁ ଚେଷ୍ଟିତ ଥିବାର ଲେଖିଥିବା ଏବଂ ଏ ନଗରର ବାବୁ ଗୋପାଳଚନ୍ଦ୍ର ପ୍ରହରାଜ ଉକ୍ତ କମ୍ପାନୀର ଏକମାତ୍ର ଏଜେଣ୍ଟ ନିଯୁକ୍ତ ହୋଇ ପ୍ରାୟ ଏକ ହଜାର ଟଙ୍କାର ଦିଆଶଲାଇ ବିକ୍ରୀ କରିଥିବା ପ୍ରତ୍ୟକ୍ଷେ ଆମ୍ଭେମାନେ ଏ ନଗରର କେତେ ଲୋକଙ୍କୁ ସେ ବ୍ୟବସାୟ କରିବାକୁ ଅନୁରୋଧ କରିଅଛୁଁ । ଏଥିରୁ ବୋଧହୁଏ ପ୍ରଜାବନ୍ଧୁ ଯେ ବ୍ୟବସାୟ ନିମନ୍ତେ ଚେଷ୍ଟିତ ଓ ଉକ୍ତ ବାବୁ ଯେ ବ୍ୟବସାୟର ଏକମାତ୍ର ଏଜେଣ୍ଟ ସେ ବ୍ୟବସାୟ ନିମନ୍ତେ କାହାରିକୁ ଅନୁରୋଧ କରିବା ଗୁରୁତର ଦୋଷ ଅଟେ ଏବଂ ତାହା ହେଲେ ଆମ୍ଭେମାନେ ଦୋଷ ସ୍ୱୀକାର ପୂର୍ବକ କ୍ଷମାପ୍ରାର୍ଥନା କରୁଁ । କାରଣ ତାହାଙ୍କୁ ଦୁଃଖ ଦେବା ଆମ୍ଭମାନଙ୍କର ଅଭିପ୍ରାୟ ନୁହେ । ମାତ୍ର ସହଯୋଗୀ ବୁଝି ପାରନ୍ତି କି ଯେବେ ଏକ ସମ୍ବାଦପତ୍ର ଅଥବା ଏକ ବ୍ୟକ୍ତିର ଚେଷ୍ଟାରେ କୌଣସି ଗୋଟିଏ ବ୍ୟବସାୟର ପ୍ରଚାର ହେଉଥାନ୍ତା ତେବେ ଏତେ ସମ୍ବାଦପତ୍ର ଓ ଏତେ ବ୍ୟବସାୟିର ପ୍ରୟୋଜନ ହୁଅନ୍ତା ନାହିଁ । କମ୍ପା ତାହାଙ୍କର ଯତ୍ନ ଓ ତାହାଙ୍କର ଏଜେଣ୍ଟର କଥା ଅନ୍ୟ ପତ୍ରିକାରେ ଲେଖା ନ ଗଲା ବୋଲି ସେ ଦୁଃଖିତ ହୁଅନ୍ତେ ନାହିଁ । ସେ ମନେ କରି ପାରନ୍ତି ଯେ ତାହାଙ୍କ ଯତ୍ନରେ ଏ ଜିଲାରୁ ଦେଶୀୟ ଛଡ଼ା ଅନ୍ୟ ଦିଆଶଲାଇ ସବୁ ଉଠିଯାଇଅଛି । ମାତ୍ର ପ୍ରକୃତ ଘଟଣା ତାହା ନୁହେ । ଏ ଜିଲାର ସଦର ଓ ମୋଫସଲରେ ବିଦେଶୀ ଦିଆଶଲାଇର ବ୍ୟବହାର ପ୍ରଚୁର ପରିମାଣରେ ରହିଅଛି ଏବଂ ନଗରର ଅନେକ ଲୋକ କୋଟାଠାରେ ପ୍ରସ୍ତୁତ ହେଉଥିବା ଦିଆଶଲାଇ ଅବଧି ଦେଖି ନାହାନ୍ତି । ସହଯୋଗୀ ଏ ପତ୍ରିକାର ସମ୍ପାଦକଙ୍କ ଏପରି ଖବର ପ୍ରକାଶ କରିବା ଅସାଧାରଣ ଅନୁସନ୍ଧାନ ଓ ଯୋଗ୍ୟତାର ପରିଚୟ ଦେଇଅଛନ୍ତି ମାତ୍ର ଏକ ସମ୍ପାଦକର ଘର ଅଲୁଅ ହେଲା ବୋଲି ଜଗତ ଅଲୁଅ ହୋଇଗଲା ଏପରି ବିଚାରର ପଟାନ୍ତର ନାହିଁ ।

---

ଏ ନଗରର ପ୍ରସିଦ୍ଧ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ ଉପାଧି ପାଇଥିବାର ପାଠକମାନଙ୍କୁ ଜଣାଇଅଛୁଁ । ଏହା ଗୋଟିଏ ଉଚ୍ଚ ଗୌରବର ଉପାଧି ଅଟେ । ସନ ୧୮୭୭ ସାଲରେ ସ୍ୱର୍ଗୀୟା ରାଜେଶ୍ୱରୀ ଭିକ୍ଟୋରିଆ ଭାରତସାମ୍ରାଜ୍ଞୀ ପଦ ଗ୍ରହଣ ସମୟରେ ଏହି ପଦର ସୃଷ୍ଟି ହୋଇଥିଲା । ସ୍ୱୟଂ ଇଂଲଣ୍ଡେଶ୍ୱର ଏହି ସମ୍ମାନିତ ପଦଧାରୀଙ୍କର କର୍ତ୍ତା ଅଟନ୍ତି । ଯେଉଁମାନେ ଭାରତ ସାମ୍ରାଜ୍ୟର ରାଜକାର୍ଯ୍ୟର ସାଧାରଣ ହିତ କାର୍ଯ୍ୟରେ ବିଶେଷ ପ୍ରତିଷ୍ଠା ଲାଭ କରନ୍ତି ସ୍ୱୟଂ ସମ୍ରାଟ ସେମାନଙ୍କୁ ଏହି ଶ୍ରେଣୀର ଉପାଧି ଦାନ କରନ୍ତି । ଓଡ଼ିଶାର କୌଣସି ବ୍ୟକ୍ତି ଏ ପର୍ଯ୍ୟନ୍ତ ଏ ପଦ ପାଇ ନ ଥିଲେ । ଉପାଧି ବିତରଣ ତାଲିକାରେ ସଦ୍ୟ-ପତି ଶ୍ରୀଯୁକ୍ତ ମଧୁସୂଦନ ଦାସ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ପୂର୍ବତନ ସଭ୍ୟ ବୋଲି ଲେଖା ହୋଇଅଛି ମାତ୍ର ତହିଁପାଇଁ ସେ ଏହି ଉଚ୍ଚ ସମ୍ମାନ ପାଇଅଛନ୍ତି ଏମନ୍ତ ବୋଲିଯାଇ ନ ପାରେ କାରଣ ବ୍ୟବସ୍ଥାପକ ସଭାର ସଦସ୍ୟ

Split by PDF Splitter
Digitized by srujanika@gmail.com

Split by PDF Splitter



ହେଲେ ଏ ପଦ ମିଳିବାର କଥା ନୁହେ । ଓଡ଼ିଶାର ଶ୍ରମଜୀବୀଙ୍କ ହିତାର୍ଥେ ସେ ଗତ କେତେକ ବର୍ଷରୁ ବହୁ ବ୍ୟୟ ଓ ଶ୍ରମ ସ୍ୱୀକାରପୂର୍ବକ ଓଡ଼ିଶା ଶିଳ୍ପଶାଳା ନାମରେ ଯେଉଁ କାରଖାନା ପିଟାଇଅଛନ୍ତି ଏବଂ ଶ୍ରମ ଲାଘବ କାରିଣ କଳ ଇତ୍ୟାଦି ବସାଇଅଛନ୍ତି ତାହା କାହାରିକୁ ଅବିଦିତ ନାହିଁ । ଭୂତପୂର୍ବ ଲେପ୍ଟେନାଣ୍ଟ ସ୍ୱର୍ଗୀୟ ଉଡ଼ବରନ ବାହାଦୁର ସେହି କାରଖାନା ଦେଖି ଅତ୍ୟନ୍ତ ପ୍ରୀତ ହୋଇଥିଲେ ଏବଂ ବଡ଼ ଲାଟଙ୍କୁ ଜଣାଇବେ ବୋଲି କହିଥିଲେ । ଗରିବ ଶ୍ରମଜୀବୀଙ୍କର ହିତ ସାଧନ ଏବଂ ଓଡ଼ିଶାର ଉନ୍ନତି କାରଣ ଦାସ ମହାଶୟଙ୍କର ଏ ପ୍ରକାର ଅନୁରାଗ ଓ ଯତ୍ନ ଦେଖି ଗବର୍ଣ୍ଣମେଣ୍ଟ ତାହାଙ୍କୁ ଏ ଉଚ୍ଚ ସମ୍ମାନ ପ୍ରଦାନ କରିଅଛନ୍ତି ଏବଂ ସାମାନ୍ୟଶ୍ରେଣୀର ଶ୍ରମଜୀବୀଙ୍କ ଦୁଃଖରେ ସହାନୁଭୂତି ଦେଖାଇ ସେମାନଙ୍କର ମଙ୍ଗଳ କାର୍ଯ୍ୟରେ ଯେଉଁମାନେ ରତ ହୁଅନ୍ତି ସେମାନେ ଗବର୍ଣ୍ଣମେଣ୍ଟଙ୍କର କେତେ ପ୍ରିୟପାତ୍ର ତାହା ଦେଖାଇଅଛନ୍ତି । ମଧୁବାବୁଙ୍କର ଏହି ଉଚ୍ଚ ସମ୍ମାନ ଲାଭରେ ଉତ୍କଳଜନନୀ ଧନ୍ୟା ହୋଇଅଛନ୍ତି । ମାତୃଭକ୍ତ ପ୍ରତ୍ୟେକ ଉତ୍କଳବାସୀ ଅପାର ଆନନ୍ଦ ଅନୁଭବ କରୁଅଛନ୍ତି ସନ୍ଦେହ ନାହିଁ । ଅମ୍ଭମାନଙ୍କର ଏକାନ୍ତ ଆଶା ଯେ ଜନସାଧାରଣ ସେହି ସୁପୁତ୍ରର ବହୁତ ସମ୍ମାନ କରିବା ଦ୍ୱାରା ମାତୃଭକ୍ତିର ପରିଚୟ ପ୍ରଦାନ କରିବେ ।

---

## ପାଏଖାନା ଟିକସ ।

ମିଉନିସିପାଲିଟିର ପାଏଖାନାଟିକସର ଆୟ ଦ୍ୱାରା ସହରର ସମସ୍ତ କରଦାତାଙ୍କ ପାଏଖାନା ସଫାଇ ଓ ନର୍ଦ୍ଦମା ପୁଲର ମଇଳାପାଣି ବାହାର କରିବାର ସମସ୍ତ ବ୍ୟୟ ନିର୍ବାହ ହେବା ମିଉନିସିପଲ ଆଇନର କଥା ଅଟେ । ଏଥିରୁ କଟକ ମିଉନିସିପାଲିଟିର ପାଏଖାନା ଟିକସର ଆୟ ସାତେ ହଜାର ଟଙ୍କାରୁ ବ୍ୟୟ ପ୍ରାୟ ସାତେ ଏଗାର ହଜାର ଅର୍ଥାତ ଚାରିହଜାର ଅଧିକା ପଡ଼ୁଅଛି । ଏଣୁ କରି କଟକ ମିଉନିସିପାଲିଟିର କମିଶନରମାନେ ଅଭାବ ସ୍ଥିତିପାଳନ କରିବାକୁ ବାଧ୍ୟ ଥିବା ହେତୁ ପୂର୍ବେ ଯେଉଁ ନିରଖରେ ପାଇଖାନାଟିକସ ଧାର୍ଯ୍ୟ କରିଥିଲେ ତାହା ରହିତ କରିଛନ୍ତି ଅଥବା ରେଟରେ ନୂତନ ନିରଖ ମଞ୍ଜୁର କରିଅଛନ୍ତି । ସେହି ନୂତନ ନିରଖ ଅନୁସାରେ ଆସନ୍ତା ଅପ୍ରେଲମାସରୁ ଟିକସ ନିଆଯିବ ଓ ତାହା ସାଧାରଣଙ୍କ ଗୋଚରାର୍ଥେ ନିମ୍ନେ ପ୍ରଦତ୍ତ ହେଲା

ପାଏଖାନା ଟିକସର

| ଘରର ବାର୍ଷିକ ମୂଲ୍ୟ ବା ଭଡ଼ା | ପୂର୍ବ ନିରଖ | ବର୍ତ୍ତମାନ ମଞ୍ଜୁର ନିରଖ |
|---|---|---|
| ଟ ୩ ରୁ ଟ ୫ ଙ୍କା ପର୍ଯ୍ୟନ୍ତ | ୶ | ୶ |
| ୫ ରୁ ୧୦ | ୶୵ | ୶୵ |
| ୧୦ ରୁ ୨୦ | ୧୵ | ୧୵ |
| ୨୦ ରୁ ୩୦ | ୧୳ | ୧୳ |
| ୩୦ ରୁ ୪୦ | ୧୴ | ୨ |
| ୪୦ ରୁ ୫୦ | ୨ | ୨୳ |
| ୫୦ ରୁ ୬୦ | ୨୳ | ୩ |
| ୬୦ ରୁ ୭୦ | ୩ | ୩୳ |
| ୭୦ ରୁ ୮୦ | ୩୳ | ୪ |
| ୮୦ ରୁ ୧୦୦ | ୪ | ୫ |
| ୧୦୦ ରୁ ୧୨୫ | ୪୳ | ୬। |
| ୧୨୫ ରୁ ୧୫୦ | ୫ | ୭୳ |
| ୧୫୦ ରୁ ୧୭୫ | ୬ | ୮୴ |
| ୧୭୫ ରୁ ୨୦୦ | ୬ | ୧୦ |
| ୨୦୦ ରୁ ୨୫୦ | ୯ | ୧୨୳ |
| ୨୫୦ ରୁ ୩୦୦ | ୧୦ | ୧୫ |
| ୩୦୦ ରୁ ୪୦୦ | ୧୨ | ୨୦ |
| ୪୦୦ ରୁ ୫୦୦ | ୧୩ | ୨୫ |
| ୫୦୦ ରୁ ୬୦୦ | ୧୫ | ୩୦ |
| ୬୦୦ ରୁ ୭୦୦ | ୧୮ | ୩୫ |
| ୭୦୦ ରୁ ୮୦୦ | ୨୧ | ୪୦ |
| ୮୦୦ ରୁ ୯୦୦ | ୨୪ | ୪୫ |
| ୯୦୦ ରୁ ୧୦୦୦ | ୨୭ | ୧୦୦ |
| ୧୦୦୦ ରୁ ୧୨୫୦ | ୩୦ | ୧୨୫ |
| ୧୨୫୦ ରୁ ୧୫୦୦ | ୩୩ | ୧୫୦ |
| ୧୫୦୦ ରୁ ୨୦୦୦ | ୫୦ | ୨୦୦ |
| ୨୦୦୦ ରୁ ୩୦୦୦ ବା ତଦୂର୍ଦ୍ଧ୍ୱ | ୭୦ | ୩୦୦ |

ଉପରେଲିଖିତ ତାଲିକାରୁ ଦେଖାଯାଉଅଛି ଯେ ଟ ୩୧ ଙ୍କାଠାରୁ ଟ ୩୦୧ ଙ୍କା ପର୍ଯ୍ୟନ୍ତ ବାର୍ଷିକ ମୂଲ୍ୟ ବା ଭଡ଼ା ଯୋଗ୍ୟ ଘରମାନଙ୍କର ଟିକସ ପୂର୍ବପରି ରହିଅଛି ଅର୍ଥାତ ବଢ଼ାଇବାର ପ୍ରସ୍ତାବ ହୋଇ ନାହିଁ । ଟିକସ ଦେବା ଯୋଗ୍ୟ ପାଞ୍ଚହଜାର ଘର ମଧ୍ୟରୁ ୪ ହଜାର ଉପରେ ଟିକସ ବଢ଼ାଇବାର ନିୟମ ହୋଇ ନ ଥିବାରୁ ଗରିବମାନଙ୍କ ପକ୍ଷରେ ଯଥୋଚିତ ସୁବିଧାର ହୋଇଅଛି ବଡ଼ ସୁଖର ବିଷୟ ଅଟେ । ତତ୍ପରେ ଟ ୩୦୧ ଙ୍କାଠାରୁ ଟ ୯୦୦ ଙ୍କା ସାମାନ୍ୟ ବୃଦ୍ଧି ହୋଇଅଛି ଓ ତାହା ହାରହାରି ଶତକଡ଼ା ଟ ୫ ଙ୍କା ଉର୍ଦ୍ଧ୍ୱ ଘରର ମୂଲ୍ୟ ପ୍ରତି ଶତକଡ଼ା ଟ ୧୦୧ ଙ୍କା ହାରରେ ଟିକସ ଧାର୍ଯ୍ୟ ହେବାର ନିରଖ ହୋଇଅଛି । ଏଥିରୁ ପ୍ରକାଶ ଯେ ମଧ୍ୟମଶ୍ରେଣୀର ଲୋକମାନଙ୍କ ପ୍ରତି ମଧ୍ୟ ଅବହେଳ ହୋଇ ନାହିଁ । କେବଳ ଧନୀଲୋକ ପ୍ରତି କିଛି ବେଶୀ ହୋଇଅଛି ମାତ୍ର ସେମାନେ ଘରଟିକସ ପକ୍ଷରେ ଯେପରି ଟ ୮୪ ଙ୍କାରୁ ବେଶୀ ନ ହେବାଦ୍ୱାରା ଅନୁଗ୍ରହ ପାଇଅଛନ୍ତି ତଦ୍ଦ୍ୱାରାରେ ପାଏଖାନା ଟିକସ ବୃଦ୍ଧି ଦ୍ୱାରା ସେମାନଙ୍କ ପ୍ରତି କୌଣସି ଅନ୍ୟାୟ ହୋଇ ନ ଥିବାର ବୁଝାଯାଉଅଛି ।

ଅମ୍ଭେମାନେ ଆଶା କରୁଁ ଟିକସ ବୃଦ୍ଧିଦ୍ୱାରା ଯେପରି ଆୟର ବୃଦ୍ଧି ହେବ ମିଉନିସିପାଲିଟିର କାର୍ଯ୍ୟ ମଧ୍ୟ ତଦନୁରୂପ ଉନ୍ନତ ଓ ସନ୍ତୋଷଜନକ ହେବ ।

---

## ଉତ୍କଳସମ୍ମିଳନୀ ଶିଳ୍ପ ପ୍ରଦର୍ଶନୀ ।

ଉତ୍କଳସମ୍ମିଳନୀର ଉଦ୍ୟମରେ ଏହି ପ୍ରଦର୍ଶନୀର ସୃଷ୍ଟି ହୋଇଥିଲା ଏବଂ ସମ୍ମିଳନୀ କାର୍ଯ୍ୟ ଶେଷ ଉତ୍ତାରୁ ଅର୍ଥାତ ଗତ ତା ୧ ରିଖ ଖୋଲିବାର ତାହା ପଡ଼ିଥିଲା ସ୍ଥାନ ଏବଂ ଅବସରର ଅଭାବରୁ ଗତ ପତ୍ରିକାରେ ସେ ପ୍ରସଙ୍ଗ ପାଠକମାନଙ୍କୁ ଜଣାଇପାରି ନ ଥିଲୁ । ସେଥିପାଇଁ କ୍ଷମା ପ୍ରାର୍ଥନା କରୁ ଅଦ୍ୟ ସେ ତ୍ରୁଟି ପୂର୍ତ୍ତି କରୁଅଛୁଁ । ପ୍ରଥମ ଏବଂ ଅଳ୍ପ ଦିନର ଆୟୋଜନରେ ଅଧିକ ଦ୍ରବ୍ୟ ପ୍ରଦର୍ଶନାର୍ଥ ଆସିବାର ଭରସା ନ ଥିଲା ଏବଂ ତହିଁପାଇଁ ସଭାମଣ୍ଡପର ନିକଟ ମଧ୍ୟରେ ଗୋଟିଏ ଛୋଟ ଘର ପ୍ରସ୍ତୁତ ହୋଇଥିଲା । ଆଶାତୀତ ଦ୍ରବ୍ୟ ଆମଦାନି ଏବଂ ବହୁ ଭଦ୍ରଲୋକର ସମାଗମ ଦେଖି ସଭାମଣ୍ଡପକୁ ପ୍ରଦର୍ଶନୀ କାର୍ଯ୍ୟରେ ଲଗାଇବାର ପ୍ରୟୋଜନ ହେଲା ଏବଂ ତହିଁର କେତେକ ଅଂଶରେ ପ୍ରଦର୍ଶିତ ଦ୍ରବ୍ୟମାନ ରଖାଯିବା ହେତୁ ସ୍ଥାନର ସଂକୀର୍ଣ୍ଣତା ଦୃଷ୍ଟିରେ ସଭାକୁ ନିମନ୍ତ୍ରିତ ହୋଇଥିବା ସମସ୍ତ ଭଦ୍ରଲୋକଙ୍କୁ ନିମନ୍ତ୍ରଣ କରିବାର ସୁବିଧା ହୋଇ ନ ଥିଲା । ତଥାପି ନିମନ୍ତ୍ରିତଙ୍କ ସଂଖ୍ୟା ନିତାନ୍ତ ଊଣା ନ ଥିଲା ଏବଂ ଯେତେଲୋକ ଅନ୍ତର୍ଭାବରେ ବସି ପ୍ରଦର୍ଶନୀ ଉଦ୍‌ଘାଟନ ଅନୁଷ୍ଠାନରେ ଯୋଗ ଦେଇ ପାରନ୍ତି ତେତେ ଲୋକର ସମାଗମ ହୋଇଥିଲା । ଏହି ଶୁଭ ଉଦ୍‌ଘାଟନ କାର୍ଯ୍ୟ ସମ୍ପନ୍ନ କରିବାର ଭାର ବଙ୍ଗୀୟ କମିଶନର ମାନନୀୟ ଶ୍ରୀଯୁକ୍ତ ଜେ, ଜ ଗ୍ରୁପ ମହୋଦୟ ଅନୁଗ୍ରହପୂର୍ବକ ସମ୍ମିଳନୀର ଅନୁରୋଧ କ୍ରମରେ ଗ୍ରହଣ କରିଥିଲେ । ଠିକ ଅପରାହ୍ଣ ଟା ୨ ଘଟିକାରେ ଗ୍ରୁପ ମହୋଦୟ ମଣ୍ଡପ ଦ୍ୱାରଦେଶରେ ଉପସ୍ଥିତ ହୁଅନ୍ତେ ବହୁତ ସମାଦର ପୂର୍ବକ ତାହାଙ୍କୁ ମଣ୍ଡପ ମଧ୍ୟକୁ ଅଣାଯାଇ ବେଦି ଉପରେ ପ୍ରସ୍ତୁତ ହୋଇଥିବା ଦିବ୍ୟ ଆସନ ପ୍ରଦତ୍ତ ହେଲା ତାହାଙ୍କ ଦକ୍ଷିଣପାର୍ଶ୍ୱରେ ରାଜା ଓ ଜମିଦାର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଆସନ ପାଇଥିଲେ ଏବଂ ଅନ୍ୟାନ୍ୟ ସମସ୍ତ ଭଦ୍ରଲୋକ ବେଞ୍ଚର ଚତୁର୍ଦ୍ଦିଗରେ ଆସନ ଗ୍ରହଣ କଲେ ତତ୍ପରେ ସମ୍ମିଳନୀର ଜଣେ ସେକ୍ରେଟେରୀ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ ପ୍ରଦର୍ଶନୀର ରିପୋର୍ଟ ପାଠ କଲେ । ତହିଁର ମର୍ମ ଯଥା :—

Digitized by srujanika@gmail.com

କେତେକ ବର୍ଷ ହେଲା ଏ ନଗରରେ ପ୍ରତି ବର୍ଷ ପ୍ରଦର୍ଶନୀ ହୋଇଆସୁଅଛି । ତହିଁସଙ୍ଗେ ଏ ପ୍ରଦର୍ଶନୀର ପାର୍ଥକ୍ୟ ଅଛି । ସେ ପ୍ରଦର୍ଶନୀରେ ଫୁଲ ପତ୍ର ଫଳାଦି ଉଦ୍ୟାନ ଜାତ ସୁଖଭୋଗ୍ୟ ଦ୍ରବ୍ୟ ସଙ୍ଗେ କେବଳ ରାଜଧାନୀ ଓଡ଼ିଶାର କୃଷି ଶିଳ୍ପାଦି ଜାତ ଦ୍ରବ୍ୟମାନ ପ୍ରଦର୍ଶିତ ହେଉଥିଲା । ଏଥିରେ ପ୍ରଥମଶ୍ରେଣୀର ଦ୍ରବ୍ୟମାନ ପରିତ୍ୟକ୍ତ ହୋଇ ସମସ୍ତ ଉତ୍କଳବାସୀ ସ୍ଥାନ ଯଥା ଓଡ଼ିଶା-ବିଭାଗ ଓ ଗଞ୍ଜାମ, ସମ୍ବଲପୁର ମେଦନୀପୁର ଜିଲ୍ଲା ଅନ୍ତର୍ଗତ ଓ ତତ୍‌ସଂଯୁକ୍ତ ସମସ୍ତ ଗଡ଼ଜାତର କୃଷି ଶିଳ୍ପ ଓ ପ୍ରକୃତିଜାତ ସମସ୍ତ ବାଣିଜ୍ୟ ବ୍ୟବସାୟୋପଯୋଗୀ ଦ୍ରବ୍ୟମାନ ପ୍ରଦର୍ଶିତ ହୋଇଅଛି ଓ ଯାହା ଉତ୍କଳର ଲୁକ୍କାୟିତ ଧନ ବ୍ୟବସାୟୀଙ୍କର ମନୋଯୋଗ ଆକର୍ଷଣ କରିବ ଏବଂ ଶ୍ରମଜୀବୀଙ୍କର କାର୍ଯ୍ୟ ସାଧାରଣଙ୍କର ଜ୍ଞାନଗୋଚର ହେବ ଓ ବ୍ୟବସାୟ ବୃଦ୍ଧିର ସୂତ୍ରପାତ ହେବ । ଏହି ଉପଲକ୍ଷରେ ଗତବର୍ଷ ଏଠାରେ ଗୋଟିଏ ଶିଳ୍ପୋନ୍ନତି ସମିତି ପ୍ରତିଷ୍ଠିତ ହୋଇଥିଲା । ସମ୍ପ୍ରତି ସେହି ସମିତି ଏହି ସମ୍ମିଳନୀ ସହିତ ଯୋଗ ହେବାର ଗତ କାଲିର ଅଧିବେଶନରେ ଧାର୍ଯ୍ୟ ହୋଇଅଛି । ଏ ସମ୍ବନ୍ଧରେ ସମ୍ମିଳନୀର କାର୍ଯ୍ୟ ଅନେକ ଅଛି । ଏ ପ୍ରଦର୍ଶନୀ କେବଳ କାର୍ଯ୍ୟର ସୂତ୍ରପାତ ମାତ୍ର । ସମ୍ମିଳନୀର ଚେଷ୍ଟା ଯେ ଆଧୁନିକ ରୀତି ଅନୁସାରେ ଦ୍ରବ୍ୟମାନ ପ୍ରସ୍ତୁତ କରିବାଦ୍ୱାରା କୃଷି ଓ ଶ୍ରମଜୀବୀଙ୍କର ଦୁରବସ୍ଥା ମୋଚନ ପ୍ରତି ଯତ୍ନବାନ୍ ହେବେ ଓ ଉତ୍କଳର ଲୁକ୍କାୟିତ ଧନର ବାଣିଜ୍ୟଦ୍ୱାରା ଧନାଗମର ବାଟ ଫିଟାଇବେ । ଏ ଚେଷ୍ଟା ଯଥାସାଧ୍ୟ କରିବାକୁ ହେବ ପରନ୍ତୁ ଉତ୍କଳ ସାହିତ୍ୟ ଓ ଭାଷାର ଉନ୍ନତି ନିମନ୍ତେ ଯେଉଁ କମିଟି ଗଠିତ ହୋଇଅଛି ସେହି କମିଟି ଆଶା କରୁଁ ଶିଳ୍ପ ଓ କୃଷିଜାତ ଦ୍ରବ୍ୟର ଉନ୍ନତିସାଧନ ବିଷୟକ କ୍ଷୁଦ୍ର କ୍ଷୁଦ୍ର ପୁସ୍ତକାଦି ମୁଦ୍ରଣ ଓ ପ୍ରଚାରଦ୍ୱାରା ସମ୍ମିଳନୀର ବିଶେଷ ସାହାଯ୍ୟ କରିବେ । ଅତଃପର ଏ ଦେଶୀୟ କେତେକ ଲୋକଙ୍କୁ ଶିଳ୍ପାଦି ଶିକ୍ଷା ନିମନ୍ତେ ବିଦେଶକୁ ପଠାଇବାର ଓ ତହିଁର ସାହାଯ୍ୟ ନିମନ୍ତେ ଗୋଟିଏ ପାଣ୍ଠି ସ୍ଥାପନ ବିଷୟରେ ଗୋଟିଏ କମିଟି ଅବଧାରିତ ହୋଇଅଛି । ଏହି ସମସ୍ତ ସଂକଳ୍ପ କାର୍ଯ୍ୟରେ ପରିଣତ ହେଲେ ଅନେକ ଉପକାର ହେବ । ପରିଶେଷରେ ଦେଶୀୟ କୃଷି ବାଣିଜ୍ୟ ଓ ଶିଳ୍ପାଦି ପ୍ରତି ଗବର୍ଣ୍ଣମେଣ୍ଟ ଗତ କେତେକ ବର୍ଷରୁ ସମଧିକ ମନୋଯୋଗୀ ହୋଇ ଉତ୍ସାହ ଦାନରେ ଅଗ୍ରସର ହେବା ହେତୁ ଗବର୍ଣ୍ଣମେଣ୍ଟଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁଁ ଏବଂ ଓଡ଼ିଶାର କମିଶନର ମାନନୀୟ ଶ୍ରୀଯୁକ୍ତ କେ, ଜି ଗୁପ୍ତ ମହୋଦୟ ଉତ୍କଳ ସମ୍ମିଳନୀରେ ଉପସ୍ଥିତ ଏବଂ ଏହି ପ୍ରଦର୍ଶନୀ ଫିଟାଇବାକୁ ସ୍ୱୀକୃତ ହେବାଦ୍ୱାରା ଆମ୍ଭମାନଙ୍କୁ ଧନ୍ୟ ଧନ୍ୟ କରିଅଛନ୍ତି । ଏଥିରୁ ବଡ଼ ଆଶା ହେଉଅଛି ଯେ ସେ ଆମ୍ଭମାନଙ୍କର ଉଦ୍ଦେଶ୍ୟ ସାଧନରେ ପୂର୍ଣ୍ଣ ସାହାଯ୍ୟ ଓ ସହାନୁଭୂତି ପ୍ରଦାନ କରିବେ । ଏଥିପାଇଁ ସଭା ତାହାଙ୍କଠାରେ ଅନ୍ତରର ସହିତ କୃତଜ୍ଞତା ଓ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

ରିପୋର୍ଟ ପାଠାନ୍ତେ ଶ୍ରୀଯୁକ୍ତ କମିଶନର ସାହେବ ମହୋଦୟ ଦଣ୍ଡାୟମାନ ହୋଇ ଅତି ସୁନ୍ଦର ଓ ଶିକ୍ଷାପ୍ରଦ ବକ୍ତୃତା ପ୍ରଦାନ କରିଥିଲେ । ତାହା ପ୍ରଦାନରେ ପ୍ରାୟ ଅର୍ଦ୍ଧଘଣ୍ଟା କାଳ ଲାଗିଥିଲା ଏବଂ ତାହା ଶ୍ରୋତାମାନଙ୍କ ମନକୁ ଏମନ୍ତ ଘେନିଥିଲା ଯେ ଘନ ଘନ କରତାଳଦ୍ୱାରା ଆନନ୍ଦ ପ୍ରକାଶ କରିଥିଲେ । ବିଶେଷତଃ ଯେତେବେଳେ ସେ ଓଡ଼ିଶା ପ୍ରତି ତାହାଙ୍କର ଏକାନ୍ତ ସ୍ନେହ ଓ ମମତାର କଥା ଗଦଗଦ ସ୍ୱର ଏବଂ ଛଳଛଳ ନେତ୍ରରେ ପ୍ରକାଶ କରିଥିଲେ ସେତେବେଳେ ସମସ୍ତେ ମୁଗ୍ଧ ହୋଇଥିଲେ । ତାହାଙ୍କର ବକ୍ତୃତାର ସଂକ୍ଷେପ ମର୍ମ ନିମ୍ନେ ପ୍ରକାଶିତ ହେଲା । ଯଥା—

ଗତବର୍ଷର ପ୍ରଥମ ଦିନ ସମ୍ରାଟଙ୍କର ଅଭିଷେକ ଘୋଷଣା ଉତ୍ସବ ଦରବାରରେ ମୟୂରଭଞ୍ଜର ରାଜା ଏବଂ ଏହି ଉତ୍କଳ ସଭାର ସଭାପତି ମହାରାଜା ଉପାଧି ଲାଭ କରିବାର ଆନନ୍ଦ ସହିତ ପ୍ରଚାର କରିଥିଲୁଁ । ଅଦ୍ୟ ବର୍ଷର ପ୍ରଥମ ଦିନର ଇଣ୍ଡିଆ ଗଜେଟରେ ଏହି ସମ୍ମିଳନୀର ସେକ୍ରେଟାରୀ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ, ଉପାଧିରେ ଭୂଷିତ ହେବାର ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ତାହାଙ୍କୁ ମଙ୍ଗଳବାଦ ପ୍ରଦାନ କରୁଅଛୁଁ । ମୁଁ ସରକାରୀ ଚାକିରୀରେ ଦୀର୍ଘକାଳ ଓଡ଼ିଶାରେ କଟାଇଅଛି ଏବଂ ଗ୍ରାମେ ଗ୍ରାମେ ବହୁ ଲୋକଙ୍କ ସଙ୍ଗେ ଆଳାପ ପରିଚୟ କରିଅଛି ଏବଂ ସେମାନଙ୍କର ରୀତି ନୀତି ଅବଗତ ହୋଇଅଛି । ଉତ୍କଳୀୟମାନଙ୍କୁ ମୁଁ ଅନ୍ତରର ସହିତ ଦେଖିପାରେଁ ଏବଂ ସେମାନଙ୍କର ମଙ୍ଗଳ କାମନା କରେଁ । କେବଳ ସରକାରୀ ଚାକିରୀ ଉପଲକ୍ଷରେ ସେମାନଙ୍କ ପ୍ରତି ମୋହର ସ୍ନେହ ଓ ମମତା ଜନ୍ମିଅଛି ଏମନ୍ତ ନୁହେ ସେମାନଙ୍କ ସଙ୍ଗେ ମୋହର ନିଜର ମିଶାମିଶିଦ୍ୱାରା ମଧ୍ୟ ସେହିଭାବ ଜନ୍ମିଅଛି । ଏହି ସମ୍ମିଳନୀର ପ୍ରଥମ ଅଧିବେଶନ ଦିନ ମୁଁ ସଭାକୁ ଆସି ମନୋଯୋଗ ପୂର୍ବକ ସଭାର କାର୍ଯ୍ୟ କେତେକ ସମୟ ଦେଖି ଅତ୍ୟନ୍ତ ପ୍ରୀତ ହୋଇଅଛି । ଉତ୍କଳବାସିମାନେ ଏକତ୍ର ହୋଇ ଶିକ୍ଷା କୃଷି ଶିଳ୍ପାଦି ବିଷୟର ଉନ୍ନତି ଚିନ୍ତା କରିବାରେ ପ୍ରବୃତ୍ତ ହୋଇଅଛନ୍ତି ବଡ଼ ସୁଖର ବିଷୟ ଅଟେ । ଏଥିରେ ମୋହର ନିଜର ସହାନୁଭୂତି ଅଛି ଏତିକି ନୁହେ ଗବର୍ଣ୍ଣମେଣ୍ଟଙ୍କର ମଧ୍ୟ ଏଥିରେ ସହାୟ ଓ ସହାନୁଭୂତି ଅଛି ଏବଂ ମୁଁ ତାହା ଆନନ୍ଦ ସହିତ ପ୍ରକାଶ କରୁଅଛି । ବଙ୍ଗଳପରି ଓଡ଼ିଶା କୃଷିପ୍ରଧାନ ଦେଶ । ଗତ ଲୋକସଂଖ୍ୟା ରିପୋର୍ଟ ଅନୁସାରେ ଶତକରା ନ ୭୮ ଶରୁ କିଛି ଅଧିକର ଜୀବିକା କୃଷି ଅଟେ । ଅତଏବ କୃଷିର ଉନ୍ନତି ସାଧନ ସର୍ବାଗ୍ରେ କର୍ତ୍ତବ୍ୟ । କୃଷିର ଉନ୍ନତି ସାଧନର ସୁବିଧା ମଧ୍ୟ ଅନ୍ୟାନ୍ୟ ପ୍ରଦେଶାପେକ୍ଷା ଏଠାରେ ଅଧିକ ଅଛି । ଅନେକ ରାଜା ଓ ଜମିଦାରଙ୍କ ହାତରେ ଖମାର ବା ନିଜଗୃହ ଜମି ବିସ୍ତର ଅଛି ଓ ନାନା ପ୍ରକାର ଫସଲ ତହିଁରୁ ଉତ୍ପନ୍ନ କରୁଅଛନ୍ତି । କେତେକ ରାଜା, ଜମିଦାର ମଧ୍ୟ ସୁଶିକ୍ଷା ଲାଭ କରିଅଛନ୍ତି । ସେମାନେ ସର୍ବାଗ୍ରେ ଏହି ଉନ୍ନତି କାର୍ଯ୍ୟରେ ମନୋଯୋଗୀ ହେଲେ ନିଜର ଏବଂ ଅଧୀନସ୍ଥ ପ୍ରଜାବର୍ଗର ଅପାର ହିତସାଧନ କରି ପାରିବେ । ଯତ୍ନ କଲେ ତାହା ପୂର୍ଣ୍ଣ ହେବା ମଧ୍ୟ କଠିନ ନୁହେ । ଶିବପୁର ଇଞ୍ଜିନିୟରିଂ କଲେଜରେ କୃଷିଶିକ୍ଷା ଦିଆଯାଉଅଛି । ସେଠାକୁ ନିଜ ନିଜ ଏଲାକାର ଏକ ଏକ ଜଣ ପଠାଇ ଶିକ୍ଷା କରାଇ ଆଣି ଖମାର କାର୍ଯ୍ୟରେ ରଖିଲେ ଅନେକ ଉପକାର ହୋଇପାରେ । ଏଠା ଲୋକମାନେ କୃଷିକାର୍ଯ୍ୟରେ ଅପଟୁ ନୁହନ୍ତି ଆଧୁନିକ ପ୍ରଣାଳୀ ଦେଖି କାର୍ଯ୍ୟରେ ପରିଣତ କରି ପାରିଲେ ଯଥେଷ୍ଟ ହେବ ଏବଂ କୃଷିର ଉନ୍ନତି ସଙ୍ଗେ କୃଷିର ଏକ ଅଙ୍ଗ ସ୍ୱରୂପ ଗୋମେଷାଦିର ଅବସ୍ଥା ଭଲ ହେବ । ବଡ଼ ବଡ଼ କୃଷକମାନେ କେବଳ ଗୋରୁ ଚରିବା ନିମନ୍ତେ କେତେ ଜମି ଛାଡ଼ିଦିଅନ୍ତି ଓ ତହିଁରେ ଘାସ କରନ୍ତି । ଶିଳ୍ପାଦିର ଉନ୍ନତି ଚେଷ୍ଟା ମଧ୍ୟ ଆବଶ୍ୟକ । ଉତ୍କଳର ଶିଳ୍ପିମାନେ ନିତାନ୍ତ ଅପଟୁ ନୁହନ୍ତି । ସେମାନେ ବଙ୍ଗଳା ଏବଂ ଅନ୍ୟାନ୍ୟ ସ୍ଥାନର କାରଖାନାମାନଙ୍କରେ ଭଲ କାର୍ଯ୍ୟ କରିବାର ଏବଂ ସେମାନଙ୍କ କାରଖାନାବାଲାମାନେ ଲୋଡୁଥିବାର ଦେଖାଯାଏ । ବର୍ତ୍ତମାନ ଘୋର ପ୍ରତିଯୋଗିତାର ସମୟ ଅଟେ । ଏ କାଳରେ କେବଳ ଭଲଦ୍ରବ୍ୟ ପ୍ରସ୍ତୁତ କଲେ ସଫଳ ହେବ ଏମନ୍ତ ମନେ କରିବା ଉଚିତ ନୁହେ । ଦ୍ରବ୍ୟଟି ଭଲ ହେବ, ପ୍ରୟୋଜନୀୟ ହେବ ଏବଂ ସୁଲଭମୂଲ୍ୟରେ ବିକ୍ରୟ ହେବ । ଏହି ତିନିର ସଂଯୋଗ ବିନା ଦ୍ରବ୍ୟର ଆଦର ବଜାରରେ ହେବ ନାହିଁ । ବିଦେଶୀୟମାନେ କଳ ଯନ୍ତ୍ରାଦିର ସାହାଯ୍ୟରେ ଅଳ୍ପବ୍ୟୟ ଓ ଅଳ୍ପ ସମୟରେ ଅନେକ ଦ୍ରବ୍ୟ ପ୍ରସ୍ତୁତ କରିବାକୁ ସକ୍ଷମ ହେଉଅଛନ୍ତି । ତେଣୁ ସେମାନେ ସୁଲଭ ଦରରେ ବିକ୍ରୟ କରିବାଦ୍ୱାରା ଏ ଦେଶର ଶିଳ୍ପିମାନଙ୍କୁ ହଟାଇ ଦେଉଅଛନ୍ତି । ବିଦେଶୀୟମାନଙ୍କୁ ହଟାଇବାର ପ୍ରଧାନ ଉପାୟ କଳ ଯନ୍ତ୍ରାଦିର ସାହାଯ୍ୟ ନେବା । ଏକଥାରେ ପ୍ରତିଯୋଗିତାର ପ୍ରତିକାର ପ୍ରତିଯୋଗିତା ଅଟେ ।

Split by PDF Splitter

Digitized by srujanika@gmail.com

Split by PDF Splitter



କେହି କହନ୍ତି କି ଦେଶୀୟଦ୍ରବ୍ୟ ବ୍ୟବହାରର ପ୍ରତିଜ୍ଞା କଲେ ବିଦେଶୀୟ ଦ୍ରବ୍ୟର ଆଦର କମିଯିବ। ମାତ୍ର ଏହା ଯୁକ୍ତିସଙ୍ଗତ ନୁହେ। ଲୋକଙ୍କର ସ୍ୱଭାବ ତ ଶସ୍ତା ଖୋଜନ୍ତି ଏବଂ ଉତ୍କର୍ଷତ ପ୍ରତି ସେତେ ଦୃଷ୍ଟି ରଖନ୍ତି ନାହିଁ। ସେହି ହେତୁ ବିଦେଶୀୟ ଦ୍ରବ୍ୟ ସେତେ ସ୍ଥାୟୀ ନ ହେଲେ ସୁଦ୍ଧା ଶସ୍ତା ଦରରେ ବିକାଇ ହେଉଅଛି। ସମାନ ପ୍ରକାର ଦ୍ରବ୍ୟ ଯଦି ଏଠାରେ ଶସ୍ତା ଦରରେ ଯୋଗାଇ ନ ପାରିଲେ ବିଦେଶ ସହିତ ପ୍ରତିଦ୍ୱନ୍ଦ୍ୱିତାରେ ନିଶ୍ଚୟ ପରାସ୍ତ ହେବାକୁ ହେବ। ଏଭଳି ସ୍ମରଣ ରଖି କାର୍ଯ୍ୟ କଲେ ଦେଶୀୟଦ୍ରବ୍ୟର ବ୍ୟବହାର ନିଶ୍ଚୟ ବଢ଼ିବ। ଏହିପରି ଅନ୍ୟ ଅନେକ କଥା କହୁଥିବା ଶେଷରେ ମାନନୀୟ ଗୁପ୍ତ ସାହେବ ପ୍ରଦର୍ଶନୀ ଫିଟାଇବାର ଘୋଷଣା କଲେ ଏବଂ ରାଜା ବୈକୁଣ୍ଠନାଥ ଦେ ବାହାଦୁର ତାଙ୍କ ପ୍ରତି ସମ୍ମାନସୂଚକ କଥାରେ ଧନ୍ୟବାଦର ପ୍ରସ୍ତାବ କରନ୍ତେ ତାହା ଗୃହୀତ-ହୋଇ ସଭା ଭଙ୍ଗ ହେଲା ଏବଂ ସାହେବ ମହୋଦୟଙ୍କ ସହିତ ସଭ୍ୟମାନେ ପ୍ରଦର୍ଶନୀ ଦେଖିବାକୁ ଲାଗିଲେ। ପ୍ରଦର୍ଶନୀରେ ଅନେକ ଦ୍ରବ୍ୟ ଥିଲା ଏବଂ ଅଳ୍ପକାଳର ଆୟୋଜନରେ ସେ ସମସ୍ତ ଏକତ୍ରିତ ହୋଇଥିବାରୁ ମନେ ହେଲା ଯେ ଲୋକଙ୍କର ଏ ବିଷୟରେ ଯଥେଷ୍ଟ ଆଗ୍ରହ ଅଛି। ବନ, ଖନି ଜାତ, ପ୍ରାଣି-ଜାତ ଏବଂ କୃଷି ଓ ଶିଳ୍ପ ଶ୍ରମଜାତ ଅନେକ ପ୍ରକାର ଦ୍ରବ୍ୟ ଥିଲା ଏବଂ ତହିଁ ମଧ୍ୟରେ କେତେ ଗୁଡ଼ିଏ ଉତ୍କୃଷ୍ଟ ମଧ୍ୟ ଥିଲା। ସେ ସବୁ ସଜାଇ ରଖିବାରେ ମଧ୍ୟ ଯଥା ସାଧ୍ୟ ଯତ୍ନ ହୋଇଥିଲା। ମାତ୍ର ପ୍ରତ୍ୟେକ ଦ୍ରବ୍ୟର ଟିକଟରେ ପ୍ରଦର୍ଶକ ବା କାରିଗରର ନାମ ଧାମ ମୂଲ୍ୟାଦିର ଉଲ୍ଲେଖ ନ ଥିବାରୁ ଦର୍ଶକମାନେ କିଛି ଜାଣି ପାରିଲେ ନାହିଁ ଓ ପ୍ରଦର୍ଶନର ମୂଳ ଉଦ୍ଦେଶ୍ୟ ଗୋପନରେ ରହିଗଲା। ଆଶା ଅଛି ଏଥି ଉତ୍ତାରୁ ସେ ସମସ୍ତର ତାଲିକା ସର୍ବସାଧାରଣଙ୍କର ଗୋଚରାର୍ଥେ ବାହାରିବ। ଯାହା ହେଉ ପ୍ରଥମ ଉଦ୍ୟମଟା ଅନେକ ଦୂର ସଫଳ ହୋଇଅଛି ବୋଲିବାକୁ ହେବ। ପରଦିନଠାରୁ ତିନି ଦିନ ପ୍ରଦର୍ଶନୀ ସର୍ବସାଧାରଣଙ୍କର ଦେଖିବା କାରଣ ଖୋଲା ଥିଲା ଓ ଅନେକ ଲୋକ ଦେଖିଥିଲେ।

---

# ସାପ୍ତାହିକ ସଂବାଦ।

ଗତ ସପ୍ତାହର ମେଘଅନ୍ଧାର ଘୁଞ୍ଚିଲା। କେତେକ ଦିନ ଏ ନଗରରେ ଶୀତ କମିଥିଲା। ପୁଣି ପ୍ରବଳ ହୋଇଅଛି। ଏଥର ବୃଷ୍ଟିପାତ ହେବାରେ ଫସଲ କ୍ଷତି ହୋଇଥିବ।

ଏ ନଗରରେ ଗ୍ରାମ୍ୟ ଏ ସପ୍ତାହରେ ବିଲ ଧାନ।

ଶ୍ରୀକୃଷ୍ଣ ସଂଗ୍ରାମ ବସ୍ତ୍ର ଉତ୍କଳସ୍ଥ ଶୀ ସାହିତ୍ୟ ମଧ୍ୟପ୍ରଦେଶର ଶାସନାଧିକୃତ ହେବା ବିଷୟ ଏହି କଥା ବୁଝାଇବା ଅଭିପ୍ରାୟରେ ଶ୍ରୀ ଜଗନ୍ନାଥ ଦେବଙ୍କୁ "ପ୍ରାର୍ଥନା" ନାମରେ ଶ୍ରେଣୀ ପୁସ୍ତକ ତାହାଙ୍କ ଭକ୍ତ ହୋଇଗଲା ଅନେକେ ପାଇ ଥିବେ। ପୁସ୍ତକ ଅତି ବଡ଼ ହେଲେ ହେଁ ଅଗୋଳି ମହାପ୍ରସାଦ ଲାଗିରେ ଯେତେ ପାଇ ନ ହେଲେ ପାଠକମାନେ ଟିକିଏ ବଡ଼ିଲେ ଜାଣିପାରିବ ସେ ତାହା ବସିଲେ ଓ ସମ୍ପାଦକ।

ଗତ ତା ୨୦ ରଖରେ ସିମଲାଠାରେ ଏତେ ବରଫ ପଡ଼ିଥିଲା ଯେ ରେଲଗାଡ଼ି ଯାତାୟାତ ବନ୍ଦ ହୋଇ ଯାଇଥିଲା। ୨୦ଘଣ୍ଟା ପର୍ଯ୍ୟନ୍ତ କ୍ରମାଗତ ବରଫ ପଡ଼ିଥିଲା ଏବଂ ଠାବେ ୨ ଅନେକ ଫୁଟ ବହଳ ହୋଇଥିଲା। ଅନେକ ବର୍ଷ ହେଲା ଏତେ ବରଫ ପଡ଼ି ନ ଥିବାର ଲୋକେ କହୁଅଛନ୍ତି।

ମାନ୍ଦ୍ରାଜର ଗତ ସପ୍ତାହର ବୃଷ୍ଟିରେ ଏମନ୍ତ ଜଳାବୃଦ୍ଧି ହୋଇଥିଲା ଯେ ମାନ୍ଦ୍ରାଜ ସହରର କେତେକାଂଶ ଓ ମୋଫସଲ କେତେ ଗ୍ରାମ ବୁଡ଼ିଯାଇଥିଲା। ଲୋକେ ଘର ଛାଡ଼ି ପଳାଇ ପ୍ରାଣରକ୍ଷା କରିବାକୁ ସମର୍ଥ ହୋଇଥିଲେ ମାତ୍ର ଘର ଦ୍ୱାର ଅନେକ ଭାଙ୍ଗି ଓ ଭାସିଯାଇଅଛି।

ସମ୍ବଲପୁର ହିତୈଷିଣୀ ଲେଖିଅଛନ୍ତି କି ଆସନ୍ତା ମାଘ ମାସରେ ବାମଣ୍ଡାର ରାଜାଙ୍କର କନ୍ୟା ଓ ଏକ ଭଉଣୀ ଏବଂ ଏକ ଅନ୍ତର ଭଗ୍ନୀଙ୍କର ମଙ୍ଗଳକାର୍ଯ୍ୟ ହେବ। ଏଥିପାଇଁ ଏହି କାର୍ଯ୍ୟର ଆୟୋଜନ ଏଣିମଧ୍ୟରେ ଆରମ୍ଭ ହୋଇଅଛି।

ଗତ ତା ୨୭ଖ ରବିବାର ରାତ୍ରରେ ଦିଲ୍ଲୀ ଓ ଗାଜିଆବାଦ ରେଲଷ୍ଟେସନ ମଧ୍ୟରେ ଅସୋଁ ଲାଇନରୁ ଆସୁଥିବା ଗାଡ଼ି ଏବଂ କଲିକତାରୁ ଯାଉଥିବା ମାଲଗାଡ଼ି ଧକା ଖାଇଥିବାର ସମ୍ବାଦ ଆସିଅଛି। ଦୁଇଗାଡ଼ିର ଏଞ୍ଜିନ ନଷ୍ଟ ହୋଇଅଛି ଏବଂ କେତେ ଗୋଟି ଗାଡ଼ି ଚୂର୍ଣ୍ଣ ହୋଇଯାଇଅଛି। ୧୯ଜଣ ଯାତ୍ରୀ ହତ ଏବଂ ୬୧ଜଣ ଗୁରୁତରରୂପେ ଆହତ ହୋଇଅଛନ୍ତି। କାହାର ଦୋଷରୁ ଏମନ୍ତ ଭୀଷଣ ଦୁର୍ଘଟଣା ଘଟିଲା ତହିଁର ଅନୁସନ୍ଧାନ ହେଉଅଛି ଏବଂ ଅନେକ ଲୋକ ନଷ୍ଟ ପଡ଼ିବାର ଜନରବ ଉଠିଅଛି।

ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ଭୂଟାନର ମହାରାଜ ନୂଆ ଜଳକନମରେ ସଡ଼କ ୧୫ ହଜାର ଟଙ୍କା ଦାନ ଦେଇଅଛନ୍ତି। ଗାଦିଂନ୍ତର କର୍ଣ୍ଣର ଲାଟକାରୁ ଯାହା ପ୍ରକାଶ ହୋଇ ନାହିଁ।

ଗତ ପ୍ରକାଶିତ ସରକାରୀ ତାଲିକା ଅନୁସାରେ ଭାରତରେ ପ୍ଲେଗରୋଗରେ ମୃତ୍ୟୁ କିଛି ଉଣାପଡ଼ିବାର ଜଣାଯାଏ। ମୃତ୍ୟୁ ସଂଖ୍ୟା ୧୬ ହଜାରରୁ ୧୫ ହଜାର ଉପରି ଅଛି। ଏଥିରେ ଉଣା ହେଲେ ରକ୍ଷା।

ଆଜି, କାଲି, ମଲିକର [ ମୁସଲମାନ ପଣ୍ଡିତ ] ସହିତ ଆର୍ଯ୍ୟ ବାଦଅଛନ୍ତି କି ମୁସଲମାନମାନଙ୍କୁ ହିନ୍ଦୁଧର୍ମ ଏବଂ ଶିକ୍ଷା ଦେବା ଉଚିତ ହେଉଅଛି। ମଲିକଙ୍କ ମୁହଁରୁ ଏ କଥା ବାହାରିବା ସୁବିଧାଜନକ ଅଟେ।

ବିଶ୍ୱାସ ନଗରର କୌଣସି କଲେଜକୁ ତହିଁର ଦାତାଙ୍କର ଭର୍ତ୍ତା ସମସ୍ତେ କୌଣସି ଧାରା ଅନୁରୋଧରେ ୫୦ ଲକ୍ଷ ଟଙ୍କା ଦାନ କରିଅଛନ୍ତି।

ଶୁଣାଯାଏ ତିବ୍ବତର ଦଲାଇ ଲାମା ରୁଷ ସମ୍ରାଟଙ୍କର ସାହାଯ୍ୟ ଭିକ୍ଷା କରି ସେଣ୍ଟପିଟର୍ସବର୍ଗକୁ ଦୂତ ପ୍ରେରଣ କରିଅଛନ୍ତି।

ଏଥିପାଇଁ ଅନେକ ସମୟ ଫିଲାଡେଲଫିଆ ନଗରରେ ଟେଲିଗ୍ରାଫ ଖାଲି ଥାପକ ରହିବ ୪୫ ଲକ୍ଷ ଟଙ୍କା ଦାନ କରିଅଛନ୍ତି।

ବୋମ୍ବାଇର ଗଭର୍ଣ୍ଣର ଲର୍ଡ ଲେମିଂଟନ ମୁସଲମାନ ଶିକ୍ଷା ସମିତିର ଅଧିବେଶନରେ ଉପସ୍ଥିତ ହୋଇ ବକ୍ତୃତା କରିଥିଲେ।

ମାନ୍ଦ୍ରାଜର ଗଭର୍ଣ୍ଣର ମାନ୍ଦ୍ରାଜ ନଗରରେ ବୃଦ୍ଧ ଅନାଥ ରକ୍ଷଣ ନିମନ୍ତେ ୨୫୦୦ ଟଙ୍କା ଦାନ କରିଅଛନ୍ତି। ଏଠାରେ ଉପଯୁକ୍ତ ବୃଦ୍ଧମାନଙ୍କର ଭରଣ ପୋଷଣ ହେବ।

ଏଣୁକରି ଇଟାଲିୟାନ ଏକରକମ ବୈଦ୍ୟୁତିକ କଳ ଆବିଷ୍କାର କରିଅଛନ୍ତି। ଏହି କଳଦ୍ୱାରା ଉଠିପଡ଼ି ଓ ବଡ଼ ବଡ଼ ପୁସ୍ତକ ଏକ ଘଣ୍ଟାରେ ୬୦୦ ମାଇଲ ଦୂରକୁ ପ୍ରେରଣ କରାଯିବ।

ମାନ୍ଦ୍ରାଜ କଂଗ୍ରେସରେ ଗତ ମାସ ତା ୨୪ ଋଖ ପର୍ଯ୍ୟନ୍ତ ୫୦୦୦୦ ଟଙ୍କା ଆଦାୟ ହୋଇଥିବାର ସମ୍ବାଦ ମିଳଇ ଏବଂ କଂଗ୍ରେସରେ ଅବ୍ୟବହୃତ ୩୦୦୦ ଖନରେ ଅନେକ ଟଙ୍କା ସଂଗ୍ରହ ହୋଇଥିଲା। ମୋଟ ଆୟର ହେବା ଟଙ୍କାର ସମ୍ବାଦ ଅବଧି ମିଳି ନାହିଁ।

## ଦେହଲୀ ସମ୍ବାଦ।

ଗତ ଡିସେମ୍ବର ତା ୨ ରଖରେ ଦେହଲୀ ଦରବାରକ୍ଷେତ୍ରରେ ସ୍ୱଜନ ୨୨ ବର୍ଷୀୟ ସଭା ଅଧିବେଶନ ହୋଇଥିଲା ୨୫ ଜଣ ସଭ୍ୟ ସଭାରେ ଉପବେଶନ କରିଥିଲେ। ଶେଷ ଘୋଷଣା ଗାନ୍ଧର୍ବ ସହିତ ପ୍ରଭୃତ ପଦ୍ୟ ମଧ୍ୟର ଓ ସ୍ୱର୍ଗମର୍ତ୍ତ୍ୟଙ୍କ ସ୍ତୁତି ଶ୍ଳୋକ ପାଠ ଉତ୍ତମ ହୋଇଥିଲା। ସଭା ଶେଷେ ପ୍ରତିବର୍ଷ ହେବାର ପ୍ରସ୍ତାବ ହେଲା।

ଗତ ମାସ ତା ୧ ରଖରେ ଦେହଲୀ ବାର୍ଷିକ ଅଙ୍ଗନମଣ୍ଡୀ ମେଳା ଏ ବର୍ଷ କିର୍ତ୍ତିପୁରରେ ହେଲା। ତତ୍ସହସ୍ରାଧିକ ଲୋକ ସମବେତ ହୋଇଥିଲେ। ଅର୍ଥାତ୍ ଚଉଠାରୁ ନାମ ସଂକୀର୍ତ୍ତନ କରିଥିଲା। ତା ୧୦ ଖ ସନ୍ଧ୍ୟା ପର୍ଯ୍ୟନ୍ତ କ୍ରମାଗତ ଘଣ୍ଟେ ଏକଦେସ ତୁହାଟନି ଅଙ୍ଗ ବଳେ କେତେକ କିମ୍ବା ସ୍ୱଜନ ହେଲା। ପରଦିନ ୧ ଘଡ଼ି ପର୍ଯ୍ୟନ୍ତ କୀର୍ତ୍ତନ ହେଲା। କୀର୍ତ୍ତନରେ ବାଦ ପ୍ରତିବାଦ ହେବା ମାତ୍ରକେ ନବ ବିଦ୍ରୋହ ଓ ଜଣେ ବୈଷ୍ଣବ ନାମ ଗାନରେ ଉନ୍ମତ୍ତ ହୋଇ ନୃତ୍ୟ ଆରମ୍ଭ କଲେ।

---

## ପତ୍ରପ୍ରେରକଙ୍କ ପ୍ରତି।

ଶ୍ରୀ ଭବାନୀଙ୍କର ଦାସ—ବାଲେଶ୍ୱର ସ୍ୱଜାବାଟୀରେ ମାତା ବେସାନ୍ତଙ୍କ ପ୍ରଦତ୍ତ ବକ୍ତୃତାର ମର୍ମ ଇଂରାଜୀରେ ଲେଖିଅଛନ୍ତି। ମାତ୍ର ସ୍ଥାନାଭାବରୁ ପ୍ରକାଶ ହୋଇ ପାରିଲା ନାହିଁ। ଯାହାଙ୍କର ଇଚ୍ଛା ଓଡ଼ିଆ ନବସମ୍ବାଦରେ ପଢ଼ି ପାରିବେ।

ଶିକ୍ଷକାସସ୍କୁଲ ମାଷ୍ଟର—ବାବୁ ରଘୁନାଥ ଘୋଷ ସ୍କୁଲ ଡେପୁଟି ଇନ୍‌ସ୍ପେକ୍ଟରଙ୍କର ପତ୍ନୀ ବିୟୋଗର ଆଦ୍ୟ ଶ୍ରାଦ୍ଧ ଉତ୍ତମରୂପେ ହୋଇ ଥିବାର ଲେଖିଅଛନ୍ତି।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

---

## ଶ୍ରୀଯୁକ୍ତ ଦୀପିକାର ସମ୍ପାଦକ

ମହାଶୟେଷୁ।

ସୁହୃଦ୍ଵର !

ଏଠାରେ ଗତମାସ ତା ୧୬ ରଖ ରବିବାରେ ଶିକ୍ଷା ସମ୍ବନ୍ଧରେ ଓ ତା ୧୮ ରଖ ସୋମବାରରେ ମିସେସ ବେସେଣ୍ଟ Hinduism ଓ Modern Science ସମ୍ବନ୍ଧରେ ବକ୍ତୃତା ପ୍ରଦାନ କରି-

Digitized by srujanika@gmail.com

Split by PDF Splitter



ଥିଲେ । ଶେଷୋକ୍ତ ବକ୍ତୃତାରେ ଆମ୍ଭେ ଉପସ୍ଥିତ ଥିଲୁଁ ଓ ତହିଁର ସାର କଥା ଆପଣଙ୍କ ପତ୍ରିକାରେ ସର୍ବସାଧାରଣଙ୍କ ଜାଣିବା କାରଣ ଲେଖୁଅଛୁଁ ।

ଯେଉଁ ଶିକ୍ଷିତ ଯୁବକମାନେ ବର୍ତ୍ତମାନ୍ ବଦନ୍ତି ଯେ ସେ ସଂସ୍କୃତରେ କ ନିମିତ୍ତ ସନ୍ଧ୍ୟା କରିବେ ଓ ନିଜ ଭାଷାରେ କ ନିମିତ୍ତ ଈଶ୍ୱରଙ୍କୁ ପ୍ରାର୍ଥନା କରିବେ ନାହିଁ । ସେମାନଙ୍କ ଭ୍ରମ ଦେଖାଇଦେଇ ସଂସ୍କୃତରେ ସନ୍ଧ୍ୟାଦି କଲେ ଅଶୁଫଳ ହେବାର ବଡ଼ ସୁନ୍ଦରରୂପେ ବୁଝାଇ ଦେଲେ ।

ସହସ୍ର ବର୍ଷ ପୂର୍ବେ ଭାରତବର୍ଷରେ ମୁନି ଓ ଋଷିମାନେ ଯେଉଁ ବିଷୟମାନ କହି ଯାଇଅଛନ୍ତି ଅଦ୍ୟତନ ପାଶ୍ଚାତ୍ୟ ପଣ୍ଡିତମାନେ ଓ ବିଜ୍ଞାନବେତ୍ତାମାନେ ଗୋଟିଏ ତହିଁରୁ ଶିକ୍ଷା କରୁଅଛନ୍ତି ଓ ଆପଣାର ବିଜ୍ଞାନର ଉନ୍ନତଦ୍ୱାର ଶିକ୍ଷା କରୁଅଛନ୍ତି ।

ପ୍ରତିମାପୂଜା ଓ ତଜ୍ଜଲକ୍ଷିତ ପ୍ରତିମୂର୍ତ୍ତିର ପୂଜା ସମ୍ବନ୍ଧରେ ନୂତନ ବିଜ୍ଞାନ ଅନୁସାରେ ବୁଝାଇ କହିଲେ ଯେ ପ୍ରତିମାପୂଜାଦ୍ୱାରା ଅମୂର ଈଶ୍ୱର ଆରାଧନା ଶୀଘ୍ର ଓ ଉତ୍ତମରୂପେ ସିଦ୍ଧ ହୁଏ । ଏହା ଶୁଣି ଶ୍ରୋତାମାନେ ମୁଗ୍ଧ ହେଲେ । ଆମ୍ଭେ ଅନୁମାନ କରୁଁ ଯାହାଙ୍କ ମନରେ ପ୍ରତିମା ପୂଜା କରିବା ନିଷ୍ଫଳ ବୋଲି ଧାରଣା ଥିଲା ତାହା ବିଦୂରିତ ହୋଇଥିବାର ବିଶେଷ ସମ୍ଭାବନା ।

ସମସ୍ତେ ଜାଣନ୍ତି ଯେ ମସ୍ତିଷ୍କରୁ ଚିନ୍ତା ଶକ୍ତି ଜାତ ହୁଏ । ଆଧୁନିକ ପାଶ୍ଚାତ୍ୟ ବିଜ୍ଞାନବେତ୍ତାମାନେ ଆବିଷ୍କାର କରିଅଛନ୍ତି ଯେ ଚିନ୍ତାଶକ୍ତିରୁ ମସ୍ତିଷ୍କ ହୋଇଅଛି । ଏ ବିଷୟ ବେଦରେ ଥିବାର ଦୃଷ୍ଟାନ୍ତ ଦେଇ କହିଲେ; ତାହା ଶୁଣି ଆମ୍ଭେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ । ଏହିହେତୁରୁ ସେ ଦିନ୍ନିଲେ ପୂର୍ବେ ଋଷିମାନେ ଯାହା କହି ଯାଇଥିଲେ । ବର୍ତ୍ତମାନ ତାହା ପାଶ୍ଚାତ୍ୟ ବିଜ୍ଞାନବେତ୍ତା ଶିଖୁଅଛନ୍ତି ।

ସକଳ କଥାଗୁଡିକ ଆମ୍ଭେ ଲେଖିଲୁଁ । ବିଶେଷ ଲେଖିବାର ସମୟ ନାହିଁ । ଯେଉଁମାନଙ୍କର ଏ ବିଷୟର ସନ୍ଦେହ ମୋଚନ କରିବାର ଇଚ୍ଛା ଥାଏ ସେମାନେ ତପସ୍ୱିନୀ ବିସନ୍ତଙ୍କଠାରୁ ପତ୍ର ଲେଖି ତହିଁର ଉତ୍ତର ପାଇପାରନ୍ତି ।

ଆପଣଙ୍କର

ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମ୍ମା

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଗୋବର୍ଦ୍ଧନ ପଧାନ | ନରସିଂହପୁର | ଟ ୩ |
| „ ଶଙ୍କରମୋହନ ରାୟ ସା ଡିଲେକ୍ଟର ତଲଚେର | | ଟ ୧୨ |
| „ ଗଜକଣ୍ଠ ଭରସୋଥ | ଜୟପୁର | ଟ ୩ |
| „ ପୀତାମ୍ବର ପାଣ୍ଡିଆ | ପାରଲାକିମେଡ଼ି | ଟ ୩ |
| „ କୃଷ୍ଣଚରଣ ଆଚାର୍ଯ୍ୟ | ଗୋପୀନାଥପୁର ବଙ୍ଗଳା | ଟ ୧ |
| „ ଗୋବିନ୍ଦ ରଥ | ରୁଦ୍ରସେଲର କଟକ | ଟ ୩ |
| „ ବୃନ୍ଦାବନଚନ୍ଦ୍ର, ହେ ଡେ: ମାଷ୍ଟର କଲ୍ୟାଣପୁର | | ଟ ୧ |
| „ ଚୌ: କୃଷ୍ଣଚନ୍ଦ୍ର ଦାସ ପଟ୍ଟନାୟକ ମହାପାତ୍ର | ଖାଲ୍ୟକୋଟଗଡ଼ | ଟ ୩ |
| „ ଜୟକୃଷ୍ଣ ମହାନ୍ତି | କୁର୍ଦ୍ଦ ପୁରୀ | ଟ ୩ |
| „ ନୀଳମଣି ବନ୍ଦ୍ୟୋପାଧ୍ୟାୟ | ରମ୍ଭା | ଟ ୩ |
| „ ସାଧୁଚରଣ ସାହୁ | କଟକ | ଟ ୧ |
| ମନ୍‌ସି ଫେଦା ଅହେମଦ | କଟକ | ଟ ୧ |
| „ ମୀର୍ଜା କାମ୍ରୁଦ୍ଦିନ | ନିଳାପଥର | ଟ ୧୨ |
| ଶ୍ରୀ ବାବୁ ଯୋଗେନ୍ଦ୍ରନାଥ ଦାସ ପଣ୍ଡିତ | ଶୁକରପଡ଼ା | ଟ ୬ |
| „ ଅର୍ଜ୍ଜୁନ ସିଂହ | କିଆଳିପାଟଣା | ଟ ୩ |
| ମନ୍‌ସି ମହେମ୍ମଦ ଅଲି | କଟକ | ଟ ୧ |
| ଶ୍ରୀବାବୁ ଶ୍ୟାମସୁନ୍ଦର ନନ୍ଦ | କଟକ | ଟ ୧ |
| „ ବଳରାମ ସାହୁ ମହାଜନ | ମତୀଆଳ | ଟ ୩ |
| „ ଦୁର୍ଗାନନ୍ଦ ମହାନ୍ତି ସ୍ବ: ଓଭରସିୟର ମାଣପୁର | | ଟ ୧ |
| ମନ୍‌ସି ମହମ୍ମଦ ମନହର | ମେହେନ୍ଦିପୀର | ଟ ୦।୨ |
| „ ମହେମଦ ଖାଁ | ସ୍ବ: ଇ: କୃଷ୍ଣନଗର | ଟ ୩ |
| ଶ୍ରୀ ବାବୁ ଲକ୍ଷ୍ମୀମୋହନ ଆଚାର୍ଯ୍ୟ | ଚନ୍ଦ୍ରନଗର | ଟ ୩ |

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି କି ଚଳିତ ଜାନୁୟାରୀମାସ ତା ୧୮ ରିଖ ସୋମବାର ଦିବା ଘ ୨ ଘା ସମୟରେ କଟକ ମିଉନିସିପାଲ ଅଫିସରେ ତଳଲିଖିତ ଘାଟ, ହାଟ ଷ୍ଟଟର୍‌ହାଉସ, ପାଉଣ୍ଡ, ଟ୍ରେଞ୍ଚିଙ୍ଗ ଗ୍ରାଉଣ୍ଡମାନ ସନ ୧୯୦୪ ମସୀହା ଅପ୍ରେଲ ମାସ ତା ୧ ରିଖଠାରୁ । ଲ । ସନ ୧୯୦୫ ମସୀହା ମାର୍ଚ୍ଚ ମାସ ତା ୩୧ ରିଖ ପର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ ନିଲାମ ହେବ । ଗ୍ରହଣେଚ୍ଛୁ ବ୍ୟକ୍ତିମାନେ ଉକ୍ତ ଦିବସ ଉକ୍ତ ସ୍ଥାନରେ ଓ ଉକ୍ତ ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ । ସର୍ବୋଚ୍ଚ ଗ୍ରାହକଙ୍କର ଅବସ୍ଥା ଓ ଅବସ୍ଥା ପ୍ରତି ଦୃଷ୍ଟି କରାଯାଇ ତାହାଙ୍କର ଡାକ ଗ୍ରହଣ କରାଯିବ । ଯଦି କୌଣସି ବ୍ୟକ୍ତି ଉକ୍ତ ଘାଟ ଆଦି ଚଳାଇବାର ନିୟମାବଳୀ ଜାଣିବାକୁ ଇଚ୍ଛା କରନ୍ତି ସେମାନେ ମିଉନିସିପଲ ଓଭରସିୟରଙ୍କ ବା ସେକ୍ରେଟାରୀଙ୍କ ଅଫିସରେ ଉପସ୍ଥିତ ହେଲେ ସମସ୍ତ ବିଷୟ ଜ୍ଞାତ ହୋଇ ପାରିବେ । ନିଲାମ ଡାକିବା ଲୋକଙ୍କୁ ସେହି ଦିନ ଚତୁର୍ଥାଂଶ ଦାଖଲ କରିବାକୁ ହେବ । ତା ୩ ରିଖ ଜାନୁୟାରୀ ସନ ୧୯୦୪ ମସୀହା ।

| | |
|---|---|
| ହାଠଯୋଡ଼ି ଘାଟ | ଯୋବରା ସାନ୍ଧୀଘାଟ |
| ସ୍ନାନଘାଟ | ଚଡ଼ଚଡ଼ା ଘାଟ |
| ଲମ୍ବା ଘାଟ | |
| ଦୋବନ୍ଧା ଷ୍ଟଟର ହାଉସ | |
| ଜୋବ୍ରାପୁର ଷ୍ଟଟର ହାଉସ | |
| ଚୌଧୁରୀବଜାର ମାରକେଟ୍ | |
| ଆଲମଗଞ୍ଜବଜାର ମାରକେଟ | |
| ଖାନନଗର ଟ୍ରେଞ୍ଚିଙ୍ଗ ଗ୍ରାଉଣ୍ଡ | |
| ଉଦୟା ଟ୍ରେଞ୍ଚିଙ୍ଗ ଗ୍ରାଉଣ୍ଡ | |
| ଥୋରିପସାହି ଟ୍ରେଞ୍ଚିଙ୍ଗ ଗ୍ରାଉଣ୍ଡ | |
| ଲାଲବାଗ କାଞ୍ଜିହାଉସ | ପୁରୀଘାଟ କାଞ୍ଜିହାଉସ |
| ସୁତାହାଟ କାଞ୍ଜିହାଉସ | ରାଣୀହାଟ କାଞ୍ଜିହାଉସ |
| ଦୋଳମୁଣ୍ଡାଇ କାଞ୍ଜିହାଉସ | କଟକଚଣ୍ଡୀ କାଞ୍ଜିହାଉସ । |

Ramsanker Roy
Chairman.


# J. KIPPAX & Co.'S
## PREPARATIONS.
### ଯେ, କିପାକ୍ସ ଏଣ୍ଡ କୋମ୍ପାନିର ଔଷଧ ।

ଜ୍ୱରନାଶକ ବଟିକା—ଏହା କୋଷ୍ଠବଦ୍ଧ ସହ ସର୍ବପ୍ରକାର ନୂତନ ଓ ପୁରାତନ ମାଲେରିଆ ଜ୍ୱର, ପ୍ଲୀହା ଓ ଯକୃତ୍ ସଂଯୁକ୍ତ ଜ୍ୱର ଓ ଅନ୍ୟ ପ୍ରକାର ଜ୍ୱରର ଅବ୍ୟର୍ଥ ଓ ଆଶୁ ଫଳପ୍ରଦ ମହୌଷଧ । ଏହା କୁଇନାଇନର ଦୋଷ ନଷ୍ଟ କରେ । ଜ୍ୱର ଥିବା ଓ ନ ଥିବା ଉଭୟ କାଳରେ ଏହି ଔଷଧ ସେବନ କରାଯାଏ ।

୧୫ ଗୋଟି ବଟିକା ପରିପୂର୍ଣ୍ଣ ଗୋଟିଏ କୌଟାର ମୂଲ୍ୟ ଟ ୧।

କଫ ଲୋଜେଞ୍ଜେସ ବା ମିଠାଇ—ଏହା ସର୍ବପ୍ରକାର କଫ ଓ କାଶ ରୋଗର ପ୍ରଧାନ ଔଷଧ ।

୧୨ ଗୋଟି ବଟିକାପୂର୍ଣ୍ଣ ଏକଶିଶିର ମୂଲ୍ୟ ଟ ୦।

ଶ୍ୱାସ ରୋଗର ଔଷଧ—କିଛିକାଳ ଏହି ଔଷଧ କ୍ରମାଗତ ନିୟମିତରୂପେ ବ୍ୟବହାର କଲେ ଶ୍ୱାସରୋଗ ଏକାବେଳେ ଆରୋଗ୍ୟ ହୁଏ, ଆଉ କେବେ ହୁଏ ନାହିଁ ।

ଗୋଟିଏ ଶିଶିର ମୂଲ୍ୟ ଟ ୧।

ପର୍ଗେଟିଭ ଫ୍ରୁଟ—ଏହା କୋଷ୍ଠ ପରିଷ୍କାର ଔଷଧ । ସର୍ବଦା ଅଥବା ବେଳେ କୋଷ୍ଠ ପରିଷ୍କାର ନ ହେବା ଓ ଅର୍ଶ ରୋଗରେ ଏହା ପରମ ଉପକାରୀ ଅଟେ । ଅନ୍ୟ ଜୋଲାପ ପରି ଏହା ବ୍ୟବହାର ଉତ୍ତାରେ ଦସ୍ତ କଷା ହୁଏ ନାହିଁ ।

୧୦ ଗୋଟି ଫ୍ରୁଟ ବା ଫଳପୂର୍ଣ୍ଣ ଗୋଟିଏ କୌଟାର ମୂଲ୍ୟ ଟ ୧।

ଉପରଲିଖିତ ଏବଂ ଅନ୍ୟାନ୍ୟ ଔଷଧର ବିସ୍ତାରିତ ତାଲିକା ନିମ୍ନ ସ୍ୱାକ୍ଷରକାରଙ୍କୁ ପ୍ରାର୍ଥନା କଲେ ପ୍ରାପ୍ତ ହେବ ।

ଈଶ୍ୱରଚନ୍ଦ୍ର କୁଣ୍ଡୁ କମ୍ପାନି
ନଂ ୧୬୭ ନମ୍ବର ଧରମତଲା ଷ୍ଟ୍ରିଟ, ନଂ ୧ ନମ୍ବର
ନିଉ ମାରକେଟ ଏବଂ ନଂ ୪୧ ନମ୍ବର
ଷ୍ଟ୍ରେଣ୍ଡରୋଡ କଲିକତା ।


Digitized by srujanika@gmail.com

## ବିଜ୍ଞାପନ ।




### ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

ଏ, ସଟନ ଏଣ୍ଡ କୋର ଆଶ୍ଚର୍ଯ୍ୟ ଔଷଧାବଳୀ ।

ଭାରତବାସୀ ଲୋକଙ୍କର ଆଉ ଭୟର କାରଣ ନାହିଁ ।

ସାଲସା ପେରିଲା ଟନିକ—ଏହା ସର୍ବୋତ୍କୃଷ୍ଟ ରକ୍ତପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ ସାଲସା ଉପଦଂଶ (ଗରମୀ ବେମାରୀ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, ଶୋଥ, ବାତ, ଦେହ ହାତ ଓ ଗୋଡ଼ର ଭଙ୍ଗା ଭଙ୍ଗା ଘାଆ ଏବଂ ସର୍ବପ୍ରକାର ଚର୍ମରୋଗରେ ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ ଦୁର୍ବଳତା ଦୂର କରିବାରୁ ଏହା ଅଦ୍ୱିତୀୟ ଅଟେ । ରୋଗୀ ଯାହା ଅଭିଳାଷୀ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ନିଶ୍ଚୟ ଖାଇବାର ଆବଶ୍ୟକ,

ମୂଲ୍ୟ ଟ ୧୷ ମାଶୁଲ ଟ ୦ ।

ଅଣ୍ଡ ଗନୋରିଆର ମିକ୍ଶ୍ଚର ।—ନୂତନ ଓ ପୁରାତନ ମେହ, ମୂତ୍ରନଳୀର ପ୍ରଦାହ ଓ ଛିଦ୍ର, ପ୍ରସ୍ରାବକାଳୀନ ଜାଳା ଓ ରକ୍ତପାତ, ସ୍ୱପ୍ନ ଧାତୁସ୍ଖଳନ, ମୂତ୍ରକୃଚ୍ଛ୍ର, ଫୋପାଫୋପା ହୋଇ ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଶିରୋଘୂର୍ଣ୍ଣନ ଏବଂ ସର୍ବାପେକ୍ଷା ବିସ୍ମୟକର ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ । ଶରୀରକୁ ବଳିଷ୍ଠ ଓ ନିର୍ଦ୍ଦୋଷ କରିବାରୁ ଏହା ତୁଲ୍ୟ ଆଉ ଔଷଧ ଅଦ୍ୟାପି ହୋଇ ନାହିଁ । ଅତି ବିସ୍ମୟକର ଜ୍ୱାଳା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ଟ ୧୷ ମାଶୁଲ ଟ ୦ ।

ଲଭରେସେଣ୍ଟ ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ ସ୍ୱପ୍ନଦୋଷ, ସ୍ନାୟବିକ ଶୈଥିଲ୍ୟ, ସ୍ମୃତିଶକ୍ତି ହ୍ରାସ; ସ୍ଫୂର୍ତ୍ତିହୀନତା ଅବସନ୍ନ ଭାବ, କୋଷ୍ଠ କାଠିନ୍ୟ ପ୍ରଭୃତି ପୀଡ଼ାରେ ଶୁକ୍ର ପୀଡ଼ାର ମନ୍ତ୍ରପୂତ ମହୌଷଧ । ଏହାକୁ କେବଳ କଲେ ମହୂର୍ତ୍ତରେ ଓ ଶରୀର ସବଳ ବଳରେ ବଳୀୟାନ ହୋଇ ପ୍ରକୃତି କାନ୍ତି ପ୍ରାପ୍ତ ହୁଏ । ଯଦ୍ୟପି ଏହା ସେବନକାଳ ଟନିକ ରୋଗ ଆରୋଗ୍ୟ ନ ହୁଏ ତାହାହେଲେ ଜଗତରେ ଆଉ ଅଳ୍ପ ଔଷଧ ନାହିଁ ।

ମୂଲ୍ୟ ଟ ୧୷ ମାଶୁଲ ଟ ୦ ।୵

ଦୁର୍ଣ୍ଣାମ ରୋଗ ।—ଏହାକୁ ବ୍ୟବହାର କଲେ ସ୍ପଷ୍ଟଭାବେ ଯାଏ, ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଯାହୁ ଔଷଧ ଜଗତରେ ଆଉ ହୋଇ ନାହିଁ । ଥରେ ବ୍ୟବହାର କଲେ ବୁଝିପାରିବେ ।

ମୂଲ୍ୟ ଟ ୦ ।୷ ଭିଜିମ୍ୟୁଲ ଟ ୮।୵

ଠିକଣା—ଏ, ସଟନ ଏଣ୍ଡ କୋଂ

ନଂ ୧୬୬ ଅପର ଚିତ୍ପୁର ରୋଡ ହାଟଖୋଲା ପୋଷ୍ଟ କଲିକତା ।

ବଙ୍ଗଳାରେ ବ୍ରୋକେଟ୍ ଓ ମେଡ଼ିକାଲ ହଲ ନାମକ ଡାକ୍ତରଖାନାର ମାଲିକ ଡାକ୍ତର ଏସ, ପି, ନାର ପୋଷ୍ଟ ଦୁଆର ଏକମାତ୍ର ଏଜେଣ୍ଟ ଅଟନ୍ତି ।




ଡାକ୍ତର ମେଜର ସାହେବଙ୍କ ଆବିଷ୍କୃତ, ବିଶ୍ୱବିଖ୍ୟାତ ସେହି **ଇଲେକ୍ଟ୍ରୋ ସାଲସା** ଅଦ୍ଭୁତ ଓ ଅନୁପମ ଆଶ୍ଚର୍ଯ୍ୟଗୁଣ । ପ୍ରତ୍ୟୟଦାତ୍ରୀ ଚିକିତ୍ସାଜଗତରେ ନବଯୁଗ ଆଣିଅଛି । ଏହା ରକ୍ତଦୁଷ୍ଟିର ଦୁଷ୍ଟାନ୍ତ, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗୀର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ସୁଖ୍ୟାତିପତ୍ର ଅବ୍ୟର୍ଥତା, ଅଲୌକିକତା ଅକୃତ୍ରିମତାର ଜଳନ୍ତ ପ୍ରମାଣ ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ଯତୀନ୍ଦ୍ରମୋହନ ଠାକୁର ବାହାଦୁରଙ୍କୁ ଲେଖିଅଛନ୍ତି:—"ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍ଟ୍ରୋ ସାଲସା" ଦୁଷିତରକ୍ତ ପରିଷ୍କାର କରିବା ଓ ରକ୍ତ ବୃଦ୍ଧି କରିବା ଦ୍ୱାରା ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା ଗିରିଜାନାଥ ରାୟ ବାହାଦୁର ମେଜର ଲୋକଙ୍କୁ ଲେଖିଅଛନ୍ତି—"ଆପଣଙ୍କ ଗତ ମାସରେ ପଠା "ଇଲେକ୍ଟ୍ରୋ" ଔଷଧ ମଗାଇଲି, ଉପକାର ଦେବା ପୂର୍ବରୁ ଆଉ ଅଳ୍ପ ପଠାଇ ଦେବା ପ୍ରେସ୍ଥରେ ଯାଉ ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆଉ "ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା ବାହାଦୁର ମହାରାଜ ଦେଓ ଶାଲିକୋଟକୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ ପ୍ରତି ଶିଶି ଟ ୨ ।୦ ତିନି ଶିଶିକୁ ଯଥାକ୍ରମେ ଟ ୫ ଓ ୧୦ ଟ ୨୦ ଡାକମାଶୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ— ... କୋମ୍ପାନୀ କଲିକତା


Split by PDF Splitter
Digitized by srujanika@gmail.com

ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

## ହେୟାର-ଲାଇନ

କେଶର ସଂରକ୍ଷଣ, ସମ୍ବର୍ଦ୍ଧନ ଓ ଶ୍ୟାମଳତାର ମନୋହର କେଶ ତୈଳ । କେତୋଟି ବୈଜ୍ଞାନିକ ଅର୍ଥ ସ୍ଥଳୀକୃତ ସୁଗନ୍ଧଯୁକ୍ତ, ଅଙ୍ଗ୍ରେଜୀ ଗୁଣର ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି କଣ୍ଟକ ହେଉ ପୋଷକ ତୈଳ ସଂଯୋଗରେ ଏହି ହେୟାର ଲାଇନ ପ୍ରସ୍ତୁତ ହୋଇଅଛି । ଆପଣ ଏହା ଲଗାଇବାରୁ ଅନୁଭବ କରନ୍ତୁ, ଅପୂର୍ବ ସୌରଭରେ ମନ ପ୍ରାଣ ମୋହିତ ହେବ । ମସ୍ତିଷ୍କ ଶୀତଳ ହେବ । ତତ୍କ୍ଷଣାତ ସେହି ମନୋହର ସୁଗନ୍ଧରେ ମୁଗ୍ଧ ହେବେ । ଆପଣଙ୍କର ମନେ ହେବ ସେପରି ପ୍ରସ୍ଫୁଟିତ ପୁଷ୍ପ ଉଦ୍ୟାନରେ ଅଛନ୍ତି ।




"ହେୟାର ଲାଇନ" ଲଗାଇ କେଶ ବନ୍ଧନ କଲେ ୨୪ ଘଣ୍ଟାକାଳ ଗନ୍ଧ ସମଭାବରେ ଥାଏ । ସ୍ନାନ ପରେ ଦେହରେ ଯେତେ ପାଣି ପଡ଼େ, ହେୟାର ଲାଇନର ଗନ୍ଧ ସେତେ ବାହାରୁଥାଏ, ସେପରି ସୌରଭର ବର୍ଣ୍ଣନା କରିହେବ । ଅତି ମୂଲ୍ୟବାନ୍ ଅତର ଓ ବିଲାତୀୟ ସ୍କେଣ୍ଟ ତୈଳ ପ୍ରଭୃତି ଏହାର ସୌରଭ ଓ ଗୁଣ ନିକଟରେ ପରାଜିତ ।

"ହେୟାର ଲାଇନ" ରଙ୍ଗ ଅତି ମନୋହର, ସ୍ୱଚ୍ଛ ଉଜ୍ଜ୍ୱଳ ଓ ସୁନ୍ଦର । ଏହା ଜମରେ କେବେହେଁ ଅଠା ଧରେ ନାହିଁ ।

"ହେୟାର ଲାଇନ" କେବଳ ସୌଖିନ ଜିନିଷ ନୁହେଁ ମୁଣ୍ଡ ବ୍ୟଥା, ମୁଣ୍ଡ ଘୂରା, ସ୍ମୃତିହୀନତା ପ୍ରଭୃତି ଶିର ରୋଗର ମହୌଷଧ । ହସ୍ତ, ପଦର ଜ୍ୱାଳା, ଗାତ୍ର ଦାହ, ଚକ୍ଷୁ ଅଗ୍ନି ପରି ହେବା, ପ୍ରାଣର ଅସ୍ଥିର ଭାବ, ସାମୟିକ ଦୌର୍ବଲ୍ୟ ସ୍ମୃତି ପଡ଼ିବା ପ୍ରାୟ ବୋଧ ହେବା, ଅନିଦ୍ରା, ଚକ୍ଷୁ ଘୂର୍ଣ୍ଣନ ପ୍ରଭୃତି ଉପସର୍ଗ ଦୂରୀକରଣରେ ଏହା ତୁଲ୍ୟ କ୍ଷମତାପନ୍ନ ଔଷଧ ଅନ୍ୟ ନାହିଁ ।

"ହେୟାର ଲାଇନ" ବ୍ୟବହାର କରିବାରୁ କେଶ ଉଠିଯିବା ବନ୍ଦ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ପ୍ରଚୁର ପରିମାଣରେ ବଢ଼େ ଏବଂ କଳା ଓ ଘନ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକ ଦିନ ବ୍ୟବହାର କଲେ ଅକାଳ ପକ୍ୱ କେଶ ନଷ୍ଟ ହୁଏ, ମୁଣ୍ଡର ରୁଷି ପ୍ରଭୃତି ନଷ୍ଟ ହୁଏ; କେଶ ଘନ, କୋମଳ ଓ ସୁଦୃଶ୍ୟ ହୁଏ, ଦେହର ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଥୈର୍ଯ୍ୟ ଧୈର୍ଯ୍ୟ ବଢ଼େ ମେଧା ଶକ୍ତି ବୃଦ୍ଧି ହୁଏ ।

ମୂଲ୍ୟ ପ୍ରତି ବଡ଼ ଶିଶି ୧ ଟଙ୍କା ( ୩, ୬, ୧୨ ଶିଶି କ୍ରମାନୁସାରେ ଟ ୨୯, ଟ ୫୬, ଟ ୧୦ ଡାକବ୍ୟୟ ଓ ଭାର ମାଶୁଲ ସ୍ୱତନ୍ତ୍ର ।

ପ୍ରାପ୍ତି ସ୍ଥାନ ଡାକ୍ତର ମେଜର ଏଣ୍ଡ କୋମ୍ପାନୀ—କଲିକତା ।





ଡାକ୍ତର ମେଜର ସାହେବଙ୍କର

ନୂତନ ଆବିଷ୍କାର !

ଚକ୍ଷୁ ଜଗତରେ—ଯୁଗାନ୍ତର !!

ଅମୋଘ ନେତ୍ରର—ଶ୍ରେଷ୍ଠ ଔଷଧ !!!

## ଆଇଡ୍ରୋସିଲ-ଇଲିକ୍ସିର

ବା

### କୋଷ ବୃଦ୍ଧିର ଅମୋଘ ଔଷଧ ।

ଗତ ବର୍ଷ ଏହି ଔଷଧର ଅଧିକ ପ୍ରଶଂସା ଅଧ୍ୟେଷନ୍ଦ୍ର ପାଇ କରିଅଛନ୍ତି । ଅନେକମାନେ ଦୃଢ଼ତା ସହିତ କହି ପାରୁ, ଏହି ପ୍ରଲେପ ନିୟମିତରୂପେ କେତେକ ସପ୍ତାହ ବ୍ୟବହାର କଲେ ଏକଶିରା ବା କୋଷବୃଦ୍ଧି ରୋଗରୁ ମୁକ୍ତ ହେବେ, ଦୁସ୍ଥରେ ମୁକ୍ତ ହେଇ ନିଶ୍ଚୟ ଆରୋଗ୍ୟ ହେବେ । ଯେଉଁମାନେ ଏହି ବୃଦ୍ଧିର ବେଗ ଓ ତାହାର କଷ୍ଟ ଆନୁଷଙ୍ଗିକ ଉପସର୍ଗ ହେତୁ ବିବ୍ରତରେ ଓ ବିନା ଯନ୍ତ୍ରଣାରେ ଅଥଚ ଗୋପନଭାବରେ ଆରୋଗ୍ୟ ଲାଭର ବାସନା କରନ୍ତି, ସେମାନେ ଥରେ ଏହି ପ୍ରଲେପ ବ୍ୟବହାର କରି ଦେଖନ୍ତୁ । ପ୍ରଥମ ଥର ବ୍ୟବହାରରେ ଏହାର ଆଶ୍ଚର୍ଯ୍ୟ ଉପକାରିତା ଜଣାଯାଏ ଅର୍ଥାତ୍ କେବଳ ଗୋଟି ବାରରେ ଔଷଧ ଲେପନ କରି ବାନ୍ଧିଲେ କୋଷ ସଙ୍କୁଚିତ ହୁଏ, ମାଂସ ଉପରେ କୋଷ ବର୍ଦ୍ଧିତାଂଶରେ ସମସ୍ତ ଜଳ କ୍ରମେ ଶୁଖିଯାଏ, କାଠିନ୍ୟ ନଷ୍ଟ ହୋଇଯାଏ ଏବଂ କ୍ରମେ ଆକାର ଓ ଗୁରୁତ୍ୱ କମିଯାଏ । ଯେଉଁମାନେ ଆରୋଗ୍ୟ ହେବା ବିଷୟରେ ହତାଶ ହୋଇଅଛନ୍ତି, ସେମାନେ ଏହି ମହୌଷଧ ପ୍ରତି ସମ୍ପୂର୍ଣ୍ଣ ନିର୍ଭର କରନ୍ତୁ । ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ବା କଷ୍ଟର କାରଣ ନାହିଁ, ଅଧିକ କହିବା ବାହୁଲ୍ୟ ।

ମୂଲ୍ୟ ପ୍ରତି ଶିଶି ଟ ୧॥ ଛଅ ଶିଶି ଏକତ୍ରରେ ଟ ୮ । ୨ ଶିଶି ଟ ୩ ବା ଡାକମାଶୁଲ ସ୍ୱତନ୍ତ୍ର ।

ପ୍ରାପ୍ତବ୍ୟ—ଡାକ୍ତର, ମେଜର ଏଣ୍ଡ କୋଂ
କଲିକତା ।



## ନୂତନ ଲେଖିବାର କାଳି ।

ଲେଖିବା ସମୟରେ ନୀଳ ଶୁଖିଗଲେ କଳା ହୁଏ ଶୀଘ୍ର ଶୁଖେ ଏବଂ ଦେଖାଯାଏ । ବାହାରେ ଶୀତରେ ବସେ ନାହିଁ ବା ଛଣିବାକୁ ହୁଏ ନାହିଁ ନମୁନା ବିନା ଖରଚରେ ପଠାଇ ଦିଆଯାଏ ।

ସ୍ୱତ୍ୱାଧିକାରୀ
ଏଲ, ଦେ, ବାଲେଶ୍ୱର



NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*



ଅଦ୍ଭୁତ ମୂର୍ତ୍ତି ନାହିଁ ! କହେତ କାହିଁ !!

ଅଦ୍ଭୁତ ମଧ୍ୟରେ ଅଦ୍ଭୁତ !!!



PLANCHETTE ( ପ୍ଲାଞ୍ଚେଟ )

ଏହା ଭେଲକିବାଜୀ ନୁହେଁ । ଏହା ମନ୍ତ୍ର ନୁହେଁ ।।

ପ୍ରେତ ତତ୍ତ୍ୱରେ ଏହାର ଅତୁଲ୍ୟ ପ୍ରଭାବ ମୃତ ମନୁଷ୍ୟ ( ଯେତେ କାଳରୁ ମରିଥିଲେ ମଧ୍ୟ ) ପ୍ରବର୍ତ୍ତିତ ଏବଂ ଦର୍ଶନମାନଙ୍କ ସହିତ ଅଦ୍ଭୁତ ହୋଇ ପାରିବ ଏବଂ କେହି ଇଚ୍ଛା କଲେ ତାଙ୍କ ସଙ୍ଗେ କଥୋପକଥନ କରି କେତେକ ଲାଭ ଅବଗାହନ କରି ପାରିବେ ଦଶ ସମସ୍ତ ପ୍ରଶ୍ନର ଯଥାର୍ଥ ଉତ୍ତର ପାଇ ପାରିବେ । ପ୍ରତ୍ୟେକ ଯନ୍ତ୍ର ସଙ୍ଗେ ମୁଦ୍ରିତ ଉପଦେଶ ଦିଆଯାଏ । ଅଙ୍କାଗତଙ୍କର ଶ୍ରୀକୃଷ୍ଣଙ୍କ ( ଭଗବାନ ) ଏବଂ ନୂତନ ବର୍ଷର ସନ୍ନ୍ୟାସୀଙ୍କ ( ପ୍ରେତାତ୍ମା ) ଅଛନ୍ତି । ସେମାନେ ଏମାନେ ଗୋଟିଏ ଥରେ କୁମ୍ଭ ଭୂମି ମୃତ୍ତିକା, ମାତା, ପତ୍ନୀ, ଭ୍ରାତା ଓ ପୁତ୍ର କନ୍ୟାମାନଙ୍କ ନିଜ ସ୍ୱପ୍ନରେ ପୁନଃ ଦେଖିବ ଏବଂ ସେମାନଙ୍କ ସୁଖ-ଦୁଃଖ ଉପଦେଶ କରିବ ।

ବଡ଼ଦିନ ସୁଯୋଗ ! ଶୀଘ୍ର କର !! ଭଲ ଶସ୍ତା !!!
ଜାନୁଆରୀ ଦଶ୍ୟ ଏକସ୍ତରୁ ଅଦ୍ଭୁତ ବାର୍ତ୍ତା ସମ୍ପାଦନ କରେ ମାନବ ଜୀବନରେ ବର୍ତ୍ତିତ ପ୍ରତାପଶାଳୀ ଶକ୍ତି ଅଛି ।

ଉପହାର ! ଉପହାର !! ଉପହାର !!!

*ଗୋଟି ଯନ୍ତ୍ର ବା ଗୋଟିଏ ଯନ୍ତ୍ରସହିତ ପାଇବେ
୨ ,, ,, ,, ,, ସୁନାର ଔପନିଷଦ ,,
୧୨ ,, ,, ,, ,, ରୂପାର ଔପଦ ,,
ଗ୍ୟାରଣ୍ଟି, କେଟଲଗ୍, ଗ୍ରାହକ ଟିକେଟ କାର୍ଯ୍ୟାଳୟରେ ଦିଆଯାଏ ।

ଅଃ ସରକେନ୍ଦ୍ର ଲେମାନ ଲିଃ
୨ ଜମାଡାଙ୍ଗା, ୧୨ ବାଲଲେନ
ବଉବଜାର, ପୋଷ୍ଟ କଲିକତା ।


Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।



ଦାଦୁ ରୋଗର ଏହା ବୈଦ୍ୟଶାସ୍ତ୍ର ସମ୍ମତ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇ ଅଛି । ବାସ୍ତବରେ ଯେତେ ବଡ଼ ଦୁରାରୋଗ୍ୟ କଠିନ ଦାଦୁ ହେଉନା କାହିଁକି ଏ ଔଷଧ ତହିଁରେ ଲଗିବା ମାତ୍ର ସତ୍ୟ ସତ୍ୟ ମନ୍ତ୍ରଶକ୍ତି ପ୍ରାୟ ରୋଗ ଉଦା କଷ୍ଟରେ ତୁରନ୍ତ ମଧ୍ୟରେ ଦୂରଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି କି ନା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ୵ ଅଣାମାତ୍ର ।

ଯେତେବେଳର ଯେମନ୍ତ ଯାଦୁ ରୋଗ ହେଉ ପଛକେ ବଜାଜ୍ୱାଳା ଘଷଣାରେ ରୋଗ ସମୂଳେ ନିର୍ବାଣ ପ୍ରାପ୍ତ ହେବ । ଯାଦୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି କିନ୍ତୁ ତୁଳନାରେ ଏପ୍ରକାର ଆଶ୍ଚର୍ଯ୍ୟଜନକ ମହୌଷଧ ଆଉ ଦ୍ୱିତୀୟ ବାହାରି ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରଜା, ମହାରଜା, ଜମିଦାର, ହାକିମ ପଣ୍ଡିତଙ୍କଠାରୁ ନିତାନ୍ତ ସାମାନ୍ୟ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ-ଆରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହେଉଅଛନ୍ତି । ଶତ ଶତ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହୁଅଛନ୍ତି ଯେ ଯଥାର୍ଥରେ ଯାଦୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ଟ ୦ ।୵ ଅଣାମାତ୍ର

ଏକକାଳରେ କେହି ୧ ଦା ବାର ଗୋଟି ଡବା କ୍ରୟ କରିବା ପାଇଁ ଅର୍ଡର ଦେଲେ ବିଶେଷ ସୁବିଧା କରି ଦିଆଯାଏ । ସମସ୍ତେ ଆପଣା ନାମ, ଧାମ ଡାକଘର ଇତ୍ୟାଦି ଉତ୍ତମରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୨।୨।୦୩ ଶ୍ରୀ ରାମଚାରଣ ସେନ ।

ହେଡ୍ ଉତ୍କଳପ୍ରେସ, ବାଲେଶ୍ୱର ।

# କୁଷ୍ଠରୋଗୀ ।

## ହତାଶ ହୁଅ ନାହିଁ

ଆମ୍ଭେ ବହୁ ପରୀକ୍ଷାକର ପ୍ରତିଜ୍ଞା ପୂର୍ବକ କହୁଅଛୁଁ ଯେ ଯେବେ ଏହି ଦୁରାରୋଗ୍ୟ କୁଷ୍ଠକବଳରୁ ମୁକ୍ତି ପାଇ ସୁସ୍ଥ ଶରୀରରେ ଦୀର୍ଘକାଳ ବଞ୍ଚିବାର ଆଶା ଥାଏ ଯେବେ ବହୁ ଚିକିତ୍ସା କରାଇ ଓ ବହୁ ଔଷଧ ସେବନ କରି ମଧ୍ୟ ନିଷ୍ଫଳ ହୋଇ ଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରଭ୍ୟକ୍ତ ହୋଇଥାଅ, ଯେବେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବାର ଏକାନ୍ତ ବାସନା ଥାଏ ଯେବେ ଆମ୍ଭର ଏହି ବିଜ୍ଞାପନରୁ ଅତିରଞ୍ଜିତ ବା ଆଡ଼ମ୍ବର ପୂର୍ଣ୍ଣ ମନେ ନ କର ତେବେ ଶୀଘ୍ର ଆମ୍ଭର ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଛିନ୍ନ, ନାଶିକାବନ୍ଦ, କର୍ଣ୍ଣବିକୃତ ଓ ସର୍ବାଙ୍ଗ ବ୍ୟାପି ସ୍ୱର୍ଣ୍ଣରହିତ ଘାଆମାନ ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ସନ୍ଦେହ ନାହିଁ ଆମ୍ଭର ଔଷଧର ଫଳାଫଳ ପରୀକ୍ଷା କରି ଦେଖିଲେ ଜାଣିପାରିବ । ନିମ୍ନ ଠିକଣାକୁ ଦୁଇପଇସିଆ ଷ୍ଟାମ୍ପ ପତ୍ର ଲେଖିଲେ ପ୍ରୟୋଜନୀୟ ବିଷୟମାନ ବୁଝିପାରିବ ।

| | |
|---|---|
| ଭୁବନପୁର କଟକ | ଶ୍ରୀ ବାଳକୃଷ୍ଣଦାସ କବିରାଜ |

# ଫଳେନ ପରିଚୀୟତେ

## କଟକର ଶଇବନ୍ତ କର କବିରାଜଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଷ୍ଟାମ୍ପ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼ଗୁଣାବଳୀଜାରିତ ସ୍ୱର୍ଣ୍ଣଘଟିତ

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜରାଦିନାଶ୍ୟାଦି ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, ହୋସ୍ତ ଅଛିତ ବାୟୁଜ୍ୱର, କାଶ, ଶ୍ୱାସ, ଭ୍ରମ; ଧାତୁ ଏବଂ ବୃଦ୍ଧାବସ୍ଥାର ପ୍ରାପ୍ତ ସମସ୍ତ ପୀଡ଼ା, ଉକ୍ତ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗମାନଙ୍କର ସବୁ ଶୀଘ୍ର ନିବାରଣ ହୁଏ । ଅଧିକନ୍ତୁ ଅଶ୍ୱସୂକ ଦମ୍ଭ ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ଦୁର୍ବଳତା, ସ୍ମରଣଶକ୍ତିର ଅଳ୍ପତା ଜନିତ ଲୋକାଇଁଜ୍ୱାସ, ଶ୍ରୀରିପାଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ବ ଦୋଷ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୵ ।

ତ ୧ ୟ ୫ ୫୦

# ଶୁକ୍ରବନ୍ଧ ବଟିକା ।

ଏହି ଔଷଧ ସାର୍ବଭୌମମାନଙ୍କରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୵ ମାତ୍ର ।

# କଲ୍ୟାଣସୁନ୍ଦରସାୟନ ।

## ( ଦେଶୀୟ ଶାଲସା )

ଏଥିରେ ଉପଦଂଶ ( ଗରମୀ ) ଘାଆ, ପାରଦଦୋଷଜନିତ ଶରୀରରେ ଜ୍ୱାଳା ଓ ଚଟକା ଦାଗ; ଶ୍ଳୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୵ ମାତ୍ର ।

ଏକକେ ଛଅଶିଶି ନେଲେ ଟ ୪୯ ଙ୍କା ଲଗେ ।

| | |
|---|---|
| ଚୌଧୁରୀ ବଜାର କଟକ | ଶ୍ରୀ ଛକଡ଼ି କର କବିରାଜ ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ । |

ଉତ୍କଳ ଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ସ୍ଥିର ହୋଇଅଛି, ଯଥା;

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୰ ୵ |
| ଅର୍ଦ୍ଧସ୍ତମ୍ଭ | ୫ ୵ |
| ପୂର୍ଣ୍ଣ ଏକ ସ୍ତମ୍ଭ ଟ ୮ | |

ଆଉ କୌଣସି ବିଜ୍ଞାପନ କେତେ ଦିନ ହେବ ତହିଁର ସଙ୍ଖ୍ୟା ୨୦ ଶାରୁ ଦର କମ ହେବ ନାହିଁ ।

ଦୁଇ ଥର ଓ ତତୋଽଧିକ ସକାଶେ ଦର ପ୍ରଥମ ଥରର ଅର୍ଦ୍ଧ ଓ ଚତୁର୍ଥାଂଶ ଦୁଇଥର ଜଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇ ଦେବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ବିଜୟ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED No. C 81

# ଉତ୍କଳ ଦୀପିକା

ସାପ୍ତାହିକ ସମାଦପତ୍ରିକା ।

# THE UTKAL DIPIKA.


ଭାଗ ୩୯ ଶ | ସଂ ୩ ଶ

CUTTACK, SATURDAY THE 16th January 1904.

୨ ୩ ନ ମାଘ ସନ ୧୩୧୧ ସାଲ ଶନିବାର

ଅଗ୍ରିମ ଟ ୩୧ | ପଶ୍ଚାଦେୟ ଟ ୬୧


## ବିଜ୍ଞାପନ ।

କଟକ ପ୍ରିଣ୍ଟିଂ କମ୍ପାନୀର

## ନୂତନ ପଞ୍ଜିକା

ଓଡ଼ିଆ ୧୩୧୨ ସନ ୧୩୧୧ ଓ ୧୩୧୨ ସାଲ ଇଂରାଜୀ ସନ ୧୯୦୪।୧୯୦୫ ମସିହାର ପୂର୍ବପରି ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ, ଉତ୍ତମ କାଗଜରେ ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଶ୍ରୀକ୍ଷେତ୍ରର ମୁକ୍ତିମଣ୍ଡପର ପୂଜନୀୟ ପଣ୍ଡିତମଣ୍ଡଳୀ ଏହି ପଞ୍ଜିକାର ଅଧିକତର ଆଦର ଏବଂ ପୂଜା କରନ୍ତି ଏଥିର ଅଧିକ ଗ୍ରାହକ ଏବଂ ଏହା ଶ୍ରୀ ଜଗନ୍ନାଥ ଦେବଙ୍କ ପାଞ୍ଜି ବୋଲି ବିଖ୍ୟାତ । ଶୁଦ୍ଧତା ସମ୍ବନ୍ଧେ ଅଧିକ ବୋଲିବା ବାହୁଲ୍ୟ ଅଟେ ।

| | |
|---|---|
| ବଡ଼ ପଞ୍ଜିକା | ଟ୦। |
| ଛୋଟ ପଞ୍ଜିକା | ଟ୦।୬ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିସନ ପାଇବେ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

### NOTICE

Wanted a passed Hospital Assistant for the Mourbhanj State. The post is at present certain for one year. Pay Rs 26 rising to Rs 35 per month. Apply with copies of testimonials to the undersigned stating age, on or before the 31st January 1904.

D. C. Aich
Chief Medical Officer
Mourbhanj State
MOURBHANJ

## ବିଜ୍ଞାପନ ।

୨୦ ଯୋଡ଼ା ଉତ୍ତମ ବଳଦ ଖରିଦ ହେବ ଯେଉଁମାନଙ୍କର ବଳଦ ବିକ୍ରି କରିବାର ଅଛି ସେମାନେ ଅମ୍ଭଠାରୁ ଆସି ଦରଦାମ କରିବେ ।

କଟକ ରେଭିନ୍ସାକଲେକ୍ଟରୀ ଅଫିସ ତା ୧୪ ରିଖ ମାହେ ଜାନୁଆରୀ ସନ ୧୯୦୪ ମସିହା

Balram Das
ଡେପୁଟୀ କଲେକ୍ଟର
ରେଭିନ୍ସା କଲେକ୍ଟରୀ ଅଫିସ

### ADVERTISEMENT

Wanted smart and energetic chief and Local mofussil agents in every District to introduce and sell our Electric, Acetylene lights and Novelties and Graphophones and Phonographs &c. Cash security from Rs. 100 to 1000 required as deposit for our goods. Monthly salary ranging from Rs. 10 to Rs. 100 or ten percent of the amount deposited besides 12½ percent commission on goods sold will be given goods worth more than the amount of security supplied apply to.

EDWARD ELECTRIC WORKS & NOVELTIES
and
acetylene goods supply Co.
64 College street, Calcutta.

### NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack*

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ କି ଅମ୍ଭର ପିତା ପଣ୍ଡିତ ୰କପିଳେଶ୍ୱର ବିଦ୍ୟାଭୂଷଣଙ୍କ କୃତ ଓ ଅନୁବାଦିତ ଏବଂ ଆମ୍ଭ କୃତ ଓ ଅନୁବାଦିତ ଯାବତୀୟ ପୁସ୍ତକମାନ ଆମ୍ଭର ବିନା ଅନୁମତିରେ କେହି କୌଣସି ଯନ୍ତ୍ରାଳୟରେ ଛାପି କରିଣ ପାରିବେ ନାହିଁ । ଯେବେ କେହି ଛାପା କରନ୍ତି ତେବେ ଅମ୍ଭେ ବାଧ୍ୟମତେ ତାହାଙ୍କଠାରୁ କ୍ଷତିପୂରଣ ନେବାକୁ ଯତ୍ନ କରିବୁଁ । ଇତି ।

ତା ୧୫।୧।୦୪ — ଶ୍ରୀ ସୁଦର୍ଶନ ଦେବ ଶର୍ମା

## ବିଜ୍ଞାପନ ।

ଅତ୍ୟନ୍ତ ଆଶ୍ଚର୍ଯ୍ୟ ଅତ୍ୟାଶ୍ଚର୍ଯ୍ୟ ଆରୋଗ୍ୟ ସମ୍ବାଦ ।

ଜଣ କି ହାକିମ । ମୌ । କୁଞ୍ଜପୁର ପୋଃ ଅଃ ତୁଳସୀ ପୋଖରୀ, ୰ ସଦାଶିବ ଦାସ ଶର୍ମା ବୈଦ୍ୟ ଧନ୍ୱନ୍ତରୀ ଗ୍ରାମ କଟକ ମହାବେଶ୍ୱର ସୁନୀ ତହିରେ ଶ୍ରୀ କେଶବମୋହନ ଦାସ ଶର୍ମା ଅପୂର୍ବ ରୋଗ ମୂଳସହିତ ନାଶ କରିବାର ମହୌଷଧ, ... ଓ ... ଦ୍ୱାରା ନାନାବିଧ ରୋଗୀଙ୍କ ଅନେକ ଚିକିତ୍ସା ... ଆରୋଗ୍ୟ କରୁଅଛନ୍ତି । ଏହି ମହାତ୍ମା ... ନିକଟରେ ଏପରି ଅଦ୍ଭୁତ କମ୍ପ ... ପରିଚୟ ହୋଇଅଛନ୍ତି । ଏହାଙ୍କ ଚିକିତ୍ସାର ଅନେକ ... ଓ କବିରାଜମାନଙ୍କର ... ବ୍ୟକ୍ତିମାନଙ୍କ ଅତ୍ୟାଶ୍ଚର୍ଯ୍ୟ ଆରୋଗ୍ୟ ହେବାର ଦେଖାଯାଉଅଛି । ଏହାଙ୍କର ନିକଟ ସର୍ବପ୍ରକାର ... ଔଷଧ ଓ ... ମୂଲ୍ୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ରୋଗୀ ଓ କବିରାଜମାନଙ୍କର ... ରୋଗୀମାନେ ... ନାହିଁ ... ଔଷଧ ବ୍ୟବହାର କରି ଦେଖନ୍ତୁ ।

Chaitan Prasad Mahant
Inspecting Pandit
Bamanghaty & Panchpir Sub-Division.
P. O. Kairangpur.
BALASORE

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।



ଜାଡୁ ରୋଗର ଏହା ବୈଦ୍ୟଶାସ୍ତ୍ର ସମ୍ମତ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇଅଛି । ବାସ୍ତବରେ ଯେତେ ବଡ଼ ଦୁର୍ଦ୍ଦମ୍ୟ କଠିନ ଜାଡୁ ହୋଇଥାଉ ନାହିଁ କି ଏ ଔଷଧ ତହିଁରେ ଲଗିବା ମାତ୍ର ସତ୍ୟ ସତ୍ୟ ମନ୍ତ୍ରଶକ୍ତି ପ୍ରାୟ ରୋଗ ବିନା କଷ୍ଟରେ ଦୁଇଦିନ ମଧ୍ୟରେ ହୋଇଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି କି ନା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ॥ ୦ ୵ ଅଣାମାତ୍ର ।

ଯେତେବେଳର ଯେମନ୍ତ ଜାଡୁ ହେଉ ପଛକେ କଜାଜ୍ୱାଳା ଯନ୍ତ୍ରଣାରେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ଜାଡୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି କିନ୍ତୁ ତୁଳନାରେ ଏପ୍ରକାର ଆଶ୍ଚର୍ଯ୍ୟଜନକ ମହୌଷଧ ଆଉ ଦ୍ୱିତୀୟ ବାହାରି ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରାଜା, ମହାରାଜା, ଜମିଦାର, ହାକିମ ପଣ୍ଡିତଙ୍କଠାରୁ କରାନ୍ତ ସାଧାରଣ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ-ଆରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହୋଇଅଛନ୍ତି । ଶତ ଶତ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହୁଅଛନ୍ତି ଯେ ଯଥାର୍ଥରେ ଜାଡୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ଟ ୦ ।୵ ଅଣାମାତ୍ର

ଏକଥରେ କେହି ଛ ବା ବାର ଗୋଟି ଡବା କି ତହିଁରୁ ଅଧିକ ନେଲେ ବିଶେଷ ସୁବିଧା କରିଦିଆଯାଏ । ସମସ୍ତେ ଆପଣାର ନାମ, ଧାମ ଡାକଘର ଠିକ ଉତ୍ତମରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

ମାଲିକ— ଶ୍ରୀ ରାମତାରକ ସେନ ।

ହେଡ୍ ଉତ୍କଳପ୍ରେସ୍, ବାଲେଶ୍ୱର ।

# ଫଳେନ ପରିଚୀୟତେ

ପଣ୍ଡିତ ଶ୍ରୀଛତ୍ରପତି ଦାସ କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଖାଣ୍ଟି ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ସତ୍ୟଗୁଣାବଳୀଜାରିତ ସ୍ୱର୍ଣ୍ଣଘଟିତ

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଅଛିଦ ବାୟୁଜ୍ୱର, କାଶ, ଶ୍ୱାସ, କୃମି, ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗମାନଙ୍କର ଅତି ଶୀଘ୍ର ନିବାରିତ ହୁଏ । ଅତିଶୟ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ସ୍ନାୟୁଦୁର୍ବଳତା, ସ୍ମରଣଶକ୍ତିର ଅଳ୍ପତା ଚକ୍ଷୁର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ବ ରୋଗ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧ ।

[illegible]

## ଶୁକ୍ରସନ୍ଧିବଟିକା ।

ଏହି ଔଷଧ କାର୍ଯ୍ୟସମ୍ପାଦନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାଳରେ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅଭିମତ ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧ ମାତ୍ର ।

## କଳ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦାଦିଦୋଷଜନିତ ଅସ୍ଥିବେଦନା ଓ ଦଦ୍ରୁ କଣ୍ଡୁ, ଶ୍ୱେତକୋଷ୍ଠ ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ

ଏକ ଶିଶିର ମୂଲ୍ୟ ଟ ୧ ମାତ୍ର ।

ଏକକାଳେ ଛଅ ଶିଶି ନେଲେ ଟ ୫ ବା ଲାଗେ

ଚୌଧୁରୀ ବଜାର } ଶ୍ରୀ ଛତ୍ରପତି ଦାସ କବିରତ୍ନ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ ।

# J. KIPPAX & Co.'s

PREPARATIONS.

## ଜେ, କିପାକ୍ସ ଏଣ୍ଡ କୋମ୍ପାନିର ଔଷଧ ।

ବ୍ରୁସେଲ ମେଡିକେଟେଡ ଅଏଲ ।—ଏହି ତେଲ ମୁଣ୍ଡର ବାଳ ଛିଣ୍ଡିବା, ଟାଙ୍କ ପଡ଼ିବା, ମଥାଘୂରା, ଅନିଦ୍ରା, ମୁଣ୍ଡବ୍ୟଥା, ମୁଣ୍ଡଜ୍ୱାଳା, ମସ୍ତିଷ୍କବିକୃତି ଇତ୍ୟାଦି ରୋଗରେ ଉପକାରୀ ମଧ୍ୟ ଏହାଦ୍ୱାରା ମସ୍ତିଷ୍କ ସୁଶୀତଳ ହୁଏ । ସୁଗନ୍ଧ ତେଲ ସ୍ୱରୂପ ସ୍ନାନ ସମୟରେ ଏହା ବ୍ୟବହୃତ ହୁଏ ।

ମୂଲ୍ୟ ଏକଶିଶି ଟ ୧୧ ଏକଟଙ୍କା

ଦଦ୍ରୁ ବା ଜାଡୁ ରୋଗର ମହୌଷଧ ।—ଏହି ମଲମ ତିନି ଚାରି ଦିବସ ବ୍ୟବହାର କଲେ ଜାଡୁରୋଗ ମୂଳରୁ ମରିଯାଏ । ଏହା ଲଗାଇଲେ ଜଳା ପୋଡ଼ା କିଛି କଷ୍ଟ ହୁଏ ନାହିଁ ।

ଏକ ଶିଶିର ମୂଲ୍ୟ ଟ ୦ । ଚାରିଅଣା

କେଲେଜା ।—ଏହି ଔଷଧରେ ଅତି ଅଜୀର୍ଣ୍ଣ, ଛାତିଜ୍ୱାଳା, ପେଟମୋଡ଼ା, ଶୂଳ, ଏବଂ ବେଳେବେଳେ କୋଷ୍ଠବଦ୍ଧ ଓ ବେଳେବେଳେ ଅଧିକ ଝାଡ଼ା ଲାଗିବା ଆରୋଗ୍ୟ ହୁଏ ।

ମୂଲ୍ୟ ପ୍ରତି ଶିଶି ଟ ୧ ।

ଅମ୍ଳବାତ ରୋଗର ଔଷଧ ।—ଏହାଦ୍ୱାରା ନୂତନ ଓ ପୁରାତନ ଅମ୍ଳବାତ ଓ ଗଣ୍ଠିବାତ ଫୁଲା ଇତ୍ୟାଦି ଆରୋଗ୍ୟ ହୁଏ । ଏହା ଶୀଘ୍ର ଫଳପ୍ରଦ ଓ ଚିରସ୍ଥାୟୀ ଆରୋଗ୍ୟ କରେ

ପ୍ରତି ଶିଶି ମୂଲ୍ୟ ଟ ୧୵

ମାଜିଲ ଔଷଧ ।—କୁଷ୍ଠରୋଗ ଅଥବା ଯେକୌଣସି ପ୍ରଭୃତି ଚର୍ମରୋଗର ଔଷଧ ।

ପ୍ରତି ଶିଶିର ମୂଲ୍ୟ ଟ ୧୵

ଶ୍ୱାସ ରୋଗର ବିଶେଷ ଔଷଧ ।—ରୋଗ ପ୍ରବଳ ବା ସାମାନ୍ୟ ହୋଇଥିଲେ ମଧ୍ୟ ଏହି ଔଷଧରେ ତହିଁର ଯନ୍ତ୍ରଣା ଉପଶମ ହୁଏ ।

ପ୍ରତି ଶିଶିର ମୂଲ୍ୟ ଟ ୧ ।

ଟିଙ୍କଚର ଅବ୍ କାମ୍ଫର ।—ଏହା ଓଲାଉଠା ରୋଗରେ ଚମତ୍କାର ଫଳପ୍ରଦ । ଶିଶୁଙ୍କର ଇନଫ୍ଲୁଏଞ୍ଜା ଜ୍ୱର, ମୂର୍ଚ୍ଛା ଓ ଅତିସାର ରୋଗ ମାନଙ୍କର ମଧ୍ୟ ଏହା ଅବ୍ୟର୍ଥ ମହୌଷଧ ଅଟେ ।

ଅର୍ଦ୍ଧ ଆଉନ୍ସର ମୂଲ୍ୟ ଟ ୦ ।୵
ଏକ „ „ ଟ ୦ ॥୵

ଉପରଲିଖିତ ଏବଂ ଅନ୍ୟାନ୍ୟ ଔଷଧର ବିସ୍ତାରିତ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କୁ ପ୍ରାର୍ଥନା କଲେ ପ୍ରାପ୍ତ ହେବ ।

ଈଶ୍ୱରଚନ୍ଦ୍ର କୁଣ୍ଡୁ କମ୍ପାନି
ନଂ ୧୬୨ ନମ୍ବର ଧର୍ମତଳା ଷ୍ଟ୍ରିଟ,
ନଂ ୧ ନମ୍ବର ନୂତନ ମାରକେଟ ଏବଂ
ନଂ ୪ ନମ୍ବର ଗୁଜ୍ଞଟୋଲି କଲିକତା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା ।

କଥିତ ହୁଏ ଯେ ଛୋଟଲାଟ ବାହାଦୁର ସାର ଆଣ୍ଡ୍ରୁ ଫ୍ରେଜର ଶୀଘ୍ର ଚଟ୍ଟଗ୍ରାମ ଯିବେ । ସେଠାରେ ଚଟ୍ଟଗ୍ରାମକୁ ଆଶାମ ଅନ୍ତର୍ଗତ କରିବା ସମ୍ବନ୍ଧରେ ସରକର୍ମଚାରୀ ଓ ସହରବାସୀଙ୍କ ସହିତ ଆଲୋଚନା କରିବେ । ବର୍ତ୍ତମାନ ଛୋଟଲାଟଙ୍କ ଅମଳରେ ଏହାର ଅବଶ୍ୟ ଅଭିନବ ବ୍ୟାପାର ।

---

ଏ ଜିଲ୍ଲାର ସୁଙ୍ଗଡ଼ା ପ୍ରଗନା ମଲୁଶାସନ ମୌଜାରେ ଗ୍ରାମ୍ୟ ପାଣିମାହାଲ ନମ୍ବର ଏବଂ ସାତବର ପ୍ରଗନା ସୁବାମୂଲ ମୌଜାରେ ମାଛଗାଁ କେନାଲର ଶାଖା ନାଳ ଓ ଉପଶାଖା ନାଳ ସହାଯେ ସରକାର ତରଫରୁ ଜମି ଖରିଦ ହେବାର ବିଜ୍ଞାପନ ଗେଜେଟରେ ବାହାରିଅଛି । କଟକର ଲେଣ୍ଡଏକୁଇଜିସନ ମହକୁମାରେ ଯାହାର ପ୍ରୟୋଜନ ସେ ଉକ୍ତ ଜମିସମୂହର ନକ୍ସା ଦେଖି ପାରିବେ ।

---

ଅଳ୍ପ ବୟସରେ ପିଲାଙ୍କୁ ବିବାହ ନ ଦେବା ସମ୍ବନ୍ଧରେ ମାନ୍ଦ୍ରାଜରେ ବିଶେଷ ଆନ୍ଦୋଳନ ଲାଗିଥିବାର ସମ୍ବାଦ ମିଳଇ । ନିମ୍ନଶ୍ରେଣିମାନଙ୍କରେ ବିବାହିତ ଛାତ୍ରଙ୍କୁ ପଢ଼ିବାକୁ ଅନୁମତି ନ ଦେବାର ଏକ ପ୍ରସ୍ତାବ ଉଠିଅଛି । ଏ ପ୍ରସ୍ତାବ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଅନୁମୋଦିତ । ଏବେ ପରୀକ୍ଷା ପର୍ଯ୍ୟନ୍ତ ଯେତେ ଶ୍ରେଣୀ ଅଛି ତତ୍ସମସ୍ତରେ ବିବାହିତ ଛାତ୍ରଙ୍କୁ ପଢ଼ିବାକୁ ଅନୁମତି ନ ଦେଲେ ବଡ଼ ଉତ୍ତମ ହେବ ।

---

କଲିକତା ହାଇକୋର୍ଟର ଉକିଲ ବାବୁ ନଳୁଶାଶିକୁ ମୁଖର୍ଜ୍ଜୀ ଗତ ଉତ୍ସବ ସମୟରେ ମୃତ୍ୟୁମୁଖରେ ପତିତ ହେବାର ଦୁଃଖର ସହିତ ଅବଗତ ହେଲୁଁ । ସେ ମହାଶୟଙ୍କର ବୟସ ଅଧିକ ହୋଇ ନ ଥିଲେହେଁ ଅନେକଦିନ ହାଇକୋର୍ଟରେ ଓକାଲତି କରି ସୁଖ୍ୟାତି ଲାଭ କରିଥିଲେ ଏବଂ ଆମ୍ଭ ଉତ୍କଳଦେଶର ଅନେକ ମକ୍କେଲ ତାଙ୍କୁ ଉକିଲ ନିଯୁକ୍ତ କରୁଥିଲେ । ଯେଉଁମାନଙ୍କର ମୋକଦ୍ଦମା ଅଦ୍ୟାପି ନିଷ୍ପତ୍ତି ପାଇ ନାହିଁ ସେମାନେ ଏହି ସମୟକୁ ସାବଧାନ ହୋଇ କାଗଜପତ୍ର ଫେରାଇନେବା ଏବଂ ଅନ୍ୟ ଉକିଲ ନିଯୁକ୍ତ କରିବାକୁ ଯତ୍ନବାନ ହେବେ ।

---

ବଙ୍ଗୀୟ ବ୍ୟବସ୍ଥାପକ ସଭାର ସେକ୍ରେଟରୀ କଲିକତା ଗେଜେଟରେ ବିଜ୍ଞାପନ ଦେଇ ଅଛନ୍ତି ଯେ କୌଣସି ସମାଜ ବା ବ୍ୟକ୍ତି ବଙ୍ଗୀୟ ସାଧାରଣ ଉଦ୍ୟାନ ପାଣ୍ଡୁଲିପି ଓ ବଙ୍ଗୀୟ ଏକସାଇଜ (ଅବକାରୀ) ପାଣ୍ଡୁଲିପି ସମ୍ବନ୍ଧରେ କୌଣସି ରିପୋର୍ଟ ବା ସମାଲୋଚନା ପଠାଇବାକୁ ଇଚ୍ଛା କଲେ ଯଥାକ୍ରମେ ଚଳିତମାସ ତା ୧୬ରିଖ ଓ ଫେବୃୟାରୀ ମାସ ତା ୧ରିଖ ପୂର୍ବେ ତାହାଙ୍କ ନିକଟକୁ ପଠାଇବେ । ପୂର୍ବେ ସମାଜ ବା ବ୍ୟକ୍ତି ବିଶେଷକୁ ଗବର୍ଣ୍ଣମେଣ୍ଟ ପୃଥକ୍ ପତ୍ର ଲେଖି ପାଣ୍ଡୁଲିପି ସମ୍ବନ୍ଧରେ ମତ ସଂଗ୍ରହ କରୁଥିଲେ । ଏଣିକି ଏହି ସହଜ ଉପାୟ ଅବଲମ୍ବିତ ହେଲା ।

---

ପାଠକମାନଙ୍କର ସ୍ମରଣ ଅଛି ଯେ ପରଲୋକପ୍ରାପ୍ତ ଡେପୁଟୀ ମାଜିଷ୍ଟ୍ରେଟ ବାବୁ ତ୍ରୈଲୋକ୍ୟନାଥ ଭଟ୍ଟାଚାର୍ଯ୍ୟଙ୍କର ଜ୍ୱାଇଁ ବୋଲି ପରିଚୟ ଦେଇ ବାବୁ ମନୋମୋହନ ମୁଖୋପାଧ୍ୟାୟ ଗବର୍ଣ୍ଣମେଣ୍ଟଙ୍କର ଅନୁଗ୍ରହରେ ସବ ଡେପୁଟୀ କଲେକ୍ଟର ପଦ ପ୍ରାପ୍ତ ହୋଇ ନୂଆଖାଲିରେ କାର୍ଯ୍ୟ କରୁଥିଲେ । ତ୍ରୈଲୋକ୍ୟନାଥଙ୍କର ବିଧବା ପତ୍ନୀଙ୍କର ଆବେଦନ ପତ୍ରରୁ ଜଣାଗଲା ଯେ ମନୋମୋହନ ବାବୁ ପ୍ରକୃତ ଜ୍ୱାଇଁ ନୁହନ୍ତି । ଏଥିପାଇଁ ସେ ସସପେଣ୍ଡ ହୋଇଥିଲେ । ସମ୍ପ୍ରତି ବରଖାସ୍ତ ହେବାର କଲିକତା ଗେଜେଟରେ ପ୍ରକାଶ ହୋଇଅଛି । ଚାକିରୀ ପାଇବା କାରଣ କେତେ ଲୋକ କେତେ କୁକର୍ମ କରୁଅଛନ୍ତି !

---

ମାନ୍ୟବର ଜାଷ୍ଟିସ ଆଶୁତୋଷ ମୁଖର୍ଜ୍ଜୀଙ୍କର ପ୍ରଶ୍ନର ଉତ୍ତରରେ ଚଳିତ ବର୍ଷରେ ଭାରତୀୟ ଗବର୍ଣ୍ଣମେଣ୍ଟ ବଙ୍ଗ ପ୍ରଦେଶର ଶିକ୍ଷା ଉନ୍ନତିକୁ ଯେଉଁ ଦଶଲକ୍ଷ ଟଙ୍କା ସାହାଯ୍ୟ ଦେଇଥିଲେ ତହିଁର ବ୍ୟୟର ଖଣ୍ଡ ଏ ବନ୍ଦୋବସ୍ତ ହେବାର ବଙ୍ଗୀୟ ବ୍ୟବସ୍ଥାପକ ସଭାର ଗତ ଅଧିବେଶନରେ ଅବଗତ ହୋଇଅଛୁ । ତହିଁରୁ ପ୍ରକାଶ ଯେ ଓଡ଼ିଶା ମଧ୍ୟରେ ବାଲେଶ୍ୱର ଜିଲ୍ଲାସ୍କୁଲ ଘର ବାନ୍ଧିବା କାରଣ ଟ ୩୧୦୭ ଙ୍କା ଏବଂ କଟକ କଲେଜର ଗୃହମାନଙ୍କର ଉନ୍ନତି ସହାଯେ ଟ ୬୬୨୮୦ ଙ୍କା ଦିଆଯାଇଥିଲା । ପ୍ରଥମ ଲିଖିତ ଟଙ୍କା ସମସ୍ତ ଖରଚ ହୋଇଅଛି ଏବଂ ଶେଷ ଲିଖିତ ଟଙ୍କା ମଧ୍ୟରୁ କେବଳ ଟ ୧୬୦୦୦ ଙ୍କା ଏହି ବର୍ଷ ଶେଷ ହେବା ପୂର୍ବେ କାର୍ଯ୍ୟମାନଙ୍କର ଖରଚ କରି ପାରିବେ ଓ ବାକି ଟ ୪୦୦୦ ଙ୍କା ଶିକ୍ଷା ସଂକ୍ରାନ୍ତ ଅନ୍ୟାନ୍ୟ ବିଷୟରେ ଖରଚ ହେବ ।

---

ଏଠାର ମିଉନିସିପାଲିଟିରେ ଉପଯୁକ୍ତ ହାଟର ଅଭାବ ପୂର୍ବରୁ ରହିଅଛି । ଚୌଧୁରୀ ବଜାରରେ ଥିବା ବର୍ତ୍ତମାନ ହାଟକୁ ହାଟ ନ କହିଲେ ଚଳେ । ଉପଯୁକ୍ତ ହାଟ ନିର୍ମାଣ କରିବା ସମ୍ବନ୍ଧରେ ବର୍ତ୍ତମାନ କମିଶନରମାନେ ଉଦ୍ୟୋଗୀ ହୋଇଥିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆହ୍ଲାଦିତ ହୋଇଅଛୁଁ । ଅଦାଲତ ଦରୋଗା ନିକଟରେ ନୂଆପୋଖରୀର ପଶ୍ଚିମ ଓ ଧୋବାପୋଖରୀର ପୂର୍ବ ଏବଂ ଉତ୍ତରସ୍ଥ ଜମିଖଣ୍ଡରେ ଏ ହାଟ ନିର୍ମିତ ହେବାର ପ୍ରସ୍ତାବ ହେଉଅଛି ଏବଂ ଗତ ସୋମବାର ଦିନ ଚେୟାରମାନ ଓ ଭାଇସ ଚେୟାରମାନ ଏବଂ ଅନେକଗୁଡ଼ିଏ କମିଶନର ଏକତ୍ର ହୋଇ ଏ ସ୍ଥାନ ଦେଖିବାକୁ ଆସିଥିଲେ । ଏ ସ୍ଥାନଟି ଯେ ହାଟର ଉପଯୋଗୀ ଏବଂ ସହରର କେନ୍ଦ୍ରସ୍ଥଳ ଅଟେ ତହିଁରେ ସନ୍ଦେହ ନାହିଁ । ଆମ୍ଭେମାନେ ଆଶାକରୁଁ କମିଶନରମାନେ ତତ୍ପର ହୋଇ ଶୀଘ୍ର ହାଟ ବସାଇବା ବିଷୟରେ ଯତ୍ନଶୀଳ ହେବେ ।

---

ଗତ ଅପ୍ରେଲ ମାସ ତା ୪ ରିଖର ଇଣ୍ଡିଆ ଗେଜେଟ ଲେଖାନୁସାରେ ଜଣା ଯାଏ ଅମଲାମାନଙ୍କ ବେତନ ବୃଦ୍ଧି ସକାଶେ ୬୯ଲକ୍ଷ ଟଙ୍କା ବଜେଟରେ ମଞ୍ଜୁର ହୋଇଥିବାର ପ୍ରକାଶ । ସେହି ଟଙ୍କାମଧ୍ୟରୁ ବଙ୍ଗପ୍ରଦେଶର ଭାଗ କେତେ ପଡ଼ିଥିଲା ଏବଂ ଜିଲ୍ଲା ଦପ୍ତରସମୂହର ଅମଲାଙ୍କର ବେତନବୃଦ୍ଧି ଅତ୍ୟାବଶ୍ୟକ ଥିବାସ୍ଥଳେ ଗବର୍ଣ୍ଣମେଣ୍ଟ ଶୀଘ୍ର ସେ ବିଷୟରେ କ କରୁଅଛନ୍ତି ମାନ୍ୟବର ମଉଲଭି ସୈୟଦ ନୁରୁଲ ଇସଲାମ ଖାଁ ବାହାଦୁର ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଗତ ଅଧିବେଶନରେ ପ୍ରଶ୍ନ କରିଥିଲେ । ମାନ୍ୟବର ରିସ୍ଲି ସାହେବ ସେକ୍ରେଟରୀ ଉତ୍ତର ଦେଲେ ବଙ୍ଗପ୍ରଦେଶ କିଛି ଭାଗ ପାଇ ନାହିଁ ଏବଂ ସମସ୍ତ ଶ୍ରେଣୀର ଅମଲାଙ୍କ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଯଥେଷ୍ଟ ସହାନୁଭୂତି ଥିଲେହେଁ ପ୍ରାଦେଶିକ ଆୟ ଯଥେଷ୍ଟ ବୃଦ୍ଧି ଦେଖିବା ପର୍ଯ୍ୟନ୍ତ ବେତନ ବଢ଼ାଇବାଦ୍ୱାରା ଚିରସ୍ଥାୟୀ ବ୍ୟୟ ବୃଦ୍ଧି କରିବାର ସୁବିଧା ଦେଖାଯାଉ ନାହିଁ । କେବଳ ଗତ କେତେକବର୍ଷରେ ନିତାନ୍ତ ପ୍ରୟୋଜନ ସ୍ଥଳେ ଯଥା କଲିକତାର କଷ୍ଟମ ଇନକମଟାକ୍ସ ଓ କୃଷି ବିଭାଗୀୟ ଅମଲା ଏବଂ ଜିଲ୍ଲା ଜେଲଖାନା ଅମଲାଙ୍କର ବେତନ ବୃଦ୍ଧି ହୋଇଅଛି ।

---

ଆମ୍ଭମାନଙ୍କର ପୁରୀ ସମ୍ବାଦଦାତା ଲେଖିଅଛନ୍ତି ଯେ ଗତବର୍ଷ ଜାନୁଆରୀମାସ ତା ୧ ରିଖେ ପ୍ରବଳପ୍ରତାପ ଭାରତ ସମ୍ରାଟଙ୍କ ଅଭିଷେକଦରବାର ଉତ୍ସବରୂପ ସିଂହଦ୍ୱାରରେ ଯେଉଁ ଦାତବ୍ୟ ଔଷଧାଳୟ ସ୍ଥାନୀୟ ମିଉନିସିପାଲିଟିଦ୍ୱାରା ସଂସ୍ଥାପିତ ହୋଇଥିଲା ତହିଁରୁ ମାଜିଷ୍ଟ୍ରେଟ ଓ ମିଉନିସିପାଲିଟୀ ଚେୟାରମାନ ସାହେବ ବାହାଦୁର ଉକ୍ତ ଔଷଧାଳୟକୁ ଉଠାଇ ଦେବାର ପ୍ରସ୍ତାବ କରୁଅଛନ୍ତି । ଚଳିତମାସରେ ଏହି ସମ୍ବନ୍ଧରେ ମିଉନିସିପାଲଟୀରେ ଗୋଟିଏ କମିଟୀ ହୋଇଥିଲା । ଅଧିକାଂଶ ମେମ୍ବର ଔଷଧାଳୟ ସ୍ଥିର ରଖିବା

Digitized by srujanika@gmail.com

ବିଷୟରେ ମତ ଦେଇଥିଲେ । କାରଣ ଉକ୍ତ ଔଷଧାଳୟ ଏକବର୍ଷମଧ୍ୟରେ ବିଶେଷ ଉନ୍ନତି ଲାଭ କରିଅଛି ଏବଂ ପୁରୀବାସିଙ୍କର ଏହି ଔଷଧାଳୟପ୍ରତି ବିଶେଷ ଆସ୍ଥା ଜନ୍ମିଅଛି । ଏକବର୍ଷମଧ୍ୟରେ ଉକ୍ତ ଔଷଧାଳୟରୁ ସମାଗତ ରୋଗିସଂଖ୍ୟା ଜ୍ଞ ୧୦୬୨୯ ଣ ଏବଂ ଔଷଧ ଓ ଚର୍ମ ଗୃହମାନଙ୍କ ଦେବନାଦ ଖର୍ଚ୍ଚ ଟ ୨୧୧୯ ॥୩ ଅଟେ । ଗତବର୍ଷ ଯେତେବେଳେ ପୁରୀରେ ଜ୍ୱରର ବିଶେଷ ପ୍ରାଦୁର୍ଭାବ ହୋଇଥିଲା ସେତେବେଳେ ଦୈନିକ ଶତାଧିକ ରୋଗୀରେ ଡାକ୍ତର ଖାନା ପୂର୍ଣ୍ଣ ହେଉଥିଲା ଏବଂ ଅଧିକାଂଶ ରୋଗୀ ଉକ୍ତ ଔଷଧାଳୟର ଭାରପ୍ରାପ୍ତ ଡାକ୍ତର ବାବୁ କଇଷ୍ଟନ୍ନ ଘୋଷଙ୍କ ସୁଚିକିତ୍ସା ଗୁଣରୁ ଆରୋଗ୍ୟ ଲାଭ କରିଥିଲେ । ସଦର ସଂବଦ୍ଧାର ନିକଟରେ ଏକଗୋଟି ଡାକ୍ତରଖାନା ବହୁସ୍ୱାର୍ଥ ଅଛି ଅତଏବ ଔଷଧଶର୍ତ୍ତା ଦେଇ ରସିବ ରୋଗୀମାନେ ସେଥିରେ ଚିକିତ୍ସିତ ହେବା ଦୁଃସାଧ୍ୟ ଓ ଜେନେରଲ ହାସ୍ପିଟାଲ ସାହୁମାନଙ୍କର ବିଶେଷ ଦୂରରେ ଥିବାରୁ ପୀଡ଼ିତ ବ୍ୟକ୍ତିମାନଙ୍କର ସେଠାକୁ ଯାଇ ଚିକିତ୍ସିତ ହେବା ବିଶେଷ କଷ୍ଟକର ବିବେଚନାରେ ଅଭିଷେକୋତ୍ସବର ଉତ୍ସୁକ ଏହି ଦାତବ୍ୟ ଔଷଧାଳୟ ସ୍ଥାପିତ କରି ପୁରୀ ମିଉନିସିପାଲିଟୀ ଗୋଟିଏ ମହତ୍ ଅଭାବ ମୋଚନ କରିଅଛନ୍ତି । ଆଶାକରୁଁ ପୁରୀର ବର୍ତ୍ତମାନ ସୁଯୋଗ୍ୟ ନୂତନ ମାଜିଷ୍ଟ୍ରେଟ ଓ ଚେୟାରମାନ ସାହେବ ବାହାଦୁର ଏହିସବୁ ବିଷୟପ୍ରତି ଦୃଷ୍ଟି ଦେଇ ଯେପରି ଏହି ଔଷଧାଳୟ ଚିରସ୍ଥାୟୀ ହୁଏ ସେ ବିଷୟରେ ବିଶେଷ ଯତ୍ନବାନ୍ ହେବେ ।

———

ଅସ୍ମାନଙ୍କର ଶ୍ରଦ୍ଧାସ୍ପଦ ମାନ୍ୟବର ଶ୍ରୀ ବାବୁ ମଧୁସୂଦନ ଦାସ ମହାଶୟ ସି ଆଇ ଇ ଉପାଧିରେ ଭୂଷିତ ହୋଇଥିବା ଭୂଭାରସମ୍ରାଟଙ୍କ କର୍ତ୍ତୃକ ଅସ୍ମାନଙ୍କର ଦେଶ ସମ୍ମାନିତ ହୋଇଥିବାରୁ ଅମ୍ଭେମାନେ ପ୍ରକାଶିତ କରୁଅଛୁଁ ଏବଂ ଉପଯୁକ୍ତ ପାତ୍ରରେ ଏ ଉପାଧି ପ୍ରଦତ୍ତ ହୋଇଥିବା ବିଷୟରେ କାହାର ସନ୍ଦେହ ନାହିଁ । ଏ ମହାଶୟଙ୍କୁ ସାଧାରଣ ସଭାଦ୍ୱାରା ଅକୃତ୍ରିମ ଶ୍ରଦ୍ଧା ଓ ଭକ୍ତି ଜଣାଇବା ସମସ୍ତଙ୍କର କର୍ତ୍ତବ୍ୟ ଏବଂ ସେଥିନିମନ୍ତେ ଏଠାର ଦେଶହିତୈଷୀ ଭଦ୍ରଲୋକେ ସହୃଦୟ ହୋଇ ଏହି ମାସ ତା ୩୦ ରଖ ସନ୍ଧ୍ୟା ସ ୬ ଘଣ୍ଟା ସମୟରେ ଏଠା କ୍ୟୁବିଲପାର୍କ ନାମକ ଉଦ୍ୟାନରେ ସାଧାରଣ ସଭା କରିବାର ସ୍ଥିର କରିଥିବାର ଅବଗତ ହୋଇ ଅମ୍ଭେମାନେ ଅତୀବ ଆନନ୍ଦିତ ହୋଇଅଛୁଁ । ସେହି ସଭାକୁ ମଧୁବାବୁଙ୍କ ନିମନ୍ତ୍ରଣ କରାଯିବ ମାତ୍ର ସେ ଆସିବେ କି ନାହିଁ ଏ ବିଷୟରେ ସଭ୍ୟମାନଙ୍କ ମନରେ ସନ୍ଦେହ ଉପସ୍ଥିତ ହୋଇଥିଲା । ଅମ୍ଭେମାନେ ମଧ୍ୟ ଜାଣୁ ଯେ ମଧୁବାବୁ କୌଣସି ଆଡ଼ମ୍ବରର ପକ୍ଷପାତୀ ନୁହନ୍ତି । ଏଣୁ କେତେକଜଣ ଭଦ୍ରବ୍ୟକ୍ତି ମନୋନୀତ ହୋଇ ତାଙ୍କର ସମ୍ମତି ଆଣିବା କାରଣ ଗତ ବୁଧବାର ଦିନ ପ୍ରାତଃକାଳରେ ତାଙ୍କ କୋଠିଠାକୁ ଯାଇଥିଲେ । ମଧୁବାବୁ ଅସମ୍ମତ ହେବାର ଯାହା ଅନୁମାନ କରାଯାଇଥିଲା ତାହା ସେ ପ୍ରକାଶ କରନ୍ତେ ଭଦ୍ରଲୋକମାନେ ପ୍ରାୟ ଦୁଇଘଣ୍ଟା ଏ କାଳ ତର୍କ ବିତର୍କ କରି ତାଙ୍କର ସମ୍ମତି ଆଣିଅଛନ୍ତି । ମଧୁବାବୁ ସମ୍ମତି ପ୍ରଦାନ କରି ନ ଥିଲେ ସର୍ବସାଧାରଣ ଯେ ବିଶେଷ ଦୁଃଖିତ ହୋଇଥାନ୍ତେ ଏଥିରେ ସନ୍ଦେହ ନାହିଁ ଏବଂ ତାଙ୍କର ମତ ଯାହାହେଉ ପଛକେ ସର୍ବସାଧାରଣଙ୍କର ମତପ୍ରତି ତାଙ୍କର ଚିରକାଳ ଆସ୍ଥା ଅଛି ଏବଂ ଏଥିରୁ ତାହାଁର ପରିଚୟ ମିଳୁଅଛି । ସଭାର ଶୃଙ୍ଖଳାସଂଗଠନ ହେବା କାରଣ ଏକ କମିଟି ନିଯୁକ୍ତ ହୋଇଅଛି ଏବଂ ବାବୁ ଗୋପାଳଙ୍କର ରାୟ ତାହାଁର ସମ୍ପାଦକ ଏବଂ ବାବୁ ଜନାର୍ଦ୍ଦନ ମିଶ୍ର କୋଷାଧ୍ୟକ୍ଷ ନିଯୁକ୍ତ ହୋଇଅଛନ୍ତି । ସଭ୍ୟମାନଙ୍କ ମଧ୍ୟରେ ସବୁଜାତୀୟ ଲୋକ ଅଛନ୍ତି ଏବଂ ଏହି ସଫଳ ହେବାରେ କୌଣସି ବାଧା ଦେଖାଯାଉ ନାହିଁ । ଅମ୍ଭେମାନେ ଆଶାକରୁଁ ସର୍ବସାଧାରଣ ଏ ମହତ କାର୍ଯ୍ୟରେ ଯୋଗ ଦେବାକୁ କୁଣ୍ଠିତ ହେବେ ନାହିଁ ।

———

ଗତ ଏମ୍ ଏ ପରୀକ୍ଷାରେ ଓଡ଼ିଶାରୁ ଦୁଇ ଜଣ ପ୍ରାର୍ଥୀ ଥିଲେ । ତନ୍ମଧ୍ୟରୁ ଏକଜଣ ପୀଡ଼ିତ ହେବାରୁ ପରୀକ୍ଷା ଦେଇପାରି ନାହାନ୍ତି, ବାକୀ ଯିନିଜଣ ମଧ୍ୟରୁ ଏକଜଣ ରେଭେନ୍ସା କଲେଜରୁ ଇଂରାଜୀରେ, ଏକଜଣ କଲିକତା ସଂସ୍କୃତ କଲେଜରେ ପାଠକରି ଶିକ୍ଷକ ସ୍ୱରୂପ ସଂସ୍କୃତରେ ଓ ତୃତୀୟ ଜଣକ କଲିକତା ଜେନେରଲ ଆସେମ୍ବ୍ଲିରୁ ବିଜ୍ଞାନରେ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ଶିକ୍ଷକ ବାବୁ ଗୋପାଳକୃଷ୍ଣ ଘୋଷ ସଂସ୍କୃତରେ ଏମ୍, ଏ ପରୀକ୍ଷାରେ ତୃତୀୟଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି; ବାକୀ ଦୁଇଜଣ ଫେଲ ହୋଇଅଛନ୍ତି । ଯାହାହେଉ ଉଚ୍ଚଶିକ୍ଷା ପରୀକ୍ଷାରେ ତିନିଜଣ ଓଡ଼ିଶାର ଛାତ୍ର ଉପସ୍ଥିତ ହୋଇଥିଲେ ସେଥିରୁ ଏକଜଣ ଉତ୍ତୀର୍ଣ୍ଣ ହୋଇଥିବା ଆନନ୍ଦର ବିଷୟ ଅଟେ । ଆଶାକରୁଁ ଫେଲ ହୋଇଥିବା ଛାତ୍ରମାନେ ନିରାଶ ନ ହୋଇ ପୁନର୍ବାର ପରୀକ୍ଷାରେ ଉପସ୍ଥିତ ହେବେ । ଉଚ୍ଚଶିକ୍ଷା ପାଇଁ ଓଡ଼ିଶାର ଯୁବକମାନେ ଯେତେଦିନ ପର୍ଯ୍ୟନ୍ତ ଯତ୍ନଶୀଳ ହୋଇ ନାହାନ୍ତି ସେତେଦିନ ଓଡ଼ିଶାର ଶିକ୍ଷୋନ୍ନତି ହେବାର ଆଶା ନାହିଁ । ଦେଶର ଉନ୍ନତି ଉଚ୍ଚଶିକ୍ଷା ଉପରେ ନିର୍ଭର କରେ । ବଙ୍ଗଦେଶର ଉନ୍ନତି କେବଳ ଉଚ୍ଚଶିକ୍ଷା ହେତୁରୁ ହୋଇଅଛି । ଯେବେ ପ୍ରତିଯୋଗିତାଦ୍ୱାରା ଉନ୍ନତି ନ ହୁଏ ତେବେ ଉନ୍ନତି ଲାଭର ଆଶା କରିବା ବୃଥା । କେତେକ ବର୍ଷ ପୂର୍ବେ ଡେପୁଟୀ କଲେକ୍ଟରୀ ପରୀକ୍ଷାରେ ଓଡ଼ିଶାର ଦୁଇଜଣ ଯୁବକ ପ୍ରତିଯୋଗିତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏକଜଣ ସନ୍ତୋଷ ସ୍ଥାନ ଅଧିକାର କରିଥିଲେ କିନ୍ତୁ ତଦନନ୍ତର କେହି ସମର୍ଥ ହୋଇ ନାହାନ୍ତି ସତ୍ୟ ମାତ୍ର ଉଚ୍ଚ ଶିକ୍ଷା ପାଇଁ କେତେ ଜଣ ଚେଷ୍ଟିତ ଅଛନ୍ତି । ଉଚ୍ଚ ଶିକ୍ଷା ପାଇବା ନିମନ୍ତେ ପ୍ରଥମେ ଯତ୍ନଶୀଳ ହେବା ଉଚିତ । ଏଠାରେ ୯ ମ ଶ୍ରେଣୀର ଏକ ମାତ୍ର ରେଭେନ୍ସା କଲେଜ ପ୍ରାୟ ବ ୩୦ ବର୍ଷ ହେଲା ସ୍ଥାପିତ ହେଲା; ଅନେକଗୁଡ଼ିଏ ଛାତ୍ର ବି,ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି କିନ୍ତୁ ଏମ୍, ଏ ପରୀକ୍ଷାରେ କେବଳ ତିନିଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ । ବର୍ତ୍ତମାନ ଯୁବକଟି ଏମ୍, ଏ ପରୀକ୍ଷା ନିମନ୍ତେ ଅନ୍ୟ କଲେଜରେ ପାଠ କରିଥିଲେ ସୁଦ୍ଧା ଏଠା ରେଭେନ୍ସା କଲେଜରୁ ବି,ଏ ପାସ କରିଥିବାରୁ ଅବଶ୍ୟ ଏଠା କଲେଜ ପ୍ରତି ଗୌରବର ବିଷୟ ଅଟେ । ବର୍ତ୍ତମାନ ଓଡ଼ିଶାରେ ରେଭେନ୍ସା କଲେଜର ବିଏ ମଧ୍ୟରୁ ଦୁଇଜଣ ଉଚ୍ଚଶ୍ରେଣୀୟ ବିଏ, ଏମ, ଏ ଉପାଧି ଧାରଣ କଲେ ଏ ଫଳ ବଡ଼ ସନ୍ତୋଷଜନକ ହେବ ।

———

## ଭାରତର ଜାତୀୟ ମହାସମିତି ।

ଏହି ମହାସମିତିର ଊନବିଂଶ ଅଧିବେଶନ ମାନ୍ଦ୍ରାଜ ନଗରରେ ଗତମାସ ତା ୨୮ ରଖ ସୋମବାର ଆରମ୍ଭ ହୋଇ ତା ୩୦ ରଖରେ ଶେଷ ହୋଇଅଛି । ପ୍ରଥମଦିନ ଅଭ୍ୟର୍ଥନା କମିଟିର ସଭାପତିଙ୍କ ବକ୍ତୃତାପରରୁ ସୁବିଖ୍ୟାତ ଶ୍ରୀଯୁକ୍ତ ଲାଲମୋହନ ଘୋଷ ସମିତିର ସଭାପତି ମନୋନୀତ ହେଲେ ଏବଂ ତାହାଙ୍କର ଦୀର୍ଘ ବକ୍ତୃତା ଅନ୍ତେ ବିଚାର୍ଯ୍ୟ ବିଷୟମାନ ନିର୍ଦ୍ଧାରଣ ନିମନ୍ତେ ଗୋଟିଏ କମିଟି ଗଠିତ ହୋଇ କାର୍ଯ୍ୟ ପ୍ରବର୍ତ୍ତିତ ହେଲା । ସେଦିନ ଦିନମାନ ସାମାନ୍ୟ ବୃଷ୍ଟି ହୋଇଥିଲା ଏବଂ ସଭା ମଣ୍ଡପର ଚାଳରୁ ଅଳ୍ପ ଜଳପାତ ହେଉଥିଲେ ହେଁ ପ୍ରତିନିଧି ଓ ଦର୍ଶକମାନେ ତାହା ନ ମାନି ମଣ୍ଡପ ମଧ୍ୟରେ ବସିଥିଲେ । ମଣ୍ଡପମଧ୍ୟରେ ପାଞ୍ଚହଜାର ଲୋକ ବସିବାର ଆସନ ପ୍ରସ୍ତୁତ ହୋଇଥିଲା ଏବଂ ଖଣ୍ଡିଏ ଆସନସୁଦ୍ଧା ଖାଲି ନ ଥିଲା । ଭାରତର ଭିନ୍ନ ସ୍ଥାନରେ ପ୍ରତିନିଧିଙ୍କ ସଂଖ୍ୟା ପ୍ରାୟ ୬ଶତ ଥିଲା । ପୁଣି ଅଭ୍ୟର୍ଥନା କମିଟିର ସଭାପତି ହୋଇଥିଲେ ନବାବ ମହମ୍ମଦ ଖାଁ ବାହାଦୁର । ସେ ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାର ଜଣେ ସଦସ୍ୟ ଅଟନ୍ତି । ଏଥିପାଇଁ ହେଉ ବା କମେ ଭ୍ରମ ଭାଙ୍ଗିଯାଉଥିବା ହେତୁରୁ ମୁସଲମାନ ପ୍ରତିନିଧିଙ୍କ ସଂଖ୍ୟା ପୂର୍ବ ବର୍ଷମାନଙ୍କଠାରୁ ଅଧିକ

Split by PDF Splitter



ଥିଲା । ସମୁଦାୟ ପ୍ରଥମଦିନପର ବୃଷ୍ଟି ହେଉ ଥିଲା ମାତ୍ର କାର୍ଯ୍ୟାରମ୍ଭର ଏକଘଣ୍ଟା ପରେ ଅର୍ଥାତ ମଧ୍ୟାହ୍ନକାଳରୁ ମୂଷଳଧାରରେ ଜଳପଡ଼ିବାସଙ୍ଗେ ଅତି ପ୍ରବଳ ବତାସ ସମସ୍ତଙ୍କୁ ଅସ୍ଥିର କରି ଦେଲା ଏବଂ ସମସ୍ତେ ନିତାନ୍ତ ନିରୁପାୟରେ ମଣ୍ଡପ ଛାଡ଼ିଯିବାକୁ ବାଧ୍ୟ ହେଲେ । ରାସ୍ତାରେ ଅଧିକ ତୋଫାନ ହେଲା । ଅନେକ ବୃକ୍ଷାଦି ଭାଙ୍ଗିଗଲା ସଡ଼କରେ ଆଣ୍ଠୁଏ ଉଚ୍ଚରେ ଜଳ-ସ୍ରୋତ ବହିଲା, ପ୍ରତିନିଧିମାନେ ବସାରେ ଛନ୍ତି ବଡ଼ ବଡ଼ କଷ୍ଟ ପାଇବାରୁ ଆରଦିନ ସେମାନେ ସ୍ଥାନକୁ ଅଗତ୍ୟା ବାହାରିଗଲେ । ଯେଉଁମାନେ ହୋଟେଲ ଅଥବା ଭଲଘରେ ଥିଲେ ସେମାନ-ଙ୍କର ବହୁତ କଷ୍ଟ ହୋଇ ନ ଥିଲା । ସମୁଦାୟ ମଣ୍ଡପରେ ବସିବାର ଉପାୟ ନ ଦେଖି କମିଟି ଆଉ ଗୋଟିଏ ଘରେ ଅଧିବେଶନର ସ୍ଥାନ ପ୍ରସ୍ତୁତ କଲେ । ସେ ଘର ଓ ବାରନ୍ଦାରେ ପ୍ରାୟ ୫ଶତ ଲୋକ ବସି କୌଣସିମତେ ସଭାର କାର୍ଯ୍ୟ ଶେଷ କଲେ ଏବଂ ଅଧିକା ଲୋକ ଯେତେ ଆସିଥିଲେ ସ୍ଥାନ ନ ପାଇ ବାହୁଡ଼ି ଗଲେ । ଏହି ମତେ ସମିତିର କାର୍ଯ୍ୟ ଶେଷ ହେଲା ଏବଂ ସଭା-ଭଙ୍ଗ ପୂର୍ବେ ଚଳିତବର୍ଷରେ ବମ୍ବେଇଠାରେ ସମିତିର ଅଧିବେଶନ ହେବା କାରଣ ଶ୍ରୀଯୁକ୍ତ ଭୁଆଗ୍ରୁ ମହୋଦୟ ଆମନ୍ତ୍ରଣ କରିଥିଲେ ।

ସଭାପତି ଶ୍ରୀଯୁକ୍ତ ଲାଲମୋହନ ଘୋଷ ମହୋଦୟ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତାହା ଯେମନ୍ତ ସୁଦୀର୍ଘ ତେମନ୍ତ ତେଜସ୍ୱୀ ଯୁକ୍ତିପୂର୍ଣ୍ଣ ଏବଂ ମନୋହର ହୋଇଥିଲା । ଘୋଷ ମହୋଦୟ ଜଣେ ସୁବକ୍ତାବୋଲି ବଙ୍ଗଳାରେ ଖ୍ୟାତି ଲଭିଅଛନ୍ତି ଏବଂ ଯଦ୍ୟପି ସେ ଗତ ୧୦।୧୨ ବର୍ଷହେଲା ସାଧାରଣ ବ୍ୟାପାରରେ ଯୋଗ ଦେଇ ଏକପ୍ରକାର ନିର୍ଜନରେ ରହିଅଛନ୍ତି ତଥାପି ସେ ବର୍ତ୍ତମାନର ରାଜନୈତିକ ସକଳ ବିଷୟ ଅବଗତ ହୋଇ ସେ ସମସ୍ତର ଶୁଭାଶୁଭ ଅହରହ ଚିନ୍ତା କରୁଥିବାର ତାହାଙ୍କ ବକ୍ତୃତାରୁ ପ୍ରକାଶ । ଲୋକଙ୍କର ଅନୁରୋଧରେ ସେ ବାଧ୍ୟହୋଇ ସଭାପତି ପଦ ଗ୍ରହଣ କରି ଯେମନ୍ତ ସ୍ୱଦେଶାନୁରାଗ ଦେଖାଇଅଛନ୍ତି ତେମନ୍ତ ଆଜିକାଲିର ସକଳ ରାଜନୈତିକ ପ୍ରଶ୍ନରେ ନମ୍ର ଓ ଦୃଢ଼ରୂପେ ନିରପେକ୍ଷ ମତ ପ୍ରକାଶ କରିବାଦ୍ୱାରା ସାଧାରଣ ହିତକାମନାର ଉତ୍ତମ ପରିଚୟ ଦେଇଅଛନ୍ତି । ତାହାଙ୍କର ବକ୍ତୃତାର ସାରାଂଶଟିକା ପ୍ରକାଶ କରିବା ଆମ୍ଭମାନଙ୍କ ପକ୍ଷରେ ଅସମ୍ଭବ । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ବଙ୍ଗଳାର ମଞ୍ଚଠାରୁ ଭାରତର ଶାସନକର୍ତ୍ତା ପର୍ଯ୍ୟନ୍ତ ସମସ୍ତଙ୍କର ସମାଲୋଚନା କରିଅଛନ୍ତି ଏବଂ ଭାରତର ଦୁଃଖ ଓ ତହିଁର ପ୍ରତୀକାର ସମସ୍ତ କହିଅଛନ୍ତି । ସଭା ଭାଙ୍ଗିବାବେଳେ ସେ ଅନ୍ୟାନ୍ୟ କଥାମଧ୍ୟରେ କହିଲେ ଯେ ଏହି ସମିତିର କାର୍ଯ୍ୟ ଉପଲକ୍ଷରେ ସେ ସଙ୍ଗୀ ପ୍ରତିନିଧିଙ୍କ ସହିତ କଲିକତାରୁ ଯାତ୍ରା କରି କଟକଠାରୁ ମାନ୍ଦ୍ରାଜପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ରେଲ ଷ୍ଟେସନରେ ଯେପରି ଆଦର ଅଭ୍ୟର୍ଥନା ପାଇଅଛନ୍ତି ତହିଁରୁ ତାହାଙ୍କର ଦୃଢ଼ବିଶ୍ୱାସ ହୋଇଅଛି ଯେ ଏହି ମହାସମିତିପ୍ରତି ଲୋକଙ୍କର ଆସ୍ଥା ଊଣା ପଡ଼ିବାର କିଛିମାତ୍ର ଚିହ୍ନ ନାହିଁ ବରଂ ବୃଦ୍ଧି ହେବାର ଲକ୍ଷଣ ଦେଖାଯାଉଅଛି ।

---

## ଭାରତର ଦୁରବସ୍ଥା ।

ଭାରତବାସୀଙ୍କର ଦରିଦ୍ରତା ଏବଂ ତାହା ନିବାରଣର ଉପାୟ ବିଲାତର ଜନସାଧାରଣଙ୍କୁ ଜଣାଇବା କାରଣ ଶ୍ରୀଯୁକ୍ତ ଡବଲଉ ସି, ବାନର୍ଜ୍ଜୀ ଏବଂ ଶ୍ରୀଯୁକ୍ତ ରମେଶଚନ୍ଦ୍ରଦତ୍ତ ବିଲାତର ନାନାସ୍ଥାନର ସଭାସମିତିରେ ଗତ କେତେକ-ମାସରୁ ବକ୍ତୃତାମାନ ପ୍ରଦାନ କରୁଅଛନ୍ତି ଏବଂ ବଡ଼ ଆନନ୍ଦର ବିଷୟ ଯେ ବିଲାତର କେତେ-ଜଣ ବିଖ୍ୟାତ ଲୋକ ସେମାନଙ୍କ ସହିତ ଯୋଗ ଦେଇଅଛନ୍ତି । ଏହା ବଡ଼ ଶୁଭଲକ୍ଷଣ ଅଟେ । ବିଲାତର ଲୋକମାନେ ନିଜ ନିଜ ବ୍ୟାପାରରେ ବ୍ୟସ୍ତ । ସେମାନଙ୍କ ହସ୍ତରେ ଭାରତର ଶାସନ ଓ ହିତାହିତ ରହିଥିଲେହେଁ ଭାରତର ପ୍ରକୃତ ଅବସ୍ଥା ଜାଣିବାର ବିଶେଷ ସୁଯୋଗ ଅଭାବରୁ ସେଆଡ଼କୁ ସେମାନଙ୍କର ମନ ଯାଉ ନାହିଁ । ଶ୍ରୀଯୁକ୍ତ ବାନର୍ଜ୍ଜୀ ଏବଂ ଦତ୍ତ ମହାଶୟମାନେ ଭାରତର ଅବସ୍ଥା ବିଲାତ ବାସିଙ୍କ ନିକଟରେ କ୍ରମାଗତ ପ୍ରକାଶ କରିବାଦ୍ୱାରା ସେମାନଙ୍କୁ ଜାଗ୍ରତ କରୁଅଛନ୍ତି ଏବଂ ତଦ୍ଦ୍ୱାରା ବିଲାତରେ ଭାରତ ବନ୍ଧୁଙ୍କର ଦଳ ବଢ଼ୁଅଛି ବଡ଼ସୁଖର ବିଷୟ ଅଟେ । ଗତମାସରେ ଏକସଭାରେ ଶ୍ରୀଯୁକ୍ତ ଦତ୍ତ ମହାଶୟ ଏକ ବକ୍ତୃତା ପ୍ରଦାନ କରିଥିଲେ । ତାହାଙ୍କ କଥା ଶୁଣିବାପାଇଁ ବହୁଦୂରରୁ ଅନେକ ଲୋକ ଆସିଥିଲେ । ଶ୍ରୋତାଙ୍କ ମଧ୍ୟରେ ଅନେକ ସ୍ତ୍ରୀ ଓ ବାଳକ ଥିଲେ । ସଭାପତି ଶ୍ରୀଯୁକ୍ତ ବାଟେର୍ସାହେବ ଦତ୍ତ ମହାଶୟଙ୍କୁ ସଭାରେ ପରିଚିତ କରାଇ କହିଲେ ଯେ ଭାରତର ୩୦ କୋଟି ଲୋକଙ୍କର ସୁଖ ଦୁଃଖ ସକାଶେ ବିଲାତ ବାସିମାନେ ଦାୟୀ ଅଥଚ ଭାରତରେ ଦୁର୍ଭିକ୍ଷ ଓ ଦରିଦ୍ରତା ବଢ଼ୁଥିବାରୁ କହିବାକୁ ବିଲାତ ବାସୀ-ଙ୍କର ଯେ ପରିମାଣ ମନୋଯୋଗ ଦେବା ଉଚିତ ତାହା ହେଉ ନାହିଁ । ତଦନନ୍ତର ଦତ୍ତ ମହାଶୟ ବକ୍ତୃତା ଆରମ୍ଭ କରନ୍ତେ ସଭ୍ୟମାନେ ମନୋଯୋଗ ସହିତ ଶ୍ରବଣ ଓ ଘନ ଘନ କର ତାଳିଦ୍ୱାରା ତାହାଙ୍କୁ ଯଥୋଚିତ ସମାଦର କରି ଥିଲେ । ଦତ୍ତ ମହାଶୟ କହିଲେ ଯେ ଭାରତ ଲୋକସଂଖ୍ୟା ପ୍ରାୟ ୩୦ କୋଟି ଅର୍ଥାତ୍ ଇଂଲ-ଣ୍ଡର ଯୁକ୍ତ ରାଜ୍ୟର ଲୋକ ସଂଖ୍ୟାର ୭ଗୁଣ ଅଟେ ଏବଂ ସେମାନଙ୍କମଧ୍ୟରୁ ପ୍ରାୟ ୨୩ କୋଟି ସାକ୍ଷାତ ଭାବରେ ବ୍ରିଟିଶ ଶାସନାଧୀନ । ଏଥିରୁ ଯୁକ୍ତ ରାଜ୍ୟ ବା ବିଲାତରେ ଏକବ୍ୟକ୍ତିର ହାରାହାରି ବାର୍ଷିକ ଆୟ ୪୨ ପାଉଣ୍ଡ ( ବିଲାତର ଏକପାଉଣ୍ଡ ଭାରତର ଟ ୧୫ ବା ) ରୁ ଭାରତର ଏକ ଲୋକର ହାରାହାରି ବାର୍ଷିକ ଆୟ ଦୁଇ-ପାଉଣ୍ଡ ମାତ୍ର ଏବଂ ବିଲାତର ଲୋକେ ପ୍ରତି ପାଉଣ୍ଡରେ ୧ସିଲିଂ ଆଠପେନ୍ସ ଅର୍ଥାତ୍ ଟ ୧। ଟିକସ ଦେଉଥିବାସ୍ଥଳେ ଭାରତବାସିମାନେ ପ୍ରତି ପାଉଣ୍ଡରେ ଦୁଇସିଲିଂ ଚାରିପେନ୍ସ ଅର୍ଥାତ୍ ଟ ୧।୵ ଦେଉଅଛନ୍ତି । ଏଥିରୁ ଦେଖାଯାଏ ଯେ ବିଲାତର ପ୍ରଜାର ଅର୍ଜ୍ଜନ ଭାରତର ପ୍ରଜାର ଅର୍ଜ୍ଜନର ୨୦ ଗୁଣ ଅଧିକ ଅଥଚ ଭାରତର ପ୍ରଜାକୁ ବିଲାତର ପ୍ରଜାଠାରୁ ୪୦ ଗୁଣ ଅଧିକ ଟିକସ ଦେବାକୁ ହୁଏ । ଭାରତରେ ଇଂରାଜ ଶାସନ ପ୍ରଣାଳୀ କେତେ ଅଧିକ ବ୍ୟୟଶୀଳ ତାହା ଏଥିରୁ ସ୍ପଷ୍ଟ ପ୍ରକାଶ । ଅତଃପର ଦେଖା-ଯାଉ ଯେ ଭାରତର ଲୋକମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୮୦ ଜଣ ନିର୍ବାହ ସାକ୍ଷାତ ବା ଅସାକ୍ଷାତରେ ଏକ ମାତ୍ର କୃଷିଦ୍ୱାରା ହୁଅଇ । ଭାରତର କୃଷିଜୀବୀଙ୍କର ଅବସ୍ଥା କିରୂପ ? ସର-କାର ହିସାବଦ୍ୱାରା ପ୍ରକାଶ ଯେ ଭାରତର କୌଣସି ସାଧାରଣ ଶ୍ରମିକ କୃଷିର ମାସିକ ଆୟ ଟ ୩।୵ ଠାରୁ ଟ ୫ ପର୍ଯ୍ୟନ୍ତ ଅଟେ । ହାରା-ହାରି ମାସକୁ ଟ ୪ ଧରିଲେ ଦିନକୁ ଟ ୦।୵୬ ହେଉ ନାହିଁ । ଏହି ଆୟରେ ଜଣେ କୃଷି ମୂଳିଆ ନିଜର ଏବଂ ସ୍ତ୍ରୀ ପୁତ୍ରର ପ୍ରତିପାଳନ କରଇ । ଭାରତରେ ଜିନିଷ ପତ୍ର ଶସ୍ତା ନହେଲେ ପୂର୍ବ-ଏତେ ଅଳ୍ପ ଆୟରେ କେହି ନିର୍ବାହ ହେବା ବଡ଼ କଷ୍ଟକର ଏହା ଅନାୟାସରେ ବୁଝାଯାଉ-ଅଛି । ସନ ୧୮୮୮ ସାଲରେ ଲୋକଙ୍କର ଅବସ୍ଥାର ଗୋଟିଏ ସରକାରୀ ଅନୁସନ୍ଧାନ ହୋଇ ଥିଲା । ତାହା ସମସ୍ତ ପ୍ରକାଶ ହୋଇ ନ ଥିଲେ ମଧ୍ୟ ଯେତିକି ପ୍ରକାଶ ହୋଇଅଛି ତହିଁରୁ ସ୍ପଷ୍ଟ ଦେଖାଯିବ ଏତେ ଜିଲ୍ଲାର ଦୁଇ ରାଜକର୍ମଚାରୀ-ମାନେ ସ୍ଥାନବାସୀ ବହୁଲୋକ ପେଟପୁର ଆହାର ପାଇ ନ ଥିବାର କହିଅଛନ୍ତି । ସାଧା-ରଣ ସମୟରେ ଅର୍ଦ୍ଧଭୋଜନ ଯେଉଁମାନଙ୍କର ସ୍ୱାଭାବିକ ଅବସ୍ଥା ଦୁର୍ଭିକ୍ଷ ବେଳେ ତାହାଙ୍କର ଦୁର୍ଦ୍ଦଶା କେମନ୍ତ ଅନାୟାସରେ ବୁଝାଯାଉଅଛି । ଏପରି ଦୁରବସ୍ଥାର କାରଣ ଅନୁସନ୍ଧାନ କରିବା କଠିନ ନୁହେଁ । କୃଷି, ଶିଳ୍ପ, ବାଣିଜ୍ୟ ଓ ଅର୍ଥାଦି ସ୍ଥାପନ ଧନାଗମର ଉପାୟ । ଏଥିଲାଗି ଇଂରାଜ ଶାସନରେ ଏ ସମସ୍ତ ଉପାୟ ପ୍ରଚାର ନ ହୋଇ ସଙ୍କୋଚ ହେଉଅଛି ଦୁର୍ଭାଗ୍ୟର ବିଷୟ ଅଟେ । ଅବାଧ ବାଣିଜ୍ୟ ନୀତିର ଫଳମାତ୍ର । ମାଞ୍ଚ ଭର-

Digitized by srujanika@gmail.com

ଛର ପ୍ରଜା ପିନ୍ଧିବା ମୋଟଲୁଗା ଖାଇବା ଲୁଣ ଏବଂ ଚଢ଼ିବା ଜମିଉପରେ ଟିକସ ଦେଉଅଛନ୍ତି । ସ୍ୱଳ୍ପ ଯେ ଟିକସ ଗଣ୍ଡାକଙ୍କୁ ଅଧିକ ବାଧୁଅଛି । ଅତଃପର ନଟ ରାଜସ୍ୱ ୫୪ କ୍ରୋଡ଼ ମଧ୍ୟରୁ ବଳ ଭଲ ଜ୍ୟେଷ୍ଠ ସହାଶେ ୧୬ କ୍ରୋଡ଼ ପଠାଯାଏ ଏବଂ ଇଉରୋପୀୟ କର୍ମଚାରୀମାନେ ଯାହା ଘରକୁ ପଠାନ୍ତି ତାହା ମିଶାଇଲେ ପ୍ରକୃତରେ ଅର୍ଦ୍ଧେ ବାହାରକୁ ବାହାରିଯିବାର ବୋଲଯିବ । ଏଥିରେ କି କୌଣସି ରାଜ୍ୟର ସୌଭାଗ୍ୟ ସମ୍ଭବ ହେବ । ବଣିଜର ଖର୍ଚ୍ଚ ହ୍ରାସ କରିବା ଶିଳ୍ପ ବାଣିଜ୍ୟର ଉତ୍ସାହ ଦେବା ଏବଂ ଭୂମିକର କରମ କରିବା ଏହି ସମସ୍ତ ଭାରତର ଦୁରବସ୍ଥା ମୋଚନର ଉପାୟ ଅଟେ ।

---

# ସାପ୍ତାହିକ ସଂବାଦ ।

## କଲିକତା ଗେଜେଟ ।

ବାଲେଶ୍ୱର ଜିଲ୍ଲା ଭିତରର ଅଭିଜ୍ଞ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏଚ, ଅର, ଟି, ଏସ, ପେଟ୍ ଭାଗିରଙ୍ଗ ... ଖବର ସବଡ଼ିଭିଜନରେ ଭଲ ଛୁଟିଣ କରଣାର୍ଥେ ନିଯୁକ୍ତ ହେଲେ । ଖାଁଣେ ଅ; ମାଜିଷ୍ଟ୍ରେଟ ଓ କଲେକ୍ଟରେ ମିଃ ଡି, ଏ, ଫୋର୍ବସ୍ କିଛୁଦିନ ଛୁଟି ପ୍ରାପ୍ତାର୍ଥେ ନିଯୁକ୍ତ ହେବେ ଓ ୧ମ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

୧୮୮୪ ମସିହାର ଅ ୧୬ ଆଇନ ୪ ୧୫ ଧାରାନୁଯାୟୀ ଲେଃ ଲଃ ବାହାଦୁର ଭଗବତ୍‌ ନିୟମ ଜାରି ଫିର୍ଗ୍ଗଇ... ... ଅଗାମୀ ଜାନୁଆରୀ ତା ୧୬ ରୁ ... ଅଛନ୍ତି ।

---

ଏଥି ମାସରେ ମାଜିସ୍ତ୍ର ବିଦାୟ ଶ୍ରୀଯୁକ୍ତ କେ, ବି, ଗୁପ୍ତ ବଙ୍ଗ ଲୋକମାନଙ୍କ ସଙ୍ଗ ଛାଡ଼ିକରି ପ୍ରଦର୍ଶନୀରେ କଲିକତା, ଗମନ କରିଅଛନ୍ତି । ସେଠାରୁ ବାଲେଶ୍ୱର ବାଟେ ଯାଇଛନ୍ତି ଓ ମଫସଲ ପରିଦର୍ଶନ କରି ଫେବ ମାସ ତା ୨୨ ପରେ ଏଠାରେ ପ୍ରତ୍ୟାଗମନ କରିବେ ।

କଟକର କଲେକ୍ଟରର ଶ୍ରୀଯୁକ୍ତ ପିଲଇ ବାବୁ କବିଜ ହରୋଲ ... ଜିଲା ପରିଦର୍ଶନ କରି ... ପିଣ୍ଡ ହୋଇ ... ସଙ୍ଗେ ସହି ଉଡିଗ ମାସ ୧୪ ଅର୍ଦ୍ଧକରୁ ... ପ୍ରତ୍ୟାଗମନ କରିବେ । ଅନନ୍ତର ... ସାହେବ ଅନେକ ସୁବିଧା ... ମାତ୍ର ଅଛିବେ ।

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ଅବଗତ ହେଲୁଁ ଯେ ବାଲେଶ୍ୱରର ପୋଲିସ ଇନସ୍ପେକ୍ଟର ବାବୁ ଶ୍ରୀକୃଷ୍ଣ ମହାପାତ୍ର କଟକରୁ ପ୍ରେସିଡେନ୍ସି ମାଜିଷ୍ଟ୍ରେଟ ପ୍ରଭୃତି ... ପଦରେ ଦୁଇଶହ ଟଙ୍କା ବେତନରେ ନିଯୁକ୍ତ ହୋଇଅଛନ୍ତି ।

ଝଣ୍ଡାକର୍ଷଣ ବ ଏକ ପଟ୍ଟାକରେ ଘର ପ୍ରକାଶିତ ହୋଇଅଛି । କେନ୍ଦ୍ରଜ୍ୱର କରେଲେ ଅଚୌ ... ପଢ଼ିବା ଦ୍ୱାରା ... ପାଠ ହେଉନାହିଁ ଏହା ... ଜାଣ ଜ୍ୱର କାର୍ଯ୍ୟ ।

ଶ୍ରୀଯୁକ୍ତ ଦେବେନ୍ଦ୍ରନାଥ ଘୋଷ ମିଟର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବରଗଡ଼ରେ କାର୍ଯ୍ୟଗ୍ରହଣ କରିଅଛନ୍ତି । ଏହା ଦ୍ୱାରା ଏକ କେନ୍ଦ୍ର ଉଚ୍ଚଶ୍ରେଣୀ ବରଗଡ଼ରେ କର୍ମ କରିବେ । ଏ ଗୋଟିଏ ନୂତନ ବୃତ୍ତାନ୍ତ ।

ବାଲେଶ୍ୱର ଅଞ୍ଚଳରେ ଶୀତର ପ୍ରକୋପ ... ଅଧିକ କରିଅଛି ... ସ୍ଥଳମାନ ଅର୍ଦ୍ଧ ଜଳମଗ୍ନ ସ୍ଥାନମାନଙ୍କରେ ପ୍ରୋଥିତ କରୁ ହୋଇଅଛି ।

ଗତ ଜାନୁଆରୀ ମାସ ତା ୯ ରିଖରେ ୫ ଘଣ୍ଟା ସମୟରେ ... ଯେ ଇକିଷ୍ଟରରେ ... କୋଡ଼ିଏ ଜଣ ... ନିହତ ହୋଇଅଛନ୍ତି ଏବଂ ଅନ୍ୟ ଜଣେ ଡାକ୍ତରୀ ସଙ୍କଟପନ୍ନ ହୋଇଅଛନ୍ତି ।

ଗତ ନୂଆ ଦୁର୍ଘଟନାରେ ଏକଜଣ ବୈଦେଶିକ ଭାରତୀୟ ଖେଳ ଦେଖି ଯାଉଥିବା ସମୟରେ ଗୋଟିଏ ଘୋଡ଼ା ସେମାନଙ୍କ ଉପରେ ପଡ଼ିଥିଲା । ସମସ୍ତ ସମୟରେ ସେହି ଘୋଡ଼ାର ଧକ୍କା ଖାଇବାରୁ କେହିକେହି ଏରୂପ ଅସାଧ୍ୟ ହୋଇଥିଲେ ଯେ ସେ ହାସପାତାଳକୁ ଯାଇ ସେଠାରେ ତାହାର ମୃତ୍ୟୁ ହେଲା ।

ଗ୍ରୀନ ଉଲ୍ଲେଖରେ ଗତମାସରେ ତା ୧୫ ରୁ ମଧ୍ୟରେ କୋଡ଼ିଏଜଣ ଲୋକଙ୍କ ପ୍ରାଣଦଣ୍ଡର ଅଦେଶ ହୋଇଥିଲା । ଦୈନିକ ଏକଜଣଙ୍କୁ ଅଧିକ ପଡ଼ିଲା ।

ଗତ ଡିସେମ୍ବର ମାସ ତା ୨୯ ରିଖ ରାତ୍ରିରେ ଚୋରମାନେ ମଦ୍ରାସର ... ଲୋହିତ ମୃଣାଳଙ୍କରେ ଅର୍ଥ ରହିଥିବା ୭ ଲକ୍ଷ ଟଙ୍କାର ... କବଳିତ ହୋଇଯାଇଅଛି ।

ବମ୍ବେଇର ଏକ ଜଣ ଇଂରେଜ ଧନୀ ... ମାଉସର ଜଙ୍ଗଲରେ ଏକ ବାଘଠାରୁ ଏକଘାତିଆ ଅର୍ଥାତ୍ ଏକ ପ୍ରକାଣ୍ଡ କ୍ଷତ ପାଇଅଛନ୍ତି ।

ମାର୍କିନ ରାଜ୍ୟର ନିକାରଗୋଠାରେ ଏକ ଜାହାଜ ... ଦୁର୍ଘଟଣା । ସେ ସମୟରେ ... ୫୮୨ ଜଣ ସେଥିରେ ... ପଡ଼ିଗଲେ । କଥିତ ଅଛି ... ଦୁର୍ଘଟନା ଅଦୃଷ୍ଟ । ଓ ଦୁର୍ଘଟଣାର ଅବଶିଷ୍ଟ ଏପରି, ଦୁର୍ଦ୍ଦଶା ଘଟିଥିଲା ।

ରୁଷର ସେନାପତି ଜେନେରାଲ କୁରପାଟକିନ ... ରୁଷମାନଙ୍କ ମଂଚୁରିଆ ଉଚ୍ଚା ସ୍ୱୀକାର କରିବା ... ଦ୍ୱାରା ... କରିଅଛନ୍ତି । ଇତମଧ୍ୟରେ ୫୧୧ ପ୍ରକାର ଓ ୫ ଗୋଟି ଚାଲନ୍ତା ରୁଷର ... ଯୋଗେ ଦକ୍ଷିଣ ଅଫ୍ରିକା ଗମନ କଲେଣି ।

କାଶ୍ମୀରର ମହାରାଜା ଖୁବ ଜଲଦି ... ଅଗମନ କରିଥିଲେ । ସେଠାରେ ... ମହାପ୍ରସ୍ଥାନ ... ତାଙ୍କ ... ହୋଇଥିଲା । ମହାରାଜାଙ୍କୁ ... ଥିବା ... ଅଛନ୍ତି ।

## ପୁଣ୍ୟ ସଂବାଦ ।

ଗତ ଶୁକ୍ରବାର ... କରିଥିଲେ ଅର୍ଥ ... ପ୍ରାୟ ୫୮ ... ହୋଇଯାଇଅଛି ।

ଅଟୋମାନ ... ବଙ୍ଗାଳୀ ଯାତ୍ରୀ ... ଏବଂ ଏଥିମଧ୍ୟରେ ... ଜେଗାଲି ... ଅଛିଥିଲେ ।

ଏ ସମ୍ବାଦରେ ... ହେଉଅଛି । ... ଅଛି ।

ଗତ ରବିବାରଠାରୁ ... ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀମନ୍ମହନ୍ତ ... ଲିଜ ସାହେବ ... ମହାରାଜ | | ୫ ୧ ( |
| ବାବୁ ... କରଣ | | ୫ ୦ ( |
| ବାବୁ ... ଶ ଧାଡ଼ି | ... | ୦ ( |
| ବାବୁ ... ଘୋଷ | | ୫ ୧ ( |
| ବାବୁ ... ଗୁପ୍ତ | | ୫ ୧ ( |
| ବାବୁ ... ଘୋଷ ... | ... | ୫ ୦ ( |
| ବାବୁ ... ମହାନ୍ତି | ... | ୫ ୦ ( |
| ମହନ୍ତ ... ମଠ ... | | ୫ ୦ ( |
| ବାବୁ ... | ... | ୫ ୦ ( |
| ... | କଟକ | ୫ ୦ ( |
| ବାବୁ ... ଦାସ | ସାମନ୍ତରାପୁର | ୫ ୦ ( |
| ବାବୁ ..., ... | ... | ୫ ୦ ( |
| ... | କଟକ | ୫ ୦ ( |
| ... | ... | ୫ ୦ ( |
| ବାବୁ ... | ବଡ଼ମ୍ବା | ୫ ୦ ( |
| ବାବୁ ... | ଦେଓଗଡ଼ | ୫ ୦ ( |
| ବାବୁ ... ପଣ୍ଡା | ... | ୫ ୦ ( |
| ... ମହନ୍ତ ... ଦାସ | | |
| | ... | ୫ ୦ ( |
| ବାବୁ ..., ପଟ୍ଟନାୟକ | ... | ୫ ୦ ( |
| ବାବୁ ... ଦାସ | ... | ୫ ୦ ( |

---

# ବିଜ୍ଞାପନ ।

## ନୂତନ ଲେଖିବାର କାଳୀ ।

ଲେଖିବା ସମୟରେ ଭଲ ଶୁଖିଗଲେ ... ଦେଖାଯିବ ... ଦୁଇତିନିଥର ... ଚିଠିପତ୍ର ... ଦେଖିବାକୁ ... ନାହିଁ ନମୁନା ... ପଠାଇ ଦିଆଯାଏ ।

ପ୍ରାପ୍ତିସ୍ଥାନ
ଏଚ, ଦେ, ବାଲେଶ୍ୱର

---

# କୁଷ୍ଠରୋଗୀ !


## ହତାଶ ହୁଅ ନାହିଁ

ଅମ୍ଭେ ବହୁ ପରୀକ୍ଷାଦ୍ୱାରା ପ୍ରତିଜ୍ଞା ପୂର୍ବକ କହୁଅଛୁଁ ଯେ ଯେବେ ଏହି ଦୁରାରୋଗ୍ୟ କୁଷ୍ଠରୋଗରୁ ମୁକ୍ତି ପାଇ ସୁସ୍ଥ ଶରୀରରେ ... କରିବାର ଆଶା ଥାଏ ଯେବେ ବହୁ ଚିକିତ୍ସା ... ଓ ବହୁ ଔଷଧ ସେବନ କରି ମଧ୍ୟ ... ଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରିତ୍ୟକ୍ତ ହୋଇଥାଅ, ଯେବେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବାର ଏକାନ୍ତ ... ଆଉ ଯେବେ ଅମ୍ଭର ଏହି ବିଜ୍ଞାପନକୁ ... ବା ... ମନେ ... ତେବେ ଶୀଘ୍ର ଅମ୍ଭର ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଛିନ୍ନ, ... ଓ ସର୍ବାଙ୍ଗ ବ୍ୟାପି ... ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ... ନାହିଁ ଅମ୍ଭର ଔଷଧର ଫଳାଫଳ ... ଦେଖିଲେ ଜାଣିପାରିବ । ନିମ୍ନ ଠିକଣାକୁ ... ଟିକଟ ପଠାଇ ପତ୍ର ଲେଖିଲେ ... ବିଷୟମାନ ବୁଝିପାରିବ ।

ଲକ୍ଷ୍ମୀପୁର } ଶ୍ରୀ ବାଲକୃଷ୍ଣଦାସ
କଟକ } କବିରାଜ

Digitized by srujanika@gmail.com

## ବିଜ୍ଞାପନ ।




## ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

ଏ, ସଟନ ଏଣ୍ଡ କୋର ଆଶ୍ଚର୍ଯ୍ୟ ଔଷଧାବଳୀ ।
ଭାରତବାସୀ ଲୋକଙ୍କର ଆଉ ଭୟର କାରଣ ନାହିଁ ।

ସାର୍ସା ପ୍ୟାରଲ ଟନିକ—ଏହା ସର୍ବୋତ୍କୃଷ୍ଟ ରକ୍ତପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ୍ୟାଳସି ଯୁପଦଂଶ (ଗରମୀ ବେରମୀ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, କଣ୍ଡୁ, ବାତ, ଦେହ ହାତ ଓ ଗୋଡ଼ରେ ଚକା ଚକା ଦାଗ ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଦୁର୍ବଳତା ଦୂର କରିବାକୁ ଏହା ଅଦ୍ୱିତୀୟ ଅଟେ । ରୋଗୀ ଅଗ୍ନ ଦୁର୍ବଳ, ବାଳକ ଓ ବୃଦ୍ଧ ସମସ୍ତଙ୍କର ଗ୍ରାହ୍ୟ ଉଚିତ ମାତ୍ରାରେ ସେବନ କରିବାର ଅବଶ୍ୟକ,

ଶିଶି ଟ ୧୷ ମାଶୁଲ ଟ ୦ ୷

ଅସିଡ ଗନୋରିଆଲ ମିକ୍‌ଶ୍ଚର ।—ନୂତନ ଓ ପୁରାତନ ମେହ, ମୂତ୍ରନଳର ପ୍ରଦାହ ଓ ଛିଦ୍ର, ସ୍ୱପ୍ନଦୋଷ ଓ ଧାତୁପାତ, ସ୍ତ୍ରୀ ଓ ପୁରୁଷଙ୍କ ଧାତୁକ୍ଷରଣ, ମୂତ୍ରକୃଚ୍ଛ୍ର, ଟୋପା ଟୋପା ହୋଇ ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଯୌନ ଦୁର୍ବଳତା ଏବଂ ସର୍ବାପେକ୍ଷା କଷ୍ଟଦାୟକ ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ । ରୋଗକୁ ନିର୍ମୂଳ ଓ ନିର୍ଦ୍ଦୋଷ କରିବାରେ ଏହା ତୁଲ୍ୟ ଅନ୍ୟ ଔଷଧ ଅଦ୍ୟାବଧି ହୋଇ ନାହିଁ । ଏହା ବ୍ୟବହାର ଦ୍ୱାରା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଉପଶମ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ଶିଶି ଟ ୧୷ ମାଶୁଲ ଟ ୦ ୷

ଗ୍ଲିସେରୋଫସଫେଟ ।—ସ୍ନାୟୁ ଦୌର୍ବଲ୍ୟ, ଅଗ୍ନି ମାନ୍ଦ୍ୟ, ସ୍ମୃତିଲୋପ, ଇନ୍ଦ୍ରିୟ ଶୈଥିଲ୍ୟ, ପୁରୁଷତ୍ୱ ହାନି, ଅଙ୍ଗଶିଥିଳତା ପ୍ରଭୃତି ଦୁର୍ବଳତା, କୋଷ୍ଠ କାଠିନ୍ୟ ପ୍ରଭୃତି ଯାବତୀୟ ଗୁପ୍ତ ପୀଡ଼ାର ସମ୍ପୂର୍ଣ୍ଣ ମହୌଷଧ । ଏହାକୁ ସେବନ କଲେ ମସ୍ତିଷ୍କରେ ଓ ଶରୀରରେ ନୂଆ ବଳରେ ବଳୀୟାନ୍ ହୋଇ ପୁନର୍ବାର ଯୌବନ ପ୍ରାପ୍ତ ହୁଏ । ଯଦ୍ୟପି ଏହା ସେବନକାଳ ନିୟମିତ ରୋଗ ଅପେକ୍ଷା ନ ହୁଏ ତାହାହେଲେ ଶରୀରରେ ଆଉ ଅବସାଦ ରହିବ ନାହିଁ ।

ଶିଶି ଟ ୧୷ ମାଶୁଲ ଟ ୦ ।୵

ଆଷ୍ଟିଓଲମ ଲୋସନ ।—ଏହାକୁ ବ୍ୟବହାର କଲେ ମସ୍ତିଷ୍କର ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଅପେକ୍ଷା ହୁଏ । ଏହା ତୁଲ୍ୟ ଯାଦୁ ଔଷଧ ଜଗତରେ ଆଉ ନାହିଁ । ଏହା ଥରେ ବ୍ୟବହାର କଲେ ବୁଝିପାରିବେ ।

ଶିଶି ଟ ୦ ୷ ଡାକମାଶୁଲ ଟ ୮ ।୵

ଠିକଣା—ଏ, ସଟନ ଏଣ୍ଡ କୋଂ

୧ ।୩୭ ଅପର ଚିତପୁର ରୋଡ ହାଟଖୋଲା କଲିକତା
ଏବଂ ଉତ୍କଳରେ ଖଟମାଝିଆ ମେସର୍ସ ହରି ନାମକ ଏବଂ ବାଲେଶ୍ୱର ମାଇକ ଜାଲ୍‌ଟ ଔଷଧ ସାର ଲୋ ମାନଙ୍କ ଏକମାତ୍ର ଏଜେଣ୍ଟ ଅଟନ୍ତି ।




ଡାକ୍ତର ମେଜର ସାହେବଙ୍କ **ଇଲେକ୍‌ଟ୍ରୋ ସାଲସା** ଅଦ୍ଭୁତ ଓ ଅନୁପମ ଆବିଷ୍କୃତ, ବହୁବର୍ଷ୍ୟାତ ସେହି ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ,

ଚିକିତ୍ସାଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗୀର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅନୁପମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସ୍ୱରୂପଦେଓ ବାମଣ୍ଡାରୁ ଲେଖିଅଛନ୍ତି—"※※※ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ସବୁ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ"।

୨ । ମହାମାନ୍ୟ ମହାରାଜା ଗଉରଚନ୍ଦ୍ର ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"※※※ କଲିକତାର ବୋମ୍ବରେ ପଡ଼ "ତ୍ୟାକଲନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅନୁପକାର ହେଲା ସେଥିରେ ପାପ ଅଛି ବୋଲି କଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଗୁଣି ପାରିବି ନାହିଁ । ମୋତେ ଅନ୍ୟ ଦୁଇଜାର ପଠାଇଦେବେ"।

୩ । ମହାମାନ୍ୟ ମହାରାଜା ଠାକୁର ମର୍ଦ୍ଦରାଜ ଦେଓ କଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ"।

ମୂଲ୍ୟ ପ୍ରତି ଶିଶି ଟ ୨ ଟ ଆଠଗୋଟି ଶିଶିକୁ ଯଥାକ୍ରମେ ଟ ୫ ଓ ଟ ୧୦ ଟ ୨ ଡାକମାଶୁଲ ସ୍ୱତନ୍ତ୍ର ।

... ଏଣ୍ଡ କୋମ୍ପାନୀ କଲିକତା


Digitized by srujanika@gmail.com

Split by PDF Splitter




ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

# ହେୟାର-ଲ ଇନ

କେଶର ପରିପୋଷଣ, ପରିବର୍ଦ୍ଧନ ଓ ଶ୍ରୀ ଶୋଭାବର୍ଦ୍ଧନ ନିମନ୍ତେ ଏକ ତୈଳ । କେତୋଟି ଭେଷଜଗୁଣାନ୍ୱିତ ଓ ସ୍ୱତଃ ସୁଗନ୍ଧିତ ଧୂଳିଶୂନ୍ୟ, ଅନ୍ୟାନ୍ୟ ଦ୍ରବ୍ୟ ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ର କରି କରାଯାଇ କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର ଲାଇନ ପ୍ରସ୍ତୁତ ହୋଇଅଛି । ଅତଏବ ଏହା ଲଗାଇବାରୁ ଅଙ୍ଗ ଶୀତଳ, ଅଙ୍ଗ ସୌରଭରେ ପରିପୂର୍ଣ୍ଣ ମନୁଷ୍ୟ ପଞ୍ଚଭୂତ । ମସ୍ତିଷ୍କ ଧୂଳିରହିତ ହେବ । ଉତ୍କୃଷ୍ଟ ସେହି ମନୋହର ସୁଗନ୍ଧରେ ମୁଗ୍ଧ ହେବେ । ଅତଏବ ଏହା ହେଉଛି କେଶର ସ୍ୱାଭାବିକ ସ୍ନିଗ୍ଧ ଉତ୍ପାଦନ କରିଅଛି ।




"ହେୟାର ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟାକାଳ କେଶ ଚିକ୍କଣରେ ଥିବ । ସ୍ନାନ ପରେ ଦେହରେ ଯେତେ ପାଣି ଲଗେ, ହେୟାର ଲାଇନର ଗନ୍ଧ ସେତେ ବାହାରୁଥାଏ, ସେଥିରୁ ଶୌଖୀନର ଇଚ୍ଛା ପୂରଣ ହୁଏ । ଅତି ମୂଲ୍ୟବାନ୍ ଅତର ଓ ବିଦେଶୀୟ ସ୍ପିରିଟ ତୈଳ ପ୍ରସ୍ତୁତ ଏହାର ସୌରଭ ଓ ସୁଗନ୍ଧରେ ପରିପୂର୍ଣ୍ଣ ।

"ହେୟାର ଲାଇନ" ଯେଉଁ ଅତି ମନୋହର, ସ୍ୱଚ୍ଛ ଉଜ୍ଜ୍ୱଳ ଓ ଶୁଭ୍ର । ଏଥି ନିମନ୍ତେ କେଶରେ ଦାଗ ଧରେ ନାହିଁ ।

"ହେୟାର ଲାଇନ" କେବଳ ଶୌଖୀନ ଲୋକଙ୍କ ନିମନ୍ତେ ନୁହେଁ, ମୂର୍ଚ୍ଛା, ମସ୍ତକ ରୋଗ, ହିଷ୍ଟିରିଆ ପ୍ରଭୃତି ଶିର ରୋଗର ମହୌଷଧ । ଶିରଃପୀଡ଼ା, ପଟଳ ଜ୍ୱାଳା, ଗାତ୍ର ଦାହ, ଘନ ଘନ ପରି ହେବା, ଗ୍ରୀଷ୍ମର ଅବସନ୍ନ ଭାବ, ସ୍ନାୟବିକ ଦୌର୍ବଲ୍ୟ, ଶିର ଘୂର୍ଣ୍ଣନ ଭାରି ବୋଧ ହେବା, ଅନିଦ୍ରା, ଚକ୍ଷୁ ଜ୍ୱାଳା ପ୍ରଭୃତି ଉପସର୍ଗ ଦୂର କରିବାରେ ଏହା ତୁଲ୍ୟ କ୍ଷମତାପନ୍ନ ଔଷଧ ଆଉ ନାହିଁ ।

"ହେୟାର ଲାଇନ" ବ୍ୟବହାର କରିବାରେ କେଶ ଉଦ୍ଧୃଙ୍ଖଳ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ପ୍ରଚୁର ପରିମାଣରେ ବଢ଼େ ଏବଂ କଳା ଓ ଚିକ୍କଣ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକ ଦିନ ବ୍ୟବହାର କଲେ ଖାଲ୍ଲି ରୋଗ ନଷ୍ଟ ହୁଏ, ଖୁସ୍କି ରୂପି ପ୍ରଭୃତି ନଷ୍ଟ ହୁଏ; କେଶ ସନ କୋମଳ ଓ ସୁଦୃଶ୍ୟ ହୁଏ, ଦେହର ଚର୍ମ୍ମ ଭଲ ହୁଏ, ଚର୍ମ୍ମ କୋମଳ ଓ ଖାଦ୍ୟଯୁକ୍ତ ହୁଏ, ମନର ସ୍ଥୈର୍ଯ୍ୟ ଧୈର୍ଯ୍ୟ ବଢ଼େ ଓ ସ୍ମୃତି ବୃଦ୍ଧି ହୁଏ ।

ମୂଲ୍ୟ ପ୍ରତି ଶିଶି ଟ ୧ ( ୩,୬,୧୨ ଶିଶି କ୍ରମାନୁସାରେ ଟ ୩, ଟ ୫୶, ଟ ୧୦ ପ୍ୟାକିଂ ଓ ଡାକ, ମାସୁଲ ଅଲଗା ।

ସ୍ୱୀ ଶାଳ ଡବଲ୍ୟୁ ମେଜର ଏଣ୍ଡ କୋମ୍ପାନି—କଲିକତା ।



ଆଉ ମୂର୍ଚ୍ଛା ନାହିଁ ! ବଚ୍ଛେଦ ନାହିଁ ! !

ଅଲୌକିକ ମଧ୍ୟରେ ଅଲୌକିକ ! ! !



PLANCHETTE ( ପ୍ଲାଞ୍ଚେଟ )

ଏହା ଖେଳଦ୍ରବ୍ୟ ନୁହେଁ ଏହା ଅଦ୍ଭୁତ ଦ୍ରବ୍ୟ ! !

ପ୍ରେତ ଲୋକରେ ଏହାର ଅଦ୍ଭୁତ ଶକ୍ତିଦ୍ୱାରା ମୃତ ମନୁଷ୍ୟ ( ଯେତେ ଦୂରରେ ଥିଲେ ମଧ୍ୟ ) ପ୍ରବର୍ତ୍ତିତ ଏବ ଦର୍ଶକମାନଙ୍କ ସମ୍ମୁଖରେ ଅବତୀର୍ଣ୍ଣ ହୋଇ ପାରନ୍ତି ଏବଂ ସେହି ଆତ୍ମା ସହିତ ତାହା ସଙ୍ଗେ କଥୋପକଥନ କରି ଦେଇପାରିବା ଅଧିକାରୀ କରି ପାରିବେ କିମ୍ବା ସମସ୍ତ ପ୍ରଶ୍ନର ଯଥାର୍ଥ ଉତ୍ତର ପାଇ ପାରିବେ । ପ୍ରତ୍ୟେକ ସହିତ ମୁଦ୍ରିତ ଉପଦେଶ ଦିଆଯାଏ । ଅଭ୍ୟାସକାରୀ ସ୍ପିରିଟ ( ବିଦ୍ୟୁତ ) ଏବଂ ନୂତନ ବର୍ଦ୍ଧିତ ଚମତ୍କାର ( ଯୋଗ ) ଅଛି । ଏହାଦ୍ୱାରା ଏଥିରୁ ସେହିପରି ସକଳ ଭୂତ ଭବିଷ୍ୟତ, ମାତା, ପତ୍ନୀ, ଭଗିନୀ ଓ ପୁତ୍ର କନ୍ୟାମାନଙ୍କର ଜଣ୍ଡ ସମ୍ବନ୍ଧରେ କହି ଦେଇଥିବେ ଏବଂ ସମାଜର ସ୍ୱର୍ଗୀୟ ଉପଦେଶ ଦେବେ ।

ଦରଦ୍ରବ୍ୟ ଶୀଘ୍ର କର ! ! କିଣ ଏଥର ! ! !

ଆମ୍ଭ ଦେଶରେ ଏହାର ଅଦ୍ଭୁତ କାର୍ଯ୍ୟ ପ୍ରକାଶରେ ନାନା ଲୋକରେ ବହୁତ ପ୍ରତାପଶାଳୀ କରିଅଛି ।

ମୂଲ୍ୟ ପ୍ରତି ଗୋଟାକୁ ଟ ୨୧ ଙ୍କା

ଉପହାର ! ଉପହାର ! ! ଉପହାର ! ! !

୧ଟୋ ସହିତ ୨ ଖ ଜ୍ୟୋତିଷଶାସ୍ତ୍ରସମ୍ବନ୍ଧୀୟ ପାଇବେ

୨ " " " " ପୁରାଣ ଔଷଧ "

୯ " " " " ଲୁଗାକ ପୋଷାକ "

ଡାକ, ପ୍ୟାକିଂ, ଷ୍ଟେଶନ ଓ ମନିଅର୍ଡ଼ରରେ ଦିଆଯିବ ।

ଅଶ୍ୱିନୀ ବିଶ୍ୱାସ, ଚଣ୍ଡାଳ ଲାଲ
୨ ରଣଘଟା, ୧୨ ଲାଇବ୍ରେରି
ଅନ୍ଧବଜାର, ଯୋଡ଼ାସାଙ୍କୋ କଲିକତା ।





ଡାକ୍ତର ମେଜର ସାହେବଙ୍କର

ନୂତନ ଆବିଷ୍କାର !

ଚଳିତା ଦୁର୍ଗନ୍ଧରେ—ଶ୍ୱାସରୋଗ ! !

ଅସାଧ୍ୟ ରୋଗର—ସାଧ୍ୟ ଔଷଧ ! ! !



## ହାଇଡ୍ରୋସିଲ—ଇଲିକ୍ସିର

ବା

### କୋଷ ବୃଦ୍ଧିର ଅମୋଘ ଔଷଧ ।

ସବୁ ବର୍ଷ ଅନେକଙ୍କୁ ଏଥିର ରୋଗ ଅବଶ୍ୟ ଘଟି କରିଅଛନ୍ତି । ଅନେକ ଲୋକ ବୃଦ୍ଧତା ଯୋଗୁଁ କରି ପାରନ୍ତି, ଏହି ପ୍ରକାର ନିଷ୍ଠିତରୂପେ କେତେକ ସ୍ୱାସ୍ଥ୍ୟ ବ୍ୟବହାର କଲେ ଏହିପରି କୋଷବୃଦ୍ଧି ଯେତେ ବଡ଼ ହେଉ, ସେତେ ସୁସ୍ଥ ହୋଇ ନିଶ୍ଚୟ ଅଦୃଶ୍ୟ ହେବ । ଯେଉଁମାନେ ଏହି କୁଟିଳ ରୋଗ ଓ ତାହାର କୋଷ ସମ୍ବନ୍ଧୀୟ ଉପସର୍ଗ ଦ୍ୱାରା କଷ୍ଟ ଓ ବଳ ହରାଇଲେ ଅତି ଗୋପନ ଭାବରେ ଅପେକ୍ଷା କରିଅଛନ୍ତି, ସେମାନେ ଅବିଳମ୍ବେ ଏହି ଔଷଧ ବ୍ୟବହାର କରି ଦେଖନ୍ତୁ । ଦୁଇ ବାର ବ୍ୟବହାରରେ ଏହାର ଅଦ୍ଭୁତ ଉପକାରିତା ଜଣାଯିବ ଅର୍ଥାତ୍ ଦିନକ ପାଇଁ ତୁଳାରେ ଔଷଧ ଲେପନ କରି ବାନ୍ଧିଲେ କୋଷ ମଧ୍ୟସ୍ଥ ସକଳ ଜଳ, ମାଂସ ଶୁଖିଯାଏ । ଏହା ଅନ୍ୟ ଜଳ ଦୂର କରେ, ତାହାର ଫଳ ସମସ୍ତଙ୍କୁ ଜଣା ଅଛି । ଏହା କୋଷ ଓ ସମସ୍ତ ଅବଶ୍ୟ ହେବା ବିଷୟରେ ଆମ୍ଭେ ଅନେକ ପ୍ରମାଣ ଦେଇପାରୁ । ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ବା ଚକ୍ଷୁର ଜ୍ୱାଳା ହୁଏ ନାହିଁ, ଅଥଚ ବହୁତ ଉପକାର ।

ମୂଲ୍ୟ ପ୍ରତି ଶିଶି ଟ ୨୲ ଅଧିକ ଶିଶି ନେଲେ ଟ ୪ । ୫ ଶିଶି ଟ ୨୶ ଡାକ ମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବଲ୍ୟୁ ମେଜର ଏଣ୍ଡ କୋମ୍ପାନି କଲିକତା ।


ଉତ୍କଳ ଦୀପିକାର ଗ୍ରାହକ ମଫସଲବାସୀମାନଙ୍କ ନିକଟରେ ନିମ୍ନଲିଖିତ ରୂପେ ଅଗ୍ରିମ ନିଆଯାଉଅଛି, ଯଥା—

ପ୍ରଥମଥର ସର୍ବଦା

| | |
|---|---|
| ଅଗ୍ରିମ | ଟ ୩ ୶ |
| ପଶ୍ଚାତ୍‌ମୂଲ୍ୟ | ଟ ୬ ୧ |

ଖୁଚୁରା ଏକ ସଂଖ୍ୟା ଟ ୦୶

ଯାହା କୌଣସି ଗ୍ରାହକ ଯେବେ ଟଙ୍କା ଦେଇ ଗ୍ରହଣ କରିବେ ନାହିଁ

ଦୁଇ ବର୍ଷ ଓ ତତୋଧିକ ଅଗ୍ରିମ ଦେଲେ ପ୍ରଥମ ଅଗ୍ରିମ ଦେଲେ ଓ ବିଲମ୍ବ ଅଧିକ ଦେଲେ ।

ଅଗ୍ରିମ ଦେଇ ବର୍ଷାନ୍ତେ ନୂତନ ଗ୍ରାହକ ହୋଇପାରିବ ।

ଗ୍ରାହକଙ୍କ ମୂଲ୍ୟ ପ୍ରେରଣ ସମୟରେ ଚିଠି ଲେଖି ଦେବେ ।

ଏହି ଉତ୍କଳଦୀପିକା ସହର କଟକ ଦରଘାଟିରେ ଦୀପିକାଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter
[REG]ISTERED No. C 81


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.


ଭା ୩୯ ଶ | CUTTACK, SATURDAY THE 23rd January 1904. | ଅଗ୍ରିମ ୪ ·
ସଂ ୪ ଖ୍ୟା | ଦ ୧୦ମ ମାଘ ସନ ୧୩୧୧ ସାଲ ଶନିବାର | ପଶ୍ଚାଦେୟ ୪ ୬


## ବିଜ୍ଞାପନ।

### କଟକ ପ୍ରିଣ୍ଟିଂ କମ୍ପାନୀର

### ନୂତନ ପଞ୍ଜିକା

ଖ୍ରୀଷ୍ଟାବ୍ଦ ୧୮୨୬ ସନ ୧୩୧୧ ଓ ୧୩୧୨ ସାଲ ଇଂରାଜୀ ସନ ୧୯୦୪।୧୯୦୫ ମସିହାର ପୂର୍ବପର ପ୍ରକାଶିତ କୋଷ୍ଠୀ ... ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ, ଉତ୍ତମ କାଗଜରେ ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ। ଶ୍ରୀକ୍ଷେତ୍ରର ମୁକ୍ତିମଣ୍ଡପର ପୂଜନୀୟ ପଣ୍ଡିତମଣ୍ଡଳୀ ଏହି ପଞ୍ଜିକାର ଅଧିକତର ଆଦର ଏବଂ ପୁରୀ ସ୍ଥଳରେ ଏହାର ଅଧିକ ଗ୍ରାହକ ଏବଂ ଏହା ଶ୍ରୀ ଜଗନ୍ନାଥ ଦେବଙ୍କ ପାଞ୍ଜି ବୋଲି ବିଖ୍ୟାତ। ଏହି ପଞ୍ଜିକା ସମ୍ବନ୍ଧେ ଅଧିକ ବୋଲିବା ବାହୁଲ୍ୟ ଅଟେ।

| | |
|---|---|
| ବଡ଼ ପଞ୍ଜିକା | ୪୦। |
| ଛୋଟ ପଞ୍ଜିକା | ୪୦୧୬ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିସନ ପାଇବେ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## NOTICE.

It is hereby notified for general information, that the Orissa Coast Canal Range IV—B which was closed for repairs, will be reopened to traffic on the 17th January 1904.

16—1—04.

G. T. HUNTINGORD
Executive Engineer
Balasore Division.

## NOTICE.

Wanted 5 Entrance passed candidates for the Nilgiri Raj office on Rs 15 to 20 per month each and one passed Overseer with knowledge of building, road-making &c. for P. W. D, Nilgiri, on Rs. 25 to Rs. 30 per month. Applications with copies of testimonials will be received by the undersigned up to the 31st January 1904. None need apply who cannot write a good hand in English and Oria.

Private Secretary to
H. H. the Raja of
Nilgiri.

## IT'S SO EASY TO NEGLECT THAT COLD.

IT'S so fatally easy to let that cold into to turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in malarious, intermittent, and Billious Fever, and mild form of Plague, Surgeon-Major Jayakar says: that it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of DR. H. L. BAILLIWALL'S, Worli—Dadar Bombay, and everywhere.

At Re. per bottle, Discount to the Trade.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack*

## NOTICE.

Wanted two temporary Supervisors with Sub-Deputy Collector's qualifications, on a monthly salary of Rs. 125 to 150 for Milan Khasra work in the Government estate of Khurda in the District of Puri. The services of these officers may be required for six months. Applications from intending candidates should reach the undersigned on or before the 25th instant.

Orissa Commr's office Cuttack 16—1—04.

Srigopal Bhattacharjee,
*Personal Assistant*
For Commissioner of
Orissa Division

## ADVERTISEMENT

Wanted smart and energetic chief and Local mofussil agents in every District to introduce and sell our Electric, acetylene lights and Novelties and Graphophones and Phanographs &c Cash security from Rs. 100 to 1000 required as deposit for our goods. Monthly salary ranging from Rs. 10 to Rs. 100 or ten percent of the amount deposited besides 12½ percent commission on goods sold will be given goods worth more than the amount of security supplied apply to.

EDWARD ELECTRIC WORKS & NOVELTIES
and
acetylene goods supply Co.
64 College street, Calcutta.

## NOTICE

Wanted a passed Hospital Assistant for the Mourbhanj State. The post is at present certain for one year. Pay Rs 26 rising to Rs 35 per month. Apply with copies of testimonials to the undersigned stating age, on or before the 31st January 1904

D. C. Aich
Chief Medical Officer
Mourbhanj State
MOURBHANJ

Digitized by srujanika@gmail.com

Split by PDF Splitter




ବିଜ୍ଞାପନ ।

ଅତ୍ୟଲ୍ପ ବ୍ୟୟେ ଅତ୍ୟାଶ୍ଚର୍ଯ୍ୟ ଆରୋଗ୍ୟ ସମ୍ବାଦ

ଚଳ ଟି ହଲ୍ଲମ । ମୌ । କୃଷ୍ଣପୁର ପୋଃ ଅଃ ହଲଦା ପୋଖର, ୯ ସଦାଶିବ ଦାସ ଶର୍ମା ବୈଦ୍ୟ ଖନ୍ତିଆ ବନ କଟକ ନହାଗ୍ରାମର ପୂର୍ବ ଶରେ ଶ୍ରୀ କ୍ଷେତ୍ରମୋହନ ଦାସ ଶର୍ମା ଆୟୁର୍ବେଦୋକ୍ତ ମୂଳସ୍ତୁଭଙ୍ଗାଯ୍ୟାଦି ଜଡ଼ିତ ମହୋଷଧ, ସାଧନପ୍ରଯୁକ୍ତ ଓ ଜନ୍ମ ସ୍ୱୀକାର କରି ନାନାବିଧ ରୋଗାକ୍ରାନ୍ତ ଅନେକ ବ୍ୟକ୍ତିମାନଙ୍କୁ ବିନାମୂଲ୍ୟେ ଚିକିତ୍ସାଦ୍ୱାର ଆରୋଗ୍ୟ କରୁଅଛନ୍ତି । ଏହି ମହାତ୍ମା ଜବିସାଧାରଣଙ୍କ ହିତରେ ଏକାନ୍ତ ଅନୁରକ୍ତ ଜଡ଼ିତ ।ଶେଷ ପରିଚିତ ହୋଇଅଛନ୍ତି । ଏହାଙ୍କ ଚିକିତ୍ସାଦ୍ୱାରା ଅନେକ ଛିଡ଼ପରା ଛାତ୍ର ଓ ଜଡ଼ିତମାନଙ୍କର ଶରୀରଙ୍କ ରୋଗିମାନଙ୍କ ଅତ୍ୟାଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେବାର ଦେଖା ଯାଉଅଛି । ଏହାଙ୍କର ନିକଟ ସର୍ବପ୍ରକାର ଅକୃତ୍ରିମ ଔଷଧାଦି ସୁଲଭ ମୂଲ୍ୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଭାକ୍ତ ଓ ଜଡ଼ିତଜନଙ୍କର ପରିଚୟ ରୋଗାକ୍ରାନ୍ତ ବ୍ୟକ୍ତିମାନେ ଥରେ ମାତ୍ର ଏହି ମହାତ୍ମାଙ୍କର ସୁଲଭ ମୂଲ୍ୟର ଔଷଧ ବ୍ୟବହାର କରି ଦେଖନ୍ତୁ ।

Chaitan Prasad Mahant
Inspecting Pandit
Bamanghaty & Panchpir Sub-Division.
P. O. Rairangpur.
BALASORE

# J. KIPPAX & Co.'s
## PREPARATIONS.

### ଯେ, କିପାକ୍ସ ଏଣ୍ଡ କୋମ୍ପାନିର ଔଷଧ ।

୧ । ଦନ୍ତଶୋଧନ ଚୂର୍ଣ୍ଣ—(ଟୁଥ୍ ପାଉଡ଼ର), ଦନ୍ତରୋଗର ଅବ୍ୟର୍ଥ ମହୌଷଧ । ଦନ୍ତ ହଲିବା, ଦନ୍ତମୂଳରୁ ରକ୍ତ ପଡ଼ିବା ଓ ଦନ୍ତମୂଳ ଫୁଲି ପୂଯ ପଡ଼ିବା, ମାଢ଼ି ଘା ହୋଇଯିବା ଓ ମୁଖର ଦୁର୍ଗନ୍ଧ ଇତ୍ୟାଦି ସର୍ବପ୍ରକାର ଦନ୍ତରୋଗ ନିବାରଣ କରେ ।

ମୂଲ୍ୟ ପ୍ରତିଟିନ ଟ ୦ । ଗୁଅଣ

୨ । କପୌଣ୍ଡ ଟନିକ—ସ୍ନାୟୁ ଦୌର୍ବଲ୍ୟ ହୃତ୍ପିଣ୍ଡରେ ଧକ୍ ଧକ୍, ଯକୃତ, ଅଜୀର୍ଣ୍ଣ, ଅମ୍ଳ ଉଦ୍ଗାର, ପାକସ୍ଥଳୀରେ ଯନ୍ତ୍ରଣା, କୋଷ୍ଠବଦ୍ଧ, ଅକାଳେ ଜୀବନୀଶକ୍ତିର ହ୍ରାସ, ରକ୍ତର ସ୍ୱଳ୍ପତା ଶୁକ୍ରମେହ ମୂତ୍ରପ୍ରବାହ ଓ ସର୍ବପ୍ରକାର ଜ୍ୱରର ଅଦ୍ଭୁତ ଅବ୍ୟର୍ଥ ମହୌଷଧ । ସ୍ନାୟୁ ସମ୍ବନ୍ଧୀୟ ଦୌର୍ବଲ୍ୟର ଏହା ଅମୂଲ୍ୟ ଔଷଧ । ଉତ୍କଟ ରୋଗରୁ ଆରୋଗ୍ୟ ଉତ୍ତାରେ ବଳ ଲାଭ କରିବା ପକ୍ଷରେ ବିଶେଷ ଫଳଦାୟକ ।

ପ୍ରତି ଶିଶିର ମୂଲ୍ୟ ଟ ୨ୢ

୩ । ପିଲ୍ସ୍ କାଲେଣ୍ଡୁଲା—ବାଲ୍ୟକାଳର ଅବିବେଚନା ହେତୁ ପ୍ରସୁପ୍ତ ବୀର୍ଯ୍ୟ ଓ ତଜ୍ଜନିତ ଅନ୍ୟରୋଗ ଓ ଇନ୍ଦ୍ରିୟ ସାମର୍ଥ୍ୟବୃଦ୍ଧି ଇତ୍ୟାଦିର ପରମ ଉପକାରୀ ଔଷଧ ।

ମୂଲ୍ୟ ୪୦ ବଟିକା ପୂର୍ଣ୍ଣ ପ୍ରତିବାକ୍ସ ଟ ୪ୢ

ଏକମାତ୍ର ଏଜେଣ୍ଟ

ଈଶ୍ୱରଚନ୍ଦ୍ର କୁଣ୍ଡୁ ଏଣ୍ଡ କୋଂ

ନ ୧୬୭ ଧର୍ମ୍ମତଲା ଷ୍ଟ୍ରୀଟ

ନ ୧ ନିଉ ମାର୍କେଟ ଓ ନ ୪୧ ସୁତାପଟ୍ଟୀ
କଲିକତା

# ବିଜ୍ଞାପନ ।



ବାତୁ ରୋଗର ଏହା ଦୈବଶକ୍ତି ସମ୍ପନ୍ନ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇ ଅଛି । ବାସ୍ତବରେ ଯେତେ ବହୁ ଦୁରାରୋଗ୍ୟ ଉଠେ ବାତୁ ହେଉନା କାହିଁକି ଏ ଔଷଧ ବହୁଁରେ ଲାଗିବା ମାତ୍ର ସଦ୍ୟ ସଦ୍ୟ ମଙ୍ଗଳ ପ୍ରାପ୍ତ ହେବ ବିନା କଷ୍ଟରେ ଦୁଇଦିନ ମଧ୍ୟରେ ବଇଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି ତ ତା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ଟ ୦ୟ ଅଣାମାତ୍ର ।

ଯେତେବେଳର ଯେମନ୍ତ ଖାଦୁ ରୋଗ ହେଉ ପଛକେ ଦଳାକୁଲା ଯନ୍ତ୍ରଣାରେ ରୋଗ ସମ୍ପୂର୍ଣ୍ଣ ବିନାଶ ପ୍ରାପ୍ତ ହେବ । ଖାଦୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି ବଲି ତୁଳନାରେ ଏପ୍ରକାର ଆଶ୍ଚର୍ଯ୍ୟଜନକ ମହୌଷଧ ଆଉ ଦ୍ୱିତୀୟ ବାହାର ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରାଜା, ମହାରାଜା, ଜମିଦାର, ଡାକ୍ତର ପଣ୍ଡିତଙ୍କଠାରୁ ଲାଗାନ୍ତି ସାଧାରଣ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ-ଆରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହେଉଅଛନ୍ତି । ଶତ ଶତ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି ଜଣାଉଅଛନ୍ତି ଯେ ଯଥାର୍ଥରେ ଖାଦୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ଟ ୦।୵ ଅଣାମାତ୍ର

ଏକଥରେ କେହି ଛ ବା ବାର ଗୋଟି ଡବା କ ଚହିଁଲୁ ଅଧିକ ନେଲେ ବିଶେଷ ସୁବିଧା କରି ଦିଆଯାଏ । ସମସ୍ତେ ଆପଣା ନାମ, ଧାମ ଡାକଘର ଠିକ ଉତ୍ତମରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୨୨୨୦ ଶ୍ରୀ ସମଚରଣ ସେନ ।

ଠେକ ଉତ୍କଳପ୍ରେସ, ବାଲେଶ୍ୱର ।

# ଫଳେନ ପରିଚୀୟତେ

ଚିକିତ୍ସକ ଶିରୋମଣି କବି କବିରତ୍ନଙ୍କର

ଅନ୍ନପୂର୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଯଥାଯଥ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼୍ଗୁଣବଲିଜାରିତ ସ୍ୱର୍ଣ୍ଣଘଟିତ

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, ଜୀର୍ଣ୍ଣ ଆଦିତ ବାୟୁଜ୍ୱର, କାଶ, ଶ୍ୱାସ, କୃମି, ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜନିତ ରୋଗଙ୍କର ଖୁବ ଶୀଘ୍ର ନିବାରିତ ହୁଏ। ଅତ୍ୟଧିକ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ସ୍ନାୟୁବଲତା, ସ୍ମରଣଶକ୍ତିର ଅଳ୍ପତା ଉଦର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏ... ସର୍ବ ରୋଗ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧ୢ ।

ନ ୧ ର ଟ ୫୦

# ଶୁକ୍ରବଦ୍ଧକ ବଟିକା ।

ଏହି ଔଷଧ ଶୁକ୍ରମେହ ମୂତ୍ରାଘାତର ଏକମାତ୍ର ମହୌଷଧ, ରୋଗିମାନଙ୍କର ସ୍ୱଳ୍ପକାରଣ ଜନିତ ଶର୍ତ୍ତ୍ୟ ସ୍ଥଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧ୢ ମାତ୍ର ।

# କଲ୍ୟାଣଗୁଡ଼ରସାୟନ ।

( ଦେଶୀୟ ସାଲସା )

ଏସ୍ଥଳେ ଉପଦଂଶ ( ଗରମୀ ) ଓ ତ, ପାରଦ ଦୋଷଜନିତ ଶରୀରରେ ଦାଗ ଓ ଦାଉ ଦାଦ; ଶ୍ୱେତକୁଷ୍ଠ ଓ ଚାରି ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧ୢ ମାତ୍ର ।

ଏକଥରେ ଡଜନେ ନେଲେ ଟ ୪ୢ କମ ଲାଗେ

ଚୌଧୁରୀ ବଜାର } ଶ୍ରୀ ଲକ୍ଷ୍ମୀ ଚର କବିରତ୍ନ
କଟକ } ଅନ୍ନପୂର୍ଣ୍ଣା
ଆୟୁର୍ବେଦୀୟ ଔଷଧାଳୟ ।


Digitized by srujanika@gmail.com

# ଉତ୍କଳ ଦୀପିକା ।

କଲିକତାର ମହାକାଳୀ ପାଠଶାଳା ନାମକ ପ୍ରସିଦ୍ଧ ବାଳିକା ବିଦ୍ୟାଳୟର ଅନୁକରଣରେ ସେହି ନଗରର ଶ୍ୟାମବଜାରରେ ସନାତନଧର୍ମ ପାଠଶାଳା ନାମରେ ଗୋଟିଏ ଅବୈତନିକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଅଛି । ସେହି ବିଦ୍ୟାଳୟର ସାହାଯ୍ୟାର୍ଥେ ବଙ୍ଗ ଏବଂ ଅନ୍ୟାନ୍ୟ ପ୍ରଦେଶର ରାଜା ଜମିଦାର ଏବଂ ଭଦ୍ରଲୋକଙ୍କଠାରୁ ଚାନ୍ଦା ସଂଗୃହୀତ ହେଉଅଛି । ସ୍କୁଲ କମିଟିର ପ୍ରକାଶିତ ଖଣ୍ଡିଏ ତାଲିକାରେ ଦେଖିଲୁଁ ଯେ ମୟୂରଭଞ୍ଜର ମହାରାଜା ଟ ୩୦୦ଙ୍କା ନାଟୋରର ରାଜା ଟ ୧୦୦ ଙ୍କା ନୀଲଗିରି ରାଜା ଟ ୫୦ ଙ୍କା ବାଲେଶ୍ୱରର ବାବୁ ରାଜକୃଷ୍ଣ ଦାସ ଟ ୨୫ ଙ୍କା ରାୟ ହରିବଲ୍ଲଭ ବୋଷ, ବାବୁ ହୀରାଲାଲ ପଣ୍ଡିତ, ବାବୁ ରସିକଦାସ ନାୟକ ଟ ୧୦ ଙ୍କା ଲେଖାଏଁ ଏବଂ କେତେ ଭଦ୍ରଲୋକ ଟ ୫ ଙ୍କା ଲେଖାଏଁ ଦାନ ଦେଇଅଛନ୍ତି । ଏହା ଛଡ଼ା ଅନେକ କେତେ ଲୋକ ତହିଁରୁ ଊଣା ଦେଇଅଛନ୍ତି । ଏଥିରୁ ପ୍ରମାଣ ହେଉଅଛି ଯେ ଜନ୍ମଦେଶ ପ୍ରତି ଏବଂ ସେଠାର ସ୍ତ୍ରୀଶିକ୍ଷା ପ୍ରତି ଉତ୍କଳବାସୀଙ୍କର ସହାନୁଭୂତି ଓ ଉତ୍ସାହର ତ୍ରୁଟି ନାହିଁ । ଏହା ଅବଶ୍ୟ ଆନନ୍ଦର ବିଷୟ ଅଟେ । ଜାତୀୟ ଉତ୍କଳ ସ୍ତ୍ରୀଶିକ୍ଷା ପ୍ରତି ଏମାନଙ୍କର ଅଧିକ ସହାନୁଭୂତି ଓ ଉତ୍ସାହ ଦେଖିବାକୁ ଆମ୍ଭେମାନେ କାମନା କରୁଁ । ଉତ୍କଳର ରାଜଧାନୀ ଏହି କଟକରେ ଏକ ମାତ୍ର ହିନ୍ଦୁବାଳିକା ବିଦ୍ୟାଳୟ ଅର୍ଥାଭାବରେ ମୁମୂର୍ଷାବସ୍ଥାକୁ ପ୍ରାପ୍ତ ହୋଇଅଛି ।

---

ଛୋଟନାଗପୁରର ଗୋଟିଏ ସମ୍ବାଦଦାତା ଷ୍ଟେଟ୍ସମ୍ୟାନ ପତ୍ରକୁ ସମ୍ବାଦ ଦେଇଅଛନ୍ତି ଯେ ପାଦ୍ରୀ ହୁଅଟଲି ନାମକ ଗ୍ରାମର କୁମ୍ଭାରମାନଙ୍କୁ ଧର୍ମ ଶିକ୍ଷାଦେବା ନିମନ୍ତେ ଯାଇଥିଲେ । ତାଙ୍କ ସଙ୍ଗରେ ଜଣେ ଖ୍ରୀଷ୍ଟିୟାନ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଏହି କୁମ୍ଭାରମାନଙ୍କର କୁଟୁମ୍ବ; କୁମ୍ଭାରମାନଙ୍କ ଦଳପତି ମୁଚିରାମ ଏମାନେ କାହିଁକି ଆସିଅଛନ୍ତି ପଚାରନ୍ତେ ତାଙ୍କର ଖ୍ରୀଷ୍ଟିୟାନ କୁମ୍ଭାର ଉତ୍ତର ଦେଲେ ଯେ ସୁସମ୍ବାଦ ଦେବାପାଇଁ । ଏ ସୁସମ୍ବାଦ ଏହା କହି ମୁଚିରାମ ତାଙ୍କର ଖ୍ରୀଷ୍ଟିୟାନ କୁମ୍ଭାର ଭାଇକୁ ଭର୍ତ୍ସନା କଲେ । ପାଦ୍ରୀ ସାହେବ ସମ୍ଭାଳ ନ ପାରି ନାହିଁକି ରଗାଡ଼ି ହେଉଅଛ ? ମନ ଦେଇ ଶୁଣ, କହିବା ମାତ୍ରେ ମୁଚିରାମ କହିଲା ତୁମ୍ଭେମାନେ ଆମ୍ଭମାନଙ୍କର ଜାତି ନଷ୍ଟ କରିବାକୁ ଆସିଅଛ, ଏହା କହି ଜାତିଗତ ଖ୍ରୀଷ୍ଟିୟାନଙ୍କୁ ଗାଳି ଦେଇ ଉତ୍ତମ ମଧ୍ୟମ ପ୍ରୟୋଗ କଲେ । ପାଦ୍ରୀ ସାହେବ ଖ୍ରୀଷ୍ଟିୟାନ ଭାଇଙ୍କ ମୁକ୍ତି ନିମନ୍ତେ ଚେଷ୍ଟା କରିବାରେ ତାଙ୍କ ପ୍ରତି ବହୁ ଜଳିଯୋଗ ପ୍ରୟୋଗ ହୁଅନ୍ତେ ସେ ପଳାୟନର ଚେଷ୍ଟା ପାଇଥିଲେ ମାତ୍ର ମୁଚିରାମ ଓ ଗ୍ରାମବାସିମାନେ ଯୋଗ ଦେବାରେ ସେ ପଳାଇ ପାରିଲେ ନାହିଁ । ଅନେକ ମାଡ଼ ଖାଇ ପାଦ୍ରୀ ସାହେବ ନଷ୍ଟଚେଷ୍ଟ ଭାବରେ ପଡ଼ିଗଲେ ଓ ପରିଶେଷରେ ଡାକବଙ୍ଗଳାକୁ ପ୍ରେରିତ ହୋଇଥିଲେ । ବର୍ତ୍ତମାନ୍ କିଛୁ ସୁସ୍ଥତାକୁ ଲଭୁଅଛନ୍ତି । ବସ୍ତୁତଃ ଏ ଯେ ପାଦ୍ରୀଙ୍କ ପ୍ରତି ଏପରି ଅତ୍ୟାଚାର ଅନେକ ବର୍ଷ ହେବ ଶୁଣା ନ ଥିଲା । ସୁଖର ବିଷୟ ଏତିକି ଯେ ପାଦ୍ରୀ ସାହେବଙ୍କ ବୟସ ୬୭ ବର୍ଷ ହୋଇଥିଲେ ସୁଦ୍ଧା ଆଉ କିଛି ମନ୍ଦ ଫଳ ଘଟି ନାହିଁ । ଆମ୍ଭେମାନେ ଆଶା କରୁଁ ଗ୍ରାମବାସିମାନେ ତାହାଙ୍କ ଏକଯୋଗ ହୋଇ ଧର୍ମଯାଜକ ପ୍ରତି ଅତ୍ୟାଚାର କଲେ ଅବଶ୍ୟ ଦଣ୍ଡ ହେବ ।

---

## ଭାରତବାସିଙ୍କ ଶିଳ୍ପଶିକ୍ଷା ସକାଶେ ସରକାରୀ ବୃତ୍ତି ।

ଗତ ତା ୧୩ ରିଖ ଜାନୁୟାରି କଲିକତା ଗେଜେଟରେ ପ୍ରୋକ୍ତ ବିଷୟରେ ଶିକ୍ଷା ବିଭାଗର ଡାଇରେକ୍ଟରଙ୍କ ଏକ ବିଜ୍ଞାପନ ପ୍ରକାଶ ହୋଇଅଛି । ବିଜ୍ଞାପନର ମର୍ମ ନିମ୍ନେ ପ୍ରଦତ୍ତ ହେଲା ।

ଏତଦ୍ଦେଶୀୟ ବର୍ତ୍ତମାନ୍ ଶିଳ୍ପ ସମୂହର ଯଦ୍ଦ୍ୱାରା ଉନ୍ନତି ହେବ ଓ ଯେଉଁ ସ୍ଥଳରେ ନୂତନ ଶିଳ୍ପ ଉଦ୍ଭାବିତ ହୋଇପାରେ ଏହି ଉଦ୍ଦେଶ୍ୟରେ ଭାରତ ଗବର୍ଣ୍ଣମେଣ୍ଟ ସମ୍ପ୍ରତି ପରୀକ୍ଷା ସ୍ୱରୂପ କେତେକ ସରକାରୀ ବୃତ୍ତି ଶିଳ୍ପ ସମ୍ବନ୍ଧ ଓ ଉପଯୁକ୍ତ ଭାରତବାସିମାନଙ୍କୁ ଦେବାକୁ ପ୍ରସ୍ତୁତ ହୋଇଅଛନ୍ତି । ବୃତ୍ତିର ମୂଲ୍ୟ ବର୍ଷକୁ ଦେଢ଼ଶତ ପାଉଣ୍ଡ ଓ ଏତଦ୍ବ୍ୟତୀତ ପାଥେୟ ଓ ବିଦ୍ୟାଳୟର ବେତନ ମିଳିବ । ଗ୍ରେଟବ୍ରିଟେନ, ଇଉରୋପ ଅବା ଆମେରିକାରେ ଶିଳ୍ପ ଶିକ୍ଷା କରିବାକୁ ହେବ । ଆଇନ, ଚିକିତ୍ସା, ବନ ବିଭାଗର କାର୍ଯ୍ୟ, ପଶୁଚିକିତ୍ସା ବିଦ୍ୟା, କୃଷି ଓ ଇଞ୍ଜିନିୟରିଂ ପ୍ରଭୃତି ଶିକ୍ଷାକୁ ବାଦ ଯିବ ମାତ୍ର ପ୍ରଧାନତଃ ବଙ୍ଗପ୍ରଦେଶର ଖଣିଜ ଦ୍ରବ୍ୟ ବିଷୟକ ଶିକ୍ଷାର ଉତ୍ସାହ ନିମନ୍ତେ ଏହି ବୃତ୍ତି ପ୍ରଥମେ ପ୍ରୟୋଗ କରାଯିବ ଓ ଯେଉଁ ଶିଳ୍ପଶିକ୍ଷା କରି ପରୀକ୍ଷାର୍ଥୀ ସ୍ୱଦେଶକୁ ଫେରି ଆସି ସେଥିରେ ବିଶେଷ ବୃଦ୍ଧିର ଦେଶୀ ଉନ୍ନତିର ସୁଯୋଗ ପାଇବେ ଏପ୍ରକାର ଶିଳ୍ପଶିକ୍ଷା ନିମନ୍ତେ ମଧ୍ୟ ବୃତ୍ତି ଦାନର ବ୍ୟବସ୍ଥା ହୋଇ ପାରେ । ଭାରତବାସୀ ବ୍ୟତୀତ ଅନ୍ୟ କେହି ବୃତ୍ତି ପାଇବ ନାହିଁ । ଯାହାର ବିଦ୍ୟା ବୁଦ୍ଧି ଭଲ ଥିବ, ଯାହାର ଶିଳ୍ପଶିକ୍ଷାକୁ ଆଗ୍ରହ ଥିବ ଓ ଯେଉଁ ଲୋକ ଭାରତକୁ ଫେରି ଆସି ଶିଳ୍ପଶିକ୍ଷାର ଅନୁଶୀଳନରେ ପ୍ରବୃତ୍ତ ହେବ ଏରୂପ ପ୍ରାର୍ଥୀମାନେ ବୃତ୍ତି ପାଇବାର ଅଧିକାରୀ ହୋଇ ପାରନ୍ତି । ବୟସ ସମ୍ବନ୍ଧରେ କୌଣସି ସୀମା ନାହିଁ । ଆବେଦନ ଦେଶୀୟ ଶାସକଙ୍କ, ସ୍ୱାସ୍ଥ୍ୟ ଓ କର୍ମପଟୁତା ସମ୍ବନ୍ଧରେ ସାର୍ଟିଫିକେଟ ଦେବାକୁ ହେବ । ଶିକ୍ଷା ସମାପ୍ତ କରି ଫେରି ଆସିଲେ କୌଣସି ପଦ ସରକାରୀ ଚାକରି କରିବାକୁ ବାଧ୍ୟ ହେବ ନାହିଁ । ତାହାର ଇଚ୍ଛାନୁସାରେ ସେ କାର୍ଯ୍ୟ କରିବ । ଆବଶ୍ୟକ ହେଲେ ସେ ଶିଳ୍ପବିଦ୍ୟାଳୟର ଶିକ୍ଷକ ହୋଇ ପାରେ । ବୃତ୍ତିପ୍ରାର୍ଥୀମାନେ ବିଶ୍ୱବିଦ୍ୟାଳୟର ଡାଇରେକ୍ଟରଙ୍କ ନିକଟକୁ ଆଗାମୀ ମାର୍ଚ୍ଚମାସ ତା ୧ ରିଖ ପର୍ଯ୍ୟନ୍ତ ଦରଖାସ୍ତ ପଠାଇ ପାରନ୍ତି । ଦରଖାସ୍ତରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଶିକ୍ଷା ସମାପିତ କରି ଭାରତକୁ ଫେରି ଆସି କ'ଣ କରିବାକୁ ହେବ ତହିଁର ଉଲ୍ଲେଖ ରହିବ ।

---

## ବଙ୍ଗ—ଭୂମି ପରିବର୍ତ୍ତନ ।

ଏ ସମ୍ବନ୍ଧରେ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କର ଖଣ୍ଡିଏ ପତ୍ର ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଉତ୍ତର ସମ୍ପ୍ରତି ପ୍ରକାଶିତ ହୋଇଅଛି । ପୂର୍ବବଙ୍ଗ ଆସାମକୁ ବଦଳ ହେବା ପ୍ରସଙ୍ଗରେ କେତେ ଲୋକଙ୍କ ସହିତ କଥୋପକଥନ କରି ବଙ୍ଗେଶ୍ୱର ବୁଝିଅଛନ୍ତି ଯେ ପୂର୍ବ ବଙ୍ଗୀୟ ଲୋକଙ୍କର ଏହିପରି ଧାରଣା ହୋଇଅଛି କି ସେ ଜିଲ୍ଲା ସମସ୍ତରେ ପ୍ରଚଳିତ ଥିବା ଆଇନ କାନୁନ ସବୁ ବଦଳିଯାଇ ଆସାମର ଶାସନ ନୀତି ପ୍ରଚଳିତ ହେବ ଏବଂ ସେମାନଙ୍କର ସତ୍ତ୍ୱାଧିକାର ଆସାମର ଅଧୀନ ହେବ ମାତ୍ରେ ବଙ୍ଗେଶ୍ୱର ଜାଣନ୍ତି ଯେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ତାହା ନୁହେ ମାତ୍ର ସେ ଯେତେ ବୁଝାଇଲେ ଲୋକେ ବୁଝୁନାହାନ୍ତି । ଅତଏବ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ତାହା ସ୍ପଷ୍ଟ କରି ବୁଝାଇଦେଲେ ଭଲ ହେବ । ଏହି ପତ୍ର ଉତ୍ତରରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବୁଝାଇ ଦେଇଅଛନ୍ତି କି ହାଇକୋର୍ଟର ଅଧିକାର ପୂର୍ବାପର ରହିବାର ପୂର୍ବ ପତ୍ରରେ ସ୍ପଷ୍ଟ ଲେଖି ଦେଇଅଛନ୍ତି ଏବଂ ଆଇନ କାନୁନ ଯାହା ପ୍ରଚଳିତ ଅଛି ତାହା ସ୍ଥିର ରହିବ ସେ ବିଷୟ ବୋଲିବା ବାହୁଲ୍ୟ । କାରଣ ଯେଉଁ ଅଧିକାର ବଳରେ ଗବର୍ଣ୍ଣମେଣ୍ଟ ଏଲାକା ଫେରି ବଦଳ କରିବେ ତହିଁରେ ଆଇନ ଫେର ବଦଳ କରିବାର ସ୍ପଷ୍ଟ ନିଷେଧ ଅଛି । କେବଳ ଶାସନ କାର୍ଯ୍ୟର ସୁବିଧା ନିମନ୍ତେ ସୀମା ପରିବର୍ତ୍ତନ ଆବଶ୍ୟକ ହୋଇଅଛି ଏବଂ ଅନ୍ୟ କିଛି କଥା ନାହିଁ । ସୀମା ପରିବର୍ତ୍ତନ ହେଲେ ନୂତନ ଶାସନର ନାମ ଆସାମ ପ୍ରଦେଶ ହେବ ଏମନ୍ତ ନୁହେ । ବାସ୍ତବରେ ପୂର୍ବ ପ୍ରଦେଶ ବା ପୂର୍ବ ଉତ୍ତର ପ୍ରଦେଶ ବା ଏହିପରି ଅନ୍ୟ ଗୋଟିଏ ନାମ ହେବ ଏବଂ ତହିଁର ରାଜଧାନୀ ସିଲଙ୍ଗରେ

Digitized by srujanika@gmail.com

Split by PDF Splitter



ରହିବ ଏପରି ମଧ୍ୟ କଳ୍ପନା ନାହିଁ । ନୂତନ ପ୍ରଦେଶର ରାଜଧାନୀ ଚଟ୍ଟଗ୍ରାମ ବା ଢାକାରେ ହେବ ଏବଂ ଯେମନ୍ତ ଦାର୍ଜିଲିଂ ବଙ୍ଗର ଗ୍ରୀଷ୍ମକାଳର ରାଜଧାନୀ ସେହିପରି ସିଲଙ୍ଗ ନୂତନ ପ୍ରଦେଶର ଗ୍ରୀଷ୍ମକାଳର ରାଜଧାନୀ ବା ସ୍ୱାସ୍ଥ୍ୟ ସ୍ଥାନ ହୋଇଯିବ । ଯେ ସମସ୍ତ ସ୍ଥାନ ବଙ୍ଗଳାରୁ ଖାରଜ କରିବାକୁ ଗବର୍ଣ୍ଣମେଣ୍ଟ ମନସ୍ଥ କରିଅଛନ୍ତି ସେ ସମସ୍ତ ସ୍ଥାନର ମହତ୍ତ୍ୱ କୌଣସି ମତେ ଲାଘବ କରିବା, ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ନୁହେ । ବାସ୍ତବ ଶାସନକର୍ତ୍ତାଙ୍କର ଅଧିକ ମନୋଯୋଗ ଦାନର ସୁବିଧା ନିମନ୍ତେ ଏ କଥା ଉଦୟ ହୋଇଅଛି ଏବଂ ତଦ୍ୱାରା ସେ ସମସ୍ତ ସ୍ଥାନର ମହତ୍ତ୍ୱ ଆହୁରି ବଢ଼ିବ ।

ଉପରଲିଖିତ ଉତ୍ତରରେ ଅନେକ ଭ୍ରମ ଦୂରୀଭୂତ ହୋଇଅଛି ଏବଂ ଅକାରଣ ସଂଶୟ କଟିଯାଇଅଛି ବୋଲିବାକୁ ହେବ । ଢାକାର ଗୌରବ କୌଣସିମତେ ଖର୍ବ ନ ହୋଇ ବରଂ ବଢ଼ିବାର କଥା । ମାତ୍ର ଢାକାବାସୀମାନେ ଏଥିରେ ସନ୍ତୁଷ୍ଟ ହେବେ କି ନାହିଁ ଅନୁମାନରେ ଜଣା ପଡ଼ିବ । ଫଳତଃ ଗବର୍ଣ୍ଣମେଣ୍ଟଙ୍କର ସୁବିଚାରରେ ତ୍ରୁଟି ହେବାର ନ୍ୟାଯ୍ୟ ସଙ୍ଗତ କାରଣ କିଛି ଜଣାଯାଉ ନାହିଁ ।

---

## ରୁଷ ଓ ଜାପାନ ।

ରୁଷ ଓ ଜାପାନ ଉଭୟ ପକ୍ଷରେ ଯୁଦ୍ଧର ଆୟୋଜନ ବହୁ ଦିବସାବଧି ଲାଗିଅଛି । ମାତ୍ର ଉଦ୍ୟୋଗପର୍ବ ଏ ପର୍ଯ୍ୟନ୍ତ ଶେଷ ହୋଇ ନାହିଁ ପରସ୍ପର ମଧ୍ୟରେ ସନ୍ଧି ହେବ ଏ ପ୍ରସ୍ତାବ ମଧ୍ୟ ଶୁଣା ଯାଉଅଛି ମାତ୍ର ପରସ୍ପର ଆପଣାର ଦାବି ଯେତେବେଳେ କେହି ପରିତ୍ୟାଗ କରିବାକୁ ଇଚ୍ଛା କରୁ ନାହାନ୍ତି ସେତେବେଳେ ଉଦ୍ୟୋଗପର୍ବ ଉପରେ ଯେ ଶାନ୍ତିପର୍ବ ଉପସ୍ଥିତ ହେବ ଏପରି ଆଶା ହେଉ ନାହିଁ । ଅନ୍ୟପକ୍ଷରେ ଯୁଦ୍ଧ ଲାଗିବାର ଅଧିକ ସମ୍ଭାବନା ଦେଖା ଯାଉଅଛି । ଯୁଦ୍ଧ ଲାଗିଲେ ଭୟଙ୍କର କାଣ୍ଡ ଉପସ୍ଥିତ ହେବ ଏବଂ ଏଥିରେ ଭୂମଣ୍ଡଳର କେତେ ମନୁଷ୍ୟ ତରବ-ଦାପ୍ୟ ଗ୍ରହଣ କରିବେ, ଏହା ଭାବିଲେ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଅଛି । ଅସ୍ଥି ଚର୍ମ ଶରୀରଧାରୀ ମନୁଷ୍ୟ କି ନ କରିପାରେ ? ସଂସାର ମାୟାରେ ବିମୋହିତ ହୋଇ, ହିତାହିତ ଜ୍ଞାନଶୂନ୍ୟ ହୋଇ ସ୍ୱାର୍ଥଦ୍ୱାରା ଚାଳିତ ହୋଇ, ସ୍ୱଶରୀର ପ୍ରତି ଆହେରୀ ଆସ୍ଥା ନ ରଖି ମନୁଷ୍ୟ ଅନ୍ଧ ସ୍ୱରୂପରେ କାର୍ଯ୍ୟ କରିବାକୁ କ୍ଷଣମାତ୍ର କୁଣ୍ଠିତ ହୁଏ ନାହିଁ । ଏହା ଏକ ଅପୂର୍ବ ସଂସାର ଲୀଳା ।

ଯୁଦ୍ଧ ଲାଗିଲା ପ୍ରାୟ । ରୁଷ ଯେଉଁ ପ୍ରସ୍ତାବମାନ ଅଗତ କରିଅଛନ୍ତି ଜାପାନ ସେ ସବୁରେ ସ୍ୱୀକୃତ ନୁହନ୍ତି ଓ ଜାପାନ ତଦ୍ବିରୁଦ୍ଧ ପ୍ରସ୍ତାବ ଅଗତ କରୁଅଛନ୍ତି । ଏଥିରେ ସନ୍ଧିର ଆଶା ଆଉ କାହିଁ ? ତଥାପି ଆଶା ପରିତ୍ୟାଗ କରିବା ଉଚିତ ନୁହେ । ଯେତେକ୍ଷଣ ପର୍ଯ୍ୟନ୍ତ ଯୁଦ୍ଧ ଲାଗି ନାହିଁ ଆଶା ରହିଅଛି । ଆଶା ଏ ସଂସାରରେ କାହାରିକୁ ଛାଡ଼େ ନାହିଁ । ମୃତ ପ୍ରାୟ ଶିଶୁର ଜୀବନ ପୁନଃ ପ୍ରଦାନ ହେବ ଏହା ମାତା ଆଶା କରେ । ବର୍ତ୍ତମାନ ଯୁଦ୍ଧର ପ୍ରସଙ୍ଗ ଚାଲିଅଛି, କାର୍ଯ୍ୟରେ ପରିଣତ ହୋଇ ନାହିଁ, ଏତେବେଳେ ଶାନ୍ତିର ଅସ୍ଫୁଟବାଣୀ ଶ୍ରୁତିଗୋଚର ହେଉଥିଲେ ମଧ୍ୟ, ଏହି ଆଶ୍ୱାସ ବାଣୀ କାର୍ଯ୍ୟରେ ପରିଣତ ହେବାର ଆଶା କରିବା ବୃଥା କହିବାକୁ ହେବ ନାହିଁ । ଅତଏବ ଆଶାର ଆଶ୍ୱାସରେ ପୃଥିବୀରେ ଅନ୍ୟ ସବୁ ବଳମାନେ ସ୍ଥିର ହୋଇ ହେଉଣି ଆଡ଼କୁ ଇଜବାର ପ୍ରକାଶ ପାଇ ନାହିଁ । ବର୍ତ୍ତମାନ ପାଠକେ ଯୁଦ୍ଧର ନାମ ବହୁ ଦିବସ ହେବ ଆପଣମାନଙ୍କର କର୍ଣ୍ଣଗୋଚର ହେଲାଣି ମାତ୍ର ଯୁଦ୍ଧର କାରଣ କିଛି ବୁଝିଅଛନ୍ତି କି ? ପୂର୍ବରେ କହିଅଛୁଁ ଯେ ମନୁଷ୍ୟ ସ୍ୱାର୍ଥରେ ଅନ୍ଧ ହୋଇ କାର୍ଯ୍ୟ କରେ । ବର୍ତ୍ତମାନ ଫଳରେ ବୁଝିବେ ଏ ଯୁଦ୍ଧ ଲାଗିବାର କାରଣ ଅନ୍ୟ କିଛି ନୁହେ ।

ଯୁଦ୍ଧର କାରଣ କୋରିୟା ରାଜ୍ୟ । କୋରିୟା ଗୋଟିଏ ଉପଦ୍ୱୀପ, କୋରିୟାର ଉତ୍ତରରେ ରୁଷର ଅଧିକୃତ ସାଇବେରିଆ ଓ ତତ୍ସଂଲଗ୍ନ ନବାଧିକୃତ ମାଞ୍ଚୁରିୟା ଓ ପୂର୍ବରେ ଜାପାନ । ରୁଷିୟା ଅତି ପ୍ରକାଣ୍ଡ ରାଜ୍ୟ ହୋଇଥିଲେ ମଧ୍ୟ ଏହାଙ୍କର ସମୁଦ୍ରରେ ଭଲ ଅଧିକାର ନାହିଁ । ଯେଉଁ ବଳ ସମୁଦ୍ରଯୁଦ୍ଧରେ ଅପାରଗ, ତାହାର ଉନ୍ନତିର ଆଶା ଅତି ଅଳ୍ପ । ରୁଷିୟାର ଉତ୍ତରରେ ଉତ୍ତର ମହାସାଗର କିନ୍ତୁ ଏ ମହାସାଗରର ଜଳ ଶୀତରେ ଜମି ବରଫ ହୋଇଯାଏ, ଉତ୍ତର ପଶ୍ଚିମରେ ବଲ୍ଟିକ ଉପସାଗର ମାତ୍ର ଏହାର ମୁହଁଟି ଅନ୍ୟ ରାଜ୍ୟର ଅନ୍ତର୍ଗତ । ଦକ୍ଷିଣରେ ସେହିପରି କୃଷ୍ଣସାଗର ଓ ପାରସ୍ୟ ଉପସାଗର ଭୂଭାଗର ଅନ୍ତର୍ଗତ । ବର୍ତ୍ତମାନ କେବଳ ପୂର୍ବ ଦିଗରେ ମହା ସମୁଦ୍ର ପ୍ରଶାନ୍ତ । ଏହି ମହାସାଗରତଟେ ରୁଷିୟା ରଣତରୀ ରଖିବାକୁ ଇଚ୍ଛା କରେ । ଏହି ମହାସାଗରର କୂଳରେ ଭ୍ଲାଡିଭୋଷ୍ଟକ ନାମକ ଗୋଟିଏ ବନ୍ଦର ଅଛି । ରୁଷିୟା ସେହି ବନ୍ଦର ପର୍ଯ୍ୟନ୍ତ ରେଲ ପଥ ନିର୍ମାଣ କରିଅଛନ୍ତି କିନ୍ତୁ ଏହା ମଧ୍ୟ ଭଲ ବନ୍ଦର ନୁହେ, ଶୀତକାଳରେ ଏହାର ସମ୍ମୁଖସ୍ଥ ସମୁଦ୍ର ଜଳ ଜମି ବରଫ ହୁଏ । ରୁଷ ସେଥିପାଇଁ ଅନ୍ୟ ବନ୍ଦର ଦଖଲ କରିବା ସକାଶେ ଅଭିଳାଷୀ । ବର୍ତ୍ତମାନ କୋରିୟା ଓ ମାଞ୍ଚୁରିୟା ଦୁଇଗୋଟି ଭଲ ବନ୍ଦର, ମାଞ୍ଚୁରିୟା ଚୀନର ଅନ୍ତର୍ଗତ । ଜାପାନ ବୁଝିମାନ୍ ସ୍ୱତନ୍ତ୍ର କୋରିୟା ଚୀନର ଅନ୍ତର୍ଗତ ରହିଲେ ତାଲେ ରୁଷିୟା କୋରିୟାକୁ ଚୀନଠାରୁ କାଢ଼ିନେବ ସେହି କାରଣରୁ ଜାପାନ ଚୀନସହିତରେ ଯୁଦ୍ଧ କରି କୋରିୟାକୁ ଚୀନରୁ ବାହାର କରି ନେଲେ ମାତ୍ର କୋରିୟାକୁ ଅଧୀନରେ ରଖିବାକୁ ଦେଲେ ଅନ୍ୟ ବଳମାନେ ବିବାଦ କରିବେ ସେହି କାରଣରୁ ତାଙ୍କୁ ସ୍ୱାଧୀନ କରିଦେଲେ । କୋରିୟା ବର୍ତ୍ତମାନ ସ୍ୱାଧୀନ । କୋରିୟାର ପଶ୍ଚିମରେ ଚୀନର ପୋର୍ଟଆର୍ଥରନାମକ ଏକ ବନ୍ଦର । ଚୀନ ଜାପାନ ଯୁଦ୍ଧରେ ଜାପାନ ଏହି ବନ୍ଦରକୁ ହସ୍ତଗତ କରିଥିଲା ସତ୍ୟ କିନ୍ତୁ ଅନ୍ୟ ବଳ ଜର୍ମାନି ଓ ଫ୍ରାନ୍ସ ରୁଷ ସହିତରେ ଯୋଗ ଦେବାରୁ ଏ ବନ୍ଦରକୁ ଜାପାନ ଛାଡ଼ିଦିଅନ୍ତେ ରୁଷ ଅଧିକାର କରି ନେଇଅଛି । ରୁଷ ଏହି ବନ୍ଦର ପ୍ରାପ୍ତ ହୋଇ ଭ୍ଲାଡିଭୋଷ୍ଟକର ଦକ୍ଷିଣରେ ରେଲବାଟ ପୋର୍ଟଆର୍ଥର ପର୍ଯ୍ୟନ୍ତ ବିସ୍ତାରି କରିଅଛନ୍ତି । ଏହି ଉଭୟ ବନ୍ଦର ମଧ୍ୟସ୍ଥଳରେ ମାଞ୍ଚୁରିୟାର ଅବସ୍ଥାନ । ଚୀନ ଇଉରୋପୀୟ ବଳମାନଙ୍କ ସହିତରେ ଯେଉଁ ଯୁଦ୍ଧ ଘଟାଇଥିଲେ ସେଥିରେ ତାଙ୍କୁ ଅନେକ ସ୍ଥାନ ଦେବାକୁ ହୋଇଥିଲା । ସନ୍ଧିପତ୍ରରେ ଅବଶ୍ୟ ହୋଇ ଇଉରୋପୀୟ ବଳମାନେ ଅଧିକୃତ ଦେଶସବୁ କ୍ରମେ ପରିତ୍ୟାଗ କଲେ ମାତ୍ର ରୁଷ ମାଞ୍ଚୁରିୟା ପରିତ୍ୟାଗ କଲେ ନାହିଁ । ରୁଷିୟା ମାଞ୍ଚୁରିୟାର ନାନା ସ୍ଥାନରେ ଗୋଲନ୍ଦାଜ ନିର୍ମାଣ କରିଅଛନ୍ତି ଓ ସ୍ଥଳପଥରେ ଓ ଜଳପଥରେ ଅନେକ ସୈନ୍ୟ ଆଣିଲେଣି । ରୁଷିୟାର ଲୋଭ ଛାଡ଼ୁ ନାହିଁ ଏବଂ ବେଳକୁବେଳ ବଢୁଅଛି । ଏପ୍ରକାର ସ୍ଥଳରେ ଜାପାନ ଉନ୍ନତିଶୀଳ ରାଜ୍ୟ ହୋଇ ନିଶ୍ଚେଷ୍ଟ ଭାବରେ ରହିବ ଏହା ଅଧାର ବହିର୍ଭୂତ କଥା । ସୁତରାଂ ଜାପାନ କୋରିୟା ରାଜ୍ୟ ନିମନ୍ତେ ନିତାନ୍ତ ବ୍ୟସ୍ତ । ଉତ୍ତରରେ ଭ୍ଲାଡିଭୋଷ୍ଟକ ଦକ୍ଷିଣରେ ପୋର୍ଟଅର୍ଥର ମଧ୍ୟସ୍ଥଳରେ କୋରିୟା ରାଜ୍ୟ । ରୁଷ କୋରିୟା ରାଜ୍ୟ ଅଧିକାର କଲେ ପ୍ରଶାନ୍ତ ଉପସାଗରର ମାଲିକ ହେବେ । ଜାପାନ କି ତାହା ସହିବ ? ରୁଷ କୋରିୟା ରାଜ୍ୟରୁ ଅଧିକାର କରିବା ନିମନ୍ତେ ଲୋଭରତ । ସୁତରାଂ ଯୁଦ୍ଧର କାରଣ ଯାହା ଘଟିଅଛି ତାହା ଶୀଘ୍ର ଅପସାରିତ ହେବ, ଆଶା ହେଉ ନାହିଁ ।

---

## ପୁସ୍ତକପ୍ରାପ୍ତି ସ୍ୱୀକାର ।

ସଦୁକ୍ତି ସଂଗ୍ରହ ।—ପଣ୍ଡିତ ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ କର୍ତ୍ତୃକ ସଙ୍କଳିତ ଓ ପ୍ରକାଶିତ । ଏଥିରେ କେତେଗୁଡ଼ିଏ ଉପଦେଶ ଗର୍ଭିତ ଶ୍ଳୋକ ତଥା ପ୍ରକାଶିତ ହୋଇଅଛି । ପୁସ୍ତକ ଖଣ୍ଡି ଅତି କ୍ଷୁଦ୍ର ଏବଂ ତଦନ୍ତର୍ଗତ ସଦୁକ୍ତିର ସଂଖ୍ୟା ମଧ୍ୟ ଅତି ଅଳ୍ପ । ପଣ୍ଡିତ ମହାଶୟ ବାଛି ଉକ୍ତିମାନ ସଂଗ୍ରହ କରିବାରେ କିଛି କରି ନାହାନ୍ତି ମାତ୍ର ଛାତ୍ର ପ୍ରତି ଅଧିକ ଦୃଷ୍ଟି ରଖିବା

Digitized by srujanika@gmail.com

ଉଚିତ ଥିଲା । ଉଦାହରଣ ସ୍ୱରୂପ ଗୋଟିଏ ଉଦ୍ଧୃତ କରୁଅଛୁଁ ଯଥା—"ଅନ୍ୟ ପ୍ରତି ଯେପରି ବ୍ୟବହାର କର, ତୁମ୍ଭେ ତାହାଠାରୁ ସେପରି ବ୍ୟବହାର ପ୍ରତ୍ୟାଶା କର" ।

ପ୍ରବାଦପୁଷ୍ପାଞ୍ଜଳି ।—ପଣ୍ଡିତ ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ କର୍ତ୍ତୃକ ସଂଗୃହୀତ ଓ ପ୍ରକାଶିତ । ଏ ପୁସ୍ତକରେ ଓଡ଼ିଶାର ପ୍ରଚଳିତ ଢେଗେଢ଼ ଗୁଡ଼ିକ ଏକତ୍ରୀକୃତ ହୋଇ ଛପା ହୋଇଅଛି ଏବଂ ତହିଁ ମଧ୍ୟରେ ଅନେକ ବଙ୍ଗଳା ଏବଂ ହିନ୍ଦୀ ଭାଷାର ପ୍ରଚଳିତ କଥା ମଧ୍ୟ ଅଛି । ତଗ୍ରନ୍ଥନାକ ବାଛିବାରେ ପଣ୍ଡିତ ମହାଶୟ ଯତ୍ନ କରିଅଛନ୍ତି ମାତ୍ର ଅନେକ ସ୍ଥାନରେ ଠିକ କଥା ଉଠାଇ ପାରି ନାହାନ୍ତି । ଯଥା;—ମୁଦେଇ ମୁହାଁ ଗଜ କନ୍ୟା ହରଗା ନାକି' କୁ ପଣ୍ଡିତ ମହାଶୟ ଲେଖି ଅଛନ୍ତି 'ଆପଣା ମନରଜି, କସ ହରବ ନାକି' । ପୁଣି 'କୁଳକନ୍ୟା କାଳୀ କୁହେ ତୀର୍ଥ ପାଣି ଗୋଳ କୁହେ' କୁ ପଣ୍ଡିତ ମହାଶୟ ଲେଖିଅଛନ୍ତି 'କୁଳକନ୍ୟା କାଳୀ, ତୀର୍ଥ ପାଣି ଗୋଳ । ଇତ୍ୟାଦି ।

କବିତା ମାଳିକା ।—ଶ୍ରୀଜଗନ୍ନାଥ ତ୍ରିପାଠି କର୍ତ୍ତୃକ ପ୍ରଣୀତ । ଲେଖକ ଜଣେ ରେଭେନସା କଲେଜର ଛାତ୍ର । ଏଥିରେ ନାନା ବିଷୟକ କବିତା ସନ୍ନିବେଷ୍ଟ ହୋଇଅଛି ଏବଂ କବିତା ଗୁଡ଼ିକ ଉତ୍ତମ ହୋଇଅଛି । ତାହା ପାଠ କରି ଅମ୍ଭେମାନେ ପ୍ରୀତ ହୋଇଥିବାର ସ୍ୱୀକାର କରୁଅଛୁଁ । ସ୍ଥାନେ ସ୍ଥାନେ ପ୍ରକୃତ କବିତାର ଆଭାସ ଅଛି ଏବଂ ଲେଖକ ଚେଷ୍ଟା କଲେ ଭଲ କବିତା ଲେଖି ପାରିବେ ଏଥିରେ ସନ୍ଦେହ ନାହିଁ । କିନ୍ତୁ ପଠନାବସ୍ଥାରେ କବିତା ଲେଖିବାର ଅମ୍ଭେମାନେ ପକ୍ଷପାତୀ ନୋହୁଁ କାରଣ ତଦ୍ୱାରା ପାଠରେ ଶିଥିଳତା ଜାତ ହୋଇ ଭବିଷ୍ୟତ ଅନିଷ୍ଟ ଜନ୍ମେ ।

ଭୁବନେଶ୍ୱର ।—ଶ୍ରୀଶ୍ୟାମସୁନ୍ଦର ଦାସ ପ୍ରଣୀତ । ଏଥିରେ ଛଅଗୋଟି ଛାନ୍ଦ ଅଛି । ପ୍ରଥମ ଛାନ୍ଦରେ ଏକାମ୍ର କାନନର ବର୍ଣ୍ଣନା, ଦ୍ୱିତୀୟ ଛାନ୍ଦରେ ଶିବଙ୍କର ଏକାମ୍ର କାନନରେ ପ୍ରବେଶ, ତୃତୀୟ ଛାନ୍ଦରେ ରାସ କଳ୍ପନା, ଚତୁର୍ଥରେ ଶିବ ରାସ ଲୀଳା, ପଞ୍ଚମରେ ଦେଉଳତୋଳା ଓ ରଥଯାତ୍ରା ଏବଂ ଷଷ୍ଠ ଛାନ୍ଦରେ ଦର୍ଶନଙ୍କୁ ଭୁବନେଶ୍ୱର ଦର୍ଶନୀୟ ବିଷୟର ବିଜ୍ଞାପନ ଅତି ସୁନ୍ଦର ଭାବ-ରେ ଦିଆଯାଇଅଛି । ଅମ୍ଭେମାନେ ଏ ପୁସ୍ତକ ପାଠ କରି ଯଥେଷ୍ଟ ଆନନ୍ଦ ଲାଭ କରିଅଛୁଁ ଏବଂ ଭୁବନେଶ୍ୱର ଦେଉଳର ପୂର୍ବତନ ପରୀକ୍ଷା ଜଗବନ୍ଧୁ ସାନ୍ତରାଙ୍କ ବଂଶଧରଙ୍କଦ୍ୱାରା ଏ ପୁସ୍ତକ ପ୍ରଣୀତ ହେବା ଅଧିକ ସୁଖକର । ଲେଖକଙ୍କର କବିତା ଲେଖିବା କ୍ଷମତାର ଏଥି-ରେ ଯଥେଷ୍ଟ ପରିଚୟ ମିଳୁଅଛି ଏବଂ ଅଭ୍ୟାସ ରକ୍ଷିଲେ କାଳେ ସୁକବି ହୋଇ ପାରିବେ ଏହା ଅମ୍ଭମାନଙ୍କର ବିଶ୍ୱାସ । ଭୁବନେଶ୍ୱର ଦେଉଳ ବର୍ତ୍ତମାନ ପୃଥିବୀରେ ଖ୍ୟାତି ଲଭିଅଛି ଏବଂ ଉତ୍କଳ ଭାଷାରେ ତହିଁର ଘଟନାବଳି ଲିପିବଦ୍ଧ ହେବା ଏକାନ୍ତ ଉଚିତ । ଏଣୁ ଲେଖକ ଉତ୍ସାହ ପାଇବାର ଉପଯୁକ୍ତ ପାତ୍ର ।

ଗୀରଭକ୍ତଦୀପିକା ।—ଶ୍ରୀବାଲକୃଷ୍ଣ ଦାସ କବି-ରାଜଙ୍କଦ୍ୱାରା ପ୍ରକାଶିତ । ବୈଷ୍ଣବମଣ୍ଡଳରେ ଏ ଗ୍ରନ୍ଥ ବିଶେଷ ପରିଚିତ ଏବଂ ବୈଷ୍ଣବମାନଙ୍କର ଏହା ଉପାଦେୟ ଗ୍ରନ୍ଥ ଅଟେ । ପ୍ରକାଶକ ବଙ୍ଗଳା ତଥା ଗୁଡ଼ିକ ଅବିକଳ ଓଡ଼ିଆ ଅକ୍ଷରରେ ପ୍ରକାଶ କରିଅଛନ୍ତି । ମୂଲ୍ୟ ଦୁଇଅଣା ମାତ୍ର ।

ଶ୍ରୀଶ୍ରୀମଚ୍ଚୈତନ୍ୟଗୀତା ।— ଶ୍ରୀ ସୀତାନାଥ ବଟବ୍ୟାଲଙ୍କ କର୍ତ୍ତୃକ ପ୍ରକାଶିତ ବଙ୍ଗଳା ଗ୍ରନ୍ଥରୁ ଶ୍ରୀଯୋଗେଶଚନ୍ଦ୍ର ଘୋଷଙ୍କଦ୍ୱାରା ଉତ୍କଳ ଅକ୍ଷର-ରେ ପ୍ରକାଶିତ । ଏ ଖଣ୍ଡିକ ମଧ୍ୟ ବୈଷ୍ଣବ ମଣ୍ଡ-ଳୀର ପରିଚିତ ଗ୍ରନ୍ଥ ଅଟେ । ପୁସ୍ତକର ମୂଲ୍ୟ ତିନଅଣା ମାତ୍ର ।

କାଳୀଦାସ ସୂକ୍ତୟଃ ।—ଶ୍ରୀଯୁକ୍ତ ରାୟ ରାଧା-ନାଥ ରାୟ ବାହାଦୁରଙ୍କଦ୍ୱାରା ପ୍ରକାଶିତ । ଏଥିରେ ମହାକବି କାଳିଦାସଙ୍କ ବିରଚିତ ରଘୁବଂଶ, କୁମାର ସମ୍ଭବ, ମେଘ ଦୂତ, ମାଳବିକାଗ୍ନିମିତ୍ର, ବିକ୍ରମୋର୍ବଶୀ ଏବଂ ଅଭିଜ୍ଞାନ ଶକୁନ୍ତଳାର ଭଲ ଭଲ ଉକ୍ତିମାନ ସଂସ୍କୃତାକ୍ଷରରେ ଉଦ୍ଧୃତ ହୋଇ ତହିଁର ଇଂରାଜୀ ଏବଂ ବଙ୍ଗଳା ଅନୁବାଦ ସନ୍ନିବେଷ୍ଟ ହୋଇଅଛି । କାଳିଦାସଙ୍କ କଥା ଗୁଡ଼ିକ ଅମୃତ ସମାନ ଏବଂ ତହିଁରୁ ପ୍ରକାଶକ ଯେଉଁ ଯେଉଁ ଅଂଶ ବାଛି ଅଛନ୍ତି ତାହା ହେବ ଦୁର୍ଲଭ ଅଟେ । ଇଂରାଜୀ ଏବଂ ବଙ୍ଗଳା ଅନୁବାଦ ମଧ୍ୟ ଅତି ସୁନ୍ଦର ହୋଇଅଛି । ଏହା ଯେଉଁ ପ୍ରଭୃତି ଦେଶରେ ଯେତେ ବ୍ୟବହୃତ ହେବ ସେତେ ସଂସ୍କୃତ ଭାଷା ଏବଂ ଭାରତୀୟଙ୍କ ପ୍ରତି ସେମାନଙ୍କର ସମାଦର ହେବ । ପ୍ରକାଶକ ଏହାକୁ ଉପଯୁକ୍ତ କାଗଜରେ ଉତ୍ତମରୂପେ ଛାପା କରାଇ ତଦୁପଯୋଗୀ କରିଅଛନ୍ତି ସ୍ୱଦେଶ ଏବଂ ବିଦେଶରେ ଏଥିର ବହୁଳ ପ୍ରଚାର ଦେଖି-ଲେ ଅମ୍ଭେମାନେ ସୁଖୀ ହେବୁଁ ।

---

# ସାପ୍ତାହିକ ସଂବାଦ

## କଲିକତା ଗେଜେଟ

ବାବୁ ଜଳଧର କେନ୍ଦ୍ରାପଡ଼ାର ଭାର ସବଡେପ୍ୟୁଟି ମୌଳିକ ସ୍ୱପଦ ମଞ୍ଜୁର ଅଛି ଅନ୍ୟ ଆଦେଶ ପର୍ଯ୍ୟନ୍ତ ଅଥବା ବାବୁ ରାଧାମାଧବ ନାୟକଙ୍କ ଅନୁପସ୍ଥିତ ସମୟରେ ବାଲେଶ୍ୱରର ସ୍ପେସିଆଲ ସବଡେପ୍ୟୁଟିର ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ସ୍ପେସିଏଲ ସବଡେପୁଟିର ବାବୁ ରାଧା-ମାଧବ ନାୟକ ଏକମାସର ଛୁଟି ପ୍ରାପ୍ତ ହେଲେ ।

ଅତିରିକ୍ତ ମାଜିଷ୍ଟ୍ରେଟ ପ୍ରଭୃତିଙ୍କର ବାଙ୍ଗଲା ୨ୟ ଶ୍ରେଣୀର ବିଭାଗୀୟ ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ କର୍ମଚାରୀମାନେ ଉଚ୍ଚତର ଷ୍ଟାଣ୍ଡର୍ଡରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ମିଃ ଏଚ୍, ମାକଲୟଡସ୍ମିଥ ହୁଷାରରେ
ବାବୁ ବୈଦ୍ୟନାଥ ମିଶ୍ର ,,
,, ଚନ୍ଦ୍ରଶେଖର ମହାନ୍ତି ଅନୁଗୁଳରେ

କ ଦେଶରେ ଅବସ୍ଥାପିତ ଭଳକୀୟ କର୍ମଚାରୀ ବାବୁ ମାଧବଚନ୍ଦ୍ର ମିଶ୍ର ଓ ମୌଲିକ ସ୍ୱପ୍ନ ବଳବଳ ଅଛି ମଧ୍ୟ କେବଳ ହୁଷାରରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ବାବୁ ଆଶୁତୋଷ ଦତ୍ତ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୧୨୦ ଅନୁସାରୀ ମୋକଦ୍ଦମା ସବୁ ସରସରି ବିଚାର କରିବାର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

---

ଜାପାନ ସୈନ୍ୟମାନେ ନିଅନରେ ଯୁଦ୍ଧ କରନ୍ତି । ଯୁଦ୍ଧ ସମୟରେ କୌଣସି ପ୍ରକାର ଭୟ ଦ୍ୱାରାକ ତାଙ୍କ ନାହିଁ । ଯୁଦ୍ଧାରମ୍ଭ ହେବାରୁ ସେମାନେ ଅନ୍ୟାନ୍ୟ ଜାତିମାନଙ୍କ ନ୍ୟାୟ କୌଣସି ଚିତ୍କାର କରନ୍ତି ନାହିଁ ।

ସ୍ପେନ ଦେଶୀୟ ଏକକୋଟି ୮୦ଲକ୍ଷ ଅଧିବାସୀ ସ୍ପେନୀୟ ଭାଷାରେ କଥାବାର୍ତ୍ତା କରନ୍ତି; କିନ୍ତୁ ଆମେରିକାର ତିନି କୋଟି ୫୦ ଲକ୍ଷ ଲୋକ ସ୍ପେନ ଦେଶୀୟ ଭାଷାରେ କଥା କହନ୍ତି ।

ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ମହାଶୟ ଇଂଲଣ୍ଡରୁ କଲିକତା ପ୍ରତ୍ୟାଗମନ କରୁଅଛନ୍ତି ।

ବୋମ୍ବାଇର ଏକ ସମ୍ବାଦ ପତ୍ରରେ ପ୍ରକାଶ ଏକ ସ୍ତ୍ରୀଲୋକ ଅନେକ ଥର ଚଣ୍ଡବଧୂର ନାନା ଅପରାଧରେ ସଜା ପ୍ରାପ୍ତ ହୋଇଥିଲା । ଏଥର ଭୃତ୍ୟନାଶ ଦିବାନର ଗୋଟିଏ ଅପରାଧରେ ଖାଲ୍ୟସ୍ତ ତୃଅଳେ ପୁନଃ ଦୋଷୀ ହୋଇ ଦଣ୍ଡପ୍ରାପ୍ତ ତାହାକୁ ୩୦ ବେତ୍ରାଘାତ ଦଣ୍ଡରେ ଦଣ୍ଡିତ କଲେ । ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଡାକ୍ତରଙ୍କ ସମ୍ମୁଖରେ ତାହାକୁ ବେତ ପ୍ରହାର ହୋଇଥିଲା । ସେହି ଅବସ୍ଥାରେ ତାହା ଦେହର ନାନା ସ୍ଥାନରୁ ରକ୍ତ ଧାର ପ୍ରବାହିତ ହେଲା । ସେହି ଅସା-ଧାରଣ ଦ ୧୦ ନ ପରେ ଜେଲଖାନାରେ ପଞ୍ଚତ୍ୱ ପ୍ରାପ୍ତ ହେଲା । ବେତ୍ରାଘାତ ଶାସ୍ତି କଣ ଉଠାଇ ଦେବାର ସମୟ ନୁହେ କି ?

କଟକିର ଗଞ୍ଜାମର ନହର ଦକ୍ଷିଣକୁ ଷ୍ଟିମରମାନଙ୍କ ଯାତା-ୟାତ ବନ୍ଦ ହୋଇଯାଇଥିବାରୁ ସେ ଦାନ୍ତେ ତାକ ଡାକ ଗତାଗତର ବିଶେଷ ଅସୁବିଧା ହୋଇଥିବାର ସମ୍ବାଦ ମିଳଇ । ଧାନଥିବା ଓ ସେ ଯୋଗୁଁ ଚଷା ଦୁର୍ନାମ ହୋଇ-ଯିବାରୁ ଲୋକେ ବଡ଼ କଷ୍ଟରେ ଅଛନ୍ତି ।

ପୂର୍ବ ବଙ୍ଗଳା ରେଲୱେରେ ଶାଦାଙ୍ଗ ଅସ୍ତାଦି ରଷିଆ କାରଣ ଜଣେ ବଙ୍ଗଦେଶୀୟ ହିନ୍ଦୁ ରେଲ କର୍ତ୍ତୃପକ୍ଷମାନଙ୍କ ନିକଟରେ ଆବେଦନ କରିଅଛନ୍ତି । ହିନ୍ଦୁମାନେ ରେଲଷ୍ଟେ-ଶନରେ ମେଳାଗମନ କରିବା ସମୟରେ ସମସ୍ତାନୁସାରେ ଖାଦ୍ୟ ନ ପାଇ ବଡ଼ ଅସୁବିଧା ଓ କଷ୍ଟ ଭୋଗ କରନ୍ତି । ଇଂରେଜମାନଙ୍କର ସେ କଷ୍ଟ ନାହିଁ । ଅମ୍ଭେମାନେ ଆଶାକରୁଁ କର୍ତ୍ତୃପକ୍ଷମାନେ ଏହାଙ୍କ ପ୍ରାର୍ଥନା ଗ୍ରହଣ କରିବେ ଏବଂ ଏ ସଫଳକାମ ହେଲେ ଅନ୍ୟାନ୍ୟ ରେଲବାଟରେ ଏପରି ବନ୍ଦୋବସ୍ତ ହୋଇ ପାରିବ । ମାନ୍ଦ୍ରାଜର ଦକ୍ଷିଣ ରେଲବାଟ ମିଠନାପୁର ଏବଂ ଅନ୍ୟ ସ୍ଥାନରେ ବ୍ରାହ୍ମଣମାନେ ଖାଦ୍ୟ ପାକ କରି ରହିବାକୁ ପଥିକମାନଙ୍କର ବିଶେଷ ସୁବିଧା ହେବାର ଅମ୍ଭେମାନେ ଦେଖିଅଛୁଁ । ଅନ୍ୟାନ୍ୟ ସ୍ଥାନରେ ସେପରି ବନ୍ଦୋବସ୍ତ ହେଲେ ରେଲପଥିକଙ୍କର ସୁବିଧା ସଙ୍ଗେ ସଙ୍ଗେ ଆୟ ବୃଦ୍ଧି ହେବ ।

Split by PDF Splitter



ନୂଷ୍ଟଲଣ୍ଡର :ଲେଷ୍ଟଦାଦକ ରେଲଷ୍ଟେସନଠାରେ ଏକ ଦୁର୍ଘଟନା ସଂଘଟିବାର ସମ୍ବାଦ ମିଳଇ । କଣ୍ଟକଟର ରେଲ ଗାଡ଼ିରେ ମାଲ ଉଠାଉଥିବା କାଳରେ ଗାଡ଼ିରେ ଏକ ମନୁଷ୍ୟ ଉପରେ ଖାଉ ଗଡ଼ିଯିବାରୁ ସେଲୋକ ତତ୍‌କାଳ ଗାଡ଼ିରୁ ଦେଇ ଗଲା । ରେଲଗାଡ଼ିର ପ୍ରତିଘ୍ନ ମତ ସ ଉଅଛି ।

ନୂଷ୍ଟଲଣ୍ଡର ସମସ୍ତ ପ୍ରଦେଶରେ ଏକବଳ ଶୀତ ପଡ଼ିଥିବା ସଙ୍ଗେ ଲୋକମାନଙ୍କର ସ୍ୱାସ୍ଥ୍ୟ ପୁଣି ଖରାପ । ଏଥିରେ କଣ୍ଟକ କାଲର ସାହେବ ଉପରେ ଗର୍ମି ରଖି ଦେଇଛନ୍ତି । ଗର୍ମିର ଶକ୍ତି ପ୍ରାପ୍ତ ହେଲେ ମଧ୍ୟ ଉପରେ ପଡ଼ିଲୁ ଯେଉଁ ସମୟରେ ଜଣେ ରାଇଲ ସାହେବଙ୍କ ଗୃହ ଗମିବାରୁ ସେ ଅଚେତ ହୋଇ ସନ୍ଧ୍ୟା ସମୟରେ ମରି ଗଲେ ।

ଦକ୍ଷିଣ ପ୍ରଦେଶରୁ ଯେଉଁ ସେନା ପ୍ରେରିତ ହୋଇଅଛନ୍ତି ସେମାନେ ତମ୍ବୀ ଉପରେ ବରଫ ପଡ଼ି ହୋଇ ଯାଉଥିବାର ସମ୍ବାଦ ମିଳଇ । ତମ୍ବୀଠାରୁ ସମ୍ବାଦ ମିଳିଅଛି ଯେ ସେଠାରେ ଶୀତ ଅତ୍ୟନ୍ତ ପ୍ରବଳ ଅଛି । ଦିନମାନରେ ସୂର୍ଯ୍ୟଙ୍କର କେବଳ ସ ୭ ଘଣ୍ଟା ମାତ୍ର ଦେଖାଯାନ୍ତି । ଏପରି କି ଜଳସ୍ରୋତ ସେ ସ୍ଥାନରେ ଦେଖାଯାଏ ମାତ୍ର ପାଣି ଜଳ ଜମି କଠିନ ହୋଇ ଯାଉଅଛି । ଦୁଧ, ଲେମ୍ବଜାର ପାଣି ଏବଂ ଅନ୍ୟ ସମସ୍ତ ତରଳ ଦ୍ରବ୍ୟ ଶୀତରେ ଜମିଯାଏ । କର୍ମଚାରୀମାନେ ଉତ୍ତମ ଶୀତବସ୍ତ୍ରରେ ସଜ୍ଜିତ ଅଛନ୍ତି ଏବଂ ସେନାମାନଙ୍କର ସ୍ୱାସ୍ଥ୍ୟ ଭଲ ଥିବାର ଜଣାଯାଏ ।

ମାନ୍ଦ୍ରାଜ ସହର ପଦ୍ମ ରେଲବାଇ ସ୍ଟେସନର ଦରଜା ହେବୁ ଜଳି ଯାଇଥିବାର ସମ୍ବାଦ ମିଳଇ । ମାନ୍ଦ୍ରାଜରୁ ବର୍ଷି ଯୋଗ ଏ ବର୍ଷ ଉତ୍ତମ ହୋଇ ନାହିଁ ।

କୋଚ୍ଚାରଇ ନୂତନ ଗବର୍ଣ୍ଣର ଲର୍ଡ ଉଇଲିଙ୍ଗଟନ ସାହେବ ମହୋଦୟ କୋଚ୍ଚାରଇ ଉପଜାଏମାନେ ଭାବ କହୁଥିବ, ସେମାନେ ପତ୍ରଦର୍ଶନ କରି ପ୍ରକାଶ କରୁଅଛନ୍ତି ଯେ ତାହା ଦେଶର ଅବସ୍ଥାର ସମ୍ପୂର୍ଣ୍ଣ ବିପରୀତ । ଦେଶର ଲୋକସେବକ ସଭାମାନ ତାହାଙ୍କୁ ଦେଖିବାକୁ ଯାଉଥିବାର ପତ୍ରରେ ମାତ୍ର ଉଠିଥିବା ଛାପାରୁ ଜଣାଯାଏ ମାତ୍ର ଏ ଦେଶର ତାହାଙ୍କ ନିକଟକୁ ଯିବା ଏବ ସବ ଉଚିତ ପରାମର୍ଶ ଅଟେ । ସେଠା ଲୋକେ ମଧ୍ୟ ଅପଣାର ଅଧିକାର ଏବ ଚିନ୍ତାର ବିଷୟ ପରାମର୍ଶ ଚାହାନ୍ତି । ସେବକ ସଭାମାନଙ୍କରେ ଅଧିକ କାମ୍ପ୍ରଲର ଏବ ପୂର୍ବକରଣ ସ ଯୋଗର ଅବଶ୍ୟକ ।—ସେମାନଙ୍କର ଅବସ୍ଥା କପରି ଭଲ ହେବ ସେ ବିଷୟରେ ଲାଟ ମହୋଦୟ କିଛି କହି ନାହାନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ

ମହାଶୟ ମାନ୍ୟବରେଷୁ

ମହାଶୟ !

ମୋହର ଏହି ନିମ୍ନଲିଖିତ କେତେକ ପଂକ୍ତିକୁ ଅପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ ଦେଇ ଚିରବାଧିତ କରିବା ହେବେ । ଏହି କ ମୁଁ ଅନ୍ତ ମୋହର ଏକ ବନ୍ଧୁଠାରୁ ଶୁଣିଲି ଯେ ସଂସ୍କୃତ ପରୀକ୍ଷା କ ହୋଇ ବଡ଼ା ପରୀକ୍ଷାରେ ଶାସ୍ତ୍ରବାଚସ୍ପତି ଉପାଧି ବିତରଣ ହେବ ଜନ୍ତୁ ଯାହାଙ୍କୁ ବିତରଣ ହେବ ସେ ଏ ଉପାଧି ପାଇବାର ଉପଯୁକ୍ତ ଓ ପାଇବାର ହକଦାର ଅଟନ୍ତି କି ନା ଏ ବିଷୟରେ ଅବେ ଉତ୍କଳସଭା କମ୍ପା ସାହିତ୍ୟସଭାରେ ଉପଯୁକ୍ତ ଭଦ୍ର ବ୍ୟକ୍ତିଙ୍କଦ୍ୱାରା ପ୍ରସ୍ତାବିତ ହୋଇ ବିତରଣ ହେଲେ ଉପାଧି ସ୍ଥାନ ଓ ଦାତା ସମସ୍ତେ ପ୍ରଶଂସନୀୟ ଓ

ଅନ୍ତ ହୁଅନ୍ତେ । ଏହା କି କରି ପରେ? ଅମ୍ଭେ ବଡ଼ ଏ କଥାର କଥା । ଇତି ତା ୨୦।୧।୧୯୦୪ ମସିହା

| | |
|---|---|
| ମାହୁଦାସବଜାର କଟକ | ବିନୟାବନତ ଶ୍ରୀ— |

---

ମହାଶୟ !

ନିବେଦନ ଏହିକି ଅପଣଙ୍କର ତା ୧୬ ରିଖ ଡିସେମ୍ବର ୧୯୦୩ ପତ୍ରିକାରେ ଦେଶୀୟ ଦିଆସଲାଇ ବା କାଠି ଦାଠୀ ବିଷୟରେ ଯାହା ଲେଖା ଥିଲା ତହିଁର ଅନେକ ବିଷୟ ସମ୍ବନ୍ଧ ବାସ୍ତବ ଭୁଲ ଲେଖି ଥିବାର ଦେଖି ଅପଣଙ୍କ ଗୋଚରାର୍ଥେ ନିବେଦନ କରୁଅଛି, ଆଶା କରେ ଏଥିରେ ମୋହର ଯଦି କିଛି ଦୋଷ ପାନ୍ତି ତାହାହେଲେ କ୍ଷମା ଦାନ କରି ବାଧିତ କରିବା ହେବେ ।

ଦିଆସଲାଇ କାରଖାନା ମୋହ ସାକ୍ଷାତରେ ତୟାର ହୋଇଥିବା ଏବଂ ସେଥିର ସତ୍ତ୍ୱାଧିକାରୀଙ୍କ ସହ ମୋହର ବିଶେଷ ପ୍ରଣୟ ଥିବାରୁ ମୁଁ ସେ କାରଖାନାର ବୃତ୍ତାନ୍ତ ଭଲରୂପେ ଅବଗତ ଅଟେଁ । ସତ୍ତ୍ୱାଧିକାରୀଙ୍କର ନାମ ଶ୍ରୀବାବୁ ଅମୃତ ଲାଲ ସେ ଅମୃତଲାଲ ହାଜରା ନୁହନ୍ତି, ସେ ଜଣେ ଗୁଜରାଟବାସୀ ଅଟନ୍ତି ପ୍ରଥମରେ ସେ ଅଳ୍ପ ଟଙ୍କା ମୂଳ ଧନ ନେଇ ବେଙ୍ଗଲ ନାଗପୁର ରେଲୱେ ଖଡ଼ଗପୁରଠାରେ କଂଟ୍ରାକ୍ଟରୀ ଆରମ୍ଭ କରନ୍ତି ସେଥିରେ ଯେତେବେଳେ ସେ ଭଲରୂପେ କୃତକାର୍ଯ୍ୟ ହୋଇ ଏକ ଲକ୍ଷରୁ ଅଧିକ ଲାଭ କଲେ ସେତେବେଳେ ସେ ମନେ କଲେ କି ଏମନ୍ତ କିଛି କାର୍ଯ୍ୟ କରିବେ ଯହିଁରେ କି ବିଦେଶକୁ ଯାଉଥିବା ଭାରତର ଟଙ୍କାକୁ କିଛି ଭାରତରେ ରଖାଇ ପାରିବେ ଏମନ୍ତ ସମୟରେ ସେ ଶୁଣିଲେ ଯେ ଅହମଦାବାଦରେ କେହି ଲୋକ ଦିଆସଲାଇ କାରଖାନା ଖୋଲିବା ନିମନ୍ତେ କଳଆଦି ଆଣି ଦାରଖାନା ଚଳାଇ ପାରୁନାହାନ୍ତି ଏବଂ ସେ କଳ ସବୁ ବିକ୍ରୟ ହେବ ସେତେବେଳେ ଅମୃତଲାଲ ବାବୁ ସେଠାକୁ ଯାଇ ସେ କଳମାନ କିଣି ଆଣିଲେ ଏବଂ ବିଲାସପୁରରେ ତାଙ୍କର ଜଣେ ଆତ୍ମୀୟ ବାବୁ ଶ୍ରୀ ନାନକଚନ୍ଦଙ୍କ ସହ ପରାମର୍ଶ କରି ସ୍ଥିର କଲେ ଯେ ଏ କାରଖାନା ବିଲାସପୁରରେ କଲେ ଖର୍ଚ୍ଚ କେଶି ହେବ କାରଣ ଜଙ୍ଗଲ ଦର ଏବଂ କୁଲି ଆଦର ଅଭାବ ନାହିଁ ସେ ବିଲାସପୁର ଜିଲା ଅନ୍ତର୍ଗତ ବିଲାସପୁରଠାରୁ ମା ୨୦ ମାଇଲ ଦୂରବର୍ତ୍ତୀ କୋଟା ଗ୍ରାମ ରେଲ ଷ୍ଟେସନ ନିକଟରେ କାରଖାନା ଗୃହ ନିର୍ମାଣ ଆରମ୍ଭ କଲେ ଏବଂ କୋଟା ନିକଟବର୍ତ୍ତୀ ପାହାଡ଼ ଏବଂ ଜଙ୍ଗଲରେ ଦିଆସଲାଇର ଯୋଗ୍ୟ କାଠ ପାଇଲେ ଏବଂ କୁଲିଆଦି ଅନ୍ୟ ସମସ୍ତ ଉପକରଣ ସେଠାରେ ଅଳ୍ପ ବ୍ୟୟରେ ପାଇଲେ ଗୃହଆଦି ନିର୍ମାଣ

ହେଲାରୁ କାର୍ଯ୍ୟ ପରୀକ୍ଷା ସ୍ୱରୂପ କଳମାନ ଏବଂ ଦିଆସଲାଇ ବାହାରିଲା ଏଥିରେ ଅମୃତ ବାବୁଙ୍କର ଏକଲକ୍ଷ ପଚାଶହଜାର ଟଙ୍କା ବ୍ୟୟ ହୋଇଗଲା ମାତ୍ର ଲାଭ ସଙ୍ଗରେ ଦେଖା ନାହିଁ ଇଥାପି ସେ ହତାଶ ନ ହୋଇ କାର୍ଯ୍ୟ ଚଳାଇଲେ ଏବଂ ସେହି ପରୀକ୍ଷାସ୍ୱରୂପ ଦିଆସଲାଇ ପଇସାରେ ଗୋଟିଏ ଲେଖାଏଁ ହୋଇ ରେଲ ଷ୍ଟେସନରେ ବିକ୍ରି ହେଲା, ଯେତେବେଳେ ସେ ଦେଖିଲେ ଯେ ନିର୍ବିଘ୍ନରେ କାର୍ଯ୍ୟ ଚାଲିଲା ସେତେବେଳେ ଫାକ୍ଟେରୀ ପ୍ରତିଷ୍ଠା କରିବାର ମନସ୍ଥ କରି ଗତ ଫେବ୍ରୁୟାରୀ ମାସ ପ୍ରଥମ ତାରିଖରେ ଶ୍ରୀଯୁକ୍ତ ମି, ଡବଲିଉ, ମଣ୍ଟଗୋମେରି ସାହେବ ( ବିଲାସପୁରର ଡେପୁଟି କମିଶନର ) ଙ୍କଦ୍ୱାରା ଫାକ୍ଟେରୀ ପ୍ରତିଷ୍ଠା କରାଇଲେ ସେଦିନ ନିତାନ୍ତ ପକ୍ଷରେ ବିଲାସପୁର ଓ ରାଇପୁରରୁ ଇଉରୋପୀୟ ଏବଂ ଦେଶୀୟ ଭଦ୍ରଲୋକ ପଞ୍ଚଶତରୁ ଅଧିକ ନିମନ୍ତ୍ରିତ ହୋଇଥିଲେ, ଇତ୍ୟାଦି ସମ୍ପ୍ରଦାୟର ଲୋକଙ୍କ ନିମନ୍ତେ ଭିନ୍ନ ଭିନ୍ନ ଅହାରର ବନ୍ଦୋବସ୍ତ ହୋଇଥିଲା, ଆତସବାଜି, ରୋସନାଇ, ନାଚ ଏବଂ ଫୁଲ ପାନଆଦି ଉତ୍ତମ ରୂପେ ହୋଇଥିଲା, ତହିଁ ମଧ୍ୟରେ ମୁଁ ଜଣେ ନିମନ୍ତ୍ରିତ ଥିଲି, ସେଦିନ ସଭାରେ ଅମୃତ ବାବୁ କହିଥିଲେ କି ସେ ଯେ ନିଜେ ଧନୀ ହେବା ପାଇଁ ଏ ଫାକ୍ଟେରୀ କରୁଅଛନ୍ତି ତାହା ନୁହେ ମାତ୍ର ଭାରତକୁ ଯେମନ୍ତ ବିଦେଶକୁ ଅର୍ଥ ନ ଯାଏ ଏହା ତାଙ୍କର ପ୍ରଧାନ କାମନା ଅଟେ, ସେତେବେଳେ ଡେପୁଟି କମିଶନର ସାହେବ ମଧ୍ୟ ତାଙ୍କୁ ଅନେକ ଧନ୍ୟବାଦ ପୂର୍ବକ ଧନ୍ୟବାଦ କହିଥିଲେ ।

ସେଠାରେ ଯେ କେବଳ ଗନ୍ଧକର ଦିଆସିଲାଇ ତୟାର ହୁଏ ତାହା ନୁହେ କଳ (Safety) ଦିଆସଲାଇ ମଧ୍ୟ ତୟାର ହୁଏ ଏହା ମୁଁ ସ୍ୱଚକ୍ଷୁରେ ଦେଖିଅଛି, ମୁଁ ବିଲାସପୁରରେ ଏବେହିଁ District Fund Overseer ଥିବାବେଳେ ଅନେକବାର କାର୍ଯ୍ୟୋପଲକ୍ଷେ କୋଟା ଯାଇ ଥାଏଁ ଏବଂ ଉକ୍ତ କାରଖାନାକୁ ଯାଇ କାର୍ଯ୍ୟ ମଧ୍ୟ ଦେଖି ଥାଏଁ ମୁଁ ଆଶା କରେଁ ଅମୃତଲାଲ ବାବୁ ଯେପରି ସାହସୀ ଲୋକ ସେ ଉତ୍ତରୋତ୍ତର ଉନ୍ନତ କରିବେ ସନ୍ଦେହ ନାହିଁ । ପରିଶେଷରେ ନିବେଦନ ଏହିକି ଅପଣମାନେ ସେ ଫାକ୍ଟେରୀର ଦୀର୍ଘଜୀବନ କାମନା କରନ୍ତୁ ।

। ଇ । ଏକାନ୍ତ ବଶମ୍ବଦ

ଶ୍ରୀ ହରିମୋହନ ମହାନ୍ତି

ଓଭରସିଅର ଇରିଗେସନ ଡିଷ୍ଟ୍ରିକ୍ଟ

ରାଇପୁର

Digitized by srujanika@gmail.com